ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ଡିସେମ୍ବର ୧୫/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, December 15/2025 | Page 14 | ₹ 7.00 | RAYAGADA
୫୨ଶ ଭାଗ ୨୨ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 52 ISSUE 22 | ମୂଲ୍ୟ ₹୭/-



**'ଜେଲର୍ ୨'ରେ ବିଦ୍ୟା ବାଲନ**

ସୁପରଷ୍ଟାର୍ ରଜନୀକାନ୍ତଙ୍କ ବ୍ଲକ୍‌ବଷ୍ଟର୍ ଫିଲ୍ମ 'ଜେଲର୍'ର ସିକ୍ୱେଲ 'ଜେଲର୍ ୨'ରେ ବଲିଉଡ୍ ଅଭିନେତ୍ରୀ ବିଦ୍ୟା ବାଲନ ସାମିଲ ହୋଇଛନ୍ତି।

୦୨

୧୪

**ହାର୍ଦ୍ଦିକ ପ୍ରଥମ ଭାରତୀୟ**

ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ଏକ ହଜାର ରନ ପୂରଣ ଓ ୧୦୦ ଉଇକେଟ ନେବାରେ ହାର୍ଦ୍ଦିକ ପାଣ୍ଡ୍ୟା ପ୍ରଥମ ଭାରତୀୟ।



# ପୋଲିସ ହେପାଜତରେ ଅଭିଯୁକ୍ତଙ୍କ ମୃତ୍ୟୁ

## ହତ୍ୟା ଅଭିଯୋଗ ଆଣିଲେ ସ୍ତ୍ରୀ

ବାଣପୁର,୧୪।୧୨ (ଦିଲୀପ କୁମାର ସ୍ୱାଇଁ)

ଖୋର୍ଦ୍ଧା ଜିଲା ବାଣପୁର ଥାନା ପୋଲିସ ହେପାଜତରେ ଜଣେ ଅଭିଯୁକ୍ତଙ୍କ ମୃତ୍ୟୁ ହୋଇଥିବା ରବିବାର ଅଭିଯୋଗ ହୋଇଛି। ମୃତକ ହେଲେ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଦାଶରଥିପୁରର ଛବୀନ୍ଦ୍ର ନାୟକ(୪୫)। ଅନ୍ୟପକ୍ଷରେ ପୋଲିସ ହେପାଜତରେ ଛବୀନ୍ଦ୍ରଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ସ୍ତ୍ରୀ ରୀତା ନାୟକ ଗଣମାଧ୍ୟମରେ ଅଭିଯୋଗ ଆଣିଛନ୍ତି।

ସୂଚନା ମୁତାବକ, ଚୋରା ମଦ କାରବାର ଅଭିଯୋଗରେ ଶନିବାର


ଛବୀନ୍ଦ୍ର ନାୟକ

ରାତିରେ ପୋଲିସ ଛବୀନ୍ଦ୍ରଙ୍କୁ ପଚରାଉଚରା ପାଇଁ ଉଠାଇ ନେଇଥିଲା। ପରେ ତାଙ୍କୁ ଗିରଫ କରିଥିଲା। ପୋଲିସ ହେପାଜତରେ ଥିବା ଛବୀନ୍ଦ୍ର ରବିବାର ଭୋର ସମୟରେ ପୋଲିସ କର୍ମଚାରୀଙ୍କୁ ପାଣି ମାଗି ପିଇବା ପରେ ଶୋଇପଡ଼ିଥିଲେ। କିଛି ସମୟ ପରେ ସେ ଅସୁସ୍ଥ ଅନୁଭବ କରିବାରୁ ସକାଳ ୭ଟା ୩୦ରେ ପୋଲିସ ତାଙ୍କୁ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହେବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ପୋଲିସ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲା। ପୋଲିସ ଭ୍ୟାନରେ ତାଙ୍କୁ ନିଆଯାଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଛବୀନ୍ଦ୍ରଙ୍କ ମୃତ୍ୟୁ ଘଟଣା ପ୍ରଚାରିତ ହେବା ପରେ ଦାଶରଥିପୁରର କେତେଜଣ ବ୍ୟକ୍ତି ବାଣପୁର ଥାନା ପରିସରରେ ପହଞ୍ଚି ☞ପୃଷ୍ଠା-୪

# ନୀତିନ ନବୀନ ଭାଜପା କାର୍ଯ୍ୟକାରୀ ଅଧ୍ୟକ୍ଷ

ନୂଆଦିଲ୍ଲୀ,୧୪।୧୨(ପି.ଟି.)

ବିହାର ମନ୍ତ୍ରୀ ନୀତିନ ନବୀନଙ୍କୁ ଭାରତୀୟ ଜନତା ପାର୍ଟି (ଭାଜପା) ରବିବାର ଦଳର ରାଷ୍ଟ୍ରୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ନିଯୁକ୍ତ କରିଛି। ବର୍ତ୍ତମାନ ରାଷ୍ଟ୍ରୀୟ



ଅଧ୍ୟକ୍ଷ ଥିବା କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡା ଅବସର ନେବାକୁ ଯାଉଥିବାରୁ ନୀତିନଙ୍କୁ ତାଙ୍କ ଉତ୍ତରାଧିକାରୀ ରୂପେ ବିବେଚନା କରାଯାଉଛି। ନୀତିନଙ୍କ ନିଯୁକ୍ତି ଶାସକ ଦଳର ଶୀର୍ଷ ନେତୃତ୍ୱରେ ପିଢ଼ିଗତ ପରିବର୍ତ୍ତନର ସଙ୍କେତ ଦେଇଛି।

୪୫ ବର୍ଷୀୟ ନୀତିନ ହେଉଛନ୍ତି ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ବିଧାୟକ ସ୍ୱର୍ଗତ ନବୀନ କିଶୋର ପ୍ରସାଦ ସିହ୍ନାଙ୍କ ପୁଅ। ବିହାର ବିଧାନସଭାକୁ ୫ ଥର ନିର୍ବାଚିତ ହୋଇଥିବା ନୀତିନ ବାଙ୍କିପୁର ନିର୍ବାଚମଣ୍ଡଳୀରୁ ପ୍ରତିନିଧିତ୍ୱ କରୁଛନ୍ତି। ବିହାର ସରକାରରେ ମଧ୍ୟ ସେ ୨ ଥର ମନ୍ତ୍ରୀ ହୋଇସାରିଛନ୍ତି। ଏତିକି ନୁହେଁ, ଛତିଶଗଡ଼ ପ୍ରଭାରୀ ରୂପେ ନୀତିନଙ୍କ କାର୍ଯ୍ୟଶୈଳୀ ଓ ସାଙ୍ଗଠନିକ ଦକ୍ଷତା ଶୀର୍ଷ ନେତୃତ୍ୱଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏହି କାରଣରୁ ଭାଜପା ସଂସଦୀୟ ବୋର୍ଡ ଉକ୍ତ ଗୁରୁଦାୟିତ୍ୱ ଦେବା ଲାଗି ନୀତିନଙ୍କ ନାମରେ ମୋହର ଲଗାଇଥିବା କୁହାଯାଉଛି। ତାଙ୍କୁ ତତ୍କାଳ କାର୍ଯ୍ୟକାରୀ ଅଧ୍ୟକ୍ଷ ରୂପେ କାର୍ଯ୍ୟଭାର ପ୍ରଦାନ କରାଯାଇଥିବା ଭାଜପା ସାଧାରଣ ସମ୍ପାଦକ ଅରୁଣ ସିଂ ☞ପୃଷ୍ଠା-୪

ଆଜିର ସମ୍ପାଦକୀୟ ବଣ୍ଡାଇ


କଂଗ୍ରେସ ପକ୍ଷରୁ ନୂଆଦିଲ୍ଲୀ ରାମଲୀଳା ମଇଦାନରେ ରବିବାର ଆୟୋଜିତ 'ଭୋଟ ଚୋର, ଗଦି ଛୋଡ୍' ରାଲିରେ ଉପସ୍ଥିତ ଜନସାଧାରଣ, ଦଳୀୟ ନେତୃବୃନ୍ଦ ଓ ସମର୍ଥକଙ୍କୁ ଅଭିବାଦନ ଜଣାଉଛନ୍ତି ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ।

# ସିଡ୍‌ନୀରେ ଆତଙ୍କବାଦୀ ଆକ୍ରମଣ: ୧୨ ମୃତ

- ବଣ୍ଡାଇ ବିଚ୍‌ରେ ହାନୁକ୍କା ଉତ୍ସବ ବେଳେ ଇହୁଦୀଙ୍କୁ ଟାର୍ଗେଟ
- ପୋଲିସ ଗୁଳିରେ ୨ ଆତଙ୍କବାଦୀ ମୃତ, ଅନ୍ୟ ଜଣେ ଫେରାର
- ଆକ୍ରମଣରେ ଇରାନ୍ ସମର୍ଥିତ ହମାସ୍‌ର ସମ୍ପୃକ୍ତି ସନ୍ଦେହ
- ନିନ୍ଦାକଲେ ମୋଦି, ଭାରତର ମେଟ୍ରୋ ସହରଗୁଡ଼ିକରେ ଆଲର୍ଟ

ଅଷ୍ଟ୍ରେଲିଆର ସିଡ୍‌ନୀସ୍ଥିତ ବଣ୍ଡାଇ ବିଚ୍‌ରେ ରବିବାର ବଡ଼ଧରଣର ଆତଙ୍କବାଦୀ ଆକ୍ରମଣ ହୋଇଛି। ୮ ଦିନ ବ୍ୟାପୀ ଚାଲିବାକୁ ଥିବା ଇହୁଦୀଙ୍କ ହାନୁକ୍କା ଉତ୍ସବର ପ୍ରଥମ ଦିନରେ ୩ ବନ୍ଧୁକଧାରୀଙ୍କ ଗୁଳିମାଡ଼ରେ ଅନ୍ୟୂନ ୧୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨୯ ଜଣ ଆହତ ହୋଇଛନ୍ତି। ସେଠାରେ ମୁତୟନ ଥିବା ପୋଲିସର ଜବାବୀ କାର୍ଯ୍ୟାନୁଷ୍ଠାନରେ ୨ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଫେରାର ହୋଇଯାଇଥିବା କୁହାଯାଉଛି। ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନି ଆଲ୍‌ବାନିସ୍ ଆକ୍ରମଣରେ ଇରାନ୍‌ର ସମ୍ପୃକ୍ତି ସନ୍ଦେହ କରିବା ସହ କ୍ୟାବିନେଟ୍‌ର ଜରୁରୀ ବୈଠକ ଡାକିଛନ୍ତି। ତେବେ ଏହା ପଛରେ ଇରାନ୍‌ର ସମ୍ପୃକ୍ତି ଅଛି କି ନାହିଁ ତାହା ସ୍ପଷ୍ଟ କରିବା ପାଇଁ ଇସ୍ରାଏଲୀ ଗୋଇନ୍ଦା ଓ ସୁରକ୍ଷା ଏଜେନ୍ସିଗୁଡ଼ିକ ତନାଘନା ଆରମ୍ଭ କରିଛନ୍ତି। ଇହୁଦୀଙ୍କୁ ଟାର୍ଗେଟ କରି ହୋଇଥିବା ଏହି ଆକ୍ରମଣକୁ ବିଶ୍ୱବ୍ୟାପୀ ନିନ୍ଦା କରାଯାଇଛି। ଦିଲ୍ଲୀ, ବେଙ୍ଗାଲୁରୁ ଓ ମୁମ୍ବାଇ ସମେତ ଭାରତର ବିଭିନ୍ନ ସ୍ଥାନରେ ଇହୁଦୀ ପ୍ରତିଷ୍ଠାନଗୁଡ଼ିକ ଉପରେ ମଧ୍ୟ ଆତଙ୍କବାଦୀ ଆକ୍ରମଣ ହୋଇପାରେ ବୋଲି ଗୋଇନ୍ଦା ସୂଚନା ଥିବାରୁ ଦେଶର ମେଟ୍ରୋ ସହରଗୁଡ଼ିକରେ ଆଲର୍ଟ ଜାରି କରାଯାଇଛି।




ସିଡ୍‌ନୀ/ ନୂଆଦିଲ୍ଲୀ,୧୪।୧୨ (ଏ.ପି./ରଏଟର୍ସ)

ଖ୍ରୀଷ୍ଟପୂର୍ବ ୨ୟ ଶତାବ୍ଦୀରେ ଇହୁଦୀ ବିଦ୍ରୋହୀ ମାକ୍କାବିସ୍‌ମାନେ ସେଲେଉସିଡ୍ ସାମ୍ରାଜ୍ୟ ବିରୋଧରେ ଯୁଦ୍ଧ କରି ବିଜୟ ହାସଲ କରିଥିଲେ। ମାକ୍କାବିସ୍ ଏଥିସହ ଜୁନେଆ(ଜେରୁଜେଲମ୍)କୁ ପୁନଃ ଦଖଲ କରିବାରେ ସଫଳ ହୋଇଥିଲେ। ଇତିହାସର ଏହି ଗୌରବମୟ ତଥା ବୀରତ୍ୱର ଗାଥାକୁ ସ୍ମରଣ କରି ଇହୁଦୀମାନେ ପ୍ରତିବର୍ଷ ୮ ଦିନ ଧରି ହାନୁକ୍କା ଉତ୍ସବ ପାଳନ କରିଥାନ୍ତି। ହେବ୍ରୁ କ୍ୟାଲେଣ୍ଡର ଅନୁଯାୟୀ ଆଲୋକର ପର୍ବ ହାନୁକ୍କା ନଭେମ୍ବର ୨୮ରୁ ଡିସେମ୍ବର ୨୭ ମଧ୍ୟରେ କୌଣସି ସପ୍ତାହରେ ପଡ଼ିପାରେ। ଇହୁଦୀ ସମ୍ପ୍ରଦାୟ ପକ୍ଷରୁ ବିଶ୍ୱର ବିଭିନ୍ନ ଭାଗରେ ଚଳତବର୍ଷ ଏହି ଗଣଉତ୍ସବ ଡିସେମ୍ବର ୧୪ରୁ ୨୨ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି। ରବିବାର ଥିଲା ଉକ୍ତ ଧର୍ମୀୟ ଉତ୍ସବର ପ୍ରଥମ ଦିନ। ଏଥିପାଇଁ ଅଷ୍ଟ୍ରେଲିଆର ବଣ୍ଡାଇ ବିଚ୍‌ରେ ୧ ହଜାରରୁ ଊର୍ଦ୍ଧ୍ୱ ଇହୁଦୀ ଏକତ୍ରିତ ହୋଇ ନାଚଗୀତରେ ମସ୍‌ଗୁଲ ଥିବାବେଳେ ସ୍ଥାନୀୟ ସମୟ ସନ୍ଧ୍ୟା ୬ଟା ୩୦ରେ ହଠାତ୍ ଗୁଳି ଫୁଟିବାର ଶବ୍ଦ ସମସ୍ତଙ୍କୁ ଆତଙ୍କିତ କରିଦେଇଥିଲା। କେହି କିଛି ବୁଝିବା ପୂର୍ବରୁ ୫୦ ରାଉଣ୍ଡ ଗୁଳି ଫୁଟିସାରିଥିଲା। ଗୁଳିମାଡ଼ରେ ଉତ୍ସବସ୍ଥଳରେ ଟଳିପଡ଼ିଥିଲେ ୧୨ ଜଣ ଇହୁଦୀ। ଏହି ଅତର୍କିତ ଆକ୍ରମଣରେ ଅନ୍ୟ ୨୯ ଜଣ ଆହତ ହୋଇଛନ୍ତି, ଯାହାଙ୍କୁ ତତ୍କାଳ ଚିକିତ୍ସା ପାଇଁ ୪୦ଟି ଆମ୍ବୁଲାନ୍ସରେ ସିଡ୍‌ନୀର ବିଭିନ୍ନ ହସ୍ପିଟାଲକୁ ନିଆଯାଇଥିବା ନ୍ୟୁ ସାଉଥ୍ ୱେଲ୍ସ ପୋଲିସ କମିଶନର ମାଲ୍ ଲାନିଓନ୍ ସୂଚନା ଦେଇଛନ୍ତି। ବନ୍ଧୁକଧାରୀଙ୍କ ସହ ଗୁଳି ବିନିମୟ ବେଳେ ୨ ଜଣ ପୋଲିସ ଅଧିକାରୀ ମଧ୍ୟ ଆହତ ହୋଇଛନ୍ତି। ସିଡ୍‌ନୀର ଇହୁଦୀ ସମ୍ପ୍ରଦାୟକୁ ଟାର୍ଗେଟ କରି ସମୁଦ୍ର ଉପକୂଳରେ ଏହି ଆତଙ୍କବାଦୀ ଆକ୍ରମଣ ହୋଇଥିବା ସ୍ଥାନୀୟ ପୋଲିସ ପ୍ରଶାସନ ସ୍ପଷ୍ଟ କରିଛି। ଆକ୍ରମଣ ବେଳର ଦୃଶ୍ୟ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହୋଇଛି। ଅଷ୍ଟ୍ରେଲୀୟ ଗଣମାଧ୍ୟମରେ ପ୍ରସାରିତ ଏକ ଭିଡିଓରେ ଜଣେ ପୋଲିସ ଅଧିକାରୀ ଜଣେ ଆକ୍ରମଣକାରୀଙ୍କଠାରୁ ବନ୍ଧୁକ ଛଡ଼ାଇ ତାଙ୍କୁ କାବୁ କରୁଥିବା ଦେଖିବାକୁ ମିଳିଛି।

ମେଲବୋର୍ନର ୩୨ ବର୍ଷୀୟ ଲଚ୍‌ଲନ୍ ମୋରାନ୍ ଆକ୍ରମଣ ବେଳର ଅନୁଭୂତି ଗଣମାଧ୍ୟମ ଆଗରେ ବଖାଣିଛନ୍ତି। ସେ ତାଙ୍କ ଭାଇଙ୍କ ପାଇଁ ☞ପୃଷ୍ଠା-୪

# ହାତୀକୁ ଖାଦ୍ୟରେ ବିସ୍ଫୋରକ

ହାତୀ- ମଣିଷ ଲଢ଼େଇର ଅନ୍ତ ଘଟୁନି। ଖାଦ୍ୟ ଅନ୍ୱେଷଣରେ ଯାଉଥିବା ନିରୀହ ଜନ୍ତୁଙ୍କୁ ମରଣମୁହଁକୁ ଠେଲିବା ପାଇଁ ମଣିଷ ପଛଘୁଞ୍ଚା ଦେଉନି। ୨୦୨୦ ମେ ମାସରେ କେରଳରେ ସପୁରି ମଧ୍ୟରେ ବିସ୍ଫୋରକ ପୂରାଇ ଏକ ୧୫ବର୍ଷୀୟ ଗର୍ଭବତୀ ମାଈହାତୀର ପ୍ରାଣ ନିଆଯିବା ଘଟଣାର ପୁନରାବୃତ୍ତି ଘଟିଛି ମୟୂରଭଞ୍ଜ-ବାଲେଶ୍ୱର ଜିଲା ଅଞ୍ଚଳରେ। ଖାଦ୍ୟରେ ବିସ୍ଫୋରକ ରଖାଯାଇଥିବାରୁ ଏକ ମାଈହାତୀ କ୍ଷତାକ୍ତ ହୋଇ ମରଣମୁହଁରେ ପଡ଼ିଛି। ବନ ବିଭାଗ କର୍ମଚାରୀ ଟ୍ରାଙ୍କୁଲାଇଜ୍ କରି ହାତୀଟିର ଚିକିତ୍ସା ଜାରି ରଖିଥିବା ବେଳେ ତା'ର ଜୀବନ ସଙ୍କଟାପନ୍ନ ରହିଛି। ଏନେଇ ପ୍ରାଣିପ୍ରେମୀମାନେ ଉଦ୍‌ବେଗ ପ୍ରକାଶ କରିଥିବାବେଳେ ତଦନ୍ତ ପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ( ଆର୍‌ସିସିଏଫ୍) ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି।


କ୍ଷତାକ୍ତ ମାଈହାତୀ

ବାରିପଦା,୧୪।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

୮ ଦିନ ତଳେ ମୟୂରଭଞ୍ଜ ଜିଲା ବେତନଟୀ ରେଞ୍ଜ ଦେଇ ଏକ ୨୭ଟିକିଆ ହାତୀପଲ ବୁଢ଼ାବଳଙ୍ଗ ନଦୀ ପାର ହୋଇ ବାଲେଶ୍ୱର ଜିଲା ନୀଳଗିରି ଅଭିମୁଖେ ଯାଇଥିଲେ। ଗତ ୧୧ ତାରିଖରେ ୨୫ଟି ହାତୀ ଫେରିଥିବା ବେଳେ ୨ଟି ହାତୀ ୧୨ ତାରିଖରେ ବେତନଟୀ ରେଞ୍ଜ ଚୁଆପଦା ଜଙ୍ଗଲରେ ପହଞ୍ଚିଥିଲେ। ସେଥିମଧ୍ୟରୁ ଏକ ୭/୮ ବର୍ଷୀୟା ମାଈହାତୀ ମୁହଁରେ ଗଭୀର କ୍ଷତ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା। ତା'ପାଟିରୁ ରକ୍ତ ଝରିବା ସହ ଦୁର୍ଗନ୍ଧ ହେଉଥିଲା। ହାତୀଟି ଖାଦ୍ୟ ପାନୀୟ ଗ୍ରହଣ କରି ନ ପାରି ଏଣେତେଣେ ଦୌଡ଼ି ବୁଲୁଥିଲା। ବନ ବିଭାଗ ଅଧିକାରୀ, କର୍ମଚାରୀ ଓ ଡାକ୍ତରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଟ୍ରାଙ୍କୁଲାଇଜ୍ କରି ହାତୀଟିକୁ ଉଦ୍ଧାର କରିଥିଲେ। ପରେ ତାକୁ ଶିମିଳିପାଳ ଜାତୀୟ ଉଦ୍ୟାନ ଉତ୍ତର ଡିଭିଜନ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଧୀନରେ ଥିବା ତାଳବନ୍ଧ ରେଞ୍ଜ କାନଛିଣ୍ଡା ପ୍ରାଣୀ ☞ପୃଷ୍ଠା-୪

# ବିଳମ୍ବିତ ନ୍ୟାୟ୍ ଲୋକଙ୍କ ଆର୍ଥିକସ୍ଥିତି, ସମ୍ମାନକୁ ପ୍ରଭାବିତ କରୁଛି

**ଜିଲାସ୍ତରୀୟ ଅଦାଲତଠାରୁ ଆରମ୍ଭ କରି ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ବହୁସଂଖ୍ୟକ ମାମଲା ଫଇସଲା ନ ହୋଇ ପଡ଼ିରହୁଛି। ଏହାଦ୍ୱାରା ଜଣେ ବ୍ୟକ୍ତି ଉଚିତ ସମୟରେ ନ୍ୟାୟ ପାଇପାରୁନାହାନ୍ତି। ବିଳମ୍ବିତ ନ୍ୟାୟ ଦ୍ୱାରା ସାଧାରଣ ଲୋକଙ୍କ ସମୟ ନଷ୍ଟ ହେବା ସହ ତଜ୍ଜନିତ ଆର୍ଥିକ ବୋଝ ବୃଦ୍ଧି ପାଉଛି। ଫଳରେ ଲୋକଙ୍କ ଆର୍ଥିକ ସ୍ଥିତି ଓ ସମ୍ମାନ ପ୍ରଭାବିତ ହେଉଛି। ନ୍ୟାୟିକ ପ୍ରକ୍ରିୟାରେ ସାଧାରଣ ଲୋକଙ୍କ ବୋଝ ହ୍ରାସ ସହ ସେମାନଙ୍କୁ ନ୍ୟାୟ ପ୍ରଦାନ ନିଶ୍ଚିତ କରାଇବା ମୋ' ଲକ୍ଷ୍ୟ ବୋଲି ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ମତବ୍ୟକ୍ତ କରିଛନ୍ତି। ଏହାସହ ଟେକ୍ନୋଲୋଜି (ପ୍ରଯୁକ୍ତି)ର ଉପଯୋଗିତାକୁ ପ୍ରଧାନ ବିଚାରପତି ଗୁରୁତ୍ୱ ଦେଇଥିଲେ ମଧ୍ୟ ଏହାଦ୍ୱାରା ସୃଷ୍ଟି ହେଉଥିବା ଅସୁବିଧାକୁ ମଧ୍ୟ ଭୁଲିବା ଉଚିତ ନୁହେଁ ବୋଲି କହିଛନ୍ତି। 'ପ୍ରଯୁକ୍ତି' ନ୍ୟାୟର ସେବକ ହୋଇ ରହିବା ଦରକାର, ଏହାର ବିକଳ୍ପ ନୁହେଁ। ପ୍ରଯୁକ୍ତି ମାନବିକ ବିଚାରକୁ ବଢ଼ାଇବା ଉଚିତ, ଏହାର ସ୍ଥାନ ନେବା ଉଚିତ ନୁହେଁ ବୋଲି ସିଜେଆଇ କହିଛନ୍ତି।**

## ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ୍‌ର ଆଲୋଚନାଚକ୍ରରେ ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତଙ୍କ ଉଦ୍‌ବୋଧନ

କଟକ,୧୪।୧୨(କାର୍ତ୍ତିକ ସାହୁ)

ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ୍ ପକ୍ଷରୁ କଟକ ଶହୀଦ ଭବନରେ ରବିବାର ଆୟୋଜିତ ଆଲୋଚନାଚକ୍ରକୁ ମୁଖ୍ୟ ଅତିଥି ଭାବେ ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ ଉଦ୍‌ଘାଟନ କରି କହିଲେ, ବିଳମ୍ବିତ ନ୍ୟାୟ ଲୋକଙ୍କ ଆର୍ଥିକ ସ୍ଥିତି ଓ ସମ୍ମାନ ଉପରେ ପ୍ରଭାବ ପକାଇଥାଏ। ଏଥିରେ ୩ଟି ବସ୍ତୁ ମୂଳ ଲକ୍ଷ୍ୟ ହେବା ଆବଶ୍ୟକ। ସାଧାରଣ ଲୋକଙ୍କ ଉପରେ କମ୍ ଚାପ ପକାଇବା, ଅନିଶ୍ଚିତତା ଦୂର କରିବା ଓ ତୃତୀୟରେ ସାଧାରଣ ଲୋକଙ୍କ ସମ୍ମାନ ରକ୍ଷା କରିବା ନ୍ୟାୟପାଳିକାର ଲକ୍ଷ୍ୟ ରହିବା ଆବଶ୍ୟକ। ନ୍ୟାୟପାଳିକାରେ ପଡ଼ିରହିଥିବା ମାମଲାଗୁଡ଼ିକର ପରିମାଣ ହ୍ରାସ କରିବା ପାଇଁ ମଧ୍ୟସ୍ଥତା ପ୍ରକ୍ରିୟା ଉପରେ ପ୍ରଧାନ ବିଚାରପତି ଗୁରୁତ୍ୱାରୋପ କରିଥିଲେ। ବିଶେଷକରି ଆଇନଜୀବୀମାନେ ଉଭୟ ପକ୍ଷଙ୍କୁ ମଧ୍ୟସ୍ଥତା ମାଧ୍ୟମରେ ଆପୋଷ ବୁଝାମଣା କରି ମାମଲାଗୁଡ଼ିକର ସମାଧାନ କରିବାକୁ ଚେଷ୍ଟା କରିବା ଉଚିତ। ଅବଶ୍ୟ ପ୍ରାରମ୍ଭିକ ଅବସ୍ଥାରେ ଏକାଧିକ ଥର ସେମାନଙ୍କୁ ବୁଝାଇବା ପରେ ବି ପକ୍ଷଙ୍କ ମଧ୍ୟରେ ଥିବା ଅହଂ ଓ ଆବେଗ ଯୋଗୁ ସେମାନେ ଆପୋସ ସମାଧାନକୁ ଗ୍ରହଣ କରି ନ ଥାନ୍ତି। ମାତ୍ର ପରବର୍ତ୍ତୀ ସମୟରେ ତାହା ନିଶ୍ଚିତ ଫଳପ୍ରଦ ହୋଇଥାଏ।




ଏଥିସହ ନ୍ୟାୟାଳୟଗୁଡ଼ିକରେ ଭିତ୍ତିଭୂମି ଓ ମାନବସମ୍ବଳର ଅଭାବ ସାଙ୍ଗକୁ ବିଚାରପତିଙ୍କ ସଂଖ୍ୟା କମ୍ ମଧ୍ୟ ମାମଲା ପଡ଼ିରହିବାର ଅନ୍ୟତମ କାରଣ ବୋଲି ପ୍ରଧାନ ବିଚାରପତି କହିଛନ୍ତି। ବର୍ତ୍ତମାନ ଅନ୍‌ଲାଇନ ବ୍ୟବସ୍ଥାରେ ☞ପୃଷ୍ଠା-୪

## ସଂକ୍ଷେପରେ

### କାମ୍ବୋଡ଼ିଆ ସହ ସଂଘର୍ଷ: ୪ ଥାଇ ସୈନ୍ୟ ନିହତ

**ଟ୍ରମ୍ପଙ୍କ ଅସ୍ତ୍ରବିରତିକୁ ମାନିଲାନି ବ୍ୟାଙ୍କକ୍**

ବ୍ୟାଙ୍କକ୍,୧୪।୧୨

ଥାଇଲାଣ୍ଡ ଏବଂ କାମ୍ବୋଡିଆ ମଧ୍ୟରେ ସଂଘର୍ଷ ଶନିବାର ଜାରି ରହିଛି। ଏଥିରେ ଥାଇଲାଣ୍ଡର ୪ ଜଣ ସୈନ୍ୟ ନିହତ ହୋଇଛନ୍ତି। ସଂଘର୍ଷ ବନ୍ଦ କରିବାକୁ ୨ ଦେଶ ରାଜି ହୋଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଥିବାବେଳେ ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ଅନୁତିନ୍ ଚାର୍ନଭିରାକୁଲ୍ ଏହାକୁ ଖଣ୍ଡନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ସଂଘର୍ଷଜନିତ ମୃତ୍ୟୁସଂଖ୍ୟା ୨୪ରେ ପହଞ୍ଚିଛି। ହିଂସା ଯୋଗୁ ସୀମାର ଉଭୟ ପାର୍ଶ୍ୱରୁ ପାଖାପାଖି ୫ ଲକ୍ଷ ଲୋକ ବିସ୍ଥାପିତ ହୋଇଛନ୍ତି। ଉପନିବେଶୀୟ ଶାସନ କାଳରେ ହୋଇଥିବା ବିବାଦୀୟ ସୀମା ନିର୍ଦ୍ଧାରଣକୁ ନେଇ ଥାଇଲାଣ୍ଡ ଓ କାମ୍ବୋଡ଼ିଆ ମଧ୍ୟରେ ଦୀର୍ଘବର୍ଷ ଧରି ବିବାଦ ଲାଗିରହିଛି।

### ନେପାଳରେ ଓଲିଙ୍କ ବିଶାଳ ରାଲି

କାଠମାଣ୍ଡୁ,୧୪।୧୨

ନେପାଳରେ ଗତ ସେପ୍ଟେମ୍ବରରେ ଜେନ୍ ଜି ଆନ୍ଦୋଳନ ଯୋଗୁ ପ୍ରଧାନମନ୍ତ୍ରୀ ପଦରୁ କେ.ପି. ଶର୍ମା ଓଲି ବିଦା ହୋଇଥିଲେ। ଏହାର ୩ ମାସ ପରେ ଶନିବାର ତାଙ୍କ ଦଳ ରାଜଧାନୀ କାଠମାଣ୍ଡୁ ନିକଟ ଭକ୍ତପୁରଠାରେ ବିଶାଳ ରାଲି କରିଛି। ଜେନ୍ ଜି ଆନ୍ଦୋଳନ ପରେ ଏହା ନେପାଳରେ ସର୍ବବୃହତ୍ ରାଲି ବୋଲି କୁହାଯାଉଛି, ଯେଉଁଥିରେ ୭୦,୦୦୦ରୁ ଊର୍ଦ୍ଧ୍ୱ ଲୋକ ସାମିଲ ହୋଇଥିଲେ। କମ୍ୟୁନିଷ୍ଟ ପାର୍ଟି ଅଫ୍ ନେପାଳ(ୟୁନିଫାଏଡ୍ ମାର୍କିଷ୍ଟ-ଲେନିନିଷ୍ଟ) ପକ୍ଷରୁ ୩ ଦିନିଆ ସମ୍ମିଳନୀ ଆରମ୍ଭ ହୋଇଛି। ସୂଚନାଯୋଗ୍ୟ, ସେପ୍ଟେମ୍ବର ଆନ୍ଦୋଳନବେଳେ ୭୭ ଜଣଙ୍କ ମୃତ୍ୟୁ ଘଟିବା ସହ ୨,୦୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଓଲି ଓ ଅନ୍ୟ ନେତାମାନଙ୍କୁ ସେନା ଉଦ୍ଧାର କରି ସୁରକ୍ଷିତ ସ୍ଥାନରେ ରଖିଥିଲା। ସୁପ୍ରିମକୋର୍ଟ ଏବଂ ପାର୍ଲାମେଣ୍ଟରେ ଆନ୍ଦୋଳନକାରୀ ନିଆଁ ଲଗାଇଦେଇଥିଲେ।

### ନୌସେନା ଗୋଳାବାରୁଦ ଭଣ୍ଡାର ନିକଟରେ ବିସ୍ଫୋରଣ

**୩୦ ଘର କ୍ଷତିଗ୍ରସ୍ତ**

କରୱାର,୧୪।୧୨

କର୍ନାଟକର ଉତ୍ତର କନ୍ନଡ ଜିଲାରେ ଥିବା ଭାରତୀୟ ନୌସେନାର ଗୋଳାବାରୁଦ ଭଣ୍ଡାର ନିକଟରେ ଗୁରୁବାର ମଧ୍ୟାହ୍ନରେ ଭୟାବହ ବିସ୍ଫୋରଣ ଘଟି ସ୍ଥାନୀୟ ଅଞ୍ଚଳରେ କମ୍ପନ ଅନୁଭୂତ ହେବା ସହ ୩୦ରୁ ଊର୍ଦ୍ଧ୍ୱ ଘରେ ଫାଟ ସୃଷ୍ଟି ହୋଇଛି। ବିସ୍ଫୋରଣ ପରେ ବହଳ କଳାଧୂଆଁ ଉଠିବା ସହ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ନୌସେନାର ପ୍ରୋଜେକ୍ଟ ସି'ବାର୍ଡର ଅଂଶବିଶେଷ ଭାବେ ବେଲେକେରି ଅସ୍ତ୍ରଭଣ୍ଡାର ୨୦୧୫ରେ ଆରମ୍ଭ ହୋଇଥିଲା। ସେଠାରେ ଯୁଦ୍ଧଜାହାଜ ପାଇଁ ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ଗଚ୍ଛିତ ରହିଥାଏ। ବିସ୍ଫୋରଣର କାରଣ ଜାଣିବା ପାଇଁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।



ଅଷ୍ଟ୍ରେଲିଆର ସିଡ୍‌ନୀସ୍ଥିତ ବଣ୍ଡାଇ ବିଚ୍‌ରେ ହାନୁକ୍କା ଉତ୍ସବ ପାଳନ ବେଳେ ଇହୁଦୀଙ୍କ ଉପରେ ଆକ୍ରମଣ ପରେ ଆମ୍ବୁଲାନ୍ସ ଅପେକ୍ଷାରେ ଜଣେ ଆହତ।

# 'ଭାଜପା ଡିଏନ୍‌ଏରେ ଭୋଟ୍ ଚୋରି'

**ମୋଦି-ଆର୍‌ଏସ୍‌ଏସ୍ ସରକାରକୁ ହଟାଇବାକୁ ଶପଥ ନେଲେ ରାହୁଲ**

ନୂଆଦିଲ୍ଲୀ,୧୪।୧୨(ପି.ଟି.)

ଭାଜପାର ଡିଏନ୍‌ଏରେ 'ଭୋଟ ଚୋରି' ପ୍ରବୃତ୍ତି ରହିଛି। କଂଗ୍ରେସ ସତ୍ୟ ସହ ଛିଡ଼ା ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)କୁ କ୍ଷମତାରୁ ହଟାଯିବ ବୋଲି ରବିବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ନୂଆଦିଲ୍ଲୀର ରାମଲୀଲା ମଇଦାନରେ ଶପଥ ନେଇଛନ୍ତି। ରାମଲୀଲା ମଇଦାନରେ ଆୟୋଜିତ 'ଭୋଟ ଚୋର ଗଦ୍ଦି ଛୋଡ୍' ରାଲିକୁ ସମ୍ବୋଧିତ କରି ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ କହିଛନ୍ତି, ମୁଖ୍ୟ ନିର୍ବାଚନ କମିଶନର (ଇସିଆଇ) ଜ୍ଞାନେଶ କୁମାର ଏବଂ ନିର୍ବାଚନ କମିଶନର (ଇସି) ସୁଖବୀର ସିଂ ସାନ୍ଧୁ ଓ ବିବେକ ଜୋଷୀ ଭାଜପା ପାଇଁ କାର୍ଯ୍ୟ କରୁଛନ୍ତି। ଆମେ ସତ୍ୟ ସହ ଛିଡ଼ା ହୋଇ ରହିଛୁ। ଆମେ ମୋଦି-ଆର୍‌ଏସ୍‌ଏସ୍‌କୁ କ୍ଷମତାରୁ ହଟାଇଦେବୁ। ସେମାନଙ୍କ ପାଖରେ କ୍ଷମତା ରହିଛି। ସେମାନେ ଭୋଟ ଚୋରିରେ ସମ୍ପୃକ୍ତ। ସତ୍ୟ କଂଗ୍ରେସ ବିଚାରଧାରାର ଡିଏନ୍‌ଏରେ ମୂଳରୁ ପ୍ରବାହିତ। ଆପଣମାନେ ଆଦୌ ଭୟଭୀତ ହେବା ଅନୁଚିତ। ଶେଷରେ ଆମର ହିଁ ବିଜୟ ହେବ। ସତ୍ୟପଥର ପଥିକ ହୋଇ ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଏବଂ ଆର୍‌ଏସ୍‌ଏସ୍ ସରକାରକୁ ଆମେ ହଟାଇଦେବା।



ରାମଲୀଲା ମୈଦାନରେ ଆୟୋଜିତ ସଭାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଦଳର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଓ ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧୀ।

ରାହୁଲଙ୍କ ସହ ଉକ୍ତ ସଭାରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଓ କଂଗ୍ରେସ ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧୀଙ୍କ ସମେତ ଦଳର ବରିଷ୍ଠ ନେତାମାନେ ଯୋଗଦେଇଥିଲେ। ପରେ ରାହୁଲ Xରେ ପୋଷ୍ଟ କରିଥିଲେ, କଂଗ୍ରେସ ସାରା ଦେଶର କୋଣଅନୁକୋଣରେ ଦସ୍ତଖତ ଅଭିଯାନ ଚଳାଇଛି। ୬ କୋଟି ଲୋକଙ୍କ ସ୍ୱାକ୍ଷର ସମ୍ବଳିତ ଭୋଟ ଚୋରି ଅଭିଯୋଗପତ୍ର ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯିବ।

**ରାହୁଲଙ୍କ ଅଧୀନରେ କଂଗ୍ରେସ ସମାଧି ନେବାକୁ ଯାଉଛି: ଭାଜପା**

ସେହିପରି ସଭାକୁ ସମ୍ବୋଧିତ କରି ଖାର୍ଗେ କହିଥିଲେ, ଭୋଟ ଚୋରିରେ ସମ୍ପୃକ୍ତ ଲୋକେ ହେଉଛନ୍ତି ବିଶ୍ୱାସଘାତକ। ଭୋଟ ଅଧିକାର ଓ ସମ୍ବିଧାନକୁ ସୁରକ୍ଷା ଦେବାକୁ ହେଲେ ସେମାନଙ୍କୁ କ୍ଷମତାରୁ ହଟାଇବାକୁ ପଡ଼ିବ। ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତ, ପୂର୍ବତନ ସରସଂଘ ଚାଳକ ଏମ୍.ଏସ୍. ଗୋଲୱାଲକର ଓ ମନୁସ୍ମୃତି ବିଚାରଧାରା ଦେଶକୁ ନଷ୍ଟ କରିଦେବ। କେବଳ କଂଗ୍ରେସ ହିଁ ଏହାକୁ ବଞ୍ଚାଇପାରିବ। ଭାଜପା-ଆର୍‌ଏସ୍‌ଏସ୍ ଲୋକେ ସମ୍ବିଧାନକୁ ଧ୍ୱଂସ କରିବାରେ ଲାଗିଛନ୍ତି। ହିନ୍ଦୁତ୍ୱ ନାମରେ ଏହି ଲୋକେ ଗରିବମାନଙ୍କୁ ପୁନର୍ବାର ଦାସ କରିବାକୁ ଚାହୁଁଛନ୍ତି। କିନ୍ତୁ ଦେଶକୁ ସ୍ୱାଧୀନ କରିଥିଲା, ଯେତେବେଳେ କି ମୋଦି ଓ ଶାହା ଜନ୍ମ ହୋଇ ନ ଥିଲେ। ଏମାନେ ଜବାହରଲାଲ ନେହେରୁ, ମହାତ୍ମା ଗାନ୍ଧୀ ଏବଂ ବି.ଆର୍. ଆମ୍ବେଡକରଙ୍କ ବିରୋଧୀ। ସେମାନେ ନେହେରୁ ଓ ସର୍ଦ୍ଦାର ପଟେଲଙ୍କ ବିଚାରଧାରାରେ ଫାଟ ଦେଖାଇ ଦେଶକୁ ବିଭାଜିତ କରିବାକୁ ଉଦ୍ୟମ ଚଳାଉଛନ୍ତି ବୋଲି ଖାର୍ଗେ ସମାଲୋଚନା କରିଛନ୍ତି। ଅନ୍ୟପକ୍ଷେ କଂଗ୍ରେସର ଭୋଟ ଚୋରି ରାଲିକୁ ଭାଜପା କହିଛି, ମୁଖ୍ୟ ବିରୋଧୀ ଦଳ ଅନୁପ୍ରବେଶକାରୀଙ୍କୁ ଭୋଟର ତାଲିକାରେ ସ୍ଥାନିତ କରିବା ପାଇଁ ଏଭଳି ଉଦ୍ୟମ କରୁଛି। ରାହୁଲଙ୍କ ଅଧୀନରେ କଂଗ୍ରେସ ଇତିହାସରେ ସମାଧି ନେବାକୁ ଯାଉଛି। ଔରଙ୍ଗଜେବଙ୍କ ନେତୃତ୍ୱରେ ମୋଗଲମାନଙ୍କ ଅବସ୍ଥା ଯାହା ହୋଇଥିଲା, ରାହୁଲଙ୍କ ନେତୃତ୍ୱରେ କଂଗ୍ରେସ ଅବସ୍ଥା ସେପରି ହେବ ବୋଲି ଭାଜପା ମୁଖପାତ୍ର ସୁଧାଂଶୁ ତ୍ରିବେଦୀ ଜବାବ ଦେଇଛନ୍ତି।

### ପାକ୍ସ ସିଲିକା ଗୋଷ୍ଠୀରୁ ଭାରତ ବାଦ୍

**କଂଗ୍ରେସର ସମାଲୋଚନା**

ନୂଆଦିଲ୍ଲୀ,୧୪।୧୨(ପି.ଟି.)

ଏକ ସୁରକ୍ଷିତ ସିଲିକନ୍ ଯୋଗାଣ ଶୃଙ୍ଖଳ ନିର୍ମାଣ ଲାଗି ଆମେରିକା ନେତୃତ୍ୱରେ ରଣନୀତିକ ପଦକ୍ଷେପ ସ୍ୱରୂପ ଗଠନ ହୋଇଥିବା ପାକ୍ସ ସିଲିକନ୍ ଗ୍ରୁପ୍‌ରୁ ଭାରତ ବାଦ୍ ପଡ଼ିଥିବାର ଏହାକୁ ନେଇ କଂଗ୍ରେସ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମାଲୋଚନା କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କ ସମ୍ପର୍କରେ ଅବନତି ଏଥିରୁ ସ୍ପଷ୍ଟ ହୋଇଛି। ଭାରତ ଏହି ଗ୍ରୁପ୍‌ରେ ସାମିଲ ହୋଇଥିଲେ ଲାଭବାନ୍ ହୋଇଥାନ୍ତା ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ହାଇଟେକ୍ ଯୋଗାଣ ଶୃଙ୍ଖଳରୁ ଚାଇନାର ନିୟନ୍ତ୍ରଣ ହ୍ରାସ କରିବାକୁ ୯ ସଦସ୍ୟ ବିଶିଷ୍ଟ ରାଷ୍ଟ୍ରଗୋଷ୍ଠୀ ଗଠନ କରାଯାଇଥିଲା। ଏହି ଚୁକ୍ତିନାମାର ନାମ ପାକ୍ସ ସିଲିକା ରଖାଯାଇଥିଲା। ଉକ୍ତ ଗୋଷ୍ଠୀରୁ ଆମେରିକା ଭାରତକୁ ବାଦ୍ ଦେଇଥିବା କେତେକ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି। ଉକ୍ତ ଗୋଷ୍ଠୀରେ ଆମେରିକା, ଜାପାନ, କୋରିଆ, ସିଙ୍ଗାପୁର, ନେଦରଲାଣ୍ଡସ୍, ବ୍ରିଟେନ୍, ଇସ୍ରାଏଲ୍, ୟୁନାଇଟେଡ୍ ଆରବ ଏମିରେଟ୍ସ ଏବଂ ଅଷ୍ଟ୍ରେଲିଆ ରହିଛି।

### ପଙ୍କଜ ଚୌଧରୀ ୟୁପି ଭାଜପା ସଭାପତି



**୨୦୨୭ ବିଧାନସଭା ନିର୍ବାଚନ ପୂର୍ବରୁ ଗୁରୁଦାୟିତ୍ୱ**

ଲକ୍ଷ୍ନୌ,୧୪।୧୨

ଭାଜପା ପକ୍ଷରୁ ରବିବାର କେନ୍ଦ୍ରମନ୍ତ୍ରୀ ପଙ୍କଜ ଚୌଧରୀଙ୍କୁ ଉତ୍ତର ପ୍ରଦେଶର ରାଜ୍ୟ ସଭାପତି ନିଯୁକ୍ତ କରାଯାଇଛି। କୁର୍ମୀ ସମ୍ପ୍ରଦୟରୁ ଆସୁଥିବା ଭାଜପାର ଏହି ବରିଷ୍ଠ ନେତାଙ୍କୁ ଦଳ ୨୦୨୭ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଏହି ଗୁରୁଦାୟିତ୍ୱ ଦିଆଯାଇଥିବା କୁହାଯାଉଛି। ପଙ୍କଜ ୟୁପି ଭାଜପାର ୧୫ତମ ସଭାପତି ହେବା ପରେ ତାଙ୍କ ନିକଟକୁ ଦଳୀୟ ନେତାଙ୍କଠାରୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସମେତ ବରିଷ୍ଠ ଭାଜପା ନେତା ୬୧ ବର୍ଷୀୟ ପଙ୍କଜଙ୍କ ନାମ ଘୋଷଣା କାର୍ଯ୍ୟକ୍ରମ 'ସଙ୍ଗଠନ ପର୍ବ'ରେ ଯୋଗଦେଇଥିଲେ। ଶନିବାର ପଙ୍କଜ ଏକମାତ୍ର ପ୍ରାର୍ଥୀ ଭାବେ ଏହି ପଦବୀ ପାଇଁ ନାମାଙ୍କନ କରିଥିଲେ। ମହାରାଜଗଞ୍ଜ ସଂସଦୀୟ ଆସନରୁ ସେ ୭ ଥର ପ୍ରତିନିଧିତ୍ୱ କରିଥିବାବେଳେ ପୂର୍ବ ଉତ୍ତରପ୍ରଦେଶର ଅନ୍ୟାନ୍ୟ ପଛୁଆ ବର୍ଗରୁ ସେ ଜଣେ ଟାଣୁଆ ନେତା ଭାବେ ଜଣାଶୁଣା।

## ଏଆଇରେ ଭାରତ ବିଶ୍ୱର ୩ୟ ସର୍ବାଧିକ ପ୍ରତିଦ୍ୱନ୍ଦ୍ୱୀ ରାଷ୍ଟ୍ର

ନ୍ୟୁୟର୍କ,୧୪।୧୨

କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) କ୍ଷେତ୍ରରେ ଭାରତ ବିଶ୍ୱର ୩ୟ ସର୍ବାଧିକ ପ୍ରତିଦ୍ୱନ୍ଦ୍ୱୀ ରାଷ୍ଟ୍ର ବିବେଚିତ ହୋଇଛି। ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରୁ ଏହା ଜଣାପଡ଼ିଛି। ୟୁନିଭର୍ସିଟିଜ୍ ଗ୍ଲୋବାଲ ଏଆଇ ଭାଇବ୍ରାନ୍ସି ଟୁଲ୍ସ ଭିଜୁଅଲ କ୍ୟାପିଟାଲିଷ୍ଟ ଚାର୍ଟ ଅନୁଯାୟୀ, ଭାରତ ୨୧.୫୯ ସ୍କୋର ଧାରଣ କରି ଏହି ସ୍ଥାନ ହାସଲ କରିଛି। ସର୍ବାଗ୍ରେ




ଆମେରିକା ୭୮.୬ ପ୍ରତିଶତ ଓ ଚାଇନା ୩୬.୯୫ ପ୍ରତିଶତ ସ୍କୋର କରି ଦ୍ୱିତୀୟରେ ରହିଛନ୍ତି। ରିପୋର୍ଟରେ କୁହାଯାଇଛି ଯେ, ବୈଶ୍ୱିକ ଏଆଇ ଦୃଶ୍ୟପଟରେ ଭାରତ ଦ୍ରୁତ ଅଭିବୃଦ୍ଧିଶୀଳ ରାଷ୍ଟ୍ରର ମର୍ଯ୍ୟାଦା ପାଇଛି। ଉପରଲିଖିତ ଦୁଇ ଦେଶ ସହ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ହେଲେ ଭାରତର ସ୍କୋରକୁ ବଢ଼ାଇବାର ଆବଶ୍ୟକତା ଅଛି ବୋଲି ଉକ୍ତ ଚାର୍ଟ ପକ୍ଷରୁ କୁହାଯାଇଛି। ତେବେ ନୂଆଦିଲ୍ଲୀର ସ୍କୋର ଦକ୍ଷିଣ କୋରିଆ, ଜାପାନ, ସିଙ୍ଗାପୁର, ବ୍ରିଟେନ୍, ଜର୍ମାନୀ ଓ ଅନ୍ୟାନ୍ୟ ବୃହତ୍ ରାଷ୍ଟ୍ରଠାରୁ ଆଗରେ ରହିବା ଏକ ସକାରାତ୍ମକ ସୂଚନା ଦେଇଛି। ସମ୍ପୃକ୍ତ ଟୁଲ୍‌ର ମାପଦଣ୍ଡ ଅନୁଯାୟୀ ପ୍ରତିଭା ଉପଲବ୍ଧତା, ଗବେଷଣା ଓ ବିକାଶ, ପୁଞ୍ଜିନିବେଶ, ସରକାରୀ ନୀତି ଓ ଅନୁଭୂତି, ଭିତ୍ତିଭୂମି ଓ ଅର୍ଥନୈତିକ ପ୍ରଭାବକୁ ହିସାବକୁ ନିଆଯାଇ ସ୍କୋର ନିର୍ଦ୍ଧାରଣ କରାଯାଇଛି। ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଏଆଇର ଦ୍ରୁତ ପ୍ରଗତି ପ୍ରଯୁକ୍ତି ବ୍ୟବସ୍ଥା, ପୁଞ୍ଜିନିବେଶ ଓ ପ୍ରତିଭାଧାରୀଙ୍କ ପ୍ରଦର୍ଶନ ଉପରେ ନିର୍ଭର କରିଥାଏ। ଆସନ୍ତା କିଛି ବର୍ଷ ମଧ୍ୟରେ ଦେଶର ଏଆଇ ଭିତ୍ତିଭୂମିର ବିକାଶ ଲାଗି ଶ୍ରେଷ୍ଠ ବୈଶ୍ୱିକ କମ୍ପାନୀଗୁଡ଼ିକ ବହୁ କୋଟି ଟଙ୍କାର ଅର୍ଥ ବିନିଯୋଗ କରିବେ ବୋଲି ଘୋଷଣା କରିବା ପରେ ଏଆଇର ଚାହିଦା ବହୁମାତ୍ରାରେ ବଢ଼ିଯାଇଛି। ଏଆଇ, ଲଜିଷ୍ଟିକ୍ସ, କ୍ଲାଉଡ୍ କମ୍ପ୍ୟୁଟିଂ ଇନ୍‌ଫ୍ରାଷ୍ଟ୍ରକଚର ଆଦି କ୍ଷେତ୍ରରେ ୨୦୩୦ ସୁଦ୍ଧା ଆମାଜନ ୩୫ ବିଲିୟନ ଡଲାର ପୁଞ୍ଜିନିବେଶ କରିବ ବୋଲି ଘୋଷଣା କରିଥିଲା। ସେହିପରି ମାଇକ୍ରୋସଫ୍ଟ ଏସିଆ ମହାଦେଶରେ କ୍ଲାଉଡ୍ ଓ ଏଆଇ ସମ୍ପ୍ରସାରଣ ଲାଗି ୧୭.୫ ବିଲିୟନ ଡଲାର ନିବେଶ କରିବା ଲାଗି ଘୋଷଣା କରିଥିଲା। ଏହା ପୂର୍ବରୁ ଇଣ୍ଟେଲ, କଗ୍‌ନିଜାଣ୍ଟ, ଓପନ୍ ଏଆଇ ମଧ୍ୟ ଭାରତ ଏଆଇର ଚାହିଦାକୁ ଦେଖି ପର୍ଯ୍ୟାପ୍ତ ଅର୍ଥ ନିବେଶ କରିବେ ବୋଲି କହିଥିଲେ।



## 'ଜେଲର୍ ୨'ରେ ବିଦ୍ୟା ବାଲନ

ମୁମ୍ବାଇ

ସୁପରଷ୍ଟାର୍ ରଜନୀକାନ୍ତଙ୍କ ବକ୍‌ବଷ୍ଟର୍ ଫିଲ୍ମ 'ଜେଲର୍'ର ସିକ୍ୱେଲ 'ଜେଲର୍ ୨'କୁ ନେଇ ବଡ଼ ଖବର ସାମ୍ନାକୁ ଆସିଛି। ଏହି ବହୁ ପ୍ରତୀକ୍ଷିତ ପ୍ରୋଜେକ୍ଟରେ ବଲିଉଡ ଅଭିନେତ୍ରୀ ବିଦ୍ୟା ବଲାନ ସାମିଲ ହୋଇଛନ୍ତି। ତାଙ୍କର ଯୋଗଦାନ ଫିଲ୍ମର କଳାକାର ତାଲିକାକୁ ଆହୁରି ମଜଭୁତ କରିଛି। ସୂଚନା ମୁତାବକ, ବିଦ୍ୟା ବାଲନ 'ଜେଲର୍ ୨'ର ସ୍କ୍ରିପ୍ଟରେ ଅତ୍ୟନ୍ତ ପ୍ରଭାବିତ ହୋଇଛନ୍ତି। ସେ ଏହି ଫିଲ୍ମରେ ଏକ ଶକ୍ତିଶାଳୀ ଚରିତ୍ରରେ ନଜର ଆସିବେ, ଯାହା କାହାଣୀରେ ଏକ ମୁଖ୍ୟ ମୋଡ଼ ଆଣିବ। ତାଙ୍କର ଉପସ୍ଥିତି ଫିଲ୍ମର ତୀବ୍ରତା ବଢ଼ାଇବ।

ନିର୍ମାତାମାନେ ଏହି ଫିଲ୍ମକୁ ୨୦୨୬ଅଗଷ୍ଟ ୧୪ରେ ଏକ ବଡ଼ ଧରଣର ଥିଏଟରରେ ରିଲିଜ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଅଗଷ୍ଟ ମାସରେ ପ୍ରଥମ ଭାଗ 'ଜେଲର୍' ରିଲିଜ ହୋଇ ବିଶ୍ୱବ୍ୟାପୀ ୬୦୫-୬୫୦ କୋଟିର ବ୍ୟବସାୟ କରିଥିଲା। ନିର୍ଦ୍ଦେଶକ ନେଲସନ ଦିଲୀପକୁମାରଙ୍କ ଏହି ଫିଲ୍ମରେ ରଜନୀକାନ୍ତ ପୁଣି ଥରେ 'ଟାଇଗର୍ ମୁଥୁବେଲ ପାଣ୍ଡିଆନ' ଭୂମିକାରେ ଫେରିବେ। ଫିଲ୍ମରେ ମୋହନଲାଲ, ଶିବ ରାଜକୁମାର, ନନ୍ଦମୁରୀ ବାଲକ୍ରିଷ୍ଣା ଏବଂ ମିଥୁନ ଚକ୍ରବର୍ତ୍ତୀଙ୍କ କ୍ୟାମିଓ (ଅତିଥି) ଭୂମିକା ଏହାକୁ ଏକ ବୃହତ ପାନ-ଇଣ୍ଡିଆ ପ୍ରୋଜେକ୍ଟ କରିବ।



ନୂଆଦିଲ୍ଲୀରେ ବାୟୁ ପ୍ରଦୂଷଣ ଅତି ଖରାପ ସ୍ତରକୁ ଯିବା ପରେ ଧୂଆଁ ଓ ଧୂଳିମୟ ପରିବେଶରେ ରବିବାର ରାସ୍ତାକଡ଼ରେ ଚା' ପିଉଛନ୍ତି ଲୋକେ।

# ନୂଆ ଶ୍ରମ ଆଇନର କୋଡ୍ ବାହାର କର: ଆହୁଜା

ଭୁବନେଶ୍ୱର,୧୪।୧୨
(ରବିନାରାୟଣ ଜେନା)

## ସମାନ କାମକୁ ସମାନ ପାରିଶ୍ରମିକ



ଶ୍ରମିକମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବ୍ରିଟିଶ ସମୟରୁ ଗଢ଼ି ଆସୁଥିବା ଶ୍ରମ ଆଇନକୁ ଆଉ ଦେଶରେ କାର୍ଯ୍ୟକାରୀ କରାଯିବ ନାହିଁ। ଏସଂକ୍ରାନ୍ତରେ ଭାରତ ସରକାର ଏକ ନୀତିଗତ ନିଷ୍ପତ୍ତି ନେଇସାରିଛନ୍ତି। ପୂର୍ବରୁ ପ୍ରଚଳିତ ୨୯ଟି ଶ୍ରମ ଆଇନକୁ ଉଚ୍ଛେଦ କରି ଏହା ବଦଳରେ ୪ଟି ଶ୍ରମ ଆଇନ ଅଣାଯାଇଛି, ଯେଉଁଥିରେ ଶ୍ରମିକମାନଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଇଛି। ସମାନ କାମ ଲାଗି ସମାନ ପାରିଶ୍ରମିକ ଦେବାକୁ ଆଇନରେ ପ୍ରାବଧାନ କରାଯାଇଛି। ଏହା ରାଜ୍ୟରେ କିଭଳି ତୁରନ୍ତ କାର୍ଯ୍ୟକାରୀ ହୋଇପାରିବ ସେନେଇ ନିୟମ ଲାଗୁ କରିବାକୁ ଶ୍ରମବିଭାଗକୁ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି।

କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଣୟନ ହେବାକୁ ଥିବା ୪ଶ୍ରମ ଆଇନ ଅନୁଯାୟୀ ତୁରନ୍ତ ଏହାର କୋଡ୍ ବାହାର କରି କାର୍ଯ୍ୟକାରୀ କରିବାକୁ ମୁଖ୍ୟଶାସନ ସଚିବ ତାଗିଦା କରିଛନ୍ତି। ଉଲ୍ଲେଖଯୋଗ୍ୟ, କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୯ଟି ପ୍ରଚଳିତ ଶ୍ରମଆଇନ ବଦଳରେ ଚାରୋଟି ଶ୍ରମ ସଂହିତା କରାଯିବ। ସେଥିମଧ୍ୟରେ ମଜୁରୀ ସଂହିତା-୨୦୧୯, ଶିଳ୍ପ ସମ୍ପର୍କ ସଂହିତା-୨୦୨୦, ସାମାଜିକ ସୁରକ୍ଷା ସଂହିତା-୨୦୨୦ ଏବଂ ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟ ପରିସ୍ଥିତି ସଂହିତା-୨୦୨୦ ରହିଛି। ଏହାକୁ କାର୍ଯ୍ୟକାରୀ କରିବା ଲାଗି ଚଳିତବର୍ଷ ନଭେମ୍ବର ୨୧ଠାରୁ ଘୋଷଣା ହୋଇଛି; ଯାହା କି ସ୍ୱାଧୀନତା ପୂର୍ବର ଏବଂ ସ୍ୱାଧୀନତା ପରବର୍ତ୍ତୀ ସମୟର ପ୍ରାରମ୍ଭିକ (୧୯୩୦-୧୯୫୦)ଦଶକରେ ପ୍ରସ୍ତୁତ କରାଯାଇଥିଲା।

ସୂଚନା ଅନୁଯାୟୀ, ୪ଟି ପ୍ରଚଳିତ ଶ୍ରମ ଆଇନକୁ ଏକତ୍ରିତ କରି ମଜୁରୀ ସଂହିତା ପ୍ରଣୟନ କରାଯାଇଥିବାବେଳେ ତିନୋଟି ପ୍ରଚଳିତ ଶ୍ରମ ଆଇନକୁ ଏକତ୍ର କରି ଶିଳ୍ପ ସମ୍ପର୍କ ସଂହିତା, ନଅଟି ପ୍ରଚଳିତ ଶ୍ରମଆଇନକୁ ଏକାଠି କରି ସାମାଜିକ ସୁରକ୍ଷା ସଂହିତା ଏବଂ ୧୩ଟି ପ୍ରଚଳିତ ଶ୍ରମ ଆଇନକୁ ଏକତ୍ରିତକରି ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟ ପରିସ୍ଥିତି ସଂହିତା ପ୍ରଣୟନ କରାଯାଇଛି। ଏକତ୍ରୀକରଣ ହୋଇଥିବା ଏହି ଶ୍ରମ ସଂହିତାଗୁଡ଼ିକ ଶ୍ରମିକ ଏବଂ ଉଦ୍ୟୋଗ ଗୁଡ଼ିକୁ ସଶକ୍ତ କରିବା ସହ ଏକ ବିକଶିତ ବିଶ୍ୱ ସହିତ ସମନ୍ୱିତ ଶ୍ରମଶକ୍ତି ନିର୍ମାଣ କରିବାରେ ସହାୟକ ହେବ। ତେବେ ଏହି ଚାରୋଟି ଶ୍ରମ ସଂହିତାରେ ପ୍ରଚଳିତ ଶ୍ରମ ଆଇନଗୁଡ଼ିକର ଉନ୍ନତ ବିଧି ବ୍ୟବସ୍ଥାଗୁଡ଼ିକୁ ବଜାୟ ରଖିବା ସହିତ ଶ୍ରମ ସଂସ୍କାର ନିମନ୍ତେ କିଛି ନୂତନ ବିଧି ବ୍ୟବସ୍ଥା ଅନ୍ତର୍ଭୁକ୍ତ କରାଯାଇଛି; ଯେଉଁଥିରେ ଶ୍ରମିକମାନଙ୍କ ଜୀବନଧାରଣର ମାନବୃଦ୍ଧି ନିମନ୍ତେ ପ୍ରତ୍ୟେକ କ୍ଷେତ୍ରରେ ନିୟୋଜିତ ସମସ୍ତ ବର୍ଗର ଶ୍ରମିକମାନଙ୍କୁ ସର୍ବନିମ୍ନ ମଜୁରି ପ୍ରଦାନ କରାଯିବା ବାଧ୍ୟତାମୂଳକ। କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଫ୍ଲୋର ୱେଜ୍‌କୁ ଆଇନଗତ ମାନ୍ୟତା ପ୍ରଦାନ କରାଯାଇଛି, ଯାହାଠାରୁ କମ୍ ସର୍ବନିମ୍ନ ମଜୁରି କୌଣସି ରାଜ୍ୟ ସ୍ଥିର କରିବା ଆଇନ ଉଲ୍ଲଂଘନ। କର୍ମଚାରୀମାନଙ୍କୁ ନିଯୁକ୍ତିଦାତାଙ୍କ ଦ୍ୱାରା ବାଧ୍ୟତାମୂଳକ ନିଯୁକ୍ତିପତ୍ର ପ୍ରଦାନର ବ୍ୟବସ୍ଥା ନିଯୁକ୍ତିଦାତା ଶ୍ରମିକଙ୍କୁ ସମୟାନୁସାରେ ମଜୁରି ପ୍ରଦାନ କରିବା ସହିତ ମହିଳା ଓ ପୁରୁଷ ଶ୍ରମିକଙ୍କୁ ସମାନ କାମ ପାଇଁ ସମାନ ପାରିଶ୍ରମିକ ପ୍ରଦାନ କରିବା ବାଧ୍ୟତାମୂଳକ ରହିବ। ଏହା ଶ୍ରମିକଙ୍କ ଆର୍ଥିକସୁରକ୍ଷା ସୁନିଶ୍ଚିତ କରିବା ସହିତ କାର୍ଯ୍ୟ ଚାପ ହ୍ରାସ କରିବାରେ ସହାୟକ ହୋଇପାରିବ। ଏହାସହିତ ନିଯୁକ୍ତିଦାତାମାନେ ୪୦ ବର୍ଷରୁ ଅଧିକ ବୟସର ସମସ୍ତ କର୍ମଚାରୀଙ୍କୁ ମାଗଣା ବାର୍ଷିକ ସ୍ୱାସ୍ଥ୍ୟପରୀକ୍ଷା ଯୋଗାଇବା, ସମୟୋଚିତ ପ୍ରତିରୋଧକ ସ୍ୱାସ୍ଥ୍ୟସେବା ସଂସ୍କୃତିକୁ ପ୍ରୋତ୍ସାହିତ କରିବା, ଶିଳ୍ପ ବିବାଦଗୁଡ଼ିକର ତ୍ୱରିତ୍ ସମାଧାନ ପାଇଁ ଉନ୍ନତ ବ୍ୟବସ୍ଥା ସହିତ ଶିଳ୍ପ ସଂସ୍ଥାଗୁଡ଼ିକରେ ଶ୍ରମିକମାନଙ୍କ ଅଭିଯୋଗ ସମାଧାନ ପାଇଁ ଗଠିତ ଅଭିଯୋଗ ପ୍ରକୋଷ୍ଠରେ ମହିଳାଙ୍କ ପ୍ରତିନିଧି ବ୍ୟବସ୍ଥା ରହିବ।

# କାର୍ଯ୍ୟକାରିତାରେ ବିଳମ୍ବ ନେଇ ସଚିବଙ୍କୁ ତାଗିଦ୍

ଭୁବନେଶ୍ୱର,୧୪।୧୨
(ରବିନାରାୟଣ ଜେନା)

## ମୁଖ୍ୟମନ୍ତ୍ରୀଙ୍କ ୬୮ ବ୍ୟକ୍ତିଗତ ନୋଟ୍‌ଶିଟ୍ ପ୍ରସଙ୍ଗ

ଓଡ଼ିଶାକୁ ଦେଶର ଅଗ୍ରଣୀ ରାଜ୍ୟରେ ପରିଗଣିତ କରିବାପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନେକ ସ୍ୱପ୍ନ ଦେଖିଛନ୍ତି। ଏହାକୁ ସାକାର କରିବାପାଇଁ ଗତ ୧୮ମାସ ମଧ୍ୟରେ ବିଭିନ୍ନ ବିଭାଗକୁ ଯେଉଁ ବ୍ୟକ୍ତିଗତ ନୋଟ୍ ଶିଟ୍(ୟୁଓଆଇ) ପ୍ରଦାନ କରିଛନ୍ତି ତାହାକୁ ସୋମବାର ଅର୍ଥାତ୍ ଚଳିତମାସ ୧୫ ସୁଦ୍ଧା କାର୍ଯ୍ୟକାରୀ କରିବାକୁ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ସମ୍ପୃକ୍ତ ବିଭାଗୀୟ ସଚିବଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକରେ ସେ କହିଥିଲେ, ରାଜ୍ୟର ବିକାଶକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ୬୮ଟି ବ୍ୟକ୍ତିଗତ ନୋଟ୍‌ଶିଟ୍ ପ୍ରଦାନ କରିଛନ୍ତି। ତେବେ ଏହା କାହିଁକି କାର୍ଯ୍ୟକାରୀ ହେଉନାହିଁ। ତୁରନ୍ତ ଏହା ଉପରେ ସମୀକ୍ଷା କରି ଡିସେମ୍ବର ୧୫ ସୁଦ୍ଧା ଯେଉଁସବୁ ବିଭାଗ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶନାମା ପାଳନ କରିଛନ୍ତି ସେଥିରେ 'କମ୍ପ୍ଲିଟେଡ' ଲେଖି ସରକାରଙ୍କୁ ପ୍ରଦାନ କରିବାକୁ ହେବ।

ଏଥିସହ ସେ ଦର୍ଶାଇଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ବେଳେ ଏହାକୁ ଠିକଣା ଭାବେ ଯେପରି ଟ୍ରାକିଂ କରାଯାଇପାରିବ ସେଭଳି ବ୍ୟବସ୍ଥା କରିବାକୁ ପଡ଼ିବ; ଯଦ୍ୱାରା କାର୍ଯ୍ୟର ଅଗ୍ରଗତି ତଥା ସ୍ଥିତାବସ୍ଥା ସମ୍ପର୍କରେ ତତ୍‌କ୍ଷଣାତ୍ ଯେପରି ଜାଣି ହେବ। ତେବେ ଯେଉଁ ସବୁ ନିର୍ଦ୍ଦେଶ ପାଳନ ପାଇଁ ସରକାରୀ ପଦକ୍ଷେପ ଗ୍ରହଣ କରାଯାଇଛି, ମାତ୍ର ତାହା ଶେଷ ହୋଇନାହିଁ, ତାହାକୁ 'କନ୍‌ଷ୍ଟିଟ୍ୟୁଟେଡ୍' ଦର୍ଶାଇବାକୁ ସଚିବମାନଙ୍କୁ ମୁଖ୍ୟସଚିବ କହିଛନ୍ତି।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବାପାଇଁ ବିକଶିତ ଓଡ଼ିଶା ଭିଜନ-୨୦୩୬ ହାତକୁ ନେଇଛନ୍ତି। ଏହାକୁ ସଫଳ କରିବା ଲାଗି ଛୁଟିଦିନଗୁଡ଼ିକରେ ମଧ୍ୟ ଲୋକସେବାଭବନରେ ବସି କାର୍ଯ୍ୟ କରୁଥିବା ଦେଖାଯାଉଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ବିଭିନ୍ନ କ୍ଷେତ୍ରରେ ବିକାଶ ଲାଗି ଯେଉଁ ନିର୍ଦ୍ଦେଶ ସମ୍ପୃକ୍ତ ବିଭାଗକୁ ପ୍ରଦାନ କରୁଛନ୍ତି ତାହା ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପାଳନ ହେଉନାହିଁ। ଏହାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସମୀକ୍ଷା କରିବା ସହିତ ନିଜେ ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ନୋଟ୍‌ଶିଟ୍ ମଧ୍ୟ ପ୍ରଦାନ କରୁଛନ୍ତି।

ତଥ୍ୟ ଅନୁଯାୟୀ, ମୁଖ୍ୟମନ୍ତ୍ରୀ ଇତିମଧ୍ୟରେ ୬୮ଟି ବ୍ୟକ୍ତିଗତ ନିର୍ଦ୍ଦେଶନାମା ବିଭାଗୀୟ ସଚିବମାନଙ୍କୁ ପ୍ରଦାନ କରିଥିବାବେଳେ ବିଭିନ୍ନ ଯୋଜନା କାର୍ଯ୍ୟକାରିତା ସମ୍ବନ୍ଧୀୟ ୨୨୭ଟି ନିର୍ଦ୍ଦେଶନାମା ପ୍ରଦାନ କରିଛନ୍ତି। ସେଥିରେ ଯୋଜନାର କାର୍ଯ୍ୟକାରିତା ପୂର୍ବରୁ କେଉଁସବୁ ନୀତିଗତ ନିଷ୍ପତ୍ତି ନିଆଯିବାର ଆବଶ୍ୟକତା ରହିଛି ତାକୁ ଭଲ ଭାବେ ଅନୁଧ୍ୟାନ କରିବାକୁ ହେବ। ଏପରି କି ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଘୋଷଣା ହେବା ପୂର୍ବରୁ ଯେପରି ତାହା ଠିକଣା ଭାବେ ସମୀକ୍ଷା ହୋଇଥିବ ଏବଂ ବାସ୍ତବତା ତଦାରଖ ହୋଇଥିବ, ସେଥିପ୍ରତି ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟସଚିବ କହିଛନ୍ତି।

ତେବେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ନୋଟ୍‌ଶିଟ୍ ଏବଂ ଯୋଜନା ସଂକ୍ରାନ୍ତରେ ଏଠାରେ କେତୋଟି ଉଦାହରଣ ଦିଆଯାଇପାରେ ଯଥା- ଜିଲ୍ଲାସ୍ତରରେ 'ପ୍ରଭାରୀ ମନ୍ତ୍ରୀ' ଦାୟିତ୍ୱ ପ୍ରଦାନ କରିବା, 'ମହାପୁରୁଷ ଆଦର୍ଶ ଗ୍ରାମ ଯୋଜନା'ର କାର୍ଯ୍ୟକାରିତା, ରାଜ୍ୟରୁ ଗୁଟ୍‌ଖା ସମ୍ପୂର୍ଣ୍ଣ ନିଷେଧ, ପୁରୀ ମହାନଗର ନିଗମକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ, ମହାନଦୀ ମୁହାଁଣରେ ନୂତନ ବନ୍ଦର ନିର୍ମାଣ ଭଳି ଶତାଧିକ ନିର୍ଦ୍ଦେଶନାମା ରହିଛି। ହେଲେ ନିର୍ଦ୍ଦେଶନାମାଗୁଡ଼ିକ ଠିକଣା ସମୟରେ କାର୍ଯ୍ୟକାରୀ ହେଉ ନ ଥିବାରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏହାକୁ ନେଇ ଚିନ୍ତା ପ୍ରକଟ କରିବା ପରେ ବ୍ୟକ୍ତିଗତ ନୋଟ୍‌ଶିଟ୍ ଲେଖାଯାଇ ବିଭାଗୀୟ ସଚିବମାନଙ୍କୁ ଅବଗତ କରାଯାଉଛି। ଆସନ୍ତାକାଲି ସୁଦ୍ଧା ବିଭିନ୍ନ ବିଭାଗର ସଚିବ କେତେଦୂର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶନାମା ପାଳନ କରୁଛନ୍ତି ତାହା ଦେଖିବାର ରହିଛି।

# ତାପମାତ୍ରାରେ ସାମାନ୍ୟ ବୃଦ୍ଧି

ଭୁବନେଶ୍ୱର,୧୪।୧୨(ବନ୍ଦନା ସେଠୀ)

ରାଜ୍ୟରେ ପାରଦ ତଳମୁହାଁ ରହିଥିବାବେଳେ ଅନେକ ସ୍ଥାନରେ ଘନ କୁହୁଡ଼ି ଦୃଶ୍ୟମାନ ହେଉଛି। ଏପରି ସ୍ଥିତିରେ ତାପମାତ୍ରାରେ ସାମାନ୍ୟ ବୃଦ୍ଧି ହୋଇଛି। ରବିବାର କିଛି ସ୍ଥାନରେ ୧ରୁ ୨ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି। ଗତ ୨୪ ଘଣ୍ଟାରେ ଜି. ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୪.୨ ଡିଗ୍ରୀକୁ ବୃଦ୍ଧି ପାଇଥିବାବେଳେ ଫୁଲବାଣୀ ଏବଂ ଦାରିଙ୍ଗବାଡିରେ ୬ ଡିଗ୍ରୀ, ସେମିଳିଗୁଡାରେ ୬.୧, କୋରାପୁଟ ୭, ରାଉରକେଲା ୮.୨, ଟିପିଲିମା ୮.୬, ଝାରସୁଗୁଡା ୮.୯, ଭବାନୀପାଟଣା ୯, ଅନୁଗୋଳ ୯.୬ ଏବଂ ବୌଦ୍ଧ ଓ କିରେଇରେ ସର୍ବନିମ୍ନ ୯.୮ ଡିଗ୍ରୀ ରେକର୍ଡ ହୋଇଛି। ସେହିପରି ଭୁବନେଶ୍ୱରରେ ୧୩.୨ ଓ କଟକରେ ୧୩ ଡିଗ୍ରୀ ତାପମାତ୍ରା ରହିଥିଲା। ଅନ୍ୟପକ୍ଷରେ ରାଉରକେଲା ଓ ଭବାନୀପାଟଣାରେ କୁହୁଡ଼ି ଦେଖାଦେଇଥିବାବେଳେ ସୋମବାର ସୁନ୍ଦରଗଡ଼, କନ୍ଧମାଳ, କଳାହାଣ୍ଡି ଏବଂ କୋରାପୁଟ ଜିଲାରେ ମଧ୍ୟମରୁ ସାମାନ୍ୟ କୁହୁଡି ଦେଖାଦେବ। ତେବେ ବର୍ତ୍ତମାନ ରାଜ୍ୟରେ କୌଣସି ପାଣିପାଗ କ୍ଷେତ୍ର ସକ୍ରିୟ ନ ଥିବାରୁ ଆସନ୍ତା ୭ ଦିନ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବ ବୋଲି ବିଭାଗ ପୂର୍ବାନୁମାନ କରିଛି।

# ଥ୍ରେସର ମେଶିନ ନେଲା ଶ୍ରମିକଙ୍କ ଜୀବନ

ବାଲେଶ୍ୱର,୧୪।୧୨(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ଥାନା ଅଧୀନ ବର୍ଦ୍ଧନପୁର ପଞ୍ଚାୟତର ସାହାଜାନଗର ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଧାନପିଟା ଥ୍ରେସର ମେଶିନରେ କଟି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଉକ୍ତ ଗ୍ରାମର ରାଧୁଆ ଦଳେଇଙ୍କ ପୁଅ ରାଜୁ (୨୦)।

ଅପରାହ୍ନରେ ଉକ୍ତ ଅଞ୍ଚଳରେ ଥ୍ରେସର ମେଶିନ ଯୋଗେ ଧାନବିଡ଼ା ପିଟାଯାଉଥିଲା। ମେଶିନରେ ଧାନ କଳେଇ ଜାମ୍ ହୋଇଯାଇଥିଲା। ଏହି ସମୟରେ ରାଜୁ କଳେଇକୁ ଗୋଡ଼ରେ ପେଲୁଥିବା ବେଳେ ସେ ମେଶିନରେ ପଶି ପ୍ରାଣ ହରାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା।

# ଧାନ ବିଲରେ ନିଆଁ ଲାଗି ଜଳିଗଲେ ଚାଷୀ

ପିପିଲି/ଡେଲାଙ୍ଗ,୧୪।୧୨
(ଦୁର୍ଗାମାଧବ ମିଶ୍ର/ପ୍ରଭାତ କୁମାର ମହାପାତ୍ର/ରଶ୍ମିରଞ୍ଜନ ପ୍ରଧାନ)

ପିପିଲି ଅଞ୍ଚଳରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଚାଷୀ ବିଲ ମଝିରେ ନିଆଁରେ ଜଳିଯାଇ ମୃତ୍ୟୁବରଣ କରିଛନ୍ତି। ମୃତ ଚାଷୀ ହେଲେ ପିପିଲି ସୁନାମୁହିଁ ଗାଁର ଗଜେନ୍ଦ୍ର ସ୍ୱାଇଁ।

ସୂଚନାଯୋଗ୍ୟ, ଗଜେନ୍ଦ୍ର ନିଜ ବିଲରେ ଲଗାଇଥିବା ନିଆଁ ପାଖ ବିଲରେ ପଡ଼ିଥିବା ଧାନ କଳେଇରେ ଲାଗିଯାଇଥିବା ଦେଖି ନିରୁପାୟ ହୋଇ ନିଜେ ଲିଭାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ସେ ନିଜେ ସେହି ନିଆଁରେ ଜଳିଯାଇଥିବା ଜଣାପଡ଼ିଛି। ଗଜେନ୍ଦ୍ର ଜଳିଯାଇଥିବା ଖବର ପ୍ରଚାର ହେବାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ଗଜେନ୍ଦ୍ର ହାର୍ଭେଷ୍ଟର୍‌ରେ ଧାନ କାଟିଥିଲେ। ପାଗ ଉଡ଼ିଗଲେ ଆଉ ମୁଗ ବୁଣିହବନି, ତେଣୁ ରବିବାର ସକାଳେ ଧାନଗଛ ମୂଳ ଏବଂ ବିଲରେ ପଡ଼ିଥିବା କୁଟାକୁ ନିଆଁ ଲଗାଇ ସଫା କରୁଥିଲେ। ମାତ୍ର ନିଆଁ ପାଖ ବିଲରେ କଟାହୋଇ ପଡ଼ିଥିବା ଧାନକୁ ଧରି ପକାଇଥିଲା। ଏହାଦେଖି ଗଜେନ୍ଦ୍ର ବିଚଳିତ ହୋଇପଡ଼ିଥିଲେ। ପାଖ ବିଲର ନିଆଁକୁ ଲିଭାଇବାକୁ ବହୁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲେ। ଏହାପରେ ସେ ନିଜେ ପୋଡ଼ିହୋଇ ମୃତ୍ୟୁବରଣ କରିଥିଲେ। ଅନ୍ୟ ଚାଷୀମାନେ ସେମାନଙ୍କ ବିଲକୁ ଯିବାରେ ଗଜେନ୍ଦ୍ର ପୋଡ଼ିହୋଇ ମୃତ୍ୟୁବରଣ କରିଥିବା ଦେଖି ଡାକ ପକାଇଥିଲେ। ଡାକ ଶୁଣି ଗ୍ରାମ ତଥା ଆଖପାଖ ଗ୍ରାମର ଲୋକମାନେ ସେଠାରେ ପହଞ୍ଚି ଥାନାକୁ ଜଣାଇଥିଲେ। ଖବରପାଇ ପିପିଲି ପୋଲିସ ଏବଂ ଅରିଶଲ ଆର୍‌ଆଇ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇବା ସହିତ ତଦନ୍ତ ଚଳାଇଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୭ମ ରାଜ୍ୟସ୍ତରୀୟ ପୁସ୍ତକ ମହୋତ୍ସବ, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍ ୩, ସମୟ: ଅପରାହ୍ନ ୨ଟା।

## ବାଲେଶ୍ୱର
- ରକ୍ତଦାନ ଶିବିର,ସ୍ଥାନ:ହୋଟେଲ ହରିପ୍ଲାଜା, ବାଲେଶ୍ୱର,ସମୟ:ସକାଳ ୯ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବାଲିଆପାଳ,ସମୟ:ପୂର୍ବାହ୍ନ ୧୦ଟା।
- ଶିକ୍ଷା ସଭା, ଆସ ସ୍କୁଲ ଯିବା, ସ୍ଥାନ:ମୁରୁଣା ସରକାରୀ ପ୍ରାଥମିକ ବିଦ୍ୟାଳୟ, ସିମୁଳିଆ ସମୟ: ପୂର୍ବାହ୍ନ ୧୧ଟା।
- ବାଲେଶ୍ୱର ଉତ୍ସବର ଚତୁର୍ଥ ସନ୍ଧ୍ୟା,ସ୍ଥାନ:ପୁରୁଣା ଷ୍ଟାଡ଼ିୟମ୍ ପଡ଼ିଆ, ବାଲେଶ୍ୱର,ସମୟ:ସନ୍ଧା ୬ଟା।

## ଭଦ୍ରକ
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ପୂର୍ବତନ ଜିଲା ଉପସଭାପତି ସୁଧାକର ଧଳଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: ତାଳପଦା, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ସାଂସଦ ଖେଳ ମହୋତ୍ସବର ଉଦ୍‌ଯାପନୀ, ସ୍ଥାନ: ଆଦମପୁର, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୩ଟା।

## କେନ୍ଦୁଝର
- ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: କଳିଙ୍ଗା ଉଚ୍ଚ ବିଦ୍ୟାଳୟ, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୦ ଟା।
- ହାଟଡ଼ିହୀ କଲେଜର ବାର୍ଷିକ କ୍ରୀଡ଼ା, ସ୍ଥାନ: ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୦ଟ।୩୦।
- ସ୍ୱପ୍ନେଶ୍ୱର ଶିବ ମନ୍ଦିରରେ ରୁଦ୍ରାଭିଷେକ ଏବଂ ଭଜନ ସମାରୋହ, ସ୍ଥାନ: ଶାଳନିଆଁ, ହାଟଡ଼ିହୀ, ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, କରଞ୍ଜିଆ,ସମୟ: ପୂର୍ବାହ୍ନ ୧୦ଟା।
- ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ:ବିଜିପୁର ମାନଗୋବିନ୍ଦପୁର, ବଡ଼ସାହି, ସମୟ: ପୂର୍ବାହ୍ନ ୧୦ଟା।
- ରାଶନ କାର୍ଡ ବଣ୍ଟନ, ସ୍ଥାନ:ମ୍ୟୁନସିପାଲିଟି ପରିସର ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ସିଭିଲ ସର୍ଭିସ ପ୍ରାରମ୍ଭିକ ପରୀକ୍ଷାର ନିଃଶୁଳ୍କ କୋଚିଂ ଆରମ୍ଭ, ସ୍ଥାନ:ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା(ଆଇଟିଡିଏ) କାର୍ଯ୍ୟାଳୟ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ବାଳିକା ହଷ୍ଟେଲର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ମୋରଡ଼ା, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ଗଞ୍ଜାମ
- ରକ୍ତଦାନ ଶିବିର, ସ୍ଥାନ: ଭଞ୍ଜନଗର ବିଏଡ୍ କଲେଜ, ସମୟ: ସକାଳ ୯ ଟା।
- କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ଦିବସ, ସ୍ଥାନ: ଭଞ୍ଜନଗର କେନ୍ଦ୍ରୀୟ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ପଞ୍ଚାୟତସ୍ତରୀୟ ଜନ ଶୁଣାଣି ଶିବିର, ସ୍ଥାନ: ଦିଗପହଣ୍ଡି ବି.ତୁରୁବୁଡ଼ି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ପଞ୍ଚାୟତସ୍ତରୀୟ ଜନ ଶୁଣାଣି ଶିବିର, ସ୍ଥାନ: ବୁଗୁଡ଼ା ସଙ୍କୁରୁ ପଞ୍ଚାୟତ କାର୍ଯ୍ୟାଳୟ , ସମୟ: ପୂର୍ବାହ୍ନ ୧୦ ଟା।
- କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନର ପ୍ରତିଷ୍ଠା ଦିବସ ଓ ବାର୍ଷିକ କ୍ରୀଡ଼ା,ସ୍ଥାନ: ଆସିକା ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ
- ୫ମ ମହାକାଳେଶ୍ୱର ମହୋତ୍ସବ ଉଦଯାପନ, ସ୍ଥାନ: ଆର୍ଟ ଆଣ୍ଡ କ୍ରାଫ୍ଟ ସେଂଟର, ଢେଙ୍କାନାଳ, ସମୟ: ସନ୍ଧ୍ୟା ୫ଟା ୩୦।

## ଅନୁଗୋଳ
- କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ଦିବସ, ସ୍ଥାନ : କେନ୍ଦ୍ରୀୟ ବିଦ୍ୟାଳୟ ପରିସର , ଆଠମଲ୍ଲିକ, ସମୟ : ସକାଳ ୯ ଟା ।

## ଜଗତ୍‌ସିଂହପୁର
- ବନ୍ୟପ୍ରାଣୀ ସୁରକ୍ଷା ଉପରେ ବୈଠକ, ସ୍ଥାନ: ଧଳତଙ୍ଗଗଡ଼ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ପରିସର, ସମୟ: ପୂବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା
- ଜିଲାସ୍ତରୀୟ ପ୍ରଶାସନିକ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ଶୀତଳଭଣ୍ଡାର ଉଦ୍‌ଘାଟନ ସମାରୋହ, ସ୍ଥାନ: ଆରଏମ୍‌ସି, ଜମଧର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଡେରାବିଶ ବିଦ୍ୟୁତ ଉପଭୋକ୍ତା ସଂଘ ପକ୍ଷରୁ ଅନ୍ଦୋଳନ, ସ୍ଥାନ: ବିଦ୍ୟୁତ କାର୍ଯ୍ୟାଳୟ, ଛତା, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ଘୋଡଲାଗି ପର୍ବର ୧୯ତମ ଦିବସ, ସ୍ଥାନ: କଣ୍ଟିଲୋ ଶ୍ରୀନୀଳମାଧବ ମନ୍ଦିର, ସମୟ: ସକାଳ ୭ ଟା, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭.୩୦ଟା।, ସ୍ଥାନ: ନୟାଗଡ଼ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ୩୦।
- ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଖଣ୍ଡପଡ଼ାର ବାର୍ଷିକ କ୍ରୀଡା ଉତ୍ସବର ଉଦ୍‌ଘାଟନ ଦିବସ, ସ୍ଥାନ: ଖଣ୍ଡପଡ଼ା ମଧୁବନ କ୍ରୀଡାଙ୍ଗନ, ସମୟ: ସକାଳ ୭ଟା୩୦।
- ଧନୁଯାତ୍ରା ପାଇଁ ଗୀତାଯଜ୍ଞ, ସ୍ଥାନ: ଭାପୁର ବ୍ଲକର କାଳିଆପଲ୍ଲୀ, ସମୟ: ସକାଳ ୮ଟା।
- ମା' ବରୁଣେଇ କ୍ରିକେଟ୍ ଟୁର୍ନାମେଣ୍ଟର ଦ୍ୱାଦଶ ଦିବସରେ ବାଙ୍କୀର ରଜୀବ ସହ ବଗେଇ କ୍ରିକେଟ ଟିମ୍, ସ୍ଥାନ: କଣ୍ଟିଲୋ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ୧୬ତମ ସର୍ବଭାରତୀୟ ସଦାଶିବ ସ୍ମାରକୀ କପ କ୍ରିକେଟ୍ ଟୁର୍ନାମେଣ୍ଟର ୨ୟ ଦିବସରେ ସମ୍ବଲପୁର ବନାମ କୋଲକାତା, ସ୍ଥାନ: ଭାପୁର ବ୍ଲକ ଫତେଗଡ ନାଲିସାଗର ପଡିଆ, ସମୟ: ମଧ୍ୟାହ୍ନ ୧୨ଟା।

## ରାୟଗଡ଼ା
- ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଟ୍ରେନ ଶୁଭାରମ୍ଭ, ସ୍ଥାନ: ରାୟଗଡ଼ା ରେଳ ଷ୍ଟେଶନ, ସମୟ: ପୂର୍ବାହ୍ନ ୧୧ଟା ।
- ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ବିଭାଗୀୟ ସମୀକ୍ଷା, ସ୍ଥାନ: ପ୍ରଦିକ୍ଷଣ ଗୃହ, ରାୟଗଡ଼ା, ସମୟ: ମଧ୍ୟାହ୍ନ ୧ଟା।
- ଉପଖଣ୍ଡସ୍ତରୀୟ ଚଇତି ସାଂସ୍କୃତିକ ଉତ୍ସବ ପାଇଁ ବିତର୍କ ପ୍ରତିଯୋଗିତା, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, ଗୁଣପୁର, ସମୟ : ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର
- ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନରେ ବ୍ଲକ୍‌ସ୍ତରୀୟ କୁଇଜ୍ ପ୍ରତିଯୋଗିତା, ସ୍ଥାନ: କୋଡ଼ିଙ୍ଗା ନୋଡାଲ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ମା' କଙ୍କାଲୁଣୀଙ୍କ ବାର୍ଷିକ ଉତ୍ସବ ଦଶହରା ପାଳନ,ସ୍ଥାନ: କଙ୍କାଲୁଣୀଙ୍କ ମନ୍ଦିର ପରସର ମେଦନା, ଡାବୁଗାଁ ବ୍ଲକ୍, ସମୟ: ଅପରାହ୍ନ ୪ଟା।
- ପଲ୍ଲୀଶ୍ରୀ ମେଳା ୪ର୍ଥ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମଣ୍ଡେଇ ପଡିଆ, ନବରଙ୍ଗପୁର, ସମୟ: ରାତି ୭ଟା।
- ଅହୋରାତ୍ର ଆଦିବାସୀ ନାଟ, ସ୍ଥାନ: ମଣ୍ଡେଇ ପଡ଼ିଆ, ନବରଙ୍ଗପୁର, ସମୟ: ମଧ୍ୟରାତ୍ରି ୧୨ଟା।

## କୋରାପୁଟ
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ଗୋଲୁର ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ଗିର୍ଲା ପଞ୍ଚାୟତ, କୋଟପାଡ଼ ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଜନଶୁଣାଣି, ସ୍ଥାନ: ନାରାୟଣପାଟଣା ବ୍ଲକ ସଭାଗୃହ, ସମୟ:ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ମରିଚମାଲ ପଞ୍ଚାୟତ କାର୍ଯ୍ୟାଳୟ, ମରିଚମାଲ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ,ରାଜପଲମା ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଅନାସ୍ଥା ପ୍ରସ୍ତାବ ଆଣିଥିବା ୱାର୍ଡସଭ୍ୟଙ୍କ ଦସ୍ତଖତ ଯାଞ୍ଚ, ସ୍ଥାନ: ବାଲଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- କେନ୍ଦ୍ରୀୟ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ଏନ୍‌କେଟି ରୋଡ, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।
- ରାଜସ୍ୱ ଓ ବନବିଭାଗ ଦ୍ୱାରା ଜମି ଯାଞ୍ଚ, ସ୍ଥାନ: ରାଣୀଡୁଡୁମା ପରିସର, ନନ୍ଦପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।

## ସମ୍ବଲପୁର
- ଜିଲା ପ୍ରଶାସନ ଆୟୋଜନରେ ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ: ରେଙ୍ଗାଲି ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ରଜ ମହୋତ୍ସବ-୨୦୨୫, ସ୍ଥାନ: ସାକ୍ଷୀପଡା ସ୍ଥିତ ଲତା ଘନଶ୍ୟାମ ମଣ୍ଡପ, ସମୟ: ଅପରାହ୍ନ ୨ଟା।
- ପଶ୍ଚିମ ଓଡ଼ିଶା ଦିବ୍ୟ ଜୀବନ ସଂଘର ତ୍ରିଦିବସୀୟ ଆଧ୍ୟାତ୍ମିକ ସମ୍ମିଳନୀର ଉଦ୍‌ଯାପନୀ ସମାରୋହ, ସ୍ଥାନ: ଅମୃତ ବିହାର ପରିସରସ୍ଥ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟ, ସମୟ: ଅପରାହ୍ନ ୫ଟା।

## ବଲାଙ୍ଗୀର
- ମଠଖାଇ ମହୋତ୍ସବ ଶୁଭସ୍ତମ୍ଭ ସ୍ଥାପନ, ସ୍ଥାନ: ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡିଆ, ସମୟ: ସକାଳ ୮ଟା।

## ରାଉରକେଲା
- ବୈଭବ ଅନୁଷ୍ଠାନ ପକ୍ଷରୁ ପାଠ୍ୟୋପକରଣ ବଣ୍ଟନ ଓ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୫ ଗୋଲଘର ବସ୍ତି, ସମୟ: ପୂର୍ବାହ୍ନ ୧୦ଟା।
- ଗିନିଜ ରେକର୍ଡ ଦୌଡ଼ ସମାପନ କାର୍ଯ୍ୟକ୍ରମ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।

## କଳାହାଣ୍ଡି
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: କେସିଙ୍ଗା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତିରାଜ ମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ, ସାଧାରଣ ସଭା, ସ୍ଥାନ: ଗୋଲାମୁଣ୍ଡା ବ୍ଲକ ଶିବାଜୀ ଷ୍ଟାଡିୟମ, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ବୌଦ୍ଧ
- ଜିଲାସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ବାବା ବୈଦ୍ୟନାଥ ଉଚ୍ଚ ବିଦ୍ୟାଳୟ ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ଆଧ୍ୟାତ୍ମିକ ଧନୁଯାତ୍ରା ନାଟ୍ୟୋତ୍ସବର ଷଷ୍ଠ ଦିବସ, ସ୍ଥାନ: ଭୈରବୀ ଖେଳ ପଡିଆ ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ତିଲେଇବଣି ବ୍ଲକ ଢୋଲପଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ଦେବଗଡ଼ ମଠସାହି ମା'କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସୋନପୁର ରୟାଲ ପଡ଼ିଆ, ସମୟ: ଅପରାହ୍ନ ୨ଟା।
- ଧାନମଣ୍ଡି ଉଦ୍‌ଘାଟନ, ସ୍ଥାନ: ବହଳପଦର,ବୀରମହାରାଜପୁର ବ୍ଲକ, ସମୟ: ଅପରାହ୍ନ ୩ଟା।
- ଗ୍ରାମ୍ୟ ପରିଚାଳନା କମିଟିର ବୈଠକ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା
- ଡିଏଲ୍‌ଏସ୍‌ଏ ନୂଆପଡ଼ା ପକ୍ଷରୁ ୫ ଦିନିଆ ମଧ୍ୟସ୍ଥତା ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟନ, ସ୍ଥାନ: ଡିଆର୍‌ପିସି ସିଲାଦା ନୂଆପଡ଼ା, ସମୟ: ସକାଳ ୯ଟା ୧୫।
- ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ମେଳା, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ଖଡିଆଳ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ବର୍ଦ୍ଧିତ ଶୁଣାଣି ଶିବିର, ସ୍ଥାନ: ଖଡିଆଳ ବ୍ଲକ ରିଶଗାଁ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।

## ଝାରସୁଗୁଡ଼ା
- ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, କୋଲାବିରା, ସମୟ:ପୂର୍ବାହ୍ନ ୧୦ଟା।

# ଚର୍ଚ୍ଚାରେ ଅର୍ଚ୍ଚିତାଙ୍କ ବାହାଘର ଭୋଜି

ଭୁବନେଶ୍ୱର,୧୪।୧୨
(ରବିନାରାୟଣ ଜେନା)

ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ସୁକନ୍ୟା ଅର୍ଚ୍ଚିତା ଷଡ଼ଙ୍ଗୀଙ୍କ ବିବାହ ଉପଲକ୍ଷେ ବରମୁଣ୍ଡା ପଡ଼ିଆରେ ଅନୁଷ୍ଠିତ ବିବାହ ଭୋଜିକୁ ନେଇ ରବିବାର ରାଜଧାନୀରେ ବେଶ୍ ଚର୍ଚ୍ଚା ପରିଲକ୍ଷିତ ହୋଇଛି। ପ୍ରାୟ ୩୦ହଜାର ଲୋକ ଏହି ଭୋଜିରେ ସାମିଲ ହୋଇଥିବାବେଳେ ରାଜ୍ୟ ତଥା ଦେଶର ବହୁ ନାମୀଦାମୀ ନେତାଙ୍କୁ ବରବଧୂଙ୍କୁ ଆର୍ଶୀବାଦ ଦେଉଥିବା ଦେଖିବାକୁ ମିଳିଥିଲା। ତେବେ ବହୁ ରାଜନେତା, ନେତା, ଅମଲା ଏହି ବିବାହ ଭୋଜି ସମୟରେ ଉଠାଇଥିବା ଦୃଶ୍ୟକୁ ନିଜ ଫେସ୍‌ବୁକରେ ଅପଲୋଡ୍ କରିଥିବା ପରିଲକ୍ଷିତ ହୋଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ସପ୍ତମସ୍ଥ ଚନ୍ଦ୍ର ଏବଂ ଉଚ୍ଚାରୋହୀ ରାଶ୍ୟାଧିପତିଙ୍କ କାରଣରୁ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ପାଇବେ। କେତୁଙ୍କ କୁପ୍ରଭାବରୁ ସନ୍ତାନ ହେତୁକ ସମସ୍ୟା ବିବ୍ରତ କରିପାରେ। ପରୋକ୍ଷ ଶତ୍ରୁତାରୁ ବ୍ୟବସାୟ ଓ ବାଣିଜ୍ୟ ବାଧାପ୍ରାପ୍ତ ହୋଇପାରେ। ପରିଶ୍ରମଜନିତ କ୍ଲାନ୍ତି ଅନୁଭବ କରିପାରନ୍ତି।

**ବୃଷ** ସ୍ଥଗିତ କାମକୁ ସମ୍ପନ୍ନ କରିବାରେ ବନ୍ଧୁଙ୍କ ସାହାଯ୍ୟ ସହଯୋଗ ଲୋଡ଼ିପାରିବେ। ବିଭିନ୍ନ ପ୍ରକାର ଘରୋଇ ଝମେଲା କାରଣରୁ ମନଟା ଭଲ ରହିବ ନାହିଁ। ପୁଣି କେତେକ କାମରେ ମନ ବଳାଇବେ, ଯାହାକି ଅନର୍ଥର କାରଣ ହୋଇପାରେ। ଆନୁଷ୍ଠାନିକ କାମରେ ସହଯୋଗ ସକାଶେ ବନ୍ଧୁଙ୍କ ନିମନ୍ତ୍ରଣ ପାଇପାରନ୍ତି।

**ମିଥୁନ** ଦୈହିକ ଦୁର୍ବଳତା ହେତୁ ସ୍ଥଗିତ କାର୍ଯ୍ୟ ସମ୍ପନ୍ନ ସକାଶେ ବନ୍ଧୁଙ୍କ ଉପରେ ନିର୍ଭର କରିବେ। ବନ୍ଧୁଙ୍କ କଥାକୁ ଓଲଟା ବୁଝି ମନକୁ ଭାରାକ୍ରାନ୍ତ କରିପାରନ୍ତି । ସଭାସମିତିରେ ନିଷ୍ପତ୍ତି ବଦଳାଇବା ପାଇଁ ଅନ୍ୟମାନଙ୍କର ସାହାଯ୍ୟ ନେବାକୁ ପଡ଼ିପାରେ। ନୂତନ କର୍ମାରମ୍ଭ ସକାଶେ ଅଧିକ ପୁଞ୍ଜିର ଆବଶ୍ୟକତା ଅନୁଭବକରିବେ।

**କର୍କଟ** ସମସ୍ୟା ଲାଗିରହୁଥିବାରୁ ପାରିବାରିକ ଅସ୍ଥିରତା ମାନସିକ ଅବସାଦର କାରଣ ହେବ। ଅର୍ଥ ସଙ୍କଟ ହେତୁ ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ପ୍ରତିବନ୍ଧକ ସୃଷ୍ଟି ହେବ। ଭାବପ୍ରବଣତାଜନିତ ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ବନ୍ଧୁଙ୍କ ସହ ଆଲୋଚନା କାଳରେ ରାଗି ଅନର୍ଥ ଓ ଶତ୍ରୁତା ସୃଷ୍ଟି କରିପାରନ୍ତି।

**ସିଂହ** ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂରଯାତ୍ରା କରିବାକୁ ପଡ଼ିପାରେ। ଦେହ ଭଲ ରହିବ, ମାତ୍ର କଠିନ ପରିଶ୍ରମ କିମ୍ବା ବିଶେଷ ଭ୍ରମଣଜନିତ କ୍ଲାନ୍ତିବୋଧ କରିବେ। ବିଭିନ୍ନ ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବା ସମ୍ଭାବନା ରହିଛି। ଆଲୋଚନା ପରିସରରେ ଅପ୍ରିୟ ସତ୍ୟ କହି ସହକର୍ମୀଙ୍କ ଚକ୍ଷୁଶୂଳ ହୋଇପାରନ୍ତି।

**କନ୍ୟା** ପାରିବାରିକ ସମସ୍ୟା ପାଇଁ ମାନସିକ ସ୍ଥିତି ଭଲ ରହିବନାହିଁ। କୌଣସି ଖଳଲୋକଙ୍କ କଥାରେ ପଡ଼ି ଭୁଲ୍ ମାର୍ଗର ଅନୁସରଣକଲେ ହଇରାଣ ହେବେ। ଅବହେଳା ଯୋଗୁ କେତେକ କାମ ପାଇଁ ଅନ୍ୟର ସାହାଯ୍ୟ ନେବେ। କଚେରି ମାମଲା, ସଭାସମିତି, ସଂଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ।

**ତୁଳା** ଆଜି କାମ ହାସଲ ସକାଶେ ବିରୋଧ ଓ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବନ୍ଧୁଙ୍କୁ ବିଭିନ୍ନ କଥା କହିବା କାରଣରୁ ବିବାଦ ବଢ଼ିପାରେ। ଗୁରୁଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ହେତୁ ଏକ ପ୍ରକାର ଆଶ୍ୱସ୍ତି ଲାଭକରିବେ । ଶିଳ୍ପ, ବାଣିଜ୍ୟ, ରାଜନୀତି, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ବିଛା** ଟିକିଏ ଟିକିଏ କଥାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟହେବାରୁ ରାଗିପାରନ୍ତି। ଅନୁରାଧା ନକ୍ଷତ୍ର ସକାଶେ ସହକର୍ମୀଙ୍କ ବଦାନ୍ୟତାରୁ ଅର୍ଥ ଓ ସମ୍ମାନ ପାଇ ମନ ଖୁସି ହୋଇଯିବ। ସାହିତ୍ୟ, ସାମ୍ବାଦିକତା, ରାଜନୀତି, ସଙ୍ଗଠନ ଓ କ୍ରୀଡ଼ାରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** ପଡ଼ୋଶୀଙ୍କ ଭୁଲ୍ ପରାମର୍ଶ ବାଟବଣା କରିପାରେ। ସହକର୍ମୀଙ୍କଠାରୁ କୌଣସି ଖବର ପାଇ ନିଜକୁ ପ୍ରସ୍ତୁତ ରଖିବାକୁ ଚେଷ୍ଟା କରିପାରନ୍ତି। ପଦସ୍ଥ ବ୍ୟକ୍ତିଙ୍କ ସମ୍ମୁଖରେ ପ୍ରିୟ କଥା କହି ସମସ୍ୟା ସୁଧାରିନେବାର ଉଦ୍ୟମ ଚଳାଇପାରନ୍ତି। ଅସହିଷ୍ଣୁ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି ବାଧିଲା ଭଳି ଅପଶବ୍ଦ କହିପାରନ୍ତି।

**ମକର** ସାଂସ୍କୃତିକ କାର୍ଯ୍ୟରେ ବନ୍ଧୁମାନେ ଆପଣଙ୍କୁ ଅର୍ଥ, ମିତ୍ରତା, ମିଷ୍ଟାନ୍ନ ଭୋଜନାଦିରେ ଆପ୍ୟାୟିତ କରିପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଓ ବନ୍ଧୁଙ୍କ ସହ ପ୍ରୀତିପ୍ରଦ ଆଲୋଚନା କରିବେ। ପିଲାଙ୍କ କଳହକୁ କେନ୍ଦ୍ରକରି ପଡ଼ୋଶୀ ଲଘୁକ୍ରୋଧ ପ୍ରକାଶ କରିବେ। ସନ୍ତାନଙ୍କ ବିବାହ ସମ୍ବନ୍ଧରେ ପଡ଼ୋଶୀଙ୍କ ଅବଦାନ ରହିବ।

**କୁମ୍ଭ** କର୍ମକ୍ଷେତ୍ରର ସମସ୍ୟା ସମାଧାନ ସକାଶେ ଚେଷ୍ଟା କରି ସଫଳତା ପାଇବେ। ଆର୍ଥିକ ଉନ୍ନତି ଘଟିବ, ଯଦିଓ ଏଥିପାଇଁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ। ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ବ୍ୟବସାୟ, ପରିବହନରୁ ଲାଭ ପାଇପାରନ୍ତି। ପରିବାରର ଆବଶ୍ୟକତା ଅନୁଭବକରି ନୂତନ ଯାନ୍ତ୍ରିକ ଜିନିଷ କିଣିବା ସକାଶେ ମନ ବଳାଇପାରନ୍ତି।

**ମୀନ** ଅନୁକୂଳ ଗ୍ରହ ସ୍ଥିତିରୁ ଆଜିର କାମ ସହଜ ଓ ସୁବିଧାରେ ସମ୍ପନ୍ନ ହେବ। ଆତ୍ମୀୟଙ୍କ ସହଯୋଗରୁ ପ୍ରାପ୍ୟ ଅର୍ଥ ଓ ସମ୍ମାନ ପାଇବାରେ ଅସୁବିଧା ହେବନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଉପରିସ୍ଥଙ୍କ ଆଦେଶ ପ୍ରାପ୍ତହୋଇ କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରିପାରନ୍ତି।

ଆଜି ଡିସେମ୍ବର ୧୫ ତାରିଖ, ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ତିରୋଧାନ ଦିବସ, ପୌଷ କୃଷ୍ଣପକ୍ଷର ସ୍ମାର୍ତସମ୍ମତ ସଫଳା ଏକାଦଶୀ,ମାସାନ୍ତ ସୋମବାର । ରାଶିନକ୍ଷତ୍ର-ଚିତ୍ରା/ତୁଳା, ଦିବା ଘ.୧୧।୦୮ ମି. ଗତେ ସ୍ୱାତୀନକ୍ଷତ୍ର, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୧୭ ଗତେ ଘ.୦୭।୩୮ ମଧ୍ୟେ, ଘ.୦୯।୧୦ ଗତେ ଘ.୧୧।୨୦ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭। ୩୮ ଗତେ ଘ.୦୮।୫୯ ମଧ୍ୟେ ରାହୁକାଳ ।

## ନୀତିନ ନବୀନ ଭାଜପା ...

ଏକ ବିବୃତିରେ ଜଣାଇଛନ୍ତି। ୬୫ ବର୍ଷୀୟ ଜେ.ପି. ନଡ୍ଡାଙ୍କୁ ୨୦୨୦ରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ନିଯୁକ୍ତ କରାଯାଇଥିଲା। ତେବେ ଅବଧି ଶେଷ ହେବା ପରେ ମଧ ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ତାଙ୍କ ଅବଧି ବୃଦ୍ଧି କରାଯାଇଥିଲା। କାୟସ୍ଥ ସମୁଦାୟର ଯୁବ ଚେହେରା ନୀତିନ ଆଗକୁ ନଡ୍ଡାଙ୍କ ସ୍ଥାନରେ ଦଳର ମଙ୍ଗ ଧରିପାରନ୍ତି ବୋଲି ମନେକରାଯାଉଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପାର ବରିଷ୍ଠ ନେତାମାନେ ନୀତିନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଆମ୍ବ ବଉଳ, ମାଛ ମଞ୍ଜି,
ଖଚୁଆ ତୁଣ୍ଡ, ନାହାକ ପାଞ୍ଜି,
ସତ କେତେ ମିଛ କେତେ ।**

ଆମ୍ବ ବଉଳ ଉପରେ ଭରସା ନ ଥାଏ। ମାଛ ମଞ୍ଜି ବା ବିହନ ସେମିତି ସବୁବେଳେ ମିଳି ନ ଥାଏ। ମିଛୁଆ ବ୍ୟକ୍ତିଙ୍କ କଥାରେ ଆଦୌ ସତ୍ୟତା ନ ଥାଏ। ସେହିପରି ନାହାକ ପାଞ୍ଜି ଦେଖି ଯାହା ଗଣନା କରିଥାଏ ତାହା ମଧ ସମ୍ପୂର୍ଣ୍ଣ ସତ୍ୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆମ୍ବୁଲ ମାଠିଆ ଯେଉଁଠି,
ବୁଢ଼ୀ ଗଡ଼ି ଗଡ଼ି ଯାଇ ସେଇଠି ।**

ସାଧାରଣତଃ ଝିଅମାନେ ଖଟା ବା ଆଚାରପ୍ରିୟ ହୋଇଥାନ୍ତି। ଏଭଳି ସ୍ଥିତିରେ ବୟସ୍କା ମହିଳା ଜଣକ ଖଟା ଖାଇବା ନେଇ ନିଜ ଲୋଭକୁ ସମ୍ବରଣ କରିପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ସିଡ୍‌ନୀରେ ଆତଙ୍କବାଦୀ ...

ବିଅର ଧରି ଯାଉଥିବାବେଳେ ଗୁଳିଗୋଳାର ଶବ୍ଦ ଶୁଣି ବୋତଲଗୁଡ଼ିକୁ ଫୋପାଡ଼ି ଦେଇଥିଲେ। ସେହି ସମୟରେ ଉତ୍ସବ ପାଳନ କରୁଥିବା ଲୋକେ କିପରି ଗୁଳିମାଡ଼ରେ ଟଳିପଡୁଥିଲେ, ତାହା ଦେଖି ବିଚଳିତ ହୋଇଯାଇଥିଲେ।

ଇତିମଧ୍ୟରେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନି ଆଲ୍‌ବାନିସ୍ କହିଛନ୍ତି, ବଣ୍ଡାଇର ଆସୁଥିବା ଦୃଶ୍ୟ ଅତ୍ୟନ୍ତ ହୃଦୟବିଦାରକ। ଲୋକଙ୍କ ଜୀବନ ବଞ୍ଚାଇବା ପାଇଁ ପୋଲିସ ଓ ଏମର୍ଜେନ୍ସି ଟିମ୍‌କୁ ନିୟୋଜିତ କରାଯାଇଛି। ଲୋକେ ସ୍ଥାନୀୟ ପୋଲିସର ପରାମର୍ଶ ଗ୍ରହଣ କରି ଚଳନ୍ତୁ। ସେ ଏହାକୁ ଏକ ଲଜ୍ଜାକର ଆକ୍ରମଣ ବୋଲି ଅଭିହିତ କରିଛନ୍ତି। ଏହା ପଛରେ ଯେଉଁମାନେ ଅଛନ୍ତି, ସେମାନଙ୍କୁ ଉଚିତ ଦଣ୍ଡ ଦିଆଯିବ। ଇସ୍ରାଏଲ୍‌ର ଗାଜା ଆକ୍ରମଣ ପରଠୁ ବିଶ୍ୱର ବିଭିନ୍ନ ଭାଗରେ ଇହୁଦୀଙ୍କୁ ହମାସ୍ ଆତଙ୍କବାଦୀମାନେ ଟାର୍ଗେଟ କରୁଥିବାରୁ ଏହା ପଛରେ ମଧ ଇରାନ୍ ସମର୍ଥିତ ପାଲେଷ୍ଟିନୀୟ ଆତଙ୍କବାଦୀ ସଙ୍ଗଠନ ହମାସ୍ ଥାଇପାରେ ବୋଲି ସନ୍ଦେହ ଦୃଢ଼ୀଭୂତ ହୋଇଛି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋସିଆଲ ମିଡିଆରେ ଏହି ଆକ୍ରମଣକୁ ଦୃଢ଼ନିନ୍ଦା କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

ଅଷ୍ଟ୍ରେଲିଆରେ ବନ୍ଧୁକ ହିଂସା ପ୍ରାୟତଃ ଦେଖିବାକୁ ମିଳି ନ ଥାଏ। ୧୯୯୬ରେ ପୋର୍ଟ ଆର୍ଥର ସହରରେ ଜଣେ ବନ୍ଧୁକଧାରୀ ଗୁଳିକାଣ୍ଡ ଘଟାଇଥିଲେ। ତାଙ୍କ ଆକ୍ରମଣରେ ୩୫ ଜଣଙ୍କ ମୃତ୍ୟୁ ଘଟିଥିଲା। ସେହିପରି ୨୦୧୪ ଓ ୨୦୧୮ରେ ଘଟିଥିବା ଆକ୍ରମଣରେ ଯଥାକ୍ରମେ ୫ ଓ ୭ ଜଣଙ୍କ ପ୍ରାଣହାନି ଘଟିଥିଲା। ସେହିପରି ୨୦୨୨ରେ କୁଇନ୍ସଲାଣ୍ଡ ରାଜ୍ୟରେ ଜଣେ ଖ୍ରୀଷ୍ଟିଆନ୍ କଠୋରପନ୍ଥୀଙ୍କ ଗୁଳିମାଡ଼ରେ ୨ ପୋଲିସ ଅଧିକାରୀଙ୍କ ମୃତ୍ୟୁ ଘଟିଥିଲା।

## ବିଳମ୍ବିତ ନ୍ୟାୟ ଲୋକଙ୍କ ...

ୟ ନ୍ୟାୟିକ ପ୍ରକ୍ରିୟାର ଯଥେଷ୍ଟ ଉନ୍ନତି ହୋଇଛି। ଯେକୌଣସି ସ୍ଥାନରେ ଥାଇ ବି ଜଣେ ହାଇକୋର୍ଟ ଅଥବା ସୁପ୍ରିମକୋର୍ଟରେ ମାମଲା ଦାୟର କରିପାରୁଛନ୍ତି। ବୈଷୟିକ ଜ୍ଞାନକୌଶଳର ଉପଯୋଗ ଦ୍ୱାରା ନ୍ୟାୟିକ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିଛି, ଯାହାକି କୋଭିଡ୍ ମହାମାରୀ ସମୟରେ ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହୋଇଛି ବୋଲି ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ ମତପୋଷଣ କରିଛନ୍ତି।

ମୁଖ୍ୟବକ୍ତା ଭାବେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ ଯୋଗଦେଇ କହିଲେ, ନ୍ୟାୟ ସାଧାରଣ ଲୋକଙ୍କ ସନ୍ତୁଷ୍ଟି ପାଇଁ ହେବା ଦରକାର। ନ୍ୟାୟାଳୟଗୁଡ଼ିକରେ ଦିନକୁ ଦିନ ମାମଲାର ବୋଝ ବଢ଼ିବାରେ ଲାଗିଛି। ଏସବୁ ପ୍ରତିହତ କରିବା ପାଇଁ ମାମଲା ଅଦାଲତକୁ ଯିବା ପୂର୍ବରୁ ମଧ୍ୟସ୍ଥତା ଜରିଆରେ ସମାଧାନ ପାଇଁ ଉଦ୍ୟମ କରାଯିବା ଦରକାର। ବର୍ତ୍ତମାନର କୃତ୍ରିମ ବୁଦ୍ଧିମତ୍ତା ଯୁଗରେ ନ୍ୟାୟିକ ବ୍ୟବସ୍ଥାର ଦକ୍ଷତା ବୃଦ୍ଧି ପାଇଛି। ମାମଲାର ଗୁରୁତ୍ୱ ଦେଖି ଅଗ୍ରାଧିକାର ଭିତ୍ତିରେ ଶୁଣାଣି କରାଯିବା ଆବଶ୍ୟକତା ରହିଛି ବୋଲି ଜଷ୍ଟିସ ଟଣ୍ଡନ ମତବ୍ୟକ୍ତ କରିଛନ୍ତି।

ସମ୍ମାନିତ ଅତିଥି ଭାବେ ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଏବଂ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ସଭାପତି ସୀତାଂଶୁ ମୋହନ ଦ୍ୱିବେଦୀ ବକ୍ତବ୍ୟ ପ୍ରଦାନ କରିଥିଲେ। ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ବରିଷ୍ଠ ଆଇନଜୀବୀ ମନୋଜ କୁମାର ମିଶ୍ର ପ୍ରାରମ୍ଭିକ ସୂଚନା, ସମ୍ପାଦକ ଅଭିଜିତ ପଟ୍ଟନାୟକ ସ୍ୱାଗତ ଭାଷଣ ଏବଂ ଉପସଭାପତି ସିଦ୍ଧାର୍ଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ ଓ ମୁଖ୍ୟ ବିଚାରପତି ଜଷ୍ଟିସ ଟଣ୍ଡନଙ୍କୁ ହାଇକୋର୍ଟ ବାର୍ ଆସୋସିଏଶନ୍ ସମେତ ଅନ୍ୟ ବାର୍ ଆସୋସିଏଶନ୍ ପକ୍ଷରୁ ସ୍ମୃତିଚିହ୍ନ, ଫୁଲତୋଡ଼ା ଏବଂ ଅଙ୍ଗବସ୍ତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଓଡ଼ିଶା ହାଇକୋର୍ଟରେ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଆଇନ ପେସାରେ ନିୟୋଜିତ ଥିବା ବିଜୟ କୁମାର ମହାନ୍ତି, ଭକ୍ତହରି ମହାନ୍ତି, ଜଗନ୍ନାଥ ପଟ୍ଟନାୟକ, ସୁରେନ୍ଦ୍ରନାଥ କର, ନରସିଂହ ପାତ୍ର, ଉମାବଲ୍ଲଭ ମହାପାତ୍ର, ବାସୁଦେବ ପଣ୍ଡା, ସତ୍ୟସୁନ୍ଦର ଦାଶ ଏବଂ ଦର୍ପହରି ଧଳ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ମିକ୍ସଡ୍ ଡବଲ୍ସରେ ଜଷ୍ଟିସ ସାବିତ୍ରୀ ରଥ ଓ ଜଷ୍ଟିସ ଭି. ନରସିଂହ ଏବଂ ୱିମେନ ସିଙ୍ଗଲସ୍‌ରେ ଜଷ୍ଟିସ ସାବିତ୍ରୀ ରଥଙ୍କୁ ଶ୍ରେଷ୍ଠ ଭାବେ ସମ୍ମାନିତ କରାଯାଇଥିଲା। ବିଚାରପତି ଶିବଶଙ୍କର ମିଶ୍ର ଓ ଆଇନଜୀବୀ ସଞ୍ଜୟ କୁମାର ମହାପାତ୍ରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁ ବିଚାରପତି, ଅବସରପ୍ରାପ୍ତ ବିଚାରପତି, ବରିଷ୍ଠ ଆଇନଜୀବୀ, ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ନିମନ୍ତ୍ରିତ ଅତିଥି ଉପସ୍ଥିତ ଥିଲେ।

## ପୋଲିସ ହେପାଜତରେ ...

ହୋହଲ୍ଲା କରିଥିଲେ। ଖବରପାଇ ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକ, ବାଲୁଗାଁ ଥାନା ଅଧିକାରୀ ଜୟପ୍ରକାଶ ପରିଡ଼ା ପ୍ରମୁଖ ପୋଲିସ ଫୋର୍ସ ସହ ବାଣପୁର ଥାନାରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ତେବେ ଛବୀନ୍ଦ୍ର ଗୁରୁତର ଥିବାବେଳେ ପୋଲିସ ତାଙ୍କୁ ଆମ୍ବୁଲାନ୍ସରେ ନ ଆଣି ନିଜ ଭ୍ୟାନରେ କାହିଁକି ଆଣିଲା ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ଏନେଇ ଛବୀନ୍ଦ୍ରଙ୍କ ସ୍ତ୍ରୀ ରୀତା ନାୟକ କହିଛନ୍ତି ଯେ, କୌଣସି କାମରେ ସେ ନୟାଗଡ଼ ଆସିଥିବା ବେଳେ ଛବୀନ୍ଦ୍ର ଏକୁଟିଆ ଘରେ ଥିଲେ। ଶନିବାର ରାତିରେ ବାଣପୁର ପୋଲିସ ଛବୀନ୍ଦ୍ରଙ୍କୁ ଉଠାଇ ନେଇ ମାରିଦେଇଛି। ଏପରିକି ସକାଳେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିଥିବା ସମ୍ପର୍କରେ ନ ଜଣାଇ ଅସୁସ୍ଥ ଥିବା କହି ଡାକ୍ତରଖାନାକୁ ଆସିବା ପାଇଁ ପୋଲିସ ଖବର ଦେଇଥିଲା ବୋଲି ରୀତା ଅଭିଯୋଗ କରିଛନ୍ତି। ଏନେଇ ବାଣପୁର ଥାନା ଅଧିକାରୀ ରମେଶ କୁମାର ଦେବତା କହିଛନ୍ତି, ଛବୀନ୍ଦ୍ରଙ୍କ ବିପି ଲୋ' ହୋଇ ଗୁରୁତର ହୋଇପଡ଼ିବାରୁ ବାଣପୁର ମେଡିକାଲ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ତାଙ୍କୁ ପୋଲିସ ଭ୍ୟାନରେ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା। ଛବୀନ୍ଦ୍ରଙ୍କ ସହ ଆଉ ଜଣେ ମଦ ବେପାରୀ ହଳନ୍ଦା ଗ୍ରାମର ବିଦ୍ୟାଧର ନାୟକଙ୍କୁ ମଧ ଉକ୍ତ ରାତିରେ ଥାନାକୁ ଅଣାଯାଇଥିଲା। ପୋଲିସ ସେମାନଙ୍କୁ କୌଣସି ନିର୍ଯାତନା ଦେଇନାହିଁ ବୋଲି ଦେବତା ପ୍ରକାଶ କରିଛନ୍ତି।

## ହାତୀକୁ ଖାଦ୍ୟରେ ...

ଚିକିତ୍ସାଳୟରେ ରଖି ଚିକିତ୍ସା କରାଯାଉଛି। ଅନାହାର ଓ ସଂକ୍ରମଣ ବୃଦ୍ଧି ଯୋଗୁ ହାତୀଟି ଏବେ ମୃତ୍ୟୁ ସହ ସଂଗ୍ରାମ କରୁଛି।

ଆର୍‌ସିସିଏଫ୍ ଗୋଗିନେନୀ କୁହନ୍ତି, ହାତୀର ଜିଭଟି ଏକ ତୃତୀୟାଂଶ ଛିଣ୍ଡି ଯାଇଥିବା ବେଳେ ସଂକ୍ରମଣ ବୃଦ୍ଧି ପାଇଛି। ଡାକ୍ତରୀ ଟିମ୍ ତା'ର ଚିକିତ୍ସା ଜାରି ରଖିଛନ୍ତି। ତଦନ୍ତ ପରେ ବିସ୍ଫୋରଣଜନିତ ଘଟଣା ହୋଇଥିଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କୁହନ୍ତି, ଏହା ଏକ ଜଘନ୍ୟ ଅପରାଧ । ଏଭଳି ନୃଶଂସ କାର୍ଯ୍ୟ କରିଥିବା ଅଭିଯୁକ୍ତଙ୍କୁ ହତ୍ୟା ଭଳି ଆଇନରେ ଦଣ୍ଡିତ କରାଯିବା ଉଚିତ। ପରିବେଶବିତ୍ ସଂଯୁକ୍ତା ବସା କୁହନ୍ତି, ବାଣ ବିସ୍ଫୋରଣ ପାଇଁ ହାତୀର ଜିଭ ଛିଣ୍ଡିଛି। ଏଭଳି କ୍ରୂର ଘଟଣାକୁ ସେ ଦୃଢ଼ ନିନ୍ଦା କରିଛନ୍ତି। ତେବେ ଜଙ୍ଗଲୀ ବାର୍ହା ଶିକାର କିମ୍ବା ବନ୍ୟଜନ୍ତୁଙ୍କୁ ଭୟଭୀତ କରିବା ପାଇଁ ବିଶେଷତଃ ଚାଷୀମାନେ ପନିପରିବା କିମ୍ବା ଫଳଜାତୀୟ ଖାଦ୍ୟରେ ବିସ୍ଫୋରକ ଭର୍ତ୍ତି କରି ବ୍ୟବହାର କରିଥାନ୍ତି। ଏହିଭଳି ଅମାନବୀୟ ଆକ୍ରୋଶର ଶିକାର ହୋଇ ମାଈହାତୀଟି ମୃତ୍ୟୁସହ ସଂଗ୍ରାମ କରୁଥିବା ଚର୍ଚ୍ଚା ହେଉଛି।

# ଧର୍ମଶାଳାରେ ରାଜନୈତିକ ହିଂସା





■ ହିମାଂଶୁ, ପ୍ରଣବଙ୍କ ସମର୍ଥକଙ୍କ ମଧ୍ୟରେ ଗଣ୍ଡଗୋଳ
■ ଭାଜପା, ବିଜେଡିର ୩ ଗୁରୁତର

ଯାଜପୁର,୧୪।୧୨(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ଧର୍ମଶାଳା ନିର୍ବାଚନମଣ୍ଡଳୀରେ ରାଜନୈତିକ ହିଂସା ସୃଷ୍ଟି ହୋଇଛି। ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ଓ ବିଧାୟକ ହିମାଂଶୁ ଶେଖର ସାହୁଙ୍କ ସମର୍ଥକଙ୍କ ମଧ୍ୟରେ ନିୟମିତ ବ୍ୟବଧାନରେ ଗଣ୍ଡଗୋଳ, ଭଙ୍ଗାରୁଜା, ଆରୋପ ପ୍ରତ୍ୟାରୋପ ଆଦି ଲାଗିରହିଛି। ରବିବାର ଅପରାହ୍ନ ପ୍ରାୟ ୧ଟାରେ ଜେନାପୁର ଥାନା ଅନ୍ତର୍ଗତ ଗଡ଼ମଧୁପୁର ପଞ୍ଚାୟତ ପଞ୍ଚେଶ୍ୱରୀ ମନ୍ଦିର ନିକଟରେ ଭାଜପା କର୍ମୀ ସୁନୀଲ ପଣ୍ଡା ଏବଂ ତାଙ୍କର କେତେଜଣ ସହଯୋଗୀଙ୍କୁ ୬ ବିଜେଡି କର୍ମୀ ରଡ୍‌ରେ ମରଣାନ୍ତକ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଏହି ଘଟଣାର ପ୍ରାୟ ୨ ଘଣ୍ଟା ପରେ କେତେଜଣ ଭାଜପା କର୍ମୀ ଗଡ଼ମଧୁପୁର ପନ୍ଥୁରୀ ଫାର୍ମହାଉସରେ ପଶି ବିଜେଡି କର୍ମୀଙ୍କୁ ଆକ୍ରମଣ କରିବା ସହ ଗାଡ଼ି ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାଦ୍ୱୟରେ ଭାଜପାର ଜଣେ ଏବଂ ବିଜେଡିର ୨ କର୍ମୀ ଗୁରୁତର ହୋଇଛନ୍ତି। ଉଭୟ ଦଳର ୨୧ ଜଣ ଆହତ ହୋଇଥିବା ସୂଚନା ମିଳିଛି। ଗୁରୁତର ଭାଜପା କର୍ମୀ ସୁନୀଲଙ୍କ ଭାଇ ସୁମନ୍ତ ପଣ୍ଡା ଥାନାରେ କରିଥିବା ଅଭିଯୋଗ ଅନୁସାରେ, ଚଢ଼େଇଧରାରୁ ସୁନୀଲ ଓ ତାଙ୍କ ସହଯୋଗୀ ନିଜ ଗ୍ରାମ ନରସିଂହପୁରକୁ ଫେରୁଥିଲେ। ପଞ୍ଚେଶ୍ୱରୀ ମନ୍ଦିର ନିକଟରେ କେତେଜଣ ଯୁବକ ଭୋଜି କରୁଥିଲେ। ହଠାତ୍ ସୁନୀଲଙ୍କ ଗାଡ଼ିକୁ ଦେଖି ଯୁବକମାନେ ରାସ୍ତାରେ ଅଟକାଇଥିଲେ। ସେହି ଯୁବକମାନେ ରାଜନୀତି କରୁଛ କହି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଗାଡ଼ିର ଡୋର୍ ଖୋଲି ସୁନୀଲଙ୍କୁ ଟାଣି ଆଣିଥିଲେ। ଏହାପରେ ସୁନୀଲଙ୍କ ମୁଣ୍ଡକୁ ରଡ୍‌ରେ ଆକ୍ରମଣ କରିଥିଲେ। ଫଳରେ ସୁନୀଲଙ୍କ ମୁଣ୍ଡ ଫାଟି ଯାଇଥିଲା। ସେ ମୁମୂର୍ଷ ଅବସ୍ଥାରେ ତଳେ ପଡ଼ି ଯାଇଥିଲେ। ଏହାପରେ ଅନ୍ୟ ଯୁବକମାନେ ମଧ୍ୟ ସୁନୀଲଙ୍କ ସମେତ ଅନ୍ୟ ସହଯୋଗୀଙ୍କୁ ମାଡ଼ ମାରି ଗାଡିକୁ ଚେପା କରି ଦେଇଥିଲେ। ଏହାବାଦ୍ ଗୁରୁତର ଥିବା ସମସ୍ତଙ୍କୁ ଘୋଷାଡି ରାସ୍ତା କଡ଼କୁ ଫୋପାଡ଼ି ଦେଇଥିଲେ। କେତେକ ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ସୁନୀଲ ଏବଂ ଅନ୍ୟମାନଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଏହାପରେ ସେମାନଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏଥିରେ ସୁବ୍ରତ ଧଳ, ପ୍ରଦୋଷ ନାୟକ, ସୌମ୍ୟ ପ୍ରକାଶ ବିଶ୍ୱାଳ, ଇନ୍ଦ୍ରଜିତ ତରାଇ, ଆଲୋକ ବେହେରା ଓ ମନୋଜ କୁମାର ଓଝା ସଂପୃକ୍ତ ଅଛନ୍ତି ବୋଲି ସୁମନ୍ତ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।


ଅନ୍ୟପକ୍ଷର ଅଭିଯୋଗ ଅନୁସାରେ, ଗଡ଼ମଧୁପୁର ପଞ୍ଚାୟତସ୍ଥିତ ପୂର୍ବତନ ବିଧାୟକ ପ୍ରଣବଙ୍କ ପନ୍ଥୁରୀ ଫାର୍ମ ହାଉସଠାରେ ବିଧାୟକ ହିମାଂଶୁଙ୍କ ସମର୍ଥକ ପଶି ଭଙ୍ଗାରୁଜା କରିବା ସହ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ବିଜେଡି ଯୁବ ଛାତ୍ର ଦଳର ଏକ ବୈଠକ ହେଉଥିବା ସମୟରେ କେତେଜଣ ଭାଜପା କର୍ମୀ ପଶି ଭଙ୍ଗାରୁଜା ଓ ଆକ୍ରମଣ କରିଥିଲେ। ଏଥିରେ ସୁବ୍ରତ ଧଳ, ସୌମ୍ୟପ୍ରକାଶ ବିଶ୍ୱାଳ, ଶକ୍ତିରଞ୍ଜନ ଦାସ, ରଞ୍ଜିତ ବେହେରା, ନିରଞ୍ଜନ ପ୍ରଧାନ, ଆଲୋକ ବେହେରା, ମନୋଜ ଓଝା ଓ ମମତା ଦଣ୍ଡପାଟ ପ୍ରମୁଖ ଆହତ ହୋଇଥିବା ସୂଚନା ମିଳିଛି। ଉଭୟ ଗୋଷ୍ଠୀର ୩ଜଣ ଭାଜପାର ସୁନୀଲ ପଣ୍ଡା ଏବଂ ବିଜେଡିର ଶକ୍ତିରଞ୍ଜନ ଦାସ ଓ ନିରଞ୍ଜନ ପ୍ରଧାନଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ଏହି ଘଟଣା ଉପରେ ବିଧାୟକ ହିମାଂଶୁ କହିଛନ୍ତି, ପୂର୍ବତନ ବିଧାୟକ ପ୍ରଣବ ହାରିବା ପରେ ରକ୍ତ ଚାଉଳ ଚୋବାଉଛନ୍ତି। ସେ ନିଜର ହିତାହିତ ଜ୍ଞାନ ବି ଭୁଲିଗଲେଣି। ଏପରିକି ସାଧାରଣ ଲୋକଙ୍କୁ ନିଜର ପୋଷାଗୁଣ୍ଡା ଲଗାଇ ଜୀବନରୁ ମାରିଦେବାକୁ ପଛାଉ ନାହାନ୍ତି। ପନ୍ଥୁରୀ ନିକଟରେ ପୂର୍ବତନ ବିଧାୟକଙ୍କ କେତେକ ଗୁଣ୍ଡା ଭାଜପା କର୍ମୀ ଓ ତାଙ୍କ ସମର୍ଥକଙ୍କୁ ସେହି ବାଟ ଦେଇ ଫେରୁଥିବା ବେଳେ ଅଚାନକ ଆକ୍ରମଣ କରିଥିଲେ। ତାଙ୍କ ସମର୍ଥକମାନେ ଜୀବନକୁ ବାଜି ଲଗାଇ ସେହିଠାରୁ ଖସି ଆସିଥିଲାବେଳେ ପ୍ରଣବଙ୍କ ଗୁଣ୍ଡାମାନେ ବିଭିନ୍ନ ଗାଡି ଓ ଫାର୍ମ ହାଉସ ଭଙ୍ଗାରୁଜାକରି ତାଙ୍କୁ ବଦନାମ କରିବାକୁ ଅପଚେଷ୍ଟା କରୁଛନ୍ତି। ପୂର୍ବତନ ବିଧାୟକ ପ୍ରଣବ କହିଛନ୍ତି, ତାଙ୍କୁ ଓ ତାଙ୍କ ସମର୍ଥକଙ୍କୁ ନିୟମିତ ଭାବେ ଆକ୍ରମଣ କରାଯାଉଛି। ପୋଲିସରେ ଅଭିଯୋଗ କଲେ ବି କିଛି ସୁଫଳ ମିଳୁନାହିଁ। ତେଣୁ ଏ ନେଇ ସେ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବେ।

## ନୀତିନ୍ ନବୀନଙ୍କୁ ମନମୋହନଙ୍କ ଶୁଭେଚ୍ଛା

ଭୁବନେଶ୍ୱର,୧୪।୧୨ (ରବିନାରାୟଣ ଜେନା)

ଭାରତୀୟ ଜନତା ପାର୍ଟିର ସଂସଦୀୟ ବୋର୍ଡ ପକ୍ଷରୁ ନୀତିନ୍ ନବୀନଙ୍କୁ ଭାଜପାର ଜାତୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଥିବାରୁ ଏହାକୁ ନେଇ ରାଜ୍ୟ ସଭାପତି ମନମୋହନ ସାମଲ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି, ଦେଶର ସଫଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶଳ ନେତୃତ୍ୱ ଓ ଦକ୍ଷ ମାର୍ଗଦର୍ଶନ ସହିତ ଆପଣଙ୍କର ଉତ୍ତମ ନେତୃତ୍ୱ ନିଶ୍ଚିତ ଭାବେ କର୍ମୀ ଓ ସଂଗଠନକୁ ନୂଆ ଉର୍ଜା ପ୍ରଦାନ କରିବ।



# ଅଗ୍ନିକାଣ୍ଡରେ ଧାନଖରି ଜଳିଗଲା

■ ୬୦୦ ବସ୍ତା ଧାନ ନଷ୍ଟ
■ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଅଭିଯୋଗ
■ କ୍ଷତିପୂରଣ ଦାବିକଲା ଆମ୍ ଆଦ୍‌ମୀ ପାର୍ଟି

ଦେଓଗାଁ,୧୪।୧୨ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)



ଅଗ୍ନିଶମ କର୍ମଚାରୀ ଧାନଖରିରେ ନିଆଁ ଲିଭାଉଛନ୍ତି।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉଡାର ପଞ୍ଚାୟତ ଅନ୍ତର୍ଗତ ଜଲିଆ ଗ୍ରାମର ଧାନଖରିରେ ରବିବାର ସକାଳେ ନିଆଁ ଲାଗି ପୋଡ଼ିଯାଇଛି। ଉକ୍ତ ଗ୍ରାମର ସୂର୍ଯ୍ୟନାରାୟଣ ନାଏକ ଖରିରେ ରଖିଥିବା ପ୍ରାୟ ୬୦୦ ବସ୍ତା ଧାନ ପୋଡ଼ି ପାଉଁଶ ହୋଇଯାଇଛି। ଦେଓଗାଁ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି।

ସୂଚନା ଅନୁଯାୟୀ, ସୂର୍ଯ୍ୟନାରାୟଣ ପ୍ରାୟ ୧୦ ଏକର ଜମିରେ ଧାନଚାଷ କରିଥିଲେ। ସେଠାରୁ ଅମଳ ହୋଇଥିବା ଧାନକୁ ଆଣି ଜଲିଆ ଓ ଅସୁରଢୁଙ୍ଗୁରୀ ମଝିରେ ରହିଥିବା ଖଳାରେ ଗଚ୍ଛିତ କରି ଖରି ଆକାରରେ ରଖିଥିଲେ। ସୋମବାର ଧାନ ମଡାଇବା ପାଇଁ ସେ ସମସ୍ତ ପ୍ରସ୍ତୁତି କରିଥିଲେ। ହେଲେ ରବିବାର ସକାଳେ ଖରିରେ ନିଆଁ ଲାଗିଯାଇଥିଲା। ଖବରପାଇ ପୂର୍ବାହ୍ନ ପ୍ରାୟ ୧୨ଟାରେ ସୂର୍ଯ୍ୟନାରାୟଣ ଖରିରେ ପହଞ୍ଚି ନିଆଁ ଲାଗିଥିବା ଦେଖିଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡି ନ ଥିଲେ ମଧ କେହି ଦୁର୍ବୃତ୍ତ ଖରିରେ ନିଆଁ ଲଗେଇ ଦେଇଥିବା ସୂର୍ଯ୍ୟନାରାୟଣ ଅଭିଯୋଗ କରିଛନ୍ତି। ଦେଓଗାଁ ଅଗ୍ନିଶମ ଅଧିକାରୀ ଲାଲୁ ମୁଣ୍ଡାଙ୍କ ନେତୃତ୍ୱରେ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଦୁଇଟି ଦମକଳ ଗାଡ଼ି ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ସମସ୍ତ ଗଚ୍ଛିତ ଧାନ ପୋଡିଯିବାରୁ ସୂର୍ଯ୍ୟନାରାୟଣ ଭାଙ୍ଗିପଡିଛନ୍ତି। ଚାଷ ପାଇଁ କରିଥିବା ଧାରକରଜ କିପରି ଶୁଝିବେ ଓ ପରିବାର ପ୍ରତିପୋଷଣ କିଭଳି କରିବେ ତାହାକୁ ନେଇ ସେ ଚିନ୍ତାରେ ପଡିଛନ୍ତି। ତୁରନ୍ତ କ୍ଷତିପୂରଣ ଯୋଗାଇଦେବା ପାଇଁ ସେ ନିବେଦନ କରିଛନ୍ତି। ଖବରପାଇ କେତେଜଣ ସ୍ୱେଚ୍ଛାସେବୀ ଓ ଆମ୍ ଆଦ୍‌ମୀ ପାର୍ଟିର ଜିଲା ଆବାହକ ଆଶିଷ କୁମାର ପାଣ୍ଡେ ଖଳାରେ ପହଞ୍ଚି କ୍ଷତିଗ୍ରସ୍ତ ଚାଷୀଙ୍କୁ ଆଶ୍ୱାସନା ଦେଇଛନ୍ତି। ଏଥିସହ ସମ୍ପୃକ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଓ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ସେମାନେ ଦାବି କରିଛନ୍ତି। ପ୍ରଶାସନ ତୁରନ୍ତ କ୍ଷତିପୂରଣ ପ୍ରଦାନ ନ କଲେ ଆଗକୁ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଆଶିଷ ଚେତାବନୀ ଦେଇଛନ୍ତି।

# ମେଘନାଦ ପାଚେରିରେ ପୁଣି ଫାଟ

**ଏଏସ୍ଆଇଙ୍କୁ ଚିଠି ଲେଖିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ**

ପୁରୀ,୧୪।୧୨(ଅଜିତ୍ କୁମାର ମହାନ୍ତି)



ମେଘନାଦ ପାଚେରି ଯୋଡ଼େଇରେ ପୁଣି ଫାଟ ସୃଷ୍ଟି ହୋଇଛି। ଏହାର ସୁରକ୍ଷା ଓ ସ୍ଥାୟିତ୍ୱକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି। ଏହି ଘଟଣା ନୂଆ ନୁହେଁ। ପାଚେରିରେ ଫାଟ ସୃଷ୍ଟି ହୋଇ ପାଣି ଗଳୁଥିବା ନେଇ ୨୦୨୪ରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ଶିଉଳି ଛଡ଼ାଇ ଫାଟ ଯୋଡ଼େଇ ହୋଇଥିଲା। ଗ୍ରାଉଟିଂ କରାଯିବା ପରେ ଡ୍ରେନ୍ ପାଣି ପାଚେରି ଦେଇ ଝରିବା ବନ୍ଦ ହୋଇଯାଇଥିଲା। ମାତ୍ର ଗ୍ରାଉଟିଂ ମେଘନାଦ ପାଚେରିରୁ ବର୍ଷେ ବି ସୁରକ୍ଷା ଦେଇପାରିଲା ନାହିଁ। ପୁଣି ୩ଟି ସ୍ଥାନରେ ଡ୍ରେନ୍ ପାଣି ଝରି ଶିଉଳି ଚରିଗଲାଣି। ଏନେଇ ଖବର ପ୍ରକାଶ ପାଇବା ପରେ ଶ୍ରୀମନ୍ଦିର ପ୍ରଶାସନ ଘଟଣାକୁ ଗୁରୁତ୍ୱର ସହ ନେଇଛି। ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ରବିବାର ମେଘନାଦ ପାଚେରିରୁ ପାଣି ଝରିବା ସମ୍ପର୍କରେ ପତ୍ରସଂଖ୍ୟା ୧୭୮୦୦ କ୍ରମେ ଏଏସ୍ଆଇ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ଦୃଷ୍ଟି ଆକର୍ଷଣ କରିଛନ୍ତି।

ଏହି ଚିଠିରେ ସେ ଉଲ୍ଲେଖ କରିଛନ୍ତି, ଗତବର୍ଷ ମେଘନାଦ ପାଚେରିରୁ ପାଣି ଝରିବା ସାମ୍ନାକୁ ଆସିଥିଲା। ସେତେବେଳେ ଏଏସ୍ଆଇ କର୍ତ୍ତୃପକ୍ଷ ଏହାର ସ୍ଥାୟୀ ମରାମତି ତଥା ନିରାକରଣ ପାଇଁ ପଦକ୍ଷେପ ନେବାକୁ ଅବଗତ କରାଯାଇଥିଲା। ଏଏସ୍ଆଇ ମାର୍ଗଦର୍ଶନରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମରାମତି କରାଯାଇଥିଲା। କିନ୍ତୁ ପୁଣି ଥରେ ମେଘନାଦ ପାଚେରିରୁ ପାଣି ଝରିବା ସହ କିଛିଅଂଶ ସନ୍ତସନ୍ତିଆ ରହୁଛି। ଶ୍ରୀମନ୍ଦିର ସୁରକ୍ଷାର ସବୁଠାରୁ ଅନ୍ୟତମ ତଥା ଗୁରୁତ୍ୱପୂର୍ଣ୍ଣ ହେଲା ମେଘନାଦ ପାଚେରି। ତେଣୁ ଏହାର ସୁରକ୍ଷା ପାଇଁ ଏଏସ୍ଆଇ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯିବାକୁ ସେ ଚିଠି ମାଧ୍ୟମରେ ଜଣାଇଛନ୍ତି।

ବର୍ଷେ ବ୍ୟବଧାନ ପରେ ମେଘନାଦ ପାଚେରିର ୨/୩ ଜାଗାରୁ ପାଣି ଝରିବାରେ ଲାଗିଛି। ଗତବର୍ଷ ସମାନ ସ୍ଥିତି ନେଇ ଖବର ପ୍ରସାରଣ ପରେ ଏଏସ୍ଆଇ ଏବଂ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ମେଘନାଦ ପାଚେରିର ଶିଉଳି ଛଡ଼ାଯାଇ ଗ୍ରାଉଟିଂ ହେବାପରେ ପାଚେରିରେ ଥିବା ପଥର ଫାଟକୁ ଯୋଡ଼େଇ କରାଯାଇଥିଲା। ପୁନର୍ବାର ମେଘନାଦ ପାଚେରିରୁ ପାଣି ଝରିବା ଯୋଗୁ ଏହା ଦୁର୍ବଳ ହେବା ଆଶଙ୍କା କରି ଏଏସ୍ଆଇ ଏହାର ଜରୁରୀ ମରାମତି କରୁ ବୋଲି ସେବାୟତମାନେ କହିଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ମେଘନାଦ ପାଚେରିରୁ ଶିଉଳିକୁ ଛଡ଼ାଯାଇଥିବା ବେଳେ ଏଏସ୍ଆଇ ସହିତ ଆଲୋଚନା କରି ଖୁବଶୀଘ୍ର ଏହାର ସ୍ଥାୟୀ ସଂରକ୍ଷଣ କରାଯିବ ବୋଲି ମୁଖ୍ୟ ପ୍ରଶାସକ ପାଢ଼ୀ ସୂଚନା ଦେଇଥିଲେ। ଆନନ୍ଦ ବଜାର ଭିତରେ କେଉଁ ସ୍ଥାନରୁ ପାଣି ଆସି ମେଘନାଦ ପାଚେରିରୁ ଝରୁଛି, ତାହାର ଅନୁଧ୍ୟାନ କରାଯାଉଥିବା ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ହେମନ୍ତ ପାଢ଼ୀ କହିଛନ୍ତି। ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, ମେଘନାଦ ପାଚେରିରୁ ପାଣି ବାହାରୁଥିବା ନେଇ ସୂଚନା ମିଳିବା ପରେ ପାଚେରି ନିକଟରେ ଶ୍ରୀମନ୍ଦିର ତରଫରୁ ଟେକ୍ନିକାଲ୍ ଟିମ୍ ପହଞ୍ଚି ମରାମତି ଜାରି ରହିଛି। ଏଏସ୍ଆଇଙ୍କ ତତ୍ତ୍ୱାବଧାନରେ କାମ କରାଯିବ ଯାହା କି ମରାମତି କରାଯିବାକୁ ଅଛି, ତାହା କରାଯାଉଛି ବୋଲି ଜିଲାପାଳ କହିଛନ୍ତି।






## ଭାଜପା ସମ୍ପର୍କରେ ଯିଏ ଅଛ, ଦଳ ଛାଡ଼ି ଚାଲିଯାଅ: ଭକ୍ତ

**ମୋକିମ୍‌ଙ୍କୁ ଟେରଛା ବାଣ**

ଭୁବନେଶ୍ୱର,୧୪।୧୨(ରବିନାରାୟଣ ଜେନା)

କଂଗ୍ରେସର ନେତୃତ୍ୱ ପରିବର୍ତ୍ତନ ପ୍ରସଙ୍ଗରେ ରବିବାର ନୂଆ ଟୁଇଷ୍ଟ ଲୋକଲୋଚନକୁ ଆସିଛି। ଏହି ପ୍ରସଙ୍ଗରେ ଏକ ସପ୍ତାହ ଧରି ଚୁପ୍ ରହିଥିବା ପିସିସି ସଭାପତି ଭକ୍ତ ଚରଣ ଦାସ ମୁହଁ ଖୋଲିଛନ୍ତି। ଯଦିଓ ସେ ମୋକିମଙ୍କ ନାଁ ନେଇ ନାହାନ୍ତି, ତଥାପି ତାଙ୍କୁ ପରୋକ୍ଷରେ ଭାଜପାରେ ମିଶିବା ଲାଗି ଟେରଛା ବାଣ ମାରିଛନ୍ତି।

ଭକ୍ତ କହିଛନ୍ତି, ଯିଏ ଭାଜପା ସମ୍ପର୍କରେ ଅଛନ୍ତି, ସେ ଦଳ ଛାଡ଼ି ଚାଲିଯିବା ଦରକାର। ଦେଶରେ କଂଗ୍ରେସକୁ ଆଗକୁ ନେବାପାଇଁ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖାର୍ଗେ ଏବଂ ଲୋକ ସଭାର ବିରୋଧୀଦଳ ନେତା ରାହୁଲ ଗାନ୍ଧୀ କଠିନ ପରିଶ୍ରମ କରୁଛନ୍ତି। ସେମାନଙ୍କ ନେତୃତ୍ୱରେ କଂଗ୍ରେସ ଏବେ ଆଗକୁ ବଢୁଥିବାବେଳେ ତାଙ୍କ ନେତୃତ୍ୱ ଉପରେ ପ୍ରଶ୍ନ ଉଠାଇବା ଠିକ୍ ହୋଇନାହିଁ ବୋଲି ଭକ୍ତ କହିଛନ୍ତି।

ସୂଚନାଯୋଗ୍ୟ, ସର୍ବଭାରତୀୟ ଏବଂ ରାଜ୍ୟସ୍ତରରେ କଂଗ୍ରେସ ନେତୃତ୍ୱକୁ ନେଇ ପୂର୍ବତନ ବିଧାୟକ ମୋକିମ ଏଆଇସିସିର ପୂର୍ବତନ ସଭାନେତ୍ରୀ ତଥା ରାଜ୍ୟ ସଭା ସଦସ୍ୟ ସୋନିଆ ଗାନ୍ଧୀଙ୍କୁ ଚଳିତମାସ ୮ରେ ପତ୍ର ଲେଖିଥିଲେ। ସେ ଦର୍ଶାଇଥିଲେ, କଂଗ୍ରେସ ସହିତ ମୋର ଦୀର୍ଘ ଦଶନ୍ଧି ଧରି ସମ୍ପର୍କ ରହି ଆସିଛି। ହେଲେ ରାଜ୍ୟରେ ଏବଂ ଦେଶରେ ଯେଉଁମାନଙ୍କୁ ଦଳର ମଙ୍ଗ ଧରାଯାଇଛି ସେମାନେ ବାସ୍ତବରେ ସେତେଟା ଦକ୍ଷ ନୁହନ୍ତି। ମୋକିମ ତାଙ୍କ ପତ୍ରରେ ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକଙ୍କଠାରୁ ଆରମ୍ଭ କରି ଭକ୍ତ, ରାହୁଲ ଏବଂ ଖାର୍ଗେଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଉପରେ ପ୍ରଶ୍ନ ଉଠାଇଥିଲେ।




ତୁମେ ତୁମ ହୃଦୟ ମନକୁ ଶୁଦ୍ଧ କରିବା ଲାଗି କାର୍ଯ୍ୟ କରିବା ଉଚିତ। ଅନ୍ୟମାନେ କ'ଣ କରୁଛନ୍ତି, ନ କରୁଛନ୍ତି- ସେ ସମ୍ବନ୍ଧେ ମୁଣ୍ଡଖେଳାଇ ସମୟ ନଷ୍ଟ କରିବା ଅନାବଶ୍ୟକ। -ଶ୍ରୀମା

ସଫଳା ଏକାଦଶୀ
ଉପବାସ ଓ ହଳ ନିଷେଧ



# ବଣ୍ଡାଇ

ଅଷ୍ଟ୍ରେଲିଆର ବଣ୍ଡାଇ ବେଳାଭୂମିରେ ୧୪ ଡିସେମ୍ବରରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୧୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୯ ଜଣ ଆହତ ହୋଇଛନ୍ତି। ଗୁଳି ଚଳାଇଥିବା ତିନି ବନ୍ଧୁକଧାରୀଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେବାରୁ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଫେରାର ଥିବା କୁହାଯାଉଛି। ଆକ୍ରମଣ ବେଳେ ବେଳାଭୂମିରେ ଇହୁଦୀମାନଙ୍କ ପର୍ବ 'ହାନୁକ୍କା' ଚାଲିଥିଲା। ଇହୁଦୀଙ୍କ କ୍ୟାଲେଣ୍ଡର ଅନୁଯାୟୀ ହିବ୍ରୁ ମାସରେ ୮ ଦିନ ଧରି ଏହି ଉତ୍ସବ ପାଳନ କରାଯାଇଥାଏ। ଚଳିତବର୍ଷ ଏହା ଡିସେମ୍ବର ୧୪ରୁ ଆରମ୍ଭ ହୋଇ ୨୨ ଯାଏ ଚାଲିବ ବୋଲି ସ୍ଥିର ହୋଇଥିଲା। ଉକ୍ତ ଧର୍ମୀୟ ଉତ୍ସବର ପ୍ରଥମ ଦିନରେ ବଣ୍ଡାଇ ବେଳାଭୂମିରେ ୧ ହଜାରରୁ ଊର୍ଦ୍ଧ୍ୱ ଇହୁଦୀ ଏକତ୍ରିତ ହୋଇଥିବା ବେଳେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। କୁହାଯାଉଛି ଇହୁଦୀମାନଙ୍କ ପ୍ରତି ଘୃଣାଭାବ ପ୍ରଦର୍ଶନପୂର୍ବକ ଏଭଳି ଆକ୍ରମଣ କରାଯାଇଛି। ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନି ଆଲବାନିଜ୍ ସମ୍ପୃକ୍ତ ଆକ୍ରମଣରେ ବିଦେଶୀ ଶକ୍ତିର ହାତ ଥିବା କହି ଇରାନ୍ ଆଡ଼କୁ ଇଙ୍ଗିତ କରିଛନ୍ତି। ସୂଚନା ଦିଆଯାଇପାରେ ଯେ, ୭ ଅକ୍ଟୋବର ୨୦୨୩ରୁ ଇସ୍ରାଏଲ ଓ ହମାସ ମଧ୍ୟରେ ଲାଗି ରହିଥିବା ଯୁଦ୍ଧରେ ଇରାନ୍ ଇହୁଦୀ ବିରୋଧୀ ମନ୍ତବ୍ୟ ଦେବା ସହ ହମାସକୁ ସାମରିକ ସହଯୋଗ ଯୋଗାଇଆସୁଛି। ଇସ୍ରାଏଲ-ହମାସ ଯୁଦ୍ଧ ସ୍ଥିତି ଉପରେ ଅଷ୍ଟ୍ରେଲିଆ ବିଭିନ୍ନ ସମୟରେ ଭିନ୍ନ ମତ ରଖି ଆସୁଥିବାରୁ ହମାସ ସପକ୍ଷବାଦୀ ରାଷ୍ଟ୍ର ପକ୍ଷରୁ ଏଭଳି ଆକ୍ରମଣ ହୋଇଥାଇପାରେ ବୋଲି ମଧ୍ୟ ଆଲୋଚନା ହେଉଛି। ଚଳିତବର୍ଷ ଜୁଲାଇରେ ଅଷ୍ଟ୍ରେଲିଆ ପକ୍ଷରୁ କୁହାଯାଇଥିଲା ଯେ, ଗାଜାର ସ୍ଥିତି ଅତି ଶୋଚନୀୟ ହୋଇପଡ଼ିଛି ଏବଂ ଅଷ୍ଟ୍ରେଲିଆ ପାଇଁ ପ୍ରତିଟି ନିରୀହଙ୍କ ଜୀବନ ଗୁରୁତ୍ୱପୂର୍ଣ୍ଣ । ପୁଣି ଆଧୁନିକ ଇସ୍ରାଏଲ ରାଷ୍ଟ୍ର ଗଠନକୁ ଅଷ୍ଟ୍ରେଲିଆ ସମର୍ଥନ କରିଆସୁଥିବା କହିଥିଲା। ଗତ ଡିସେମ୍ବର ୪ରେ ଅଷ୍ଟ୍ରେଲିଆ ପୁଣି ତା'ର ମତ ପରିବର୍ତ୍ତନ କରି ଜାତିସଂଘର ଏକ ପ୍ରସ୍ତାବକୁ ସମର୍ଥନ କରିଥିଲା, ଯାହା ଦାବି କରିଥିଲା ଯେ ଇସ୍ରାଏଲ ଯଥାସମ୍ଭବ ଅଧିକୃତ ପାଲେଷ୍ଟାଇନ୍ ଅଞ୍ଚଳରେ ତା'ର ବେଆଇନ ଉପସ୍ଥିତିକୁ ସମାପ୍ତ କରୁ। ଏଥିରୁ ବୁଝିବାକୁ ହେବ ଯେ, କୌଣସି ପ୍ରସଙ୍ଗରେ ଏକ ଦେଶ ତା'ର ବୈଦେଶିକ ନୀତିକୁ ବାରମ୍ବାର ପରିବର୍ତ୍ତନ କରିଚାଲିଲେ ତାହା ଅନ୍ୟମାନଙ୍କ ବିଶ୍ୱାସ ହରାଇଥାଏ।

ଆଜିର ପୃଥିବୀରେ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଚାଲୁଥିଲେ ମଧ୍ୟ ଅନ୍ୟ ରାଷ୍ଟ୍ରଗୁଡ଼ିକ ପ୍ରଭାବିତ ହୋଇଥାଆନ୍ତି, ତାହା ସାମରିକ ହେଉ ବା ଆର୍ଥିକ ଦୃଷ୍ଟିକୋଣରୁ। ଏବେ ଇସ୍‌ଲାମୀୟ ଜେହାଦୀଙ୍କ ଦ୍ୱାରା ଘଟାଯାଉଥିବା ହିଂସା ବିଶ୍ୱବ୍ୟାପୀ ହୋଇଗଲାଣି। ସେଥିପାଇଁ ପ୍ରତ୍ୟେକ ଦେଶକୁ ନିଜ ସୁରକ୍ଷା ସକାଶେ ସ୍ୱଷ୍ଟ ପଦକ୍ଷେପ ନେବାକୁ ହେବ। କୌଣସି ଦେଶର ବିଭାଜିତ କିମ୍ବା ଦୁର୍ବଳ ନେତୃତ୍ୱ ଜେହାଦୀ ଆକ୍ରମଣକୁ ନିମନ୍ତ୍ରଣ କରିଥାଏ। ମନେରଖିବାକୁ ହେବ ଯେ, ଆଜିର ପରିସ୍ଥିତିରେ ଇସ୍‌ଲାମୀୟ ଆତଙ୍କବାଦୀ ବିଦେଶରୁ ଆସିବା ଦରକାର ନାହିଁ।

**ଆଜିର ପୃଥିବୀରେ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଚାଲୁଥିଲେ ମଧ୍ୟ ଅନ୍ୟ ରାଷ୍ଟ୍ରଗୁଡ଼ିକ ପ୍ରଭାବିତ ହୋଇଥାଆନ୍ତି, ତାହା ସାମରିକ ହେଉ ବା ଆର୍ଥିକ ଦୃଷ୍ଟିକୋଣରୁ। ଏବେ ଇସ୍‌ଲାମୀୟ ଜେହାଦୀଙ୍କ ଦ୍ୱାରା ଘଟାଯାଉଥିବା ହିଂସା ବିଶ୍ୱବ୍ୟାପୀ ହୋଇଗଲାଣି। ସେଥିପାଇଁ ପ୍ରତ୍ୟେକ ଦେଶକୁ ନିଜ ସୁରକ୍ଷା ସକାଶେ ସ୍ୱଷ୍ଟ ପଦକ୍ଷେପ ନେବାକୁ ହେବ। କୌଣସି ଦେଶର ବିଭାଜିତ କିମ୍ବା ଦୁର୍ବଳ ନେତୃତ୍ୱ ଜେହାଦୀ ଆକ୍ରମଣକୁ ନିମନ୍ତ୍ରଣ କରିଥାଏ। ମନେରଖିବାକୁ ହେବ ଯେ, ଆଜିର ପରିସ୍ଥିତିରେ ଇସ୍‌ଲାମୀୟ ଆତଙ୍କବାଦୀ ବିଦେଶରୁ ଆସିବା ଦରକାର ନାହିଁ।**




## ୫୦ ବର୍ଷ ତଳର ଧରିତ୍ରୀ

**୧୫ ଡିସେମ୍ବର ୧୯୭୬**

- ଐତିହାସିକ ଦଲିଲଗୁଡ଼ିକର ସଂରକ୍ଷଣ କ୍ଷେତ୍ରରେ ସହଯୋଗ ରକ୍ଷାକରିବା ନିମନ୍ତେ ଦକ୍ଷିଣ ଓ ପଶ୍ଚିମ ଏସିଆରେ ଏକ ଆଞ୍ଚଳିକ ସଂସ୍ଥା ଗଠନ କରାଯାଇଛି।
- ଦକ୍ଷିଣାଞ୍ଚଳର ମୁଖ୍ୟ କମାଣ୍ଡିଂ ଅଫିସର ଲେଫ୍ଟନାଣ୍ଟ ଜେନେରାଲ ଓ.ପି. ମାଲହୋତ୍ରାଙ୍କୁ ସାମରିକ ବାହିନୀର ଉପମୁଖ୍ୟ ଭାବେ ନିଯୁକ୍ତ କରାଯାଇଛି।

## su|do|ku ସୁ-ଡୋ-କୁ

Puzzles by Srikant Ghosh



| | | | | | | | | |
|---|---|---|---|---|---|---|---|---|
| | 5 | 8 | 3 | | | | | |
| 4 | | 7 | | | | | | |
| | | | | 8 | | | | |
| | | | 4 | 1 | | | | |
| | | | 6 | | 3 | | | 7 |
| 5 | | | 8 | | | 6 | | 2 |
| | | | | | | | | 8 |
| 2 | 6 | 3 | | | | | 9 | |
| | | 1 | 7 | | 4 | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁ ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 1 | 2 | 9 | 8 | 3 | 5 | 4 | 6 |
| 8 | 6 | 4 | 1 | 5 | 2 | 3 | 7 | 9 |
| 9 | 3 | 5 | 4 | 6 | 7 | 2 | 1 | 8 |
| 5 | 4 | 7 | 2 | 3 | 8 | 6 | 9 | 1 |
| 1 | 2 | 8 | 7 | 9 | 6 | 4 | 5 | 3 |
| 3 | 9 | 6 | 5 | 1 | 4 | 7 | 8 | 2 |
| 2 | 7 | 3 | 8 | 4 | 9 | 1 | 6 | 5 |
| 6 | 8 | 1 | 3 | 7 | 5 | 9 | 2 | 4 |
| 4 | 5 | 9 | 6 | 2 | 1 | 8 | 3 | 7 |

ଗତକାଲିର ଉତ୍ତର

# ଜିଜ୍ଞାସାର ମହାଯଜ୍ଞ



ଡ. ପ୍ରଫୁଲ୍ଲ କୁମାର ସାହୁ

ପୁସ୍ତକଟିଏ ପ୍ରକାଶ ପାଇଲେ ପୁସ୍ତକର ସ୍ରଷ୍ଟା ଚାହେଁ ତା'ର ବହୁଳ ପ୍ରସାରଣ। କାରଣ ବହି ଖାଲି ଲେଖିଦେଲେ ହେବନି, ତାହା ପଢ଼ାଯିବା ଦରକାର। ପଢ଼ିବା ପାଇଁ ପ୍ରସାରଣ ଜରୁରୀ।

ପୁସ୍ତକର ବିପଣନ ତଥା ପୁସ୍ତକ ପଠନ ପ୍ରତି ଆଗ୍ରହ ସୃଷ୍ଟି କରିବାର ଏକ ମାଧ୍ୟମ ହେଉଛି ପୁସ୍ତକ ପ୍ରଦର୍ଶନୀ ବା ବହିମେଳା। ଏହା ଜ୍ଞାନ ପିପାସା ଓ ଜିଜ୍ଞାସାର ମହାଯଜ୍ଞ। ସାହିତ୍ୟ ସହ ପାଠକକୁ ଯୋଡ଼ିବା ନିମନ୍ତେ ଏକ ସାଂସ୍କୃତିକ ମେଳଣ। ସୁସ୍ଥ ସମାଜ ଗଠନ ପାଇଁ ପୁସ୍ତକ ଏକ ମୂଲ୍ୟବାନ୍ ପୁଞ୍ଜି। ତା'ର ପ୍ରସାରଣ ଉପରେ ନିର୍ଭରକରେ ଦେଶ ଜାତିର ବୌଦ୍ଧିକ ବିକାଶ। ଏହାକୁ ଦୃଷ୍ଟିରେ ରଖି ଆମ ରାଜ୍ୟର ବିଭିନ୍ନ ସ୍ଥାନରେ ଆୟୋଜନ ହେଉଛି ପୁସ୍ତକ ପ୍ରଦର୍ଶନୀ।

ଆମ ରାଜ୍ୟରେ ପୁସ୍ତକ ପ୍ରଦର୍ଶନୀ କହିଲେ ଆଗେ ଭୁବନେଶ୍ୱର ପୁସ୍ତକମେଳାକୁ ବୁଝାଉଥିଲା, ଯାହା ୧୯୮୫ ଜୁନ୍ ୨ ତାରିଖରେ ଆରମ୍ଭ ହୋଇଥିଲା ନ୍ୟାଶନାଲ ବୁକ୍ ଟ୍ରଷ୍ଟ ଓ ଲେଖକ ସାମ୍ମୁଖ୍ୟର ମିଳିତ ପ୍ରୟାସରେ। ଏହାର ଲୋକପ୍ରିୟତାକୁ ଦେଖି ପରବର୍ତ୍ତୀ ସମୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ସଂଗଠନ ପକ୍ଷରୁ ଆୟୋଜନ ହେଲା ଛୋଟ ବଡ଼ ଅନେକ ପୁସ୍ତକମେଳା। କେବଳ ରାଜଧାନୀରେ ଭୁବନେଶ୍ୱର ପୁସ୍ତକ ମେଳା,ରାଜଧାନୀ ପୁସ୍ତକ ମେଳା (୨୦୦୦), କଳିଙ୍ଗ ପୁସ୍ତକମେଳା(୨୦୦୪), ଏକାମ୍ର ପୁସ୍ତକ ମେଳା (୨୦୧୧) ନାମରେ ଚାରିଟି ବଡ଼ ବଡ଼ ପୁସ୍ତକମେଳା ଆୟୋଜନ ହେଲା ଭିନ୍ନ ଭିନ୍ନ ସମୟରେ।

ରାଜଧାନୀର ଏହି ଚାରୋଟି ଯାକ ମେଳାକୁ ମିଶାଇ ଗୋଟିଏ ବିଶ୍ୱସ୍ତରୀୟ ପୁସ୍ତକମେଳା ଆୟୋଜନ ନିମନ୍ତେ ରାଜ୍ୟ ସରକାର ନିଷ୍ପତ୍ତି ନେଲେ (୨୦୧୮) ଏବଂ ତଦନୁଯାୟୀ ଓଡ଼ିଶା ପୁସ୍ତକ ପ୍ରକାଶନ ଓ ବିକ୍ରେତା ସଂଘର ସହଯୋଗରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅନୁଷ୍ଠିତ ହେଲା ରାଜ୍ୟ ପୁସ୍ତକ ମହୋତ୍ସବର ପ୍ରଥମ ସଂସ୍କରଣ 'ଅକ୍ଷର'- ୨୦୧୯। ସେହି କ୍ରମରେ ଏଥର ଗତ ୬ ତାରିଖରୁ ପ୍ରଦର୍ଶନୀ ପଡ଼ିଆରେ ଆରମ୍ଭ ହୋଇଛି ତା'ର ଷଷ୍ଠ ସଂସ୍କରଣ ପୁସ୍ତକ ମହୋତ୍ସବ -୨୦୨୫।

ପୁସ୍ତକ ମେଳା ହେଉଛି ଏକ ଜ୍ଞାନଯଜ୍ଞ,ଯାହା ଜ୍ଞାନ କର୍ମକୁ ଦେଖାଏ ଠିକ୍ ରାସ୍ତା। ପୁସ୍ତକ ମେଳାରେ ଦେଶ ବିଦେଶର ବହୁ ପ୍ରକାଶକ ଯୋଗଦିଅନ୍ତି ଏବଂ ଏଠାରେ ଉପଲବ୍ଧ ହୁଏ ସବୁ ବର୍ଗର ପାଠକଙ୍କ ପାଇଁ ଉପାଦେୟ ବହି, ଯାହା ଏକକାଳୀନ ମିଳିବା ସମ୍ଭବ ନୁହେଁ ବଡ଼ ବଡ଼ ବହି ଦୋକାନରେ। ପୁସ୍ତକ ମେଳାରେ ପ୍ରକାଶକଙ୍କ ପକ୍ଷରୁ ଅତିରିକ୍ତ ରିହାତି ଦିଆଯାଏ, ଯାହା ଗ୍ରାହକମାନଙ୍କ ପାଇଁ ବିଶେଷ ଆକର୍ଷଣ। ଏଥିସହ ଏଠାରେ ଗ୍ରାହକଙ୍କୁ ମିଳୁଥିବା ଅତିରିକ୍ତ ରିହାତି ମଧ୍ୟ ତା'ର ଏକ ବିଶେଷ ଆକର୍ଷଣ। କଥାରେ ଅଛି ଘୋର କୀର୍ତ୍ତନ ବେଳେ ମୂକ ବି ଆଁ କରିଦିଏ କିଛି ଗାଇବା ପ୍ରୟାସରେ। ହାତ ପାହାନ୍ତାରେ ଓ ରିହାତି ଦରରେ ଦୁର୍ଲଭ ବହି ଉପଲବ୍ଧ ହେଉଥିବାରୁ ନ କିଣିବା ଲୋକ ବି




ଇଚ୍ଛାକରେ ମନପସନ୍ଦର କିଛି ବହି କିଣିନେବା ପାଇଁ।

ଲେଖକ ଯେମିତି ଶବ୍ଦ ବିଧାଣି, ପ୍ରକାଶକ ସେମିତି ଐତିହ୍ୟର ସଂରକ୍ଷକ। ପାଠକ ହେଉଛି ଲେଖକର ପ୍ରେରଣା। ଏହି ୩ ଜଣଙ୍କୁ ଏକାଠି କରିବା ପାଇଁ ପୁସ୍ତକମେଳା ଏକ ସାଂସ୍କୃତିକ ମେଳଣ। ଏହି ମେଳଣ ପ୍ରତି ଜିଜ୍ଞାସୁ ପାଠକର ଆକର୍ଷଣ ବେଶି। ବହିମେଳା ସମୟକୁ ସେ ଉତ୍କଣ୍ଠାର ସହ ଅପେକ୍ଷାକରି ରହିଥାଏ ମନପସନ୍ଦର ବହି କିଣିବା ପାଇଁ। ପୁସ୍ତକ ମେଳା ତାକୁ ଆଣିଦିଏ ଭାବ ବିନିମୟର ସୁଯୋଗ। ଏଠାରେ ପ୍ରକାଶକ ସହ ସିଧାସଳଖ ସମ୍ପର୍କ ସ୍ଥାପନ କରିପାରେ ପାଠକ। ସାହିତ୍ୟ ପ୍ରତି ପାଠକକୁ ଆକର୍ଷିତକରିବା ଏବଂ ଏକ ସାହିତ୍ୟିକ ପରିବେଶ ମାଧ୍ୟମରେ ବୌଦ୍ଧିକ ଚେତନାର ପରିବର୍ତ୍ତନ ଆଣିବା ପୁସ୍ତକମେଳାର ପ୍ରଧାନ ଲକ୍ଷ୍ୟ। ତେଣୁ ଏଠାରେ ପ୍ରତିଦିନ ଆୟୋଜନ ହୁଏ ସାରସତ ଆସର। ଏ ଆସର କବିତାର, ଗଳ୍ପର, ଉପନ୍ୟାସର, ଆଲୋଚନା ଓ ପଠନର। ଏଠାକୁ ଆମନ୍ତ୍ରିତ ହୋଇଆସନ୍ତି ଲବ୍ଧ ପ୍ରତିଷ୍ଠିତ କବି,ଲେଖକ,ଗବେଷକ,ସମାଲୋଚକ, ସ୍ତମ୍ଭକାର ଓ ଭିନ୍ନଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବିଶେଷଜ୍ଞମାନେ। ସାହିତ୍ୟମୁଖର ହୋଇଉଠେ ପୁସ୍ତକମେଳାର ପ୍ରତିଟି ସନ୍ଧ୍ୟା। ଭାଷା,ସାହିତ୍ୟ ଓ ସଂସ୍କୃତି ସମ୍ପର୍କିତ ଆଲୋଚନା ସାଙ୍ଗକୁ ଆୟୋଜିତ ହୁଏ କବିତାପାଠ, କବି ସମ୍ମିଳନୀ, ଶିଶୁମେଳା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ। ଗୋଟିଏ ମଞ୍ଚରେ ଲେଖକ,ପାଠକ, ପ୍ରକାଶକ,ବିକ୍ରେତା,ମୁଦ୍ରାକର, ଚିତ୍ରଶିଳ୍ପୀ ପ୍ରମୁଖ ଏକାଠି ହୋଇ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରନ୍ତି ଏବଂ ଖୋଜନ୍ତି ତା'ର ସମାଧାନର ସୂତ୍ର।

କେବଳ ସାହିତ୍ୟ ସମ୍ପର୍କିତ ସମସ୍ୟା ନୁହେଁ, ଆଲୋଚନା ହୁଏ ଏକ ବୃହତର ସମାଜ ସଂସ୍କୃତି କଥା। ପୁସ୍ତକ ମେଳା ସହ ଯୋଡ଼ିହୋଇ ରହିଛି ପୂଜ୍ୟପୂଜା ପରମ୍ପରା। ଏଠାରେ ବିଶିଷ୍ଟ କବି, ଲେଖକ, ପ୍ରକାଶକ ତଥା ପ୍ରତିଭାଶାଳୀ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ, ସମ୍ମାନିତ କରିବା ସହ ଲୋକାର୍ପଣ ହୁଏ ଅନେକ ନୂଆ ନୂଆ ବହି। ଗାଁ ପରିମଳ ଧୋବା ତୁଠରୁ ନ୍ୟାୟରେ ପୁସ୍ତକ ମେଳାରୁ ଜାଣିହୁଏ ଗୋଟିଏ ବର୍ଷରେ ପ୍ରକାଶ ପାଉଥିବା ବହିର ପରିମାଣ ଏବଂ ପାଠକୀୟ ଆଦୃତିର ସ୍ତର। ସମ୍ପ୍ରତି ରାଜ୍ୟ ପୁସ୍ତକ ମହୋତ୍ସବକୁ ଦେଖିଲେ ମନେହୁଏ ଯେଉଁ ପରିମାଣରେ ଆଙ୍ଗିକ ଚାକଚକ୍ୟ ବଢ଼ିଛି, ସେହି ମାତ୍ରାରେ ବଢ଼ିଛି ଆତ୍ମାର ମଳିନତା। ପୁସ୍ତକ ପ୍ରକାଶନ ପରିମାଣ ଯଥେଷ୍ଟ ବୃଦ୍ଧି ପାଇଥିଲେ ବି ଅନ୍ଧାରି ଉପତ୍ୟକାରେ ହଜିଯାଇଛି ବହି ପଢ଼ିବାର ନିଶା। ଗୋଟିଏ ସମୟରେ ବହିପ୍ରେମୀଙ୍କୁ ଉଚ୍ଚାଟ କରୁଥିଲା ବହିର ବାସ୍ନା। ବହିଖଣ୍ଡେ ପାଇବା ମାତ୍ରେ ପଢ଼ା ନ ସରିବା ପର୍ଯ୍ୟନ୍ତ ଭୁଲିଯାଉଥିଲେ ଭୋକଶୋଷ। ଭ୍ରମଣରେ ଗଲାବେଳେ ସାଙ୍ଗରେ ନେଉଥିଲେ ବହି। ସେମାନଙ୍କ ପାଇଁ ବହି ଥିଲା ବଞ୍ଚିବାର ସଞ୍ଜୀବନୀ। ଏମିତି ଲେଖକ ବି ଥିଲେ, ତାଙ୍କର ପରବର୍ତ୍ତୀ ବହି ବଜାରକୁ କେବେ ଆସିବ ବୋଲି ବାରମ୍ବାର ପଚାରି ବୁଝୁଥିଲେ ପାଠକ।

ଏବେ ତ କବି ଓ ଲେଖକଙ୍କ ଥାଟପଟାଳି ମଧ୍ୟରେ ଗାଁରୁସହରଯାଏପ୍ରତିଦିନଲୋକାର୍ପଣଅସୁମାରିପୁସ୍ତକ। ଅଥଚ ବହି ପଢ଼ିବାର ନିଶା ଅନ୍ଧାରି ଉପତ୍ୟକାରେ।

ସବୁ ଖାଦ୍ୟ ରକ୍ତରେ ମିଶେନାହିଁ କି ସବୁ ସାରକୁ ଗ୍ରହଣ କରେନାହିଁ ଗଛ। ଠିକ୍ ସେମିତି ସବୁ ଲେଖା ପାଠକଙ୍କ ହୃଦୟରେ ସୃଷ୍ଟି କରିପାରେନି ଆଲୋଡ଼ନ। ଲେଖା ଯଦି ପାଠକ ମନକୁ ନ ଛୁଇଁବ,ସେ କେମିତି ଅନୁଭବ କରିବ ପଠନର ପଞ୍ଚାମୃତ ? ପଠନ ଅଭ୍ୟାସ କମିବାର ସବୁଠାରୁ ବଡ଼ କାରଣ ହେଉଛି ମନୋରଞ୍ଜନ ଓ ଜ୍ଞାନ ଆହରଣ କ୍ଷେତ୍ରରେ ଯୁବପିଢ଼ିର ପ୍ରଥମ ପସନ୍ଦ ଏବେ ଇଣ୍ଟରନେଟ୍। ସେମାନେ ଭୁଲିଯାଉଛନ୍ତି ପୁସ୍ତକ ଗର୍ଭିତ ଜ୍ଞାନ ଓ ଇଣ୍ଟରନେଟ୍‌ରୁ ମିଳୁଥିବା ସୂଚନା ମଧ୍ୟରେ ରହିଛି ଆକାଶ ପାତାଳ ଫରକ। ସେମାନେ ଜାଣିବା ଉଚିତ ଯେ ଇଣ୍ଟରନେଟ୍‌ରୁ ଯେଉଁ ତଥ୍ୟ ମିଳୁଛି, ତା'ର ତାତ୍ତ୍ୱିକ ଦିଗକୁ ଛୁଏଁ ପୁସ୍ତକ। ଗୁଗଲ ସର୍ଚ୍ଚକଲେ ମିଳିବ ରାମାୟଣ ସମ୍ପର୍କରେ ଅନେକ ତଥ୍ୟ। ମାତ୍ର

ରାମଚନ୍ଦ୍ର କାହିଁକି ମର୍ଯ୍ୟାଦା ପୁରୁଷ- ଏ ପ୍ରଶ୍ନର ଉତ୍ତର ନାହିଁ ଗୁଗଲ ପାଖରେ । ତା'ର ଉତ୍ତର ଜାଣିବା ପାଇଁ ପୁସ୍ତକ ଅଧ୍ୟୟନ କରିବାକୁ ପଡ଼ିବ, ଯେଉଁ ପୁସ୍ତକରେ ରହିଛି ବିଦ୍ୱାନମାନଙ୍କର ବିଚାର ଓ ମନନ। ସେଥିପାଇଁ କୁହାଯାଏ ଜୀବନକୁ ଜାଣିବା ପାଇଁ, ଜଗତକୁ ବୁଝିବାପାଇଁ ପୁସ୍ତକ ହିଁ ଜ୍ଞାନର ବତିଘର। ପୁସ୍ତକ ଅଧ୍ୟୟନ ଦ୍ୱାରା ଜିଜ୍ଞାସା ବଢ଼େ ଓ ଜାଗ୍ରତ ହୁଏ ଚେତନା। ତେଣୁ ପ୍ରତ୍ୟେକ ବ୍ୟକ୍ତି ଓ ପ୍ରତ୍ୟେକ ପରିବାର ପାଇଁ ବହି ଏକ ଅମୂଲ୍ୟ ସମ୍ପଦ। ଯେଉଁ ପରିବାରରେ ବହି ନାହିଁ,ସେ ପରିବାର ଧନୀ ହେଲେ ବି ଅନୁନ୍ନତ । ସେ ଘର ଗୋଟେ ସୁରମ୍ୟ ଅଟ୍ଟାଳିକା ହୋଇପାରେ,ମାତ୍ର ତାହା ଗୋଟେ ଆତ୍ମା ବିହୀନ ଶରୀର ପରି। ଏହି ଦୃଷ୍ଟିରୁ ଯେଉଁ ଶିକ୍ଷିତମାନେ ବହି ପଢ଼ନ୍ତି ନାହିଁ ଓ ସାମର୍ଥ୍ୟ ଥାଇ ବି ବହି କିଣନ୍ତି ନାହିଁ,ସେମାନେ ଅଶିକ୍ଷିତ ଲୋକଙ୍କ ସହ ସମାନ। ମନେରଖିବାକୁ ହେବ ପଠନ ଅଭ୍ୟାସ କମିଗଲେ ସଙ୍କୁଚିତ ହୋଇଯାଏ ମଣିଷର ଦୃଷ୍ଟିକୋଣ। କମିକମି ଯାଏ ଭାବ ବ୍ୟକ୍ତ କରିବାର ସାମର୍ଥ୍ୟ। ସ୍ଥାଣୁ ହୋଇଯାଏ ଚିନ୍ତନ ପ୍ରକ୍ରିୟା।

**ଅବସରପ୍ରାପ୍ତ ଅଧ୍ୟକ୍ଷ,**
**ବିଜୁ ପଟ୍ଟନାୟକ ନଗର**
**ମୋ: ୬୩୭୧୬୪୨୪୬୪**

# ଡଙ୍ଗରୁଣୀର ବାଟରେ ପ୍ରାଥମିକ ଶିକ୍ଷା



ଡ. ଚନ୍ଦନ କୁମାର ସିଂହ

ଆମ୍ବଗଛ ଭିତରୁ ଧୀରେ ଧୀରେ ଶୀତୁଆ ଖରା ପିଲାଙ୍କ ଉପରେ ଅଣେଇହୋଇ ଆସୁଥାଏ। ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍‌ର ନିର୍ଗୁଣ୍ଡି ଗାଆଁ। ଗାଆଁ ଭିତରୁ ପବନ କାନ୍ଦୁଲ ବାଡ଼ ଆଡ଼କୁ ମାଡ଼ି ଆସୁଥାଏ। ଦେହକୁ ଥଣ୍ଡା ଆଉ ଥଣ୍ଡା ଆଉଜି ପଡୁଥାଏ। ଖରା ଆଜି ନାହିଁ କହିଲେ ହେବ। ପବନର ମଗଜ ତେଣୁ ବହୁତ ବେଶି ଆମ୍ବଗଛ ତଳକୁ । ଆକାଶରେ ଧଳା ଧଳା ଖଣ୍ଡ ବଉଦ। ବଉଦ ସେପଟରେ ଡଙ୍ଗରର ମଥା ଦେଖାଯାଉଛି ନୁଖୁରା ନୁଖୁରା। ନିର୍ଗୁଣ୍ଡି ସ୍କୁଲ ପଛ କାନି କାନ୍ଦୁଲ ବାଡ଼, ସୂର୍ଯ୍ୟମୁଖୀ ବାଡ଼ ଆଉ କପା ବାଡ଼। ଏଥରକ ଜହ ଜହ ବର୍ଷା ହେବାରୁ କପା ଜୁରି (ପାକଳ ହେବା) ନାହିଁ। ସୂର୍ଯ୍ୟମୁଖୀ ଜୁରି ଗଲାଣି। ବଜାରରେ ଝୁଣୁଙ୍ଗ ମିଳିଲାଣି। କିଲୋପିଛା ରଙ୍ଗ ଝୁଣୁଙ୍ଗ ୫୦ଟଙ୍କା। କୁଇକନ୍ଧ କୁଳ ସମାଜରେ ମାଣ୍ଡିଆ, ଝୁଣୁଙ୍ଗ, କୋଳଥ, କୋଶଲା, ଜହ୍ନା, ସୁଆଁର ଭିତ୍ତିଭୂମି କେତେ କେତେ ଗହୀରକୁ ଭେଦିଯାଇଛି, ତାକୁ ଆକଳନ କରିବା ପାଠକର ପାଠ। ଏବେ ଏବେକୁ ବାଡ଼ା ଉପରେ ବି ଝୁଣୁଙ୍ଗ ଶୁଖି ଶୁଖି ଓହଳିଛି। ଲଇ ଝୁଣୁଙ୍ଗ ଭଜାହୁଏ, ଆଉ ଗୋଟେ ଝୁଣୁଙ୍ଗ ଡାଲି ହୁଏ। ମାଣ୍ଡିଆ ଜାଉରେ ବି ଝୁଣୁଙ୍ଗ ପଡ଼େ। ଏସବୁର ସୁଆଦ କେବଳ ନିଆରା ନୁହେଁ ଖୁବ୍ ବଳିଷ୍ଠ ଓ ସକ୍ରିୟ ମଧ୍ୟ। ଅଧକଂସେ ମାଣ୍ଡିଆ ଜାଉ ପିଇ ଦେଲେ ବେଳେ ଅଉଟେ ପର୍ଯ୍ୟନ୍ତ କାମ ଚାଲିଯିବ। ଦେହକୁ ବାଧିବ ନାହିଁ ଖରାତରା। କୁଇକନ୍ଧ କୁଳ ସମାଜର ପ୍ରତି ପରିବାରର ସମସ୍ତେ ମାଣ୍ଡିଆର ଆହାରରେ ବନ୍ଧା। ସେଦିନ ନିର୍ଗୁଣ୍ଡି ଗାଆଁ ସ୍କୁଲ ପଛକାନିରେ କେଇଜଣ ପିଲା ଆମ୍ବଗଛ ଛାଇରେ ଆଙ୍କି ବସିଥିଲେ କାନ୍ଦୁଲବାଡ଼ର ପ୍ରତ୍ୟକ୍ଷ ଚିତ୍ର। ନିକଟରୁ ଦୂରହେଉଛି ପ୍ରାଥମିକ ଶିକ୍ଷାର ଏକ ଅନନ୍ୟ ପ୍ରସଙ୍ଗ। କାହିଁକିନା ଏହାରି ଭିତରେ ଜମାଟ ବାନ୍ଧିଥାଏ ପରିଚିତ ଶବ୍ଦ, ପରିଚିତ ଭାବନା, ପରିଚିତ ସଂଯୋଜନା, ପରିଚିତ ଭାବ ବିନିମୟ। ଏହାକୁ ମୂଳକରି ଧରିଲେ ଆଗକୁ ବଢ଼ିହୁଏ, ଭାଷା ବାଧକ ହୁଏ ନାହିଁ, ଭାଷା ଅଲୌକିକ ସମ୍ପଦର ସମ୍ବଳ ହୁଏ। ପ୍ରାଥମିକ ଶିକ୍ଷାରେ ଏହି ଅଲୌକିକ ଭୂଷଣ ହେଉଛି ଭାଷା। ଚାରିପାଖର ଭାଷା-ଛଟା। କୌଶଳ ଅପେକ୍ଷା ଭାବାବେଗ ଅଧିକ ଥାଏ। ଦେଖିବା ଓ ବୁଝିବା ଗୋଟିଏ ମନର ଦୁଇ କାନି ହୋଇରହିଥାନ୍ତି।

ଆମ୍ବଗଛ ତଳେ କାଠମଞ୍ଚା । ତା'ରି ଉପରେ ବସି କାନ୍ଦୁଲ ବାଡ଼କୁ ଆଖିପାଇ ଯାଉଥାଏ ପିଲାଙ୍କର। ଭାବନାରେ ବାଧା ନାହିଁ, କହିବାରେ ମଧ୍ୟ ବାଧା ନାହିଁ। ଭାଷା ନିଜର, ଭାବ ନିଜର ଚାରିପାଖର ପରିବେଶ ଆହୁରି ମଧ୍ୟ ନିଜର। ପ୍ରାଥମିକ ଶିକ୍ଷାରେ ଏହି ନିଜର ପଣଟି ଅମୂଳ ମୂଳ। ଏଥକୁ ହାତ, ମନ ଓ ମୁଣ୍ଡ ପାଇବା ସହଜ। ଦୂରକୁ ଯିବାକୁ ପଡ଼େ ନାହିଁ।



ପିଲାଏ ଆଙ୍କିଲେ କାନ୍ଦୁଲ ବାଡ଼ର ଛବି। ରଙ୍ଗ ଓ ତୂଳୀ ଧରି ନ ଥିବା ହାତ, ଖୁବ୍ ନିକଭାବରେ ପିଲାଙ୍କ ହାତକୁ ସଳଖି ଦେଲେ। ଯାହା ଥିଲା ତାକୁ ଦେଖିଲେ, ତାକୁ ମଧ୍ୟ ଆଙ୍କିଲେ। ଧଳା କାଗଜ ଉପରେ ଚିତ୍ରମାନ ଧୀରେ ଧୀରେ ଝଟକି ଉଠିଲେ। କାନ୍ଦୁଲଗଛର ମୂଳଠାରୁ ଆକାଶର ଖଣ୍ଡ ଖଣ୍ଡ ଧଳା ବଉଦ ଆହା କି ମନଲୋଭା ହୋଇ ଉଠିଲା। ପିଲାଙ୍କ ନଜରରୁ କିଛି ବି ହଟୁ ନ ଥିଲା ସେତେବେଳେ କାନ୍ଦୁଲବାଡ଼ର ଘାସଠାରୁ କୁମୁଡ଼ା (ବୋଇତାଳୁ) ମାଳ (ଡଙ୍କ ବା ଲଟି)। ଶୁଖିଲା ଝୁଣୁଙ୍ଗଠାରୁ କପାବାଡ଼ରେ ଉଡୁଥିବା ପ୍ରଜାପତି। ଏମାନେ ଧରାଦେଉଥିଲେ ପିଲାଙ୍କ ରଙ୍ଗରେ। ଶିକ୍ଷକଭାଇମାନଙ୍କର ଆଦୌ ହସ୍ତକ୍ଷେପ ନ ଥିଲା। ଥିଲା କେବଳ ଯତ୍‌ସାମାନ୍ୟ ପରାମର୍ଶ ରଙ୍ଗ ଓ ତୂଳୀର ବ୍ୟବହାରକୁ ନେଇ। ଫୁଲ କାହାର ବୋଲକଥା ନ ମାନି ଗଛରେ ବେଶ୍ ଫୁଟେ। ସେହିପରି କାନ୍ଦୁଲବାଡ଼ରେ ବି ଫୁଲ ଆସିଲା କାହାକୁ କିଛି ନ ଜଣାଇ। ପ୍ରାଥମିକ ଶିକ୍ଷାରେ ଫୁଲ ଫୁଟିବାର ନଜର ସେହିପରି। ସମସ୍ତଙ୍କ ଅଜାଣତରେ ଫୁଟି ଉଠୁଥାଏ। ଯେଉଁଠି ଶିକ୍ଷକ-ଭାଇ ସକ୍ରିୟ-ସହାୟକ ସେଠାରେ ଏହାକୁ ଅନ୍ଦାଜ କରିହୁଏ। କେହି ବି ପିଲା ଅଲୋଡ଼ା ହୁଅନ୍ତି ନାହିଁ। 'ମୋ ହୃଦୟ ପିଲାଙ୍କ ପାଇଁ' ଗ୍ରନ୍ଥ ଭାସିଲି ସୁଖୋମୋଲିନ୍‌ସ୍କିଙ୍କର ଅମର ଚାହାଣୀ ସେଥିପାଇଁ ସମସ୍ତଙ୍କ ଲାଗି। ଡଙ୍ଗରୁଣୀଠାରୁ କଥା ନେଇ ଶୁଖିଯାଇଥିବା ଲଇ ଝୁଣୁଙ୍ଗର ଚେହେରା ପର୍ଯ୍ୟନ୍ତ। ଆପଣ ଯେଉଁମାନେ ପରିଚୟ ପାଇ ନ ଥିବେ ଡଙ୍ଗରୁଣୀ ସେମାନଙ୍କ ଲାଗି ଏହା ନୂଆ ନୂଆ। ଡଙ୍ଗରୁଣୀ ବା କଟିଂ ହେଉଛି ଡାଲିଜାତୀୟ ଶସ୍ୟ। ଝୁଣୁଙ୍ଗ ଦାନା ପରି ସବୁଜ ଓ ହଳଦିଆ ରଙ୍ଗର ମିଶାମିଶି। ଡଙ୍ଗର କାନିରେ କାହାର ଆକଟ ନ ମାନି ଡଙ୍ଗର ପବନରେ ଡଙ୍ଗରର ଭସା ମେଘକୁ ଅନାଇ ଅନାଇ ବଢୁଥାଏ। ଡଙ୍ଗରୁଣୀର ଅମଳ ସମୟ ଏତିକିବେଳେ ମାର୍ଗଶିର ଓ ପୁଷମାସରେ। ତାକୁ ନା ଦିଆଯାଏ ସାର, ନା ଖତ, ନା ଆଉ କିଛି। ଆଦିବାସୀ ଜନ ସମୁଦାୟ ବିହନ ଛାଟିଦିଏ ଡଙ୍ଗର ଦିହରେ ପାଣିପାଗକୁ ନଜର ଦେଇ। ଡଙ୍ଗରୁଣୀ ସମସ୍ତଙ୍କ ନିକଟରେ ଖୁବ୍ ନିଜର। ଆମ ଗାଆଁ ସ୍କୁଲର ପ୍ରାଥମିକ ଶିକ୍ଷା ଏହି ଡଙ୍ଗରୁଣୀର ଛବି। କେବଳ ପିଲା ପାଇଁ ଯେତିକ ନୁହେଁ, ଆମ ସଭିଙ୍କ ଲାଗି ହେପାଜତର ପ୍ରସଙ୍ଗ। କାନ୍ଦୁଲବାଡ଼ ନିକଟରେ ପିଲାଏ ଡଙ୍ଗର କାନିକୁ ଖରା ଆସିବାବେଳକୁ ଆସିଯାଇଥିଲେ ; କାନ୍ଦୁଲବାଡ଼ ଅଙ୍କା ସରିଲା ବେଳକୁ ଡଙ୍ଗର ମଥାକୁ ଛୁଇଁଆସୁଥିଲେ ସୂର୍ଯ୍ୟ। ଚିତ୍ର ସିନା ସରି ଆସୁଥିଲା, ମାତ୍ର ମନ ସରୁ ନ ଥିଲା । ଡଙ୍ଗରୁଣୀର ଭାବନାରେ ପିଲାଏ ଥିଲେ ଏତେ ଏତେ ହସର ଗୋଟେ ଗୋଟେ ଉଚ୍ଛୁଳୁଥିବା ଝୁଡ଼ି।

**ବିଷମକଟକ, ରାୟଗଡ଼ା**
**ମୋ: ୮୨୪୯୬୫୭୭୭୮**

## ଏଇ ଭାରତରେ

ଦୃଢ଼ ଇଚ୍ଛାଶକ୍ତି ଥିବା ମଣିଷ ଲକ୍ଷ୍ୟ ହାସଲ ନ ହେବା ଯାଏ ଥକିଯାଏ ନାହିଁ। ସବୁ ବାଧା ଏପରିକି ସୁଯୋଗକୁ ମଧ୍ୟ ପଛକରି ସେଠାରେ ପହଞ୍ଚିଯାଆନ୍ତି ସେମାନେ। ଏମିତି ଜଣେ ମହିଳା ହେଉଛନ୍ତି ତୃପ୍ତି ଭଟ୍ଟ। ସେ ଭାରତୀୟ ପୋଲିସ ସେବା( ଆଇପିଏସ୍) ଅଧିକାରୀ ହେବା ପାଇଁ ଲକ୍ଷ୍ୟ ରଖି ତାହା ହାସଲ କରିଛନ୍ତି ଏବଂ ଏହା ପୂର୍ବରୁ ସେ ୧୬ଟି ସରକାରୀ ଚାକିରି ପାଇଁ ଯୋଗ୍ୟ ହୋଇ ସେସବୁକୁ ଛାଡ଼ିଛନ୍ତି। ଏପରିକି ୨୦୧୩ରେ ସେ ୟୁପିଏସ୍‌ସିରେ କୃତକାର୍ଯ୍ୟ ହୋଇ ଆଇଏଏସ୍ ପାଇଥିଲେ ମଧ୍ୟ ଆଇପିଏସ୍‌ରେ ଯୋଗଦେଇଥିଲେ। ତୃପ୍ତି ଏବେ ଡେରାଡୁନ୍‌ର ଏସ୍‌ପି( ଗୋଇନ୍ଦା ଓ ସୁରକ୍ଷା) ଅଛନ୍ତି। ତାଙ୍କ ସଫଳତା ପଛରେ ଏକ କାହାଣୀ ରହିଛି। ସେ ଯେତେବେଳେ ୯ମ ଶ୍ରେଣୀରେ ପଢୁଥିଲେ ସେତେବେଳେ ପୂର୍ବତନ ରାଷ୍ଟ୍ରପତି ଡ.ଏପିଜେ ଅବଦୁଲ କଲାମଙ୍କ ସହ ତାଙ୍କୁ ସାକ୍ଷାତ ହେବାର ସୁଯୋଗ ମିଳିଥିଲା। ଡ.କଲାମ ଏକ ହାତଲେଖା ଚିଠି ଦେଇଥିଲେ ଯାହା ତାଙ୍କୁ ଦେଶ ସେବା ଲାଗି ପ୍ରେରିତ କରିଥିଲା। ପରେ ସେ ଆଇପିଏସ୍ ଅଧିକାରୀ ହେବାକୁ ଚାହିଁଥିଲେ। କିନ୍ତୁ ତା'ପୂର୍ବରୁ ସେ ନିଯୁକ୍ତି ପାଇଁ ଯୋଗ୍ୟହୋଇ ଛାଡ଼ିଥିବା ସରକାରୀ ଚାକିରିରେ ଇସ୍ରୋର ଚାକିରି ମଧ୍ୟ ରହିଛି।

## ଚିରନ୍ତନୀ

ଆପେ ଶିଖି ଯେବେ ଫେରାଇବୁ ତୋର ମୁଖ
ବାଜିବ ଏ ବୁକେ ତିଳେକ ଦାରୁଣ ଦୁଃଖ
କିଛି ନୁହେ ବୋଲି ପୋଛିଦେବି ମୋର ଲୁହ
ନିମେଷକ ଲାଗି ହେବ ଏ ବଦନ ମୂକ ।

-(ରୂପର ମୋହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଦୁର୍ନୀତି ମହାମାରୀ

ମହାଶୟ,

କରୋନା ମହାମାରୀକୁ ଦମନ କରାଗଲା। ଯକ୍ଷ୍ମା ଭଳି ଅନେକ ଯନ୍ତ୍ରଣାଦାୟକ ରୋଗକୁ ମଧ୍ୟ ନିରାକରଣ କରାଯାଇଛି। ହେଲେ ଦୁର୍ନୀତି ମହାମାରୀ ଏପରି ରୋଗ, ତାକୁ ଦମନ କରାଯାଇପାରୁନାହିଁ। କେବଳ ଖଜୁରି ଗଛ ଗୁଣ ବାହୁନା ସାର ହେଉଛି। ପୂର୍ବେ କର୍ମଚାରୀମାନଙ୍କ ଦରମା କମ୍ ଥିଲା। ସେମାନେ ଆୟ ଦେଖି ବ୍ୟୟ କରିବାରେ ଅଭ୍ୟସ୍ତ ଥିଲେ। ସୀମିତ ସମ୍ବଳକୁ ଆଧାରକରି ପରିବାର ପୋଷଣ ପୂର୍ବକ ସୁଖରେ ଥିଲେ। ପରବର୍ତ୍ତୀ ସମୟରେ ଆଧୁନିକ ମାନସିକତା ଜାଗ୍ରତ ହେଲା। ନିଜ ଚଳଣିରେ ଅପୂର୍ବ, ଅହେତୁକ ପରିବର୍ତ୍ତନ ଘଟିବାକୁ ଲାଗିଲା। ଅର୍ଥାତ୍ ନିଜର ଆବଶ୍ୟକତା ପୂରଣ ପାଇଁ ଅଧିକ ଅର୍ଥର ଲୋଡ଼ା ପଡ଼ିଲା। ଅଧିକ ଅର୍ଥ ଉପାର୍ଜନ ପାଇଁ କେତେଜଣ ଲୋକ ଉପାୟମାନ ଚିନ୍ତାକଲେ। ଟେବୁଲ ତଳେ ହାତ ଗଳାଇବାଠାରୁ ଆରମ୍ଭକରି ନାନାଦି ଅସତ୍ ଉପାୟ ଅବଲମ୍ବନ ପୂର୍ବକ ମାଲାମାଲ ହୋଇଗଲେ। ଏପରିକି ଲୋକମାନଙ୍କ ମଧ୍ୟରେ ଏହି ଅସତ୍ ଉପାୟରେ ଅର୍ଥ ଉପାର୍ଜନକରି ବିଳାସବ୍ୟସନରେ ଜୀବନ ବିତାଇବା ଏକ ଶୈଳୀରେ ପରିଣତ ହୋଇଗଲା। ଏଥିରେ ସର୍ବସାଧାରଣ ସମ୍ପତ୍ତି ଲୁଟ୍ ହେଲା। ଅବଶ୍ୟ ଅନେକ ଦୁର୍ନୀତିଖୋର ଲୋକ ଜେଲଦଣ୍ଡ ଓ ଅର୍ଥଦଣ୍ଡରେ ଦଣ୍ଡିତ ହେଉଛନ୍ତି। ସେଥିମଧ୍ୟରୁ ଅନେକ ସମ୍ପତ୍ତି ମଧ୍ୟ ବାଜ୍ୟାପ୍ତି ହେଉଛି। ତଥାପି ରାଜ୍ୟରୁ ଦୁର୍ନୀତି ହ୍ରାସ ପାଇବା ପରିବର୍ତ୍ତେ ବୃଦ୍ଧିପାଇବାରେ ଲାଗିଛି। ଘୋର ପରିତାପର ବିଷୟ, ବର୍ତ୍ତମାନ ସମୟରେ ଆଧୁନିକ ଉଚ୍ଚ ଶିକ୍ଷିତ ବ୍ୟକ୍ତି କର୍ମନିଯୁକ୍ତି ପାଉ ପାଉ ଦୁର୍ନୀତି ଉପାୟରେ ଅର୍ଥ ଉପାର୍ଜନ କରୁଥିବା ଖବର ସମ୍ବାଦପତ୍ର ମାଧ୍ୟମରେ ପ୍ରକାଶ ପାଉଛି। ଜନସମାଜ କ'ଣ ଭବିଷ୍ୟତ ପିଢ଼ିଙ୍କଠାରୁ ଏପରି କାର୍ଯ୍ୟ ଆଶା କରୁଥିଲେ। ବୋଧହୁଏ ମହାପ୍ରଳୟ ପରେ ଏ ଦୁର୍ନୀତି ମହାମାରୀ ରୋଗର ଅବସାନ ଘଟିବ। ତଥାପି ଦୁର୍ନୀତି ହଟାଇବା ପାଇଁ ଏକ ବିପ୍ଳବର ଆବଶ୍ୟକତା ଅନୁଭୂତ ହୁଏ।

**-ମହେଶ୍ୱର ନାୟକ, ଦୋବନ୍ଧା, କେନ୍ଦ୍ରାପଡ଼ା**

### ଔଷଧ ସମସ୍ୟା ନ ହେଉ

ସରକାରୀ ଚିକିତ୍ସାଳୟରେ ନିରାମୟରେ ମିଳୁଥିବା ମାଗଣା ଔଷଧ ଦୁଇଶହ ରୋଗର ଔଷଧ ମଧ୍ୟରୁ ଅଶୀଟି ମିଳୁଛି। ଏଥିପ୍ରତି ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟ ବିଭାଗର ଗୁରୁଦାୟିତ୍ୱ ରହିଛି। ଏପରିକି ରାଜ୍ୟ ତଥା ଅନ୍ୟ ରାଜ୍ୟରୁ ମାଗଣାରେ ଚିକିତ୍ସା ସହିତ ଔଷଧ ନେବାକୁ ଗରିବ ରୋଗୀମାନେ ଆସିଥା'ନ୍ତି। ଏଥିପ୍ରତି ମେଡିକାଲର ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦିଅନ୍ତୁ। ଖୋଲାବଜାରରୁ ଔଷଧ କିଣିବାକୁ ପରାମର୍ଶ ଦେବା ଅନୁଚିତ। ପ୍ରତିକାର ବ୍ୟବସ୍ଥା ଜରୁରୀ।

**- ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଆଦିବାସୀଙ୍କ କଳା, ସଂସ୍କୃତି ସୁରକ୍ଷା ପାଇଁ ପ୍ରଶାସନର ପ୍ରୟାସ

ବିଷମକଟକ,୧୪।୧୨ (ପ୍ରସନ୍ନ କୁମାର ପଣ୍ଡା)


ଚଇତି ମଞ୍ଚରେ କଳାକାରମାନେ ଆଦିବାସୀ ନୃତ୍ୟ ପରିବେଷଣ କରୁଛନ୍ତି।

### ବିଷମ କଟକ ବ୍ଲକ୍‌ସ୍ତରୀୟ ଚଇତି-୨୦୨୫

ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକରେ ଲୋକ କଳା ଓ ସଂସ୍କୃତିର ମହାପର୍ବ ଲୋକ ମହୋତ୍ସବ ଚଇତି -୨୦୨୫ ରବିବାର ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ବିଷମ କଟକ ସହରର ଅଧିଷ୍ଠାତ୍ରୀ ଦେବୀ ମା' ମାର୍କମା ମନ୍ଦିରରେ ପୂଜାର୍ଚ୍ଚନା କରି କଳସଯାତ୍ରା ବାଜା ବାଜେଣିରେ ସହର ପରିକ୍ରମା କରି ଚଇତି ମଣ୍ଡପରେ ସ୍ଥାପନ କରାଯାଇଥିଲା। କଳସଯାତ୍ରାରେ ବିଷମ କଟକ ବିଧାୟକ ନୀଳମାଧବ ହିକ୍କା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ, ବିଷମକଟକ ପଞ୍ଚାୟତ ସମିତି ଅଧ୍ୟକ୍ଷା ଯଶୋଦା ହୁଇକା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକ, ତହସିଲଦାର ଭେଙ୍କଟେଶ୍ୱର ରେଡ୍ଡୀ, ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢ଼ି, ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, ଜିଲ୍ଲା ପରିଷଦ ସଦସ୍ୟ ସୁଜାତା କାଦ୍ରାକା ଓ ବିଜୟ ଶାନ୍ତି କୁମ୍ଭରକୋଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

ଚଇତି ମହୋତ୍ସବ ମାଧ୍ୟମରେ ଆଦିବାସୀ ଅଞ୍ଚଳରେ ଲୁକ୍କାୟିତ ପ୍ରତିଭାକୁ ଉଜାଗର କରିବା ସହ ସେମାନଙ୍କ କଳା ଓ ସଂସ୍କୃତି କେମିତି ବିଶ୍ୱ ଦରବାରରେ ପହଞ୍ଚିବ ସେ ନେଇ ଜିଲ୍ଲା ପ୍ରଶାସନର ଏହା ଏକ ପ୍ରୟାସ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ରାୟଗଡ଼ା ଜିଲ୍ଲା ର ୧୧ଗୋଟି ବ୍ଲକରେ ଆୟୋଜିତ ହେଇଆସୁଛି ଚଇତି ମହୋତ୍ସବ।

ଚଇତି ମହୋତ୍ସବରେ ମହିଳା ମଣ୍ଡଳ ସଦସ୍ୟା, ମିଶନ ଶକ୍ତି କର୍ମଚାରୀ, ଅଙ୍ଗନୱାଡି କର୍ମୀଙ୍କ ସମେତ ବ୍ଲକ କର୍ମଚାରୀମାନେ ଯୋଗଦେଇ ଥିଲେ। ମଞ୍ଚ ପରିସରରେ ବିଭିନ୍ନ ବିଭାଗର ୧୦ଟି ବିଭିନ୍ନ ଷ୍ଟଲ ଲାଗିଥିବା ବେଳେ ଅତିଥିମାନେ ସମସ୍ତ ଷ୍ଟଲକୁ ଉଦଘାଟନ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ କଳା ଓ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚଇତି କମିଟି ତରଫରୁ ବିଭିନ୍ନ କ୍ରିଡ଼ା ପ୍ରତିଯୋଗିତା ସାଙ୍ଗକୁ ଖୋଡ଼ି, ଡିବେଟ୍, ଗୀତ, ବକ୍ତୃତା ପ୍ରତିଯୋଗିତାରେ କୃତକାର୍ଯ୍ୟ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏଥିସହିତ ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟ, ବରିଷ୍ଠ ନାଗରିକଙ୍କୁ ଉତ୍ତରୀୟ ଏବଂ ମାନପତ୍ର ପ୍ରଦାନ କରାଯାଇଛି।

ଅପରାହ୍ନରେ ଉଦ୍ଯାପନୀ ଉତ୍ସବରେ ବିଷମ କଟକ ବିଧାୟକ ନୀଳ ମାଧବ ହିକ୍କା ମୁଖ୍ୟ ଅତିଥି ଭାବେ ମଞ୍ଚାସୀନ ଥିଲେ। ବିଷମ କଟକ ସମିତି ଅଧ୍ୟକ୍ଷା ଯଶୋଦା ହୁଇକା, ଉପାଧ୍ୟକ୍ଷ ଦେବୀ ପଟ୍ଟନାୟକ, ବିଷମ କଟକ ବିଡିଓ ଶିବ ପ୍ରସାଦ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଚଇତି ପଡ଼ିଆ ପରିସରରେ ଅଙ୍ଗନୱାଡ଼ି, ସ୍ୱାସ୍ଥ୍ୟ ବିଭାଗ, ଜଳ ଓ ପରିମଳ,କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ ତରଫରୁ ଷ୍ଟଲ ଖୋଲାଯାଇଛି। ବିଡିଓ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚଇତି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ବ୍ଲକ ସହକାରୀ ଯନ୍ତ୍ରୀ ଖରଣୀ ତ୍ରିପାଠୀ, ବ୍ଲକ ମଙ୍ଗଳ ବିଭାଗ ଅଧିକାରୀ ଶୁଭ ପ୍ରଦା ସାସମଲ, ବିଏସ୍‌ଏସ୍ ପୁନା ତାଡିଙ୍ଗି, ବିଏପିଓ ମମିତା ପୂଜାରୀ, ସିପି ବିନାୟକ ମିଶ୍ରଙ୍କ ସମେତ ସମସ୍ତ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ। ରେଭାଲେରି ଓଡ଼ିଆ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ମଧୁସ୍ମିତା ଦାସ, ସିଆରସି ରାଜେଶ ବିଶ୍ୱାଳ ଓ ଲଳିତା ହିମିରିକା ମଞ୍ଚ ପରିଚାଳନା କରିଥିଲେ।

# ଉପ ମୁଖ୍ୟମନ୍ତ୍ରୀଙ୍କଠାରୁ ପୁରସ୍କୃତ ହେଲେ ଛାତ୍ର ସିଧୁ ବିଶୋୟୀ


ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସିଧୁଙ୍କୁ ପୁରସ୍କୃତ କରୁଛନ୍ତି।

କଲ୍ୟାଣସିଂହପୁର,୧୪।୧୨ (ଦୀପକ କୁମାର ପରିଡା)

### ରାଜ୍ୟସ୍ତରୀୟ ଶକ୍ତି ସଂରକ୍ଷଣ ପ୍ରକଳ୍ପ

ଶକ୍ତି ସଂରକ୍ଷଣ ଦିବସ ଉପଲକ୍ଷେ ରାଜ୍ୟସ୍ତରୀୟ ଶକ୍ତି ସଂରକ୍ଷଣ ପ୍ରକଳ୍ପ ପ୍ରଦର୍ଶନରେ ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ସିକରପାଇ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ର ସିଧୁ ବିଶୋୟୀଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପ ୫ମ ସ୍ଥାନ ଅଧିକାର କରିଛି। ଏହିଅବସରରେ ଉପ ମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଦଶମ ଶ୍ରେଣୀ ଛାତ୍ର ସିଧୁଙ୍କୁ ୨ ହଜାର ଅର୍ଥରାଶି ସହ ପ୍ରମାଣପତ୍ର ଏବଂ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଛନ୍ତି।

ସୂଚନାଯୋଗ୍ୟ, ସିଧୁଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପ ଜିଲ୍ଲାସ୍ତରରୁ ମନୋନୀତ ହୋଇ ରାଜ୍ୟସ୍ତରରେ ଭାଗନେଇଥିଲେ। ସମଗ୍ର ଓଡ଼ିଶାରେ ୩୦ଟି ପ୍ରକଳ୍ପ ମଧ୍ୟରୁ ସିଧୁଙ୍କ ପ୍ରକଳ୍ପ ୫ମ ସ୍ଥାନରେ ରହିଛି। ଏହି ପ୍ରକଳ୍ପ ପ୍ରସ୍ତୁତି ସିଧୁଙ୍କୁ ସହଯୋଗର କରିଥିଲେ ବିଦ୍ୟାଳୟର ଭାରପ୍ରାପ୍ତ ଇକୋ କ୍ଲବ ଶିକ୍ଷକ ତାପସ କୁମାର ଦଳାଇ। ଛାତ୍ରଙ୍କ କୃତତ୍ୱ ପରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜୀତ୍ କୁମାର ଗିରି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ୭୫୦୦ ଗଞ୍ଜେଇ ଗଛ କାଟିଲା ପ୍ରଶାସନ

ଗୁଡାରି, ୧୪।୧୨(ପ୍ରମୋଦ କୁମାର ପତି)

ଗୁଡାରି ଥାନା ଅଧୀନ ଖଇରାଗୁଡ଼ା ନିକଟରେ ବେଆଇନ ଭାବେ ୨. ୫ ଏକର ଜମିରେ ଚାଷ ହୋଇଥିବା ୭୫୦୦ ଗଞ୍ଜେଇ ଗଛକୁ ବ୍ଲକ ପ୍ରଶାସନ ଓ ନଷ୍ଟ କଲା ପୋଲିସ ପକ୍ଷରୁ ନଷ୍ଟ କରାଯାଇଛି। ରାୟଗଡା ଏସପି ସ୍ୱାଥୀ ଏସ୍. କୁମାରଙ୍କ ନିର୍ଦ୍ଦେଶକ୍ରମେ ଗୁଣପୁର ଏସ୍‌ଡିପିଓ ବାବୁଲି ନାୟକଙ୍କ ଉପସ୍ଥିତିରେ ଗୁଡାରି ଥାନା ଅଧିକାରୀ ସମର୍ପିତା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ପ୍ରଶାସନ, ବନ ବିଭାଗ, ଅବକାରୀ ବିଭାଗ ଓ ପୋଲିସ ବିଭାଗଙ୍କ ମିଳିତ ଭାବେ ଏହି ଗଞ୍ଜେଇ ଚାଷ ନଷ୍ଟ କରିଛନ୍ତି। ଏ ନେଇ ସ୍ଥାନୀୟ ଥାନାରେ କେସ୍ ନମ୍ବର ୧୩୭/୨୫ରେ ମାମଲା ରୁଜୁ ହୋଇଛି।

# ଶୀତବସ୍ତ୍ର ଦୋକାନରେ ଅଗ୍ନିକାଣ୍ଡ

ଜେକେ ପୁର ୧୪।୧୨ (ରାଜେଶ ବିଶ୍ୱାଳ)

ରାୟଗଡା ବ୍ଲକ୍ କମ୍ବଳପେଟସ୍ଥିତ ଶ୍ରୀ ଉଗ୍ରତାର ହାଇ ସ୍କୁଲ ସମ୍ମୁଖରେ ତଥା ଏନ୍‌ଏଚ -୩୨୬ ପାର୍ଶ୍ୱରେ ଥିବା ପ୍ରାୟ ୮ଟି ଶୀତବସ୍ତ୍ର ଦୋକାନରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ପୋଷାକ ଜଳିଯାଇଛି। ପାଖାପାଖି ଲାଗିଥିବା ପ୍ରାୟ ୮ଟି ଷ୍ଟଲରେ ନିଆଁ ବ୍ୟାପି ପ୍ରାୟ ୨ ଲକ୍ଷ ଟଙ୍କାର ଶୀତ ବସ୍ତ୍ର ସହ ନଗଦ ୯୦ ହଜାର ଟଙ୍କା ସମ୍ପୂର୍ଣ୍ଣ ରୂପେ ଜଳି ପାଉଁଶ ହୋଇଯାଇଛି। କୋଲନରା ତଥା ରାୟଗଡ଼ା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

ସୂଚନାଯୋଗ୍ୟ, ମଧ୍ୟପ୍ରଦେଶରୁ ଆସିଥିବା ବ୍ୟବସାୟୀମାନେ ଏନ୍‌ଏଚ୍ କଡରେ ବ୍ୟବସାୟ ନିମନ୍ତେ ପ୍ରାୟ ୮ଟି ଷ୍ଟଲ ଖୋଲି ଶୀତବସ୍ତ୍ର ବିକ୍ରି କରୁଥିଲେ। ଶନିବାର ମଧ୍ୟରାତିରେ କୌଣସି କାରଣରୁ ଷ୍ଟଲ-୧ରେ ନିଆଁ ଲାଗିସବୁ ଷ୍ଟଲକୁ ବ୍ୟାପି ଯାଇଥିଲା। ଚାନ୍ଦିଲି ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି। ଏହି ଦୁର୍ଘଟଣାରେ ନାଇଁନ ସିଂହ ଓ ବଳରାମ ନିଆଁରେ ସାମାନ୍ୟ ପୋଡି ଯାଇଥିବା ଦେଖିବାକୁ ମିଳିଛି।

# ଢାମ୍ପ, ଢେମସା ନୃତ୍ୟରେ ଦୁଲୁକିଲା ଚଇତି ମଣ୍ଡପ

ପଦ୍ମପୁର, ୧୪।୧୨ (ପ୍ରଶାନ୍ତ କୁମାର କର)

### ପଦ୍ମପୁର ବ୍ଲକ୍‌ସ୍ତରୀୟ ସାଂସ୍କୃତିକ ମହୋତ୍ସବ ଚଇତି

ରାୟଗଡ଼ା ଜିଲ୍ଲା ବହୁ ଲୁକ୍କାୟିତ ପ୍ରତିଭାଙ୍କୁ ଲୋକଲୋଚନାକୁ ଆଣିଥିବା ପଦ୍ମପୁରର ଚଇତି ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଚଇତି ଆବାହକ ତଥା ସଭାପତି ବିଡ଼ିଓ କୁରେଶ୍ଚ ଚନ୍ଦ୍ର ଜାନୀ ଓ ପଦ୍ମପୁର ବ୍ଲକ୍ ଅଧ୍ୟକ୍ଷ ମଣିମାଳା ଶବର ନେତୃତ୍ୱରେ ପୂର୍ବାହ୍ନ ୧୦ଟାରେ ପଦ୍ମପୁରସ୍ଥିତ ଟୀର ପ୍ରବାହିତ ଖମାପଦର ନାଳରୁ ଗଙ୍ଗା ଆବାହନ ପୂର୍ବକ କଳସରେ ପାଣି ଆଣିଥିଲେ। ଚଇତି ମଣ୍ଡପରେ ଘଟ ସ୍ଥାପନ ପରେ ଜିଲ୍ଲାସ୍ତରୀୟ ଭାବେ କାଶୀପୁରରୁ ମା'ମାଣିକେଶ୍ୱରୀଙ୍କ ପୀଠରୁ ଆସିଥିବା ଘଟକୁ ବ୍ଲକ୍ ଅଧ୍ୟକ୍ଷ ମଣିମାଳା ଶବର ମୁଣ୍ଡାଇବା ପରେ ଚଇତି ରଥ ସହର ପରିକ୍ରମା କରିଥିଲା। ଏହି ସମୟରେ ଘୁମୁରା ବାଦ୍ୟ, ଢାମ୍ପ, ଚାଙ୍ଗୁ, ଡିଜେର ତାଳ ତାଳେ ଶବର


ଚଇତି ମଞ୍ଚରେ ଉପସ୍ଥିତ ଅତିଥି ।

ରମଣୀମାନେ ନୃତ୍ୟ ଗୀତ କରି ପଦ୍ମପୁରର ଆରାଧ୍ୟା ଦେବୀ ମା' ଖିଲାମଣ୍ଡା ଠାକୁରାଣୀଙ୍କ ଠାରୁ ଆଜ୍ଞାମାଳ ଓ ପୂଜାର୍ଚ୍ଚନା କରି ପଦ୍ମପୁର ବିଜୟା ନନ୍ଦ ହାଇସ୍କୁଲ ଚଇତି ମଣ୍ଡପ ପଡ଼ିଆରେ ପହଞ୍ଚି କଳସ ସ୍ଥାପନା କରିଥିଲେ। ଏହି ସମୟରେ ବିଭିନ୍ନ ଷ୍ଟଲଗୁଡିକୁ ଅତିଥିମାନେ ବୁଲି ଦେଖିଥିଲେ।

ଅପରାହ୍ନରେ ଚଇତି ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ଜିଲ୍ଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ, ଗୁଣପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱସ୍ତିକ ଜମାଦାର, ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁରେଶ୍ଚ ଚନ୍ଦ୍ର ଜାନୀ, ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ପଦ୍ମପୁର ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ସ୍ନିଗ୍ଧାମୟୀ ବାରିକ, ଗୁଡ଼ାରି ବିଡ଼ିଓ ସୁସ୍ମିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଚଇତି ମଣ୍ଡପ ମଞ୍ଚକୁ ବିଦିଶା ଶତପଥୀ ଓ ଚିତ୍ତରଞ୍ଜନ ସେନାପତି ପରିଚାଳନା କରିଥିଲେ। ଉକ୍ତ ମହୋତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସମନ୍ୱିତ ଶିଶୁ ବିକାଶ ସୁପରଭାଇଜର ସାବିତ୍ରୀ ନାୟକ, ଗୋଷ୍ଠୀ ସଂଯୋଜକ ମିଶନ ଶକ୍ତି କ୍ରାନ୍ତି କୁମାର ପାଢ଼ୀ, ମଙ୍ଗଳ ଅଧିକାରୀ ଅର୍ଚ୍ଚନା ପଣ୍ଡା, ଗ୍ରାମ ପଞ୍ଚାୟତ ଅଧିକାରୀ ଗୌରାଙ୍ଗ କାଦମ୍ବୁଲୁ, ଆସିଷ୍ଟାଣ୍ଟ ଏକ୍ଜିକିଟିଭ ଅଫିସର ସୀମାଚଳ ପଣ୍ଡା, ଯୋଗାଣ ଅଧିକାରୀ ଅମର ଶବର, ସିପି ଶଙ୍କର ପ୍ରସାଦ ସାହୁ, ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରମାକାନ୍ତ ମାଝୀ ପ୍ରମୁଖ ସହଯୋଗ କରିଥିଲେ। ୨୭ଟି ଦଳ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ସାହିତ୍ୟ ଅକ୍ଷରରେ ନୁହେଁ ହୃଦୟରେ ବନ୍ଧା


ଅତିଥିମାନେ ମହୋତ୍ସବର ମୁଖପତ୍ର ଶବ୍ଦ ରାଗ ଉନ୍ମୋଚନ କରୁଛନ୍ତି।

ରାୟଗଡ଼ା,୧୪।୧୨(ଆଶିଷ ରଞ୍ଜନ ପଣ୍ଡା)

### ଦାଶ ବେନହୁର ପାଇଲେ ରାୟଗଡ଼ା ସାହିତ୍ୟ ସମ୍ମାନ

ସାହିତ୍ୟ ସଂସ୍କୃତିର ଉଚ୍ଚତର ଅଙ୍ଗ। ସ୍ଥାପତ୍ୟ ହଜିଯିବ ଓ ନଷ୍ଟ ହୋଇଯିବ, କିନ୍ତୁ ସାହିତ୍ୟ ହଜିବନି। ସବୁ ଅସ୍ଥିର, କିନ୍ତୁ ଅକ୍ଷର କୀର୍ତ୍ତି ଚିରସ୍ଥାୟୀ। ସେଥିପାଇଁ ସାହିତ୍ୟ ଅକ୍ଷରରେ ନୁହେଁ ହୃଦୟରେ ବନ୍ଧା ବୋଲି ରାୟଗଡ଼ା ସାହିତ୍ୟ ମହୋତ୍ସବ ଅବସରରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ସ୍ଥାନୀୟ ଯୁଜିଏମଆଇଟି ସମ୍ମିଳନୀ ପ୍ରକୋଷ୍ଠରେ ସଭାପତି ଡ଼. ଦୁଷ୍ମନ୍ତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ରାୟଗଡ଼ା ସାହିତ୍ୟ ମହୋତ୍ସବ ୨୦୨୫ ଅବସରରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଦାଶ ବେନହୁର ଯୋଗ ଦେଇ କହିଥିଲେ, ସମ୍ବେଦନା ହେଉଛି ସାହିତ୍ୟର ମୂଳ ପିଣ୍ଡ। ମାଆର ସ୍ୱର ହେଉଛି ସାହିତ୍ୟର ଆଦ୍ୟ ସ୍ୱର। ଯୁଗେ ଯୁଗେ ରାମାୟଣ ସତ୍ୟର, ଗୀତା ଧର୍ମର ଏବଂ ଭାଗବତ ଭକ୍ତିର କଥା କହି ଆସୁଛି। ଜଗନ୍ନାଥ ମନ୍ଦିର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଆ ଜାତି ସଦା ସର୍ବଦା ନିଜ କଥା ନିଜେ କହି ଆସିଛି ବୋଲି ମତବ୍ୟକ୍ତ କରିଥିଲେ। ସଭାପତି ଡ଼ ମହାନ୍ତି ରାୟଗଡ଼ା ସାହିତ୍ୟର ଇତିହାସ ସମ୍ପର୍କରେ ମତବ୍ୟକ୍ତ କରିଥିବା ବେଳେ ମହୋତ୍ସବର ସମ୍ପାଦକ ସୁଶାନ୍ତ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହୋତ୍ସବ ଉପଦେଷ୍ଟା ଅଶୋକ କୁମାର ଶାରଦା ଓ ଲାବଣ୍ୟ ଶବର ରାୟଗଡ଼ ସାହିତ୍ୟ ପରିବେଶ ସମ୍ପର୍କରେ ଆଲୋକପାତ କରିଥିଲେ। ସାହିତ୍ୟିକ ଦାଶ ବେନହୁରଙ୍କୁ ସ୍ମାରକୀ, ଉପଢୌକନ ସହ ଦଶ ହଜାର ଟଙ୍କାର ପୁରସ୍କାର ରାଶି ସହ ଚଳିତ ବର୍ଷର ରାୟଗଡ଼ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ଉଦଘାଟନୀ ଉତ୍ସବରେ ଶ୍ରୀଧର ପଟ୍ଟନାୟକ ସଂଚାଳନ କରିଥିବା ବେଳେ ସଂଗଠନ ସମ୍ପାଦକ ଡ଼ ଦ୍ୱିତୀ ଚନ୍ଦ୍ର ସାହୁ ରାୟଗଡ଼ାର ଗୌରବମୟ ସ୍ୱର୍ଣ୍ଣିମ ଇତିହାସ ସମ୍ପର୍କରେ ସୂଚନାପ୍ରଦାନ ପୂର୍ବକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମହୋତ୍ସବର ମୁଖପତ୍ର ଶବ୍ଦ ରାଗ ଓ କବି ସଙ୍ଗୀତା ମିଶ୍ରଙ୍କ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ବୟୋଜ୍ୟେଷ୍ଠ ସାହିତ୍ୟିକ ଶ୍ରୀରଙ୍ଗ ନାୟକଙ୍କୁ ସମ୍ମାନିତ କରାଯାଇଥିଲା।

ପ୍ରାଣକୃଷ୍ଣ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଦ୍ୱିତୀୟ ପର୍ବ ଗଳ୍ପ ଅଧିବେଶନରେ ଗାଳ୍ପିକ ଶିବାଶିଷ ପାଢୀ, ଶ୍ରୀଧର ପଟ୍ଟନାୟକ ଓ ରୁପେଶ ସାହୁ ନିମନ୍ତ୍ରିତ ଗାଳ୍ପିକ ଭାବେ ଗଳ୍ପ ପଠନ ସହ ସମ୍ମାନିତ କରାଯାଇଥିଲା। ବେବିରାଣୀ ନନ୍ଦ ସଂଯୋଜନାରେ ପରିଚାଳିତ ଏହି ଆସରରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଗାଳ୍ପିକ ଇଂ ବିଷ୍ଣୁ ସାହୁ, ମୁଖ୍ୟବକ୍ତା ଭାବେ ଚନ୍ଦ୍ରକାନ୍ତ ବିଶ୍ୱାଳ ଓ ସମ୍ମାନିତ ଅତିଥି ଭାବେ ରମେଶ ଟାକ୍ରୀ, ଗାଳ୍ପିକ ରବି ପଣ୍ଡା ଓ ରବି ସ୍ୱାଇଁ ଯୋଗଦେଇ ଥିଲେ। ଲାବଣ୍ୟ ମୋହନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ସାନ୍ଧ୍ୟ ଅଧିବେଶନରେ ଦକ୍ଷିଣାଞ୍ଚଳ ଆରଡ଼ିସି ସଂଗ୍ରାମ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଚାର ସର୍ବସ୍ୱ ନ ହୋଇ ନିରଳସ ସାହିତ୍ୟ ସାଧନା କରିବାକୁ ସାହିତ୍ୟିକଙ୍କୁ ବୁଝାଇଥିଲେ। ଏହି ଅବସରରେ ବିପିନ ବିହାରୀ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ କବିତା ଆସର ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ କବି ଯୋଗଦେଇ କବିତା ପାଠ କରିଥିଲେ। ଏଥିରେ କବି ପ୍ରୀତିଧାରା ସାମଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ କବି ମାଧୁରୀ ପଣ୍ଡା, ରବି ଶତପଥି, ବିଜୟ ପ୍ରଧାନ ଯୋଗଦେଇ ଓଡ଼ିଆ କବିତା ଉପରେ ନିଜର ମତ ରଖିଥିଲେ।

# ବେଟି ବଚାଓ ବେଟି ପଢ଼ାଓ ଅଦ୍ୱିକା କାର୍ଯ୍ୟକ୍ରମ

ଗୁଣପୁର,୧୪।୧୨(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲ୍ଲା ଗୁଣପୁର ବ୍ଲକର ସଦ୍‌ଭାବନା ଗୃହରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ କେନ୍ଦ୍ର ସରକାରଙ୍କ ବେଟି ବଚାଓ ବେଟି ପାଓ ଅଦ୍ୱିକା ଏବଂ ସାଇବର ଅପରାଧ ସୁରକ୍ଷା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଡିଓ ଅଧିକାରୀ ସ୍ୱସ୍ତିକ ଜମାଦାର ଯୋଗ ଦେଇଥିଲେ। ଅନ୍ୟତମ ଅତିଥିଭାବେ ପୋଲିସ ଏସ୍‌ଆଇ ରଞ୍ଜିତ ତ୍ରିପାଠୀ, ବ୍ଲକ ମଙ୍ଗଳ ଅଧିକାରୀ ଗଙ୍ଗାଧର ବେହେରା, ସାହାରା ପରିବାର ପରାମର୍ଶ କେନ୍ଦ୍ର ସଚିବ ପ୍ରମୋଦ କୁମାର ସାହୁ, ଆଶା ଅନୁଷ୍ଠାନ ସମ୍ପାଦକ ୱାଇ. ବେଣୁଧର ଉପସ୍ଥିତ ଥିଲେ। ଏବେ ସାଇବର କ୍ରାଇମ ବଢ଼ୁଛି। ଛାତ୍ରୀଛାତ୍ରଙ୍କୁ ମୋବାଇଲରୁ ଦୁରେଇ ରହିବାକୁ କୁହାଯାଇଛି। ସମାଜରେ କନ୍ୟା ଭ୍ରୂଣ ହତ୍ୟା ବଢ଼ୁଛି। ଏହା ମଧ୍ୟରେ ବେଟି ବଚାଓ ବେଟି ପାଓ ଯୋଜନା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ ଥିବା ବକ୍ତାମାନେ କହିଥିଲେ। କଳ୍ପନା ଗମାଙ୍ଗ, ଶ୍ରୀୟା ବାଉରୀ, ଶିବାନୀ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରି ଥିଲେ। ଉପଖଣ୍ଡ ସୂଚନା ଏବଂ ପ୍ରସାରଣ ବିଭାଗର ଅନନ୍ତ ପାତ୍ର ଉପସ୍ଥିତ ଥିଲେ। ସିଡିପିଓ ସୁଷମା ପ୍ରସାଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ସ୍କୁଲ କଲେଜର ବହୁ ଛାତ୍ରୀ ଯୋଗ ଦେଇ ଥିଲେ। ଶିଶୁ ବିକାଶ ପ୍ରକଳ୍ପର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରି ଥିଲେ।

# ନରେଶ ସ୍ପୋର୍ଟସ୍ ମୁନିଖୋଲ ଚାମ୍ପିୟନ



ଅତିଥିଙ୍କ ସହ ଚାମ୍ପିୟନ ଦଳର ଖେଳାଳିମାନେ।

ମୁନିଗୁଡା,୧୪।୧୨ (ନନ୍ଦ କିଶୋର ପଟ୍ଟନାୟକ)

### ମୁନିଗୁଡ଼ା କ୍ରିକେଟ ଲିଗ୍ ସିଜନ-୧ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ମୁନିଗୁଡାର ଭୈରବୀ ମନ୍ଦିର ନିକଟସ୍ଥ ଖେଳ ପଡିଆରେଠାରେ ମୁନିଗୁଡା କ୍ରିକେଟ ଲିଗ ସିଜନ-୧ ଟେନିସ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ମୁନିଗୁଡା କ୍ରିକେଟ ଲିଗ କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ସ୍ୱୋନସୋର ମା' ଗାୟତ୍ରୀ କଲେକ୍ସନ ମାଲିକ ଶ୍ରୀକାନ୍ତ ନାୟକ, ବ୍ଲକ ବିଜେଡି ସଭାପତି ରତନଲାଲ ଜୈନ, ସମାଜସେବୀ ପୂର୍ଣ୍ଣଚନ୍ଦ୍ର ଗୌଡ଼, ଜିଲ୍ଲା କ୍ରିକେଟ ଆସୋସିଏଶନ ସଦସ୍ୟ ଚତୁର୍ଭୁଜ ବନଛୋର, ମୁନିଗୁଡା କ୍ରିକେଟ ଆସୋସିଏଶନ ସଭାପତି ତଥା ପ୍ରେସ କ୍ଲବ ସମ୍ପାଦକ ନନ୍ଦ କିଶୋର ପଟ୍ଟନାୟକ, ସମ୍ପାଦକ ବାଳକୃଷ୍ଣ ରଥ, ମୁନିଗୁଡା କ୍ରିକେଟ ଲିଗ କମିଟିର ଉପଦେଷ୍ଟା ଅନିଲ ତାରିଣୀ ପ୍ରମୁଖ ଉପସ୍ଥିତ ରହି ଫାଇନାଲ ମ୍ୟାଚ୍ ଉଦ୍‌ଘାଟନ କରିଥିଲେ। ଫାଇନାଲ ମ୍ୟାଚରେ ଆରଏସ-୧୧କୁ ହରାଇ ନରେଶ ସ୍ପୋର୍ଟସ୍ ମୁନିଖୋଲ ଚାମ୍ପିୟନ ହୋଇଛି। ଦଳ ତରଫରୁ କାଳିଆ ୫ଟି ୱିକେଟ ନେଇ ଫାଇନାଲରେ ମ୍ୟାନ ଅଫ ମ୍ୟାଚ ବିବେଚିତ ହୋଇଥିଲେ। ବେଷ୍ଟ ବ୍ୟାଟ୍ସମ୍ୟାନ ଭାବେ ନରେଶ ସ୍ପୋର୍ଟ୍ସର ନରେଶ ପେରିସିକା, ବେଷ୍ଟ ବୋଲର ରମେଶ ଉଲ୍ଲାକା, ବେଷ୍ଟ ଫିଲଡର ପାଇକସାହି ଇଗଲର ଶିବପ୍ରସାଦ, ବେଷ୍ଟ ୱିକେଟ କିପର ନରେଶ ସ୍ପୋର୍ଟ୍ସର ଚନ୍ଦନ ମହାନ୍ତି, ମୋଷ୍ଟ ଭେଲୁବେଲ ପ୍ଲେୟାର ଅଫ ଟୁର୍ଣ୍ଣାମେଣ୍ଟ ଏମସି ରୟାଲର ମଣ୍ଟୁ ରାହୁଲ ପ୍ରମୁଖଙ୍କୁ ଚୟନ କରାଯାଇ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ଚାମ୍ପିୟନ ଦଳକୁ ଆର୍ଥିକ ପୁରସ୍କାର ୫୫, ୫୫୫ ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଟିମକୁ ୩୩, ୩୩୩ ଟଙ୍କା ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ଓଡିଶା ଟେନିସ କ୍ରିକେଟ ଜଗତର ଖ୍ୟାତିନାମା ତାରକା ହୀରାଲାଲ ମେଣ୍ଡିସ, ଟାଟୁମ୍ୟାନ ପିଣ୍ଟୁ ବେହେରା ଯୋଗଦେଇଥିଲେ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଫାଇନାଲ ମ୍ୟାଚକୁ ଅମ୍ପାୟାର ଭାବେ ତୁଫାନ ମାଝୀ ଓ ଆଶିଷ ସାହୁ ଓ ଅଫିସିଆଲ ଅମ୍ପାୟାର ଅନିଲ ସେଠୀ ପରିଚାଳନା କରିଥିଲେ। ଏହି କ୍ରିକେଟ ଲିଗ ଟୁର୍ଣ୍ଣାମେଣ୍ଟ ଗତ ୧ ତାରିଖରୁ ଆରମ୍ଭ ହୋଇ ୧୨ ଦିନ ଧରି ଚାଲିଥିଲା।

# ଅଭିନବ ଚିନ୍ତାଧାରା, କଠିନ ପରିଶ୍ରମ ସଫଳତାର ଚାବିକାଠି

ଗୁଣପୁର,୧୪।୧୨( ପ୍ରଦୀପ କୁମାର ପାଢ଼ୀ)

### ଜିଆଇଇଟି ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ସମାରୋହ

ରାୟଗଡ଼ା ଜିଲ୍ଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ସଭାପତି ଡ଼ ସତ୍ୟ ପ୍ରକାଶ ପଣ୍ଡା ସମାବର୍ତ୍ତନ ଉତ୍ସବର ପ୍ରାରମ୍ଭ ଘୋଷଣା କରିଥିଲେ। ଉପ-କୁଳପତି ଡ଼. ଏଭିଏନଏଲ ଶର୍ମା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରୋଚାନ୍ସେଲର ପ୍ରଫେସର ଡ଼ ଲଳିତ ମୋହନ ପଟ୍ଟନାୟକ ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଇଥିଲେ। ବିଶ୍ୱବିଦ୍ୟାଳୟର ଉପ ସଭାପତି ଡ଼ ଚନ୍ଦ୍ରଧ୍ୱଜ ପଣ୍ଡା ଯୋଗଦେଇ ଗବେଷଣା ମାଧ୍ୟମରେ ସକାରାତ୍ମକ ଚିନ୍ତାଧାରା ସୃଷ୍ଟି ହୋଇଥାଏ ବୋଲି କହିଥିଲେ। ବିଜ୍ଞାନ ଓ ବୈଷୟିକ ଗବେଷଣା କ୍ଷେତ୍ରରେ ଅଧିକ ଉନ୍ନତିର ଆବଶ୍ୟକତା ରହିଛି ବୋଲି କହିବା ସହ କଠିନ ପରିଶ୍ରମ ଓ ଏକାଗ୍ରତା ଦ୍ୱାରା ଲକ୍ଷ୍ୟ ହାସଲ କରି ଭାରତକୁ ଏକ ମହାନ ଦେଶ ଭାବେ ଗଢିବାକୁ ସଭାପତି ପଣ୍ଡା ଆହ୍ୱାନ ଦେଇଥିଲେ। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ତଥା ବିଶ୍ୱ ପାଣିପାଗ ସଂଗଠନର ତୃତୀୟ ଉପ ସଭାପତି ଡ. ମୃତ୍ୟୁଞ୍ଜୟ ମହାପାତ୍ର ଯୋଗଦେଇ ୧୫ ଜଣ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣପଦକ ସହ ସ୍ନାତକରେ ୩୬୦ ଜଣଙ୍କୁ ଓ ସ୍ନାତକୋତ୍ତରରେ ୧୭୦ ଜଣଙ୍କ ସହ ୩୦ ଜଣଙ୍କୁ ପିଏଚଡି ଡିଗ୍ରୀ ପ୍ରଦାନ କରିଥିଲେ। ଏହା ସହ ବଳରାମ ପଣ୍ଡା ସ୍ମାରକୀ ପୁରସ୍କାର ୩ ଜଣ ଓ ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ କୃତିତ୍ୱ ପାଇଁ ୩ ଜଣଙ୍କୁ ସମ୍ମାନିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଏନ୍‌ଆଇଟି ରାୟପୁରର ନିର୍ଦ୍ଦେଶକ ଡ. ଏନଅଭି ରାମାନା ରାଓ ଯୋଗଦେଇ ଉଚ୍ଚ, ନୂତନ ଚିନ୍ତାଧାରା ଓ ଗବେଷଣା ମାଧ୍ୟମରେ ସମାଜର ଉନ୍ନତି ପାଇଁ ଆଗକୁ ଆସିବା ପାଇଁ ଆହ୍ୱାନ ଦେଇଥିଲେ। ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ଼ ପି ବିଜୟ କୁମାର, ସଂଯୋଜକ ଡ. ରାଧାକୃଷ୍ଣ ପାଢ଼ୀ, ସମସ୍ତ ବିଭାଗର ଡିନ, ବିଭାଗର ମୁଖ୍ୟ ଉପସ୍ଥିତ ଥିଲେ। ରେଜିଷ୍ଟ୍ରାର ଡ଼ ଏନ.ଭି.ଜଗନ୍ନାଥ ରାଓ ଧନ୍ୟବାଦ ଅର୍ପଣ କରିଥିଲେ।



ପାଣିପାଗ ବିଭାଗର ଏମ୍‌ଡି ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ ସମ୍ମାନିତ କରାଯାଉଛି।

## ସର୍ବସାଧାରଣଙ୍କ ନିମନ୍ତେ ବିଜ୍ଞପ୍ତି

### ମେସର୍ସ ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ ଲିମିଟେଡ୍

### ପରିବେଶ ମଞ୍ଜୁରୀ

ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (ଏସ୍‌ଇଆଇଏଏ) ଓଡ଼ିଶା, ମେସର୍ସ ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ମୌଜା- ରଘୁନାଥପୁର, ଥାନା- ଚନ୍ଦକା, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶାରେ ଅବସ୍ଥିତ ପ୍ଲଟ୍ ନଂ.- ୨୧୫୯/୨୫୮୨ ଏବଂ ୫୦ଟି ଅନ୍ୟାନ୍ୟ ପ୍ଲଟ୍ ଏବଂ ଖାତା ନଂ.- ୭୨୯/୧୦୨୪ ଓ ୩୫ଟି ଅନ୍ୟାନ୍ୟ ଖାତା ଉପରେ ନିର୍ମିତ ହେଉଥିବା "ଇଭୋସ୍ ଆଲ୍‌କେମୀ" ନାମ ଓ ଶୈଳୀର ଗ୍ରୁପ୍ ହାଉସିଂ ପ୍ରକଳ୍ପକୁ ପରିବେଶ ମଞ୍ଜୁରୀ ପ୍ରଦାନ କରିଛନ୍ତି।

ଇସି ଚିହ୍ନଟୀକରଣ ସଂଖ୍ୟା: ଇସି୨୩ବି୦୩୯ଓଆର୍୧୯୨୧୨୩ (EC23B039OR192123), ତା୨୬।୦୯।୨୦୨୩ରିଖ ଅଧୀନରେ ପରିବେଶ ମଞ୍ଜୁରୀର ନକଲ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (ଏସ୍‌ଇଆଇଏଏ), ଓଡ଼ିଶା ଏବଂ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସ୍‌ପିସିବି)ରେ ଉପଲବ୍ଧ ଏବଂ ତାହାକୁ ପ୍ରାଧିକରଣ/ବୋର୍ଡର ୱେବସାଇଟ୍‌ରେ ମଧ୍ୟ ଦେଖାଯାଇପାରିବ।

ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (ଏସ୍‌ଇଆଇଏଏ) ଇଆଇଏ ନୋଟିଫିକେଶନ୍, ୨୦୦୬ ଅନୁସାରେ ଉପରୋକ୍ତ ପ୍ରକଳ୍ପକୁ ପରିବେଶ ମଞ୍ଜୁରୀ ପ୍ରଦାନ କରିଛନ୍ତି।

**ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ୍ ଲିମିଟେଡ୍**
**କଳିଙ୍ଗ କେଶରୀ ରଥ (ପରିଚାଳନା ନିର୍ଦ୍ଦେଶକ)**
**ପ୍ରାଧିକୃତ ସ୍ୱାକ୍ଷରକର୍ତ୍ତା**

## EKLAVYA MODEL RESIDENTIAL SCHOOL, KUCHINDA

DIST.-SAMBALPUR-768222 (ODISHA)
Email: emrskuchinda2018@gmail.com
Website: https://emrskuchinda.com

### TENDER NOTICE

Notice No. : 759 Date: 12.12.2025

Sealed tenders are invited from reputed and experienced manpower service providers/ firms/ agencies for **outsourcing of manpower** skilled/unskilled (e.g., 2 Security Guards, 5 Sweepers, 1 Gardener, 1 Female Cook, 1 Male Cook, 1 Peon.) for **EKLAVYA MODEL RESIDENTIAL SCHOOL, KUCHINDA** as per the requirements of the authority for a period of one year which may be extended based on performance.

- Registered with appropriate government authorities (e.g., Labour Department, EPF, ESI, GST)
- Minimum 03 years of experience in similar field
- Should not have been blacklisted by any Govt./PSU Organization

The tender document containing terms and conditions can be obtained from the office of the undersigned by downloaded from the website: https://emrskuchinda.com **from** 15.12.2025 to 30.12.2025.

The Technical & Financial bids in sealed envelopes are to be submitted in the sealed box kept in the office within the time 9:00 AM to 4:00 PM on the working days.

- Last date and time for submission : **30.12.2025, up to 4.00 PM.**
- Tender opening date : **06.01.2026 at 10.00 AM**
- Place of submission and opening : **EMRS, KUCHINDA PREMISES**

The undersigned reserves the right to reject any or all tenders without assigning any reason thereof.

**Sd/- PRINCIPAL**
**EMRS, KUCHINDA**

# ଗରିବ ଖଟିଖିଆଙ୍କ ବିକାଶ ହେଲେ ସ୍ୱପ୍ନ ପୂରଣ ହେବ: ମନ୍ତ୍ରୀ



ମଣ୍ଡେଇ ମଞ୍ଚରେ ଉପସ୍ଥିତ ଅତିଥି ।



କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି ।

ନବରଙ୍ଗପୁର,୧୪।୧୨(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ –୨୦୨୫ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତିରାଜ, ପାନୀୟଜଳ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ଯୋଗଦେଇ ୧୯୪୨ ଅଗଷ୍ଟ ୨୪ ତାରିଖରେ ଇଂରେଜ ଗୁଳିକାଣ୍ଡରେ ପ୍ରାଣ ହରାଇଥିବା ସହିଦ ଓ ସଂଗ୍ରାମୀଙ୍କୁ ସ୍ମରଣ କରିଥିଲେ । ଯେଉଁଦିନ ଗରିବ ଖଟିଖିଆଙ୍କ ବିକାଶ ହୋଇପାରିବ ସେଦିନ ସରକାରଙ୍କ ସ୍ୱପ୍ନ ପୁରଣ ହୋଇପାରିବ ବୋଲି ମନ୍ତ୍ରୀ ନାଏକ କହିଥିଲେ। ବରେଣ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ କହିଥିଲେ, କଳା ସଂସ୍କୃତିର ଉତ୍ସବ ମଣ୍ଡେଇ । ଲୋକକଥା, ଲୋକ ସଙ୍ଗୀତ, ସାହିତ୍ୟ ଆମକୁ ପରିଚୟ ଦେଇଆସିଛି। ୨୫ ବର୍ଷର ସରକାର ସଶକ୍ତିକରଣ କଥା କହିଥିଲେ, ହେଲେ ୧୭ ମାସର ଭାଜପା ସରକାର ୧ କୋଟି ମହିଳା ୧୫ ହଜାର ଟଙ୍କା ଲେଖାଏଁ ପାଇ ସାରିଛନ୍ତି । ଚାଷୀଙ୍କଠାରୁ କ୍ୱିଣ୍ଟାଲ ପିଛା ଧାନ ୩୧ ଟଙ୍କାରେ ଧାନ କିଣାଯାଇଛି। ନବରଙ୍ଗପୁରଠାରେ ମେଡିକାଲ କଲେଜ ହେବ, ମଣ୍ଡେଇ ପଡିଆର ଉନ୍ନତି ପାଇଁ ୬ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି କହିଛନ୍ତି। ଭାଜପା ସରକାର ଯୋଗୁ ରାଇଘର, ଉମରକୋଟ, ଡାବୁଗାଁଠାରେ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ହୋଇପାରିଛି ବୋଲି କହିଥିଲେ। ବିଧାୟକ ମନୋହର ରନ୍ଧାରିଙ୍କ କଥାକୁ କାଉଣ୍ଟର କରି ମନ୍ତ୍ରୀ ଗଣ୍ଡ କହିଥିଲେ, ଏଠାରେ କିଏ ବାଘ ହେଲେ ଅନ୍ୟମାନେ ବି ବାଘଠାରୁ କମ୍ ନୁହନ୍ତି । ସମ୍ମାନିତ ଅତିଥି ଏମ୍‌ପି ବଳଭଦ୍ର ମାଝୀ କହିଥିଲେ, କଳା ସଂସ୍କୃତିକୁ ଆଗକୁ ବଢ଼ାଇବା ପାଇଁ ମଣ୍ଡେଇ ଏକ ମାଧ୍ୟମ । ଡାବୁଗାଁ ବିଧାୟକ ମନୋହର ରନ୍ଧରି କହିଥିଲେ, ଏକତା, ଭାଇଚାରା, ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ରଖିବା ପାଇଁ ମଣ୍ଡେଇ୨୦୦୨ରୁ ହେଉଛି । ବିକାଶର ଧାରା, କଳା ସାହିତ୍ୟ, ସଂସ୍କୃତିର ନିଦର୍ଶନ ହୋଇଛି ମଣ୍ଡେଇ। ବିମାନ ବନ୍ଦର, ରେଳଲାଇନ ଏହି ଜିଲାରେ ନାହିଁ । ଏଥିପ୍ରତି ସରକାର ଦୃଷ୍ଟି ଦିଅନ୍ତୁ ବୋଲି କହିଥିଲେ। ମଞ୍ଚରେ ବିରକ୍ତ ଭାବ ପ୍ରକାଶ କରି ମନୋହର ରନ୍ଧାରି କହିଥିଲେ ମୁଁ ଜଣେ ବାଘ, ମଣ୍ଡେଇକୁ ମୋତେ କାହିଁକି ଡକାଗଲା ନାହିଁ ବୋଲି ଭାଜପା ନେତାଙ୍କୁ କଟାକ୍ଷ କରିଥିଲେ । ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ କହିଥିଲେ, ମଣ୍ଡେଇ ହେଉଛି ଏକ କୃଷିଭିତ୍ତିକ ପର୍ବ। ପରବର୍ତ୍ତୀ ସମୟରେ ଲୋକ ମହୋତ୍ସବ ପ୍ରଶାସନିକସ୍ତରରେ ମଣ୍ଡେଇ ସାଂସ୍କୃତିକ ଗଣ ପର୍ବ ଭାବେ ପରିଚୟ ନେଇଛି । ନବରଙ୍ଗପୁରର ବିକାଶ ପାଇଁ ସରକାର ଭାରତ ମାଳା ରାସ୍ତା ମାଧ୍ୟମରେ ନବରଙ୍ଗପୁର ଜିଲାର ଅର୍ଥନୈତିକ ବିକାଶ ହୋଇପାରିବ। ଶହୀଦ ମୀନାର ପାଇଁ ୬ କୋଟି ଟଙ୍କା ଆସିଛି । ୨୩ କୋଟି ଟଙ୍କାରେ କ୍ରୀଡା ହବ୍, ଆଦିବାସୀ ମ୍ୟୁଜିୟମ ପାଇଁ ୬ କୋଟି ଟଙ୍କା ଅନୁଦାନ ଆସିଛି ବୋଲି କହିଥିଲେ । ଝରିଗାଁ ବିଧାୟକ ନରସିଂହ ଭତରା କହିଥିଲେ, ଐତିହ୍ୟ କିମ୍ବଦନ୍ତୀକୁ ବହନ କରି ଆସୁଛି ନବରଙ୍ଗପୁର ଜିଲା। ସେହିପରି କୋଟପାଡ଼ ବିଧାୟକ ରୁପୁ ଭତରା ମଣ୍ଡେଇ କାର୍ଯ୍ୟକ୍ରମ

## କଳା ସଂସ୍କୃତିର ଉତ୍ସବ ମଣ୍ଡେଇ: ଗଣଶିକ୍ଷା ମନ୍ତ୍ରୀ

ପାଇଁ ପ୍ରଶାସନକୁ ସାଧୁବାଦ ଜଣାଇଥିଲେ। କଳାକୁ ବଞ୍ଚାଇ ରଖିବା ପାଇଁ ମଣ୍ଡେଇ ଏକ ମାଧ୍ୟମ ବୋଲି କହିଥିଲେ। ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ମହେଶ୍ୱର ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରି ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ । ପଲ୍ଲୀଶ୍ରୀ ମେଳାରେ ଆଜି ପର୍ଯ୍ୟନ୍ତ ସାଢ଼େ ୭ କୋଟି ଟଙ୍କାର ବ୍ୟବସାୟ ହୋଇଛି। ମଣ୍ଡେଇ ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀ, କୁଟୀର ଶିଳ୍ପକୁ ବ୍ୟବସାୟ କରିବାକୁ ସୁଯୋଗ ଦିଆଯାଇଛି ବୋଲି ଜିଲାପାଳ କହିଥିଲେ ।


ଜିଲାପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ପୂର୍ବତନ ଏମ୍‌ପି ପର୍ଶୁରାମ ମାଝୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଅତିରିକ୍ତ ଜିଲାପାଳ ( ସାଧାରଣ) ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ୍ ଚନ୍ଦ୍ର ବର୍ମନ ମଞ୍ଚାସୀନ ଥିଲେ। ଉଦଯାପନୀ ଦିବସରେ ଜିଲା ସଂସ୍କୃତି ପରିଷଦ ଓଡ଼ିଶୀ କଳା ଦେନ୍ଦ୍ରର ଓଡ଼ିଶୀ, ଝାଡ଼ଖଣ୍ଡର ସାନ୍ତାଳୀ ନୃତ୍ୟ, କୋଷାଗୁମୁଡ଼ା ବ୍ଲକର ମାଡିଆ ନୃତ୍ୟ, ମାଲକାନଗିରି ଜିଲାର ବଣ୍ଡା ନୃତ୍ୟ, ଆସାମର ବିହୁ, ନବରଙ୍ଗପୁର, ଝରିଗାଁ, ତେନ୍ତୁଳିଖୁଣ୍ଟି ଓ ନନ୍ଦାହାଣ୍ଡି ବ୍ଲକର ସାଂସ୍କୃତିକ କର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ପରେ ପ୍ରଜ୍ଞା ରଞ୍ଜନ ଖଟୁଆଙ୍କ କମେଡି, ଶଶାଙ୍କ ଶେଖର ଓ ଦଳ ପକ୍ଷରୁ ମେଲୋଡି ନାଇଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ପିଏଆଇଟିଡି ରାଜୀବ କୁମାର ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଜିଲା ଭାଜପା ସଭାପତି କୁଞ୍ଜ ବିହାରୀ ଦାସ, ପ୍ରହଲ୍ଲାଦ ତ୍ରିପାଠୀ, କାହ୍ନୁ ଦାଶ, ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ଜିଲାର ବିଡିଓ, ତହସିଲଦାର ଓ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଚାନ୍ଦନା ମଲ୍ଲିକ ମଞ୍ଚ ସଞ୍ଚାଳନ କରିଥିଲେ। ପରେ ୧୦ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ଲାପଟପ ପ୍ରଦାନ କରାଯାଇଛି ।

# ମଣ୍ଡେଇ ଦ୍ୱିତୀୟ ଦିନ: ୨ କୋଟି ୮୭ ଲକ୍ଷ ଟଙ୍କାର ବ୍ୟବସାୟ

ନବରଙ୍ଗପୁର,୧୪।୧୨(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାରେ ଅନୁଷ୍ଠିତ ହେଉଥିବା ମଣ୍ଡେଇ ଉତ୍ସବ ତଥା ପଲ୍ଲୀଶ୍ରୀ ମେଳାରେ ଡିସେମ୍ବର ୧୩ ତାରିଖରେ ବିକ୍ରି ରାଶି ୨ କୋଟି ୮୭ ଲକ୍ଷ କୋଟି ଟଙ୍କା ଛୁଇଁଛି। ଏହି ଅବସରରେ ନବରଙ୍ଗପୁର ଜିଲାପାଳ ମୁଖ୍ୟ ଅତିଥିଙ୍କୁ ନବରଙ୍ଗପୁରର ଉତ୍ପାଦିତ ବିଭିନ୍ନ ପ୍ରଡକ୍ଟ ଉପହାର ଭାବେ ପ୍ରଦାନ କରିଛନ୍ତି। ଓଆର୍‌ଏମଏସ ନବରଙ୍ଗପୁର ପକ୍ଷରୁ ଏକ ବିଶେଷ ଗିଫ୍ଟ ବକ୍ସ ପ୍ରସ୍ତୁତ କରାଯାଇଛି, ଯାହାର ବ୍ରାଣ୍ଡ ନାମ ହେଉଛି 'ଇନ୍ଦ୍ରାବତୀ ପ୍ରଡକ୍ଟସ'। ଏହି ଗିଫ୍ଟ ବକ୍ସରେ କ୍ଷୁଦ୍ର ଶସ୍ୟ ବିସ୍କୁଟ, ଲଡ୍ଡୁ, ମିକ୍ସଚର୍, ମୁରୁକୁ, ମକା ଲଡ୍ଡୁ, ମକା ପିଠା ଏବଂ ମାଣ୍ଡିଆ ପିଠା ଆଦି ନବରଙ୍ଗପୁରର ସ୍ଥାନୀୟ ଉତ୍ପାଦନ ସାମଗ୍ରୀ ରହିଛି। ଏହି ଉତ୍ସବ ମାଧ୍ୟମରେ ସ୍ଥାନୀୟ ଉତ୍ପାଦକଙ୍କୁ ପ୍ରୋତ୍ସାହନ ମିଳୁଛି ଏବଂ ନବରଙ୍ଗପୁରର ଉତ୍ପାଦଗୁଡ଼ିକର ପ୍ରଚାର ହେଉଛି ବୋଲି ବୋଲି ଜିଲାପାଳ କହିଛନ୍ତି।

# କିରାନା ଦୋକାନରୁ ବିଦେଶୀ ମଦ ଜବତ



ଜବତ ହୋଉଥିବା ମଦ ।

ଉମରକୋଟ,୧୪।୧୨
(ସନ୍ତୋଷ ଶତପଥୀ)

କିରଣା ଦୋକାନରୁ ୩୦ ହଜାର ଟଙ୍କାର ବିଦେଶୀ ମଦ ଜବତ କରିଛି ଉମରକୋଟ ପୋଲିସ। ବିଶେଷ ସୂତ୍ରରୁ ଖବରପାଇ ଥାନା ଆଇଆଇସି ରମାକାନ୍ତ ସାଏ ଓ ପୋଲିସ ସବ୍ ଇନ୍ସପେକ୍ଟର ଅକ୍ଷୟ ମିଶ୍ର ଓ ପୋଲିସ ଟିମ ଉମରକୋଟ ସହର ନିକଟସ୍ଥ ୟୁଭି –୧ ବଡ କୁମାରୀ ଗାଁର ଅଜୟ ମିସ୍ତ୍ରୀଙ୍କ କିରଣା ଦୋକାନ ଉପରେ ଚଢ଼ାଉ କରିଥିଲେ। ତେବେ ପୋଲିସ ଦୋକାନରୁ ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦ ଜବତ କରିବା ସହ ଅଜୟ ମିସ୍ତ୍ରୀଙ୍କୁ ଥାନାରେ ଅଟକ ରଖିଛି। ତେବେ ଜବତ ବିଦେଶୀ ମଦ ପାଖାପାଖି ଲିଟର ହେବ ଯାହାର ମୂଲ୍ୟ ୩୦ ହଜାର ଟଙ୍କା ହେବ ବୋଲି ଅନୁମାନ କରାଯାଉଛି।

# ଓଡ଼ିଶା ରେଡକ୍ରସ ଶାଖାର ପୀଡ଼ିତଙ୍କୁ ରିଲିଫ୍ ବଣ୍ଟନ



ଲୋକଙ୍କୁ ବିଭିନ୍ନ ସାମଗ୍ରୀ ଦିଆଯାଉଛି।

କୋରୁକୋଣ୍ଡା,୧୪।୧୨(ଶିବଦତ୍ତ ସାହୁ)

ଓଡ଼ିଶା ରେଡକ୍ରସ ଶାଖା ଓ ଜିଲା ପ୍ରଶାସନ ପକ୍ଷରୁ ଏମ୍‌ଭି ୨୬ ଗ୍ରାମର ୧୯୮ ପୀଡ଼ିତ ପରିବାରଙ୍କୁ ରିଲିଫ ସାମଗ୍ରୀ ରବିବାର ବଣ୍ଟନ କରାଯାଇଛି। ଏକ ସ୍ୱତନ୍ତ୍ର ଟ୍ରକ ଯୋଗେ ଭୁବନେଶ୍ୱରରୁ ରିଲିଫ ସାମଗ୍ରୀ ନେଇ ଏମ୍‌ଭି ୨୬ ଗ୍ରାମ ପହଞ୍ଚିଛି। ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅତିରିକ୍ତ ଜିଲାପାଳ ରାଜସ୍ୱ ବେଦବର ପ୍ରଧାନ ଓ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଉପସ୍ଥିତ ଥିଲେ। ଲୋକଙ୍କୁ କମ୍ବଳ, କିଚେନ ସେଟ, ଟାରପଲିନ, ଶାଢ଼ୀ, ଗାମୁଛା, ଲୁଙ୍ଗି, ବାଲଟି, ମଗ, ଜାରକିନ ସମେତ ୨ରୁ ୩୦ ବର୍ଷୀୟଙ୍କ ପାଇଁ ପୋଷାକ ବଣ୍ଟନ କରାଯାଇଛି। କୋରୁକୋଣ୍ଡା ବିଡିଓ ଏବଂ ଜିଲା ଜରୁରୀକାଳୀନ ଅଧିକାରୀ ମୁନା ତୁରୁକ ରିଲିଫ ବଣ୍ଟନ କାର୍ଯ୍ୟର ତଦାରଖ କରିଥିଲେ। ଜିଲା ରେଡକ୍ରସ ଶାଖା ସଦସ୍ୟମାନେ ସାମଗ୍ରୀ ବଣ୍ଟନରେ ସହାୟତା କରିଥିଲେ। ପୂର୍ବରୁ ଜିଲା ପ୍ରଶାସନ ପକ୍ଷରୁ ପୀଡିତମାନଙ୍କୁ କମ୍ବଳ, ଶାଢ଼ୀ, ଲୁଙ୍ଗି, ଗାମୁଛା, ବିଛଣା ଓ ପଲିଥିନ ଯୋଗାଇ ଦିଆଯାଇଥିଲା। ଗାଁ ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଥିଲା। ଆର୍‌ଏଫ ବାହିନୀ ପକ୍ଷରୁ ଏମ୍‌ଭି ୨୬ରେ ଫ୍ଲାଗ୍ ମାର୍ଚ୍ଚ କରାଯାଇଛି। ଗ୍ରାମରେ ଶାନ୍ତି ଫେରିଛି। ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ଧାନ କିଣାକୁ ୭ ଦିନ ପାଇଁ ସ୍ଥଗିତ ରଖାଯାଇଛି। ଡିସେମ୍ବର ୨୪ରୁ ଜିଲାରେ ଧାନ କିଣା ପ୍ରକ୍ରିୟା ଆରମ୍ଭ ହେବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

# ଏମ୍‌ଭି–୨୬ ଉତ୍ତେଜନା ଘଟଣାରେ ୧୮ ଗିରଫ

ମାଲକାନଗିରି,୧୪।୧୨
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଏମ୍‌ଭି–୨୬ ଗ୍ରାମରେ ଗଣ୍ଡଗୋଳ ଘଟଣାରେ ପୋଲିସ ଶନିବାର ମଧ୍ୟରାତିରେ ୯ଜଣଙ୍କୁ ଗିରଫ କରିଥିବା ବେଳେ ରବିବାର ଆଉ ୩ଜଣଙ୍କୁ ଗିରଫ କରିଛି। ଘଟଣାରେ ବର୍ତ୍ତମାନ ସୁଦ୍ଧା ୧୮ଜଣଙ୍କୁ ଗିରଫ କରାଯାଇଛି। ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ ମାଲକାନଗିରି ଜିଲା ଗସ୍ତ କରି ସ୍ଥାନୀୟ ସର୍କିଟ ହାଉସରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗଦେଇ ଘଟଣା ବିଷୟରେ ଅବଗତ ହୋଇଥିଲେ। ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଓ ଏସପି ବିନୋଦ ପାଟିଲ ଏଚ୍‌ଙ୍କ ଉପସ୍ଥିତିରେ ଜିଲା ଆଦିବାସୀ ସମାଜ ମହାସଂଘର କର୍ମକର୍ତ୍ତା ଏବଂ ଜିଲା ବଙ୍ଗାଳୀ ସମାଜ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ରାଖେଲଗୁଡ଼ା ଗାଁକୁ ଗସ୍ତ କରି ମୃତାଙ୍କ ପରିବାର ପ୍ରତି ସମବେଦନା ଜଣାଇଥିଲେ। ଭାରତୀୟ ରେଡକ୍ରସ ସୋସାଇଟି ପକ୍ଷରୁ ଗ୍ରାମବାସୀଙ୍କୁ ଶିଶୁଙ୍କ ପୋଷାକ, କମ୍ବଳ, ଲୁଙ୍ଗି, ତାରପୋଲିନ ଓ ବିଭିନ୍ନ ରୋଷେଇ ସାମଗ୍ରୀ ବଣ୍ଟନ କରାଯାଇଛି ।

# ଜିଲା ଉତ୍କଳ ସମ୍ମିଳନୀର ପ୍ରସ୍ତୁତି ବୈଠକ

ମାଲକାନଗିରି,୧୪।୧୨(ଗୌରୀ ଶଙ୍କର ପଣ୍ଡା)



ମାଲକାନଗିରି ଜିଲା ସଦର ଉତ୍କଳ ସାମ୍ବାଦିକ ସଂଘ କାର୍ଯ୍ୟାଳୟରେ ଜିଲା ଉତ୍କଳ ସମ୍ମିଳନୀର ବାର୍ଷିକ ଉତ୍ସବ ଓ ବିଭିନ୍ନ ବିଷୟକୁ ନେଇ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଛି। ଉତ୍କଳ ସମ୍ମିଳନୀ ଜିଲା ଶାଖା ସଭାପତି ଦୁଷ୍ମନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ଅଶୋକ ମିଶ୍ର, ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ରଞ୍ଜନ କୁମାର ସ୍ୱାଇଁ, ଉପସଭାପତି ଲମ୍ବୋଦର ତୁରୁକ, କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ସରକାର ପ୍ରମୁଖ ଉପସ୍ଥିତ ଥିଲେ। ୩୦ ତାରିଖରେ ହେବାକୁ ଥିବା ବାର୍ଷିକ ଉତ୍ସବକୁ ନେଇ ଆଲୋଚନା କରାଯାଇଥିଲା। ଉତ୍ସବରେ ସଂଘର ବାର୍ଷିକ ବିବରଣୀ ପାଠ ସହ ଆଗାମୀ ଦିନର କାର୍ଯ୍ୟପନ୍ଥା ଓ ବିଭିନ୍ନ ବିଷୟରେ ଆଲୋଚନା କରାଯିବ ବୋଲି ନିଷ୍ପତ୍ତି ହୋଇଛି। ସମସ୍ତଙ୍କ ପାଇଁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଜିଲା ଶାଖାର ଏକ ସ୍ୱତନ୍ତ୍ର ବ୍ୟାଙ୍କ ଆକାଉଣ୍ଟ ଖୋଲାଯିବା ସହ ମାସିକ ୩୦ ଟଙ୍କା ଲେଖାଏ ସଦସ୍ୟତା ଦେୟ ସଂଗ୍ରହ କରିବା ନେଇ ଆଲୋଚନା ହୋଇଛି। ବୈଠକରେ ବାଲାରାଜୁ ପାଢ଼ୀ, ପ୍ରମୋଦି କୁମାର ପଣ୍ଡା, ରଞ୍ଜିତ ନାୟକ, କଳ୍ପତରୁ ନାୟକ, ବାବାଜୀ ଚରଣ ନାୟକ, ମନୋରଞ୍ଜନ ବେହେରା, ସୁରେନ୍ଦ୍ର କୁମାର ମଲ୍ଲିକ, ଅଲେଖ କୁମାର ପାତ୍ର ଓ ସରୋଜ କୁମାର ଦାସ ଉପସ୍ଥିତ ଥିଲେ।

# ପ୍ରଥମ ଦିନରେ ବିକ୍ରି ହେଲାନି ଧାନ

## ଧାନ ମଣ୍ଡି ଉଦ୍‌ଘାଟିତ

କୋଟପାଡ଼,୧୪।୧୨
(କେ.ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ଼ରୁ ୧୨ କି.ମି. ଦୂର ବତାଶନା ପଞ୍ଚାୟତରେ ରବିବାର ଖରିଫ ଧାନ ମଣ୍ଡି ରବିବାର ଉଦ୍‌ଘାଟିତ ହୋଇଛି। ମଣ୍ଡିକୁ କୋଟପାଡ଼ ବିଧାୟକ ରୁପୁ ଭତ୍ରା ଉଦ୍‌ଘାଟନ କରିଥିଲେ। ଏଥିରେ ଲ୍ୟାମ୍ପ ଏମ୍‌ଡି ରାଜେନ୍ଦ୍ର ନାୟକ, ବ୍ଲକ ଉପାଧ୍ୟକ୍ଷ ବାବୁଲି ପାଣିଗ୍ରାହୀ, ପୂର୍ବତନ ବିଧାୟକ ଚନ୍ଦ୍ର ଶେଖର ମାଝୀ, ଗଣେଶ ପଣ୍ଡା, ବାପୁନ ତ୍ରିପାଠୀ, କୃଷକ ସମାଜ ଶୋଭାପତି ସୀତାନାଥ ବିଶ୍ୱାଳ, ପାଣି ପଞ୍ଚାୟତ ଅଧ୍ୟକ୍ଷ ବିରେନ ବିଶୋଇ, ସଞ୍ଜୟ ବେହେରା ବତାଶନା ସମିତିସଭ୍ୟ ନବୀନ ବିଶୋଇ ଜୟପୁର ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତବର୍ଷ କୋଟପାଡ଼ ଅଞ୍ଚଳରେ ୬୮୧୩ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ୧୭ ପଞ୍ଚାୟତ ଓ ସହରାଞ୍ଚଳ ସହ ୯ ସ୍ଥାନରେ ଚଳିତବର୍ଷ ଧାନମଣ୍ଡିରେ ଧାନ କିଣିବା ପାଇଁ ନିଷ୍ପତ୍ତି ହୋଇଛି। ମଣ୍ଡି ଉଦଘାଟନ ଦିନରୁ ଚାଷୀଙ୍କ ହୋ ହଲ୍ଲା ଦେଖିବାକୁ ମିଳିଥିଲା। ୧୫ ବର୍ଷ ହେବ ୱେ କାଟା ଲଗାଯାଇଥିଲେ ସୁଦ୍ଧା ଏହା କାର୍ଯ୍ୟକାରୀ କରାଯାଉ ନ ଥିବା କୁହାଯାଇଛି। ଏଫେକ୍ୟୁରେ ଧାନ ମେଶିନ ଆଣି ରଖାଯାଇଥିଲେ ସୁଦ୍ଧା କାର୍ଯ୍ୟକାରୀ ହେଉନାହିଁ। କଟନୀଛଟନୀ ହେବା ସହ କ୍ଷୁଦ୍ର ଚାଷୀଙ୍କୁ ବର୍ତ୍ତମାନ ସୁଦ୍ଧା ଟୋକେନ ମେସେଜ ଆସି ନ ଥିବା ଓ ଆରଏମ୍‌ସି, ଲ୍ୟାମ୍ପ ସହ କୌଣସି ମିଲରଙ୍କ ଧାନ ଉଠାଇବାକୁ ଚୁକ୍ତି ହୋଇ ନ ଥିବା ଜଣାପଡିଥିଲା । ଏଥିସହ ଚଳିତବର୍ଷ ମଣ୍ଡିରେ ଦଲାଲଙ୍କୁ ପ୍ରଶାସନ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ନେବାକୁ ନେଇ ଚାଷୀ ଅଭିଯୋଗ କରିଥିଲେ । କେତେକ ଚାଷୀ ମଣ୍ଡିରେ ଧାନ ଆଣିଥିଲେ। ମଣ୍ଡି ଖୋଲା ହେବା ସତ୍ତ୍ୱେ ପ୍ରଶାସନ ଧାନ କିଣି ନ ଥିଲା। ଆରମ୍ଭରୁ ଏଭଳି ହୋଇଥିବା ଆଗକୁ ଅବସ୍ଥା କଣ ହେବ ବୋଲି ଚାଷୀ ଆଲୋଚନା କରିଥିଲେ । ସରକାରଙ୍କ ନିଷ୍ପତ୍ତି ଓ ଜିଲା ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳାରେ ମଣ୍ଡି ଚାଲିବା ନେଇ ପ୍ରଶ୍ନ କରିଛନ୍ତି।



ଅତିଥି ଧାନମଣ୍ଡି ଉଦ୍‌ଘାଟନ କରୁଛନ୍ତି ।

# ରାଖାଲଗୁଡାରେ ମୃତାଙ୍କ ପରିବାର ଲୋକଙ୍କୁ ଭେଟିଲେ ଏମ୍‌ପି

## ଏମ୍‌ଭି ୨୬ରେ ଘର ଘର ବୁଲି କ୍ଷୟକ୍ଷତିର ସମୀକ୍ଷା

କୋରୁକୋଣ୍ଡା,୧୪।୧୨(ଶିବଦତ୍ତ ସାହୁ)



ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ ଓ ଅନ୍ୟମାନେ ଗାଁରେ ସ୍ଥିତି ପରଖୁଛନ୍ତି।

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ମାରିୱାଡା ପଞ୍ଚାୟତ ଅଧୀନ ରାଖାଲଗୁଡା ଗ୍ରାମରେ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ ମୃତା ଲାକେ ପଡିୟାମୀଙ୍କ ପରିବାର ଲୋକଙ୍କୁ ରବିବାର ଭେଟି ଆଲୋଚନା କରିଛନ୍ତି। ରାଖାଲଗୁଡା ଓ ଏମଭି–୨୬ ଗ୍ରାମ ସମେତ ଜିଲାରେ ଶାନ୍ତିର ଫେରିଛି। ଏମଭି–୨୬ ଗ୍ରାମର ଲୋକେ ନିଜ ନିଜ ଘରକୁ ଫେରି ଆସିଥିବା ଦେଖିବାକୁ ମିଳିଛି। ଏମ୍‌ପିଙ୍କ ନିକଟରେ ଲାକେଙ୍କ ପରିବାର ପକ୍ଷରୁ ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା। ସମସ୍ତ ଦାବିଗୁଡିକ ସମ୍ପର୍କରେ ତୁରନ୍ତ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି ଏମ୍‌ପି କହିଥିଲେ। ଏହି ସମୟରେ ପୂର୍ବତନ ଚିତ୍ରକୋଣ୍ଡା ବିଧାୟକ ଡମ୍ବରୁଶିସା, ଭାଜପା ଜିଲା ସଭାପତି ଅଶୋକ ପରିଡା, ଜିଲାର ବରିଷ୍ଠ ନେତା ଆତମା ରାବା, କାମରାଜ କବାସୀ, ପୂର୍ବତନ କୋରୁକୋଣ୍ଡା ବ୍ଲକ ଅଧ୍ୟକ୍ଷ ସୁବାସ ପଡିୟାମୀ, ସାବିତ୍ରୀ ପଡିୟାମୀ, ମାରିୱାଡା ସରପଞ୍ଚ ମୁକୁନ୍ଦ ପଡିୟାମୀ, କୋରୁକୋଣ୍ଡା ବ୍ଲକ ଏମ୍‌ପି ପ୍ରତିନିଧି ଅକ୍ଷୟ କୁମାର ବିଶ୍ୱାଳ,ଭାଜପାର କୋରୁକୋଣ୍ଡା ବ୍ଲକ ସଭାପତି ସୁଧାଂଶୁ ଶେଖର ପାଢ଼ୀ ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ମାଲକାନଗିରି ପିଡି ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, କୋରୁକୋଣ୍ଡା ବିଡିଓ ଅମୁଲ୍ୟ କୁମାର ସାହୁ ଉପସ୍ଥିତ ଥିଲେ। ମୃତ ମହିଳାଙ୍କ ପୁଅ ପାଠ ପାଇବା ପାଇଁ ପ୍ରଶାସନ ପକ୍ଷରୁ ଏକ ହଷ୍ଟେଲ ସ୍କୁଲରେ ନାମ ଲେଖାଇବାକୁ ବିଡିଓଙ୍କୁ ଏମ୍‌ପି ପରାମର୍ଶ ଦେଇଥିଲେ। ଏହା ପରେ ଏମ୍‌ପି ଏମଭି –୨୬ ଗ୍ରାମରେ ଘର ଘର ବୁଲି କ୍ଷୟକ୍ଷତିର ସମୀକ୍ଷା କରିଥିଲେ। ଗ୍ରାମର କ୍ଷତିଗ୍ରସ୍ତ ପରିବାରକୁ ଭେଟି ଆଲୋଚନା କରିଥିଲେ। ଘଟଣାକୁ ନେଇ ଏମ୍‌ପି କ୍ଷୋଭ ପ୍ରକାଶ କରିଛନ୍ତି। ହତ୍ୟାକାଣ୍ଡ ଓ ଏମଭି–୨୬ରେ କରାଯାଉଥିବା ଭଙ୍ଗାରୁଜା ଓ ପୋଡାଜଳା ଘଟଣାର ଏମ୍‌ପି ନିନ୍ଦା କରିଥିଲେ। ଏଭଳି କାର୍ଯ୍ୟରେ ଲିପ୍ତ ଥିବା ବ୍ୟକ୍ତିମାନଙ୍କୁ ଆଇନ ଅନୁଯାୟୀ କଠୋର ଦଣ୍ଡରେ ଦଣ୍ଡିତ କରାଯିବା ଉଚିତ ବୋଲି କହିଥିଲେ। ମାଲକାନଗିରିରେ ୨ ସମ୍ପ୍ରଦାୟ ସହ ଆଲୋଚନା କରିଥିବା କହିଛନ୍ତି। ଅଞ୍ଚଳରେ ଶାନ୍ତି ଫେରାଇ ଆଣିବାକୁ ଉଭୟ ପକ୍ଷ ଜିଲା ପ୍ରଶାସନକୁ ସହଯୋଗ କରିବେ ବୋଲି କହିଥିବା ଏମ୍‌ପି ମାଝୀ ସୂଚନା ଦେଇଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଏମଭି–୨୬ ଗ୍ରାମବାସୀଙ୍କୁ ରନ୍ଧା ଖାଦ୍ୟ ନିୟମିତ ଭାବେ ଯୋଗାଇ ଦିଆଯାଉଛି। ଏକ ସ୍ୱତନ୍ତ ମେଡିକାଲ ଟିମ୍ ଗାଁରେ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ଦେଉଛନ୍ତି।

# କଟାମୁଣ୍ଡ: ମାଲକାନଗିରିରୁ ବିଧାନସଭା ହଇଚଇ



ବର୍ଷ ଶେଷବେଳକୁ ଜଣେ ଆଦିବାସୀ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ଜବତ ଘଟଣାକୁ ନେଇ ମାଲକାନଗିରି ଜିଲାଠୁ ଆରମ୍ଭକରି ବିଧାନସଭା ପର୍ଯ୍ୟନ୍ତ ହୁଲସ୍ଥୁଲ ହୋଇଥିଲା। କଟାମୁଣ୍ଡ ପାଇଁ ପ୍ରତିଶୋଧ ନିଆଁରେ ଜଳିଥିଲା ମାଲକାନଗିରି ଜିଲା। ଡିସେମ୍ବର ୪ ତାରିଖରେ କୋରୁକୋଣ୍ଡା ଥାନା ଅନ୍ତର୍ଗତ ପୋଟେରୁ ନଦୀ ନିକଟରୁ ଜଣେ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ଜବତ ଘଟଣାକୁ ନେଇ ସମଗ୍ର ଜିଲା ଅଶାନ୍ତ ହୋଇପଡ଼ିଥିଲା। କଟାମୁଣ୍ଡକୁ ଯଥାଶୀଘ୍ର ଉଦ୍ଧାରକରି ପରିବାର ଲୋକଙ୍କୁ ହସ୍ତାନ୍ତର ଦାବିରେ ହଜାର ହଜାର ଆଦିବାସୀ ଏକଜୁଟ ହୋଇ ଏମ୍‌ଭି-୨୬ ଗାଁକୁ ସମ୍ପୂର୍ଣ୍ଣ ଜାଳିଦେଇଥିଲେ। ହିଂସା ବ୍ୟାପିବା ଆଶଙ୍କାରେ ସମଗ୍ର ଜିଲାରେ ୪ଦିନ ପାଇଁ ଇଣ୍ଟରନେଟ୍ ସେବା ବନ୍ଦ କରାଯାଇଥିଲା। ପରିସ୍ଥିତି ନିୟନ୍ତ୍ରଣ ପାଇଁ ପୋଲିସ ଡିଜିଙ୍କଠାରୁ ଆରମ୍ଭକରି ସମଗ୍ର ଜିଲା ପ୍ରଶାସନ ସେଠାରେ ଡେରା ପକାଇଥିଲେ। ଘଟଣାର ୬ ଦିନ ପରେ ଡିସେମ୍ବର ୧୦ ତାରିଖ ସକାଳେ ପୋଟେରୁ ନଦୀର ନାମକୋଣ୍ଡା ଘାଟରୁ ମହିଳାଙ୍କ କଟାମୁଣ୍ଡକୁ ଉଦ୍ଧାର କରାଯାଇଥିଲା। ଏହାର ଦିନକ ପରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମାଲକାନଗିରିରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଶାନ୍ତି କମିଟି ବୈଠକରେ ଆଦିବାସୀ ମହାସଂଘ ଏବଂ ବଙ୍ଗାଳୀ ସମାଜ ନେତୃବୃନ୍ଦଙ୍କ ସହ ଆଲୋଚନା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏ ନେଇ ବିଧାନସଭା ଶୂନ୍ୟକାଳରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହି ପ୍ରସଙ୍ଗ ଉଠାଇବା ସହ ଉଦ୍‌ବେଗ ପ୍ରକାଶ କରିଥିଲେ।

## ଡେପୁଟି ରେଞ୍ଜରଙ୍କ ଘରୁ ବାହାରିଲା ନଗଦ ଦେଢ଼ କୋଟି ଟଙ୍କା



ଜଙ୍ଗଲ ସୁରକ୍ଷା ବଦଳରେ ସରକାରୀ କ୍ଷମତାର ଦୁରୁପଯୋଗକରି ଘରେ ଦେଢ଼କେଜି ସୁନା, ସାଢ଼େ ୩ କେଜି ରୁପା ଠୁଳ କରିବା ସହ ସିକ୍ରେଟ୍ ଚାମ୍ବରରେ ପ୍ରାୟ ଦେଢ଼ କୋଟି ଟଙ୍କା ଲୁଚାଇ ରଖିଥିବାରୁ କୋରାପୁଟ ଜିଲା ଜୟପୁର ବନାଞ୍ଚଳର ଡେପୁଟି ରେଞ୍ଜର ରାମଚନ୍ଦ୍ର ନେପାକ୍‌ଙ୍କୁ ଭିଜିଲାନ୍ସ ନିର୍ଦ୍ଦେଶାଳୟ ଗିରଫ କରିଥିଲା। ୫ ମାସରେ ଚାକିରିରୁ ଅବସର ନେବା ପୂର୍ବରୁ ଭିଜିଲାନ୍ସ ହାତରେ ସେ ଧରାପଡ଼ିଥିଲେ। ଠାବହୋଇଥିବା ବିପୁଳ ସମ୍ପତ୍ତି ରାମଚନ୍ଦ୍ରଙ୍କ ପ୍ରକୃତ ଆୟଠାରୁ ୫୦୧ ପ୍ରତିଶତ ଅଧିକ ଥିଲା। ଅଭିଯୁକ୍ତ ରାମଚନ୍ଦ୍ରଙ୍କୁ ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ରାମଚନ୍ଦ୍ରଙ୍କ ଭୁବନେଶ୍ୱର ଓ ଜୟପୁରର ୬ ସ୍ଥାନରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ରାମଚନ୍ଦ୍ରଙ୍କ ଜୟପୁର ଟାଉନ ପିଆର୍ ପେଟା ଏନ୍‌କେଟି ରୋଡ୍‌ରେ ଏକ ୩ ମହଲା କୋଠା, ଭୁବନେଶ୍ୱର ରଘୁନାଥପୁର ଜାଲିରେ ଏକ ଫ୍ଲାଟ୍ ଓ ଜୟପୁର ଟାଉନ ପିଆର୍ ପେଟାସ୍ଥିତ ଏକ ୨ଟି ୨ ବିଏଚ୍‌କେ ଫ୍ଲାଟ୍ ଠାବ ହୋଇଥିଲା। ଘରୁ ମୋଟ ୧ କୋଟି ୪୩ ଲକ୍ଷ ୩୪ ହଜାର ଟଙ୍କା, ୧.୫ କେଜି ସୁନା ଓ ୪.୬୩୭ କେଜି ରୁପା ମିଳିଥିଲା। ସେହିପରି ଜୟପୁର ଟାଉନ୍‌ରେ ୨ଟି ବହୁମୂଲ୍ୟ ଫ୍ଲାଟ୍ ଠାବ ହୋଇଥିଲା।

ବିଦାୟ ନେବାକୁ ଯାଉଛି ୨୦୨୫। ବିଦାୟୀ ବର୍ଷ ରାୟଗଡ଼ା, କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି ଜିଲାରେ ଅନ୍ଧବିଶ୍ୱାସ ଏବଂ ହିଂସାର ଛାପ ଛାଡ଼ିଯାଉଛି। ଜଣେ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ମିଳିବା ଘଟଣାରେ ମାଲକାନଗିରି ଜିଲାର ଏମ୍‌ଭି-୨୬ ଗାଁରେ ହିଂସାର ନିଆଁ ଦେଖିବାକୁ ମିଳିଥିଲା। ଏହି କଟାମୁଣ୍ଡକୁ ନେଇ ମାଲକାନଗିରିରୁ ବିଧାନସଭା ଯାଏ ହଇଚଇ ସୃଷ୍ଟି ହୋଇଛି। ବର୍ଷ ଆରମ୍ଭରେ ଅନ୍ଧବିଶ୍ୱାସରେ ମାସକର ଶିଶୁ ଦେହରେ ଦିଆଯାଇଥିଲା ୪୦ ଚେଙ୍କ। ଆଦିବାସୀ ପରମ୍ପରା ନାଁରେ ପ୍ରେମୀ ଯୁଗଳଙ୍କୁ ଦିଆଯାଇଥିଲା ବଳଦଦଣ୍ଡ। ଏହି ବିଦାୟୀ ବର୍ଷରେ ପିନାକୀ ମିଶ୍ର ଓ ଅନୁଭବ ମହାନ୍ତିଙ୍କ ଭଳି ରାଜନେତା ସେମାନଙ୍କ ଜୀବନର ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ବେଳେ ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ମାଝୀ ୫୦ ବର୍ଷ ବୟସରେ ବିବାହ କରିଥିଲେ। ସେହିଭଳି କୋରାପୁଟର ପ୍ରାକୃତିକ ସୌନ୍ଦର୍ଯ୍ୟ ଏହି ବର୍ଷ ତେଲୁଗୁ ସିନେ ନିର୍ମାତାଙ୍କୁ ଜିଲାକୁ ଟାଣି ଆଣିଥିଲା।

## ଦୁର୍ଦ୍ଦାନ୍ତ ମାଓବାଦୀ ନେତା ହିଡ଼ମା ନିହତ



ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲା ଓ ଆନ୍ଧ୍ରପ୍ରଦେଶ ଆଲୁରି ସୀତାରାମ ରାଜୁ ଜିଲାରେ ଏନ୍‌କାଉଣ୍ଟରରେ କୁଖ୍ୟାତ ମାଓବାଦୀ ନେତା ମାଡଭି ହିଡ଼ମା ଓ ତାଙ୍କ ସ୍ତ୍ରୀ ରାଜେ ଓରଫ୍ ରାଜାକ୍କା ନିହତ ହୋଇଥିଲେ। ୨୦୧୩ ଦରଭା ଉପତ୍ୟକା ହତ୍ୟାକାଣ୍ଡ ଓ ୨୦୧୭ ସୁକ୍‌ମା ଆକ୍ରମଣ ସମେତ ୨୬ଟି ଘାତକ ଆକ୍ରମଣ ପାଇଁ ଦାୟୀ ହିଡ଼ମା ଦୀର୍ଘ ସମୟ ଧରି ସୁରକ୍ଷା ବାହିନୀର ନଜରରେ ଥିଲେ। ହିଡ଼ମା ଓ ତାଙ୍କ ସ୍ତ୍ରୀ ରାଜେ ମାଓବାଦୀ ସଂଗଠନ କେନ୍ଦ୍ରୀୟ କମିଟି ସଦସ୍ୟ ଥିଲେ। ହିଡ଼ମାଙ୍କ ଉପରେ ଛତିଶଗଡ଼ ସରକାର ୧ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ଏହି ଏନ୍‌କାଉଣ୍ଟରରେ ଦଣ୍ଡକାରଣ୍ୟ ସ୍ପେଶାଲ ଜୋନାଲ କମିଟିର ଆଉ ୨ ଟପ୍ ମାଓବାଦୀ ଚେଲୁରି ନାରାୟଣ ଓରଫ ସୁରେଶ ଓ ଶଙ୍କର ଆନ୍ନା ମଧ୍ୟ ପ୍ରାଣ ହରାଇଥିଲେ। ସୁରକ୍ଷା କର୍ମୀଙ୍କ ଲଗାତର ସର୍ଚ୍ଚ ଅପରେଶନ ଓ ଏନ୍‌କାଉଣ୍ଟର ମାଓ ସଂଗଠନର ମୂଳଦୁଆକୁ ଦୋହଲାଇ ଦେଇଥିଲା। ହିଡ଼ମା ଓ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ପରେ ମାଓବାଦୀମାନେ ଭୟଭୀତ ହୋଇ ଆତ୍ମସମର୍ପଣକରି ମୁଖ୍ୟ ସ୍ରୋତରେ ସାମିଲ ହୋଇଥିଲେ।



## ଚେଙ୍କ ବର୍ବରତା

ନବରଙ୍ଗପୁରର କେତେକ ଅଞ୍ଚଳରେ ପୁଣି ଅନ୍ଧବିଶ୍ୱାସ ନାଁରେ ଚେଙ୍କ ଚିକିତ୍ସା ବର୍ବରତା ଦେଖିବାକୁ ମିଳିଥିଲା। ମାର୍ଚ୍ଚ ମାସରେ ଚନ୍ଦାହାଣ୍ଡି ବ୍ଲକ୍ ପୁଣ୍ଡେଲଗୁଡ଼ା ଗାଁରେ ମାସକର ଶିଶୁକୁ ୪୦ ଚେଙ୍କ ଦିଆଯାଇଥିଲା। ପିଲାଟି ନ କାନ୍ଦିବାରୁ ପରିବାର ଲୋକେ ପିଲାଟିର ପେଟରେ ଚେଙ୍କ ଦେଇଥିଲେ। ଏହାକୁ ନେଇ ସେତେବେଳେ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏହାର ୨ ଦିନ ପରେ ରାଇଘର ବ୍ଲକ ଚଢ଼େଇପାରା ଗ୍ରାମର ୬ ବର୍ଷର ଝିଅ ପେଟରେ ୬୦ରୁ ଊର୍ଦ୍ଧ୍ୱ ଚେଙ୍କ ଦିଆଯାଇଥିଲା। ଝିଅଟିର ପେଟ ବ୍ୟଥା ହେଉଥିବାରୁ ଦିଶାରୀଙ୍କ ପାଖରେ ୬୦ଟି ଚେଙ୍କ ଦିଆଯାଇଥିଲା। ଏହି ଘଟଣାରେ ତାଙ୍କ ଆଈଙ୍କୁ ଗିରଫ କରାଯାଇଥିଲା।

## ଉତ୍ତରାଖଣ୍ଡରେ ରାୟଗଡ଼ା ଯୁବତୀଙ୍କୁ ହତ୍ୟା

ଉତ୍ତରାଖଣ୍ଡର ଲାଲପୁରସ୍ଥିତ ଅଞ୍ଚଳରେ ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇ ମୃତଦେହକୁ ଏକ ନଦୀରେ ଫିଙ୍ଗି ଦିଆଯାଇଥିଲା। ଜେକେପୁର ସହରର ସୃଷ୍ଟି ଶର୍ମା (୨୩) ଉତ୍ତରାଖଣ୍ଡର ଲାଲପୁରସ୍ଥିତ ଏକ କମ୍ପାନୀରେ ଇଣ୍ଟର୍ନସିପ ଟ୍ରେନିଂ କରିବାକୁ ଯାଇ ଏକ ଘର ଭଡ଼ା ନେଇ ରହୁଥିଲେ। ନଭେମ୍ବର ୪ ତାରିଖରେ ଘରେ କେହି ନ ଥିବାର ସୁଯୋଗ ନେଇ ଘର ମାଲିକଙ୍କ ପୁଅ ଅମିତ ସିଂହ ଯୁବତୀଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ଏଥିରେ ସଫଳ ନ ହେବାରୁ ଅପରାଧ ଲୁଚାଇବା ପାଇଁ ତାଙ୍କ ତଣ୍ଟିଚିପି ହତ୍ୟା କରିଥିଲେ। ମୃତଦେହକୁ ନଦୀରେ ଫିଙ୍ଗି ଦେଇଥିଲେ।



## ରାୟଗଡ଼ାରେ ନୂଆ ରେଳ ଡିଭିଜନ

କେନ୍ଦ୍ର ସରକାର ନୂଆ ବର୍ଷ ଆରମ୍ଭରେ ରାୟଗଡା ଜିଲାକୁ ଦେଇଥିଲେ ବଡ଼ ଭେଟି। ଜାନୁଆରୀ ୬ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାୟଗଡ଼ାରେ ରେଳ ଡିଭିଜନର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାର ଦିନକ ପରେ ଜାନୁଆରୀ ୭ ତାରିଖରେ ଡିଆରଏମ୍ ନିଯୁକ୍ତି ପାଇଁ ବିଜ୍ଞପ୍ତି ଜାରି ହୋଇଥିଲା। ଏହି ରେଳ ଡିଭିଜନ୍ କାର୍ଯ୍ୟକ୍ଷମ ହେଲେ ଦକ୍ଷିଣ ଓଡ଼ିଶାରେ ମୁଖ୍ୟ ଭୂମିକା ଗ୍ରହଣ କରିବ ରାୟଗଡ଼ା ଜିଲା। ଶିଳ୍ପ ବିକାଶ, ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ଅଗ୍ରଣୀ ଲାଭ କରିବ ପଡ଼ୋଶୀ ଜିଲା କୋରାପୁଟ, ନବରଙ୍ଗପୁର, ମାଲକାନଗିରି, କଳାହାଣ୍ଡି ଓ ଗଜପତି। ପ୍ରଥମ ପର୍ଯ୍ୟାୟରେ ୧୦୭ କୋଟି ଟଙ୍କା ବ୍ୟୟରେ ଡିଭିଜନ କାର୍ଯ୍ୟାଳୟ ସମେତ ଅନ୍ୟାନ୍ୟ ଭିତ୍ତିଭୂମି ନିର୍ମାଣ ହେବ। ରାୟଗଡା ରେଳ ଡିଭିଜନ ଅଧୀନରେ ରାୟଗଡା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ନୂଆପଡା ଓ ଗଜପତି ଜିଲା ସମେତ ଛତିଶଗଡ ରାଜ୍ୟର କିରଣ୍ଡୁଲ ପର୍ଯ୍ୟନ୍ତ ରହିବ ବୋଲି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଥିଲେ।

## ସଙ୍ଗୀତାଙ୍କୁ ଜୀବନସାଥୀ କଲେ ପ୍ରଦୀପ




ନବରଙ୍ଗପୁର ପୂର୍ବତନ ଏମ୍‌ପି ତଥା ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ମାଝୀ ମାର୍ଚ୍ଚ ୧୨ ତାରିଖରେ ବାନ୍ଧବୀ ସଙ୍ଗୀତା ସାହୁଙ୍କୁ ବିବାହ କରିଥିଲେ। ସଙ୍ଗୀତାଙ୍କ ଘର କେନ୍ଦ୍ରାପଡ଼ା ଜିଲାରେ ହୋଇଥିବାବେଳେ ସେମାନେ ଗୋଆସ୍ଥିତ ପଞ୍ଜିମ କେଡିନା ହାଉସ୍‌ରେ ଡେଷ୍ଟିନେଶନ ୱେଡିଂ କରିଥିଲେ। ପ୍ରଦୀପଙ୍କ ବାପା ତଥା ପୂର୍ବତନ ରାଜ୍ୟ ସଭା ସଦସ୍ୟ ଭଗବାନ ମାଝୀ, ଭାଇ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ମାଝୀଙ୍କ ସହ ଉଭୟ ପରିବାରର ସଦସ୍ୟ ଓ କେତେଜଣ ହାତଗଣତି ଲୋକ ଏହି ବିବାହରେ ସାମିଲ ହୋଇଥିଲେ। ପ୍ରଦୀପଙ୍କ ବିବାହକୁ ନେଇ ସେତେବେଳେ କିନ୍ତୁ ନବରଙ୍ଗପୁରରେ ବେଶ୍ ଚର୍ଚ୍ଚା ହୋଇଥିଲା। ଏହି ବିବାହ ପରେ ପ୍ରଦୀପ ଓ ତାଙ୍କ ପରିବାରକୁ ଆଦିବାସୀ ସମାଜ ପକ୍ଷରୁ ବାସନ୍ଦ କରାଯାଇଥିଲା।

## ଇଞ୍ଜେକ୍ସନ ନେଲା ୬ ଜୀବନ

କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଭୁଲ୍ ଇଞ୍ଜେକ୍ସନ ନେବାର ଦେଢ଼ ଘଣ୍ଟା ମଧ୍ୟରେ ୫ଜଣଙ୍କର ଓ ଭୋରରୁ ଜଣେ ରୋଗୀଙ୍କ ମୃତ୍ୟୁ ହୋଇଥିଲା। ଜିଲାର ବୋରିଗୁମ୍ମା ବ୍ଲକ୍ ବଡ଼ପିଣ୍ଡାପଦର ଭଗବାନ ପୂଜାରୀ, ମୀନାଗୁଡ଼ାର ରୁକ୍ମିଣୀ ପେଣ୍ଟିଆ, ସେମିଳିଗୁଡ଼ା ଜଗମଗୁଡ଼ାର ଶୁକ୍ରା ମାଝୀ, କଳାହାଣ୍ଡି ଜିଲା କକସରାର ଫୁଲମତି ମାଝୀ, କୋରାପୁଟ ମାଛରା ଅଞ୍ଚଳର ବତି ଖରା, ବୋରିଗୁମ୍ମା ଦାବୁଗୁଡ଼ାର ଜଗନ୍ନାଥ ପୂଜାରୀ ମେଡିକାଲରେ ବିଭିନ୍ନ କାରଣରୁ ଚିକିତ୍ସିତ ହେଉଥିଲେ। ସେମାନଙ୍କ ମଧ୍ୟରୁ ଫୁଲମତି, ଶୁକ୍ରା ଓ ରୁକ୍ମିଣୀ ଆଇସିୟୁରେ ଥିଲେ। ସେହିପରି ବତୀ, ଜଗନ୍ନାଥ ଓ ଭଗବାନ ସାଧାରଣ ୱାର୍ଡରେ ରହି ଚିକିତ୍ସିତ ହେଉଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ରହ୍ମପୁର ଓ କଟକରୁ ୨ଟି ଡିଏମ୍‌ଏଲ୍‌ଟି ଟିମ୍ କୋରାପୁଟରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ଘଟଣାକୁ ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ମେଡିକାଲ କଲେଜରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ମନ୍ତ୍ରୀ ମହାଲିଙ୍ଗ ମେଡିକାଲର ସର୍ଜରି ୱାର୍ଡ ପରିଦର୍ଶନ କରି ସେବା ବିଷୟରେ ରୋଗୀମାନଙ୍କ ସହ କଥା ହୋଇଥିଲେ। ପରେ ହସ୍ପିଟାଲରେ ଥିବା ଔଷଧର ମାନ ଯାଞ୍ଚ କରିଥିଲେ। ଏହି ସମୟରେ କଂଗ୍ରେସ ମେଡିକାଲର ବିଭିନ୍ନ ସମସ୍ୟା ନେଇ ମନ୍ତ୍ରୀଙ୍କ ସହ ଆଲୋଚନା କରିବାକୁ ଚାହୁଁଥିବା ବେଳେ ମନ୍ତ୍ରୀ ତାଙ୍କୁ ସୁଯୋଗ ନ ଦେବାରୁ ଦଳ ପକ୍ଷରୁ ତୀବ୍ର ପ୍ରତିବାଦ କରାଯାଇଥିଲା। ଏହି ସରକାରରେ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ବିଗିଡିଯାଇଥିବା କହି କଂଗ୍ରେସ ସମାଲୋଚନା କରିଥିଲା।

## ଟଲିଉଡ୍ ନିର୍ଦ୍ଦେଶକଙ୍କ ପ୍ରଥମ ପସନ୍ଦ କୋରାପୁଟ



ଚଳିତବର୍ଷ ତେଲୁଗୁ ସିନେ ନିର୍ଦ୍ଦେଶକଙ୍କ ଫିଲ୍ମ ଶୁଟିଂ ପାଇଁ କୋରାପୁଟ ଜିଲା ପ୍ରଥମ ପସନ୍ଦ ରହିଥିଲା। ସେମିଳିଗୁଡା ବ୍ଲକ୍ ତଳମାଳି ପାହାଡ଼ରେ ଦକ୍ଷିଣ ଫିଲ୍ମ ଇଣ୍ଡଷ୍ଟ୍ରି ଡାଇରେକ୍ଟର ଏସ୍.ଏସ୍.ରାଜାମୌଳୀଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏସ୍‌ଏସ୍‌ଏମ୍‌ବି୨୯ ଫିଲ୍ମର ଶୁଟିଂ ହୋଇଥିଲା। ତେଲୁଗୁ ସୁପରଷ୍ଟାର ମହେଶ ବାବୁ ଓ ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଶୁଟିଂ କରିଥିଲେ। ଏଭଳି ଅନ୍ୟ କିଛି ଫିଲ୍ମ ସହ ତେଲୁଗୁ ଅଭିନେତ୍ରୀ ଅନୁଷ୍କା ସେଟ୍ଟିଙ୍କ ଅଭିନୀତ ଓ ବିଗ୍ ବଜେଟ୍ ଫିଲ୍ମ 'ଘାଟି'ର ଶୁଟିଂ ମଧ୍ୟ ଜିଲାରେ ଶୁଟ୍ ହୋଇଥିଲା।

## ପ୍ରେମ କରିବାରୁ ବଳଦ ଦଣ୍ଡ



ସାମାଜିକ ସଂସ୍କାର ଏବେ ମଧ୍ୟ ଦୂରୀଭୁତ ହୋଇନାହିଁ। ପ୍ରେମକଲେ ବୋଲି ଗାଁ ଦାଣ୍ଡରେ ବଳଦ ଭଳି ପ୍ରେମୀଯୁଗଳଙ୍କୁ ହଳ କରାଇଲେ। ବାଉଁଶରେ ତିଆରି ହୋଇଥିବା ହଳ, ଲଙ୍ଗଳ ପକାଇ ଦୁଇପଟେ ଯୁବତୀ ଯୁବକଙ୍କୁ ବାନ୍ଧି ହଳ କରାଇଲେ। ସମ୍ପର୍କୀୟ ପିଉସୀ ଓ ପୁତୁରାଙ୍କ ପ୍ରେମ ସମ୍ପର୍କକୁ ନେଇ ଗାଁ ଲୋକେ ବୈଠକ କରି ପ୍ରେମୀଯୁଗଳଙ୍କୁ ଏଭଳି ଦଣ୍ଡ ଦେଇଥିଲେ। ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକର ସିକରପାଇ ପଞ୍ଚାୟତ ଅନ୍ତର୍ଗତ କଞ୍ଚାମଯୋଡ଼ି ଗ୍ରାମରେ ଗତ ଜୁଲାଇ ୧୧ ତାରିଖରେ ଏଭଳି ଘଟଣା ଚଳିତବର୍ଷ ଚର୍ଚ୍ଚାର ବିଷୟ ପାଲଟିଥିଲା। ସେହିପରି କୋରାପୁଟ ଜିଲା ନାରାୟଣପାଟଣା ବ୍ଲକ୍ ବୋରିଗୀ ପଞ୍ଚାୟତ ପେଦା ଇଟିକି ଗ୍ରାମରେ ଏକ ବଂଶରେ ପ୍ରେମ ବିବାହ କରିଥିବାରୁ ଦୋଷ ଖଣ୍ଡନ କରିବାକୁ ବଳଦ ଦଣ୍ଡ ଦିଆଯାଇଥିଲା।

# ରାହାଗିରିରେ ନାଚଗୀତର ମଜା ନେଲେ ଦର୍ଶକ

**ଜୟପୁର, ୧୪।୧୨ (ପବନ ପାଣିଗ୍ରାହୀ)**


ମଞ୍ଚରେ ଉପସ୍ଥିତ କୋରାପୁଟ ବିଧାୟକ ରଘୁରାମ ମାଛ, ଜିଲାପାଳ ମନୋଜ ସତ୍ୟବାନ ମହାଜନ ଓ ଅନ୍ୟ ଅଧିକାରୀମାନେ।

କୋରାପୁଟ ଜିଲା ଜୟପୁର ପୌର ପରିଷଦ ପକ୍ଷରୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ମାର୍ଗରେ ରାହାଗିରି କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଛି। ଶୀତୁଆ ସକାଳରେ ହଜାର ହଜାର ଦର୍ଶକ ସାମିଲ ହୋଇଥିଲେ। ଆଗକୁ କୋରାପୁଟ ଲୋକ ମହୋତ୍ସବ ପରବ ଥିବାରୁ ଏହା ପୂର୍ବରୁ ପଥ ଉତ୍ସବ କରାଯାଇଥିଲା। ଏହି ଅବସରରେ ବିଧାୟକ କୋରାପୁଟ ରଘୁରାମ ମାଛ ଓ ଜିଲାପାଳ ମନୋଜ ସତ୍ୟବାନ ମହାଜନ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ କୋରାପୁଟ ଏସ୍‌ପି ରୋହିତ ବର୍ମା, ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଜୟପୁର ଉପଜିଲାପାଳ ଆକାବରମ ଶସ୍ୟା ରେଡ୍ଡୀ, ସ୍ଥାନୀୟ ତହସିଲଦାର ସବ୍ୟସାଚୀ ଜେନା, ଜୟପୁର ବିଡିଓ ଶକ୍ତି ମହାପାତ୍ର, ଅତିରିକ୍ତ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ପୂଜା ରାଉତ, ଟାଉନ ଥାନାଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ଓ ପୌର ପରିଷଦ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପ୍ରମୁଖ ଯୋଗଦେଇଥିଲେ। ସର୍ଦ୍ଦାର ପଟେଲ ମାର୍ଗର ପୁରୁଣା ମେଡିକାଲ ଛକଠାରୁ ରଥ ପଡିଆ ଯାଏ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଯାଇଥିଲା। ମୁଖ୍ୟ ରାସ୍ତାରେ ନୃତ୍ୟ ଗୀତର ଆସର ସହ ଝୋଟି, ଯୋଗ, ସ୍କେଟିଂ, ରଙ୍ଗୋଲୀ, ମ୍ୟାଜିକ ଶୋ ଆଦି ଜମିଥିଲା। ବିଭିନ୍ନ ଆକର୍ଷଣରେ ପ୍ରତିଯୋଗୀ ଅଂଶଗ୍ରହଣ କରି ପଥ

**ପ୍ରତିବର୍ଷ ଉତ୍ସବ ଜାରି ରଖିବାକୁ ପ୍ରଶାସନର ପ୍ରତିଶ୍ରୁତି**

ଉତ୍ସବରେ ସାମିଲ ହୋଇଥିଲେ। କଣ୍ଠଶିଳ୍ପୀଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ହଜାର ହଜାର ଦର୍ଶକଙ୍କୁ ଉତ୍ସାହିତ କରିଥିଲା। ପଥ ଉତ୍ସବରେ ଗୋଷ୍ଠୀଗତ ଓ ବ୍ୟକ୍ତିଗତ ଭାବେ ଉତ୍ତମ ପ୍ରଦର୍ଶନ କରିଥିବା ପ୍ରତିଯୋଗୀଙ୍କୁ ଅତିଥି ମାନପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। ଏହି ପ୍ରୟାସ ପ୍ରତିବର୍ଷ ବଜାୟ ରଖିବାକୁ ଚେଷ୍ଟା ଜାରି ରଖିବ ବୋଲି ଉପଜିଲାପାଳ ରେଡ୍ଡୀ କହିଛନ୍ତି। ଓଲିଉଡ଼ ଅଭିନେତ୍ରୀ ତଥା ଗାୟିକା ଅନୁରାଧା ପାଣିଗ୍ରାହୀ ଓ ଇଣ୍ଡିଆନ ଆଇଡଲର ଗାୟକ ବିଶ୍ୱଜିତ ମହାପାତ୍ରଙ୍କ ମନଛୁଆଁ ଗୀତର ଜୟପୁର ବାସୀ ମଜା ନେଇଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଏଥିରେ ସହରବାସୀ ସହଯୋଗ କରିଥିଲେ।


ରାହାଗିରି ଅବସରରେ ଜଣେ ବାଲୁକା ଶିଳ୍ପୀ ଜଗନ୍ନାଥ ଫଟୋ ଚିତ୍ର ତିଆରି କରୁଛନ୍ତି।

# କୋରାପୁଟରେ କ୍ରସ୍ କଣ୍ଟ୍ରି ଦୌଡ଼ ପ୍ରତିଯୋଗିତା


କାର୍ଯ୍ୟକ୍ରମରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

**କୋରାପୁଟ, ୧୪।୧୨ (ଅମିତାଭ ବେହେରା)**

କୋରାପୁଟ ପୋଲିସ ପଡ଼ିଆରେ ପରବ ଉପଲକ୍ଷେ କ୍ରସ କଣ୍ଟ୍ରି ଦୌଡ଼ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଓ ବାହାରୁ ୯ ଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଜାତୀୟ ସୀମା ସୁରକ୍ଷା ବାହିନୀ(ବିଏସଏଫ) ଓ ଜିଲା ପ୍ରଶାସନ ମିଳିତ ଭାବେ କ୍ରସ କଣ୍ଟ୍ରି ଦୌଡ଼ ଆୟୋଜିତ କରିଛନ୍ତି। କାର୍ଯ୍ୟକ୍ରମରେ ଜିଲାପାଳ ମନୋଜ ସତ୍ୟବାନ ମହାଜନ, ଏସ୍‌ପି ରୋହିତ ବର୍ମା, ବିଏସ୍ଏଫ୍ ଡିଆଇଜି ସତ୍ୟବାନ ଖାନ ସିଂ ପତାକା ଦେଖାଇ ଦୌଡ଼କୁ ଶୁଭାରମ୍ଭ କରିଥିଲେ। ୫ କି.ମି.ର ଦୌଡ ପାଇଁ ବିଏସ୍ଏଫ୍ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା । ଏହି କ୍ରସ କଣ୍ଟ୍ରି ଦୌଡ଼ରେ ପ୍ରଥମ ପୁରସ୍କାର ୧୦ ହଜାର, ଦ୍ୱିତୀୟ ୮ ହଜାର, ତୃତୀୟ ୫ ହଜାର ଟଙ୍କାର ଚେକ ସହ ମେଡାଲ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଦୌଡ଼ରେ ପୁରୁଷ ବର୍ଗରେ ଦଳମଣି ଚିରଗୁଣ ପ୍ରଥମ ହୋଇଥିଲେ। ରବି ମୁଦୁଲି ଦ୍ୱିତୀୟ, ସିଦ୍ଧାର୍ଥ ଗୌତମ ଜେନା ତୃତୀୟ ହୋଇଛନ୍ତି। ମହିଳା ବର୍ଗରେ ଦୟାମଣି ହରିଜନ ଓ ଦୀପ୍ତି ରାଣୀ ସାହୁ ଯୁଗ୍ମ ଭାବେ ପ୍ରଥମ, ପୂର୍ଣ୍ଣିମା ସବିଆଲ ଦ୍ୱିତୀୟ, ଅଞ୍ଜନା ଗରଡ଼ା ତୃତୀୟ ସ୍ଥାନ ହାସଲ କରିଛନ୍ତି । ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଅତିଥି ମେଡାଲ, ମାନପତ୍ର ସହ ଚେକ୍ ପ୍ରଦାନ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଦାୟିତ୍ୱରେ ଥିବା ସୂର୍ଯ୍ୟକାନ୍ତ ବେହେରା, ବିଏସ୍ଏଫ୍ କମାଣ୍ଡାଣ୍ଟ ରବୀନ୍ଦ୍ର ସିଂ ଭଣ୍ଡାରୀ, ୧୦୮ ବାଟାଲିୟନ କମାଣ୍ଡାଣ୍ଟ ସଞ୍ଜୟ ଦାସ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଧାରାଣୀ ସରକାର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପାକଖୋଲା ଚେକ୍ ଡ୍ୟାମ୍‌ର ବିକାଶ ଦାବି


ଚେକ୍ ଡ୍ୟାମ୍।

**ସୁନାବେଡ଼ା/ସେମିଳିଗୁଡ଼ା, ୧୪।୧୨ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)**

କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ୍ ଅଧୀନ ପାକଖୋଲା ଗାଁରେ ଥିବା ଚେକ୍ ଡ୍ୟାମ୍‌ରେ ବଣଭୋଜି କରିବାକୁ ଲୋକଙ୍କ ଭିଡ଼ ଜମୁଛି। ଏଠାକୁ ବଣଭୋଜି ପାଇଁ ଆଖପାଖ ଅଞ୍ଚଳ ସହ ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼ରୁ ଲୋକେ ଆସିଥାନ୍ତି। କିନ୍ତୁ ଏହାର ବିକାଶ ପ୍ରତି ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ଏହି ସ୍ଥଳ ଦେଓମାଳୀ ପାହାଡ଼କୁ ଲାଗି ରହିଥିବାରୁ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ଏଠାକୁ ଆସିବାକୁ ଠିକ୍ ରାସ୍ତା ଅଭାବ ଯୋଗୁ ପର୍ଯ୍ୟଟକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜିଲା ପ୍ରଶାସନ କିମ୍ବା ରାଜ୍ୟ ସରକାର ଅତିଶୀଘ୍ର ଏହାର ବିକାଶ ଦିଗରେ ପଦକ୍ଷେପ ନେବାକୁ ବଣଭୋଜି ପାଇଁ ଆନ୍ଧ୍ରରୁ ଆସିଥିବା ପି.ତରୁଣ କୁମାର, ଉମା ମହେଶ୍ୱର ରାଓ, ୱାଇ.ଭେଙ୍କଟରେ କାମରାଜୁ, ଚନ୍ଦ୍ରଶେଖର, ବି. ବ୍ରହ୍ମାନନ୍ଦ ନିବେଦନ କରିଛନ୍ତି । ସେମାନଙ୍କ କହିବା ମୁତାବକ ସରକାର ଏଠାରେ ଉପଯୁକ୍ତ ପିଇବା ପାଣି ସହ ଭୋଜି ଲାଗି ପିଣ୍ଡି ବ୍ୟବସ୍ଥା କରିବା ଆବଶ୍ୟକ। ସରକାର ଏଥିପ୍ରତି ଶୀଘ୍ର ଦୃଷ୍ଟି ଦେବା ଆବଶ୍ୟଷ୍ ବୋଲି ସେମାନେ କହିଛନ୍ତି। ସମସ୍ତ ସୁବିଧା ହେଲେ ଆଖପାଖ ୧୬ ଖଣ୍ଡ ଗାଁର ଲୋକେ ପରୋକ୍ଷ ଭାବେ ଉପକୃତ ହୋଇପାରିବେ ବୋଲି କୁହାଯାଇଛି।

**ଠିକ୍ ରାସ୍ତା ନ ଥିବାରୁ ଉପୁଜୁଛି ସମସ୍ୟା**

# ଗୃହ ନିର୍ମାଣ ସମ୍ପୂର୍ଣ୍ଣ ସତ୍ତ୍ୱେ ମିଳୁନି ଶେଷ କିସ୍ତି

**୫ ହିତାଧିକାରୀଙ୍କ ଅଭିଯୋଗ**

**ନନ୍ଦପୁର, ୧୪।୧୨ (ତୁଷାର କାନ୍ତ ମହାନ୍ତି)**

କୋରାପୁଟ ଜିଲା ନନ୍ଦପୁର ବ୍ଲକରେ ବିଜୁ ପକ୍କା ଗୃହ ଯୋଜନାରେ ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରିବାର ବର୍ଷାଧିକ କାଳ ସତ୍ତ୍ୱେ ଶେଷ କିସ୍ତି ପ୍ରାପ୍ୟ ମିଳୁ ନ ଥିବା ୫ ହିତାଧିକାରୀ ଅଭିଯୋଗ କରିଛନ୍ତି। ଋଣ ବାଡି କରି ଗୃହ ନିର୍ମାଣ ଶେଷ କଲୁ ଏବେ ଶେଷ କିସ୍ତି ପାଇଁ ବ୍ଲକ୍ କାର୍ଯ୍ୟାଳୟ ଦଉଡ଼ି ନିରାଶ ହେଉଥିବା ମାଲିବେଲଗାଁ ପଞ୍ଚାୟତର ଲଇଛନ ଖିନବୁଡ଼ି, କସନ୍ଦି ପଞ୍ଚାୟତର ହରି ମୁଦୁଲି, କୁଲାରସିଂ ପଞ୍ଚାୟତର ଜଗନ୍ନାଥ ଶୁକ୍ରି, ଏରାୟା ଖରା ଓ ଗୋଲୁର ପଞ୍ଚାୟତର ଗାଙ୍ଗାନା ପାଙ୍ଗି ପ୍ରମୁଖ କହିଛନ୍ତି। ଲଇଛନ ୨୦୧୮-୧୯ରେ କାର୍ଯ୍ୟାଦେଶ ପାଇଁ ପ୍ରକଳ୍ପ ସାଂଖ୍ୟ ଓଆର-୧୧-୦୦୫-୦୧୫-୦୦୧/ ଜେଏଲଏନ୨୦୨୨୭୧୩ ପ୍ରକାରେ ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରିଥିଲେ। କିନ୍ତୁ ନିର୍ମାଣ ପର ଶେଷ କିସ୍ତି ୩୦ ହଜାର ଟଙ୍କା ଅଦ୍ୟାବଧି ପାଇ ନ ଥିବା କହିଛନ୍ତି। ଜଗନ୍ନାଥ ପ୍ରକଳ୍ପ ସାଂଖ୍ୟ ଓଆର ୧୧ ୦୦୫ ୦୧୪ ୦୦୧/ ଟିଏସୟୁ୦୭୨୨୮୭୧, ଏରାୟା ଓଆର ୧୧ ୦୦୫ ୦୧୪ ୦୦୪/୩୪୮୩୭୭, ଗାଙ୍ଗାନା ଓଆର ୧୧ ୦୦୭ ୦୧୪ ୦୦୪/୩୭୮୫୦୦ ପ୍ରକାରେ ୩୦ ହଜାର ଓ ହରି ପ୍ରକଳ୍ପ ସାଂଖ୍ୟ ଓଆରଭିଆଇ ୨୭୪୭୮୨୯ରେ ବିଜୁ ଆବାସ ଯୋଜନାର ଗୃହ ସମ୍ପୂର୍ଣ୍ଣ କରି ଶେଷ କିସ୍ତି ୨୫ ହଜାର ଟଙ୍କା ପାଇ ନ ଥିବା କହିଛନ୍ତି। ଏ ସମ୍ପର୍କରେ ବିଡିଓ ଦୁର୍ଗା ପ୍ରସାଦ ଦୋରା, ବ୍ଲକ ଆବାସ ସଂଯୋଜକ ପବିତ୍ର କୁମାର ସାହୁ ଓ ଜିଲା ପରିଷଦ ଉନ୍ନୟନ ଅଧିକାରୀ ବେଣୁଧର ଶବରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଅଭିଯୋଗରେ ସତ୍ୟତା ଥିବା କହିଛନ୍ତି। ବିଜୁ ପକ୍କା ଗୃହ ଯୋଜନା ବର୍ତ୍ତମାନ ଆନ୍ତୋଦୟ ଗୃହ ଯୋଜନାରେ ପରିଣତ ହୋଇଛି। ଏହାଦ୍ୱାରା ସମ୍ପୂର୍ଣ୍ଣ ହୋଇଥିବା କିଛି ଗୃହ ଓ ରାଇପାହାଡ଼ର ନୂତନ ଅନୁମୋଦିତ ହୋଇଥିବା କିଛି ହିତାଧିକାରୀଙ୍କୁ ପ୍ରାପ୍ୟ ପ୍ରଦାନ କରାଯାଇପାରୁ ନାହିଁ। ଆବାସ ପୋର୍ଟାଲରେ ମଧ୍ୟ ସମ୍ୟକ ପରିବର୍ତ୍ତନ ହୋଇଛି। ବିଜୁ ପକ୍କା ଗୃହ ଯୋଜନାରେ ନିର୍ମିତ ଗୃହ ପ୍ରକଳ୍ପଗୁଡ଼ିକ ପାଇଁ ପୋର୍ଟାଲରେ ପେମେଣ୍ଟ ଅପସନ ନ ଥିବାରୁ ୫ ହିତାଧିକାରୀଙ୍କୁ ଶେଷ କିସ୍ତି ଦିଆଯାଇ ପାରୁ ନ ଥିବା କହିଛନ୍ତି। ଏ ନେଇ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଜିଲା ଓ ରାଜ୍ୟସ୍ତରୀୟ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ପୋର୍ଟାଲରେ ପେମେଣ୍ଟ ଅପସନ ଆସିବା ମାତ୍ରେ ସମସ୍ତଙ୍କୁ ଶେଷ କିସ୍ତି ପ୍ରଦାନ କରାଯିବ ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି।


ଶେଷକିସ୍ତି ପାଇ ନ ଥିବା ଲଇଛନ ଖିନବୁଡ଼ି।

# ନାବାଳିକାଙ୍କୁ ମା' ବଳି ଦେଉଥିବା ଅଭିଯୋଗ ଆଣିଲେ ଲୋକେ

**ଜୟପୁର, ୧୪।୧୨ (ପବନ ପାଣିଗ୍ରାହୀ)**

ଜୟପୁର ଇରିଗେସନ କଲୋନୀରେ ଜଣେ ମହିଳା ନିଜ ୧୩ ବର୍ଷର ନାବାଳିକା ଝିଅଙ୍କୁ ବଳି ଦେବାକୁ ଚେଷ୍ଟା କରୁଥିବା ନେଇ ସାହି ବାସିନ୍ଦା ଅଭିଯୋଗ ଆଣିଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ନାବାଳିକାଙ୍କୁ ଉଦ୍ଧାର କରି ପୋଲିସ ଜିମା ଦେଇଛନ୍ତି। ଏ ନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାନୁଯାୟୀ, ଇରିଗେସନ କଲୋନୀସ୍ଥିତ ଏକ ବସ୍ତିରେ ଅମ୍ବିକା ଖୋସ୍ଲା ୨ ପୁଅ ଓ ଝିଅ ନିକିତା ସହ ରହୁଛନ୍ତି। ରବିବାର ଅପରାହ୍ନରେ ନିକିତାଙ୍କ ଚିତ୍କାର କରିବା ଶୁଣି ସାହି ଲୋକେ ତାଙ୍କ ଘରକୁ ଯାଇଥିଲେ। ସେଠାରେ ନିକିତା ଅଚେତ ଥିବା ଓ ତାଙ୍କ ହାତ ଗୋଡ଼ ମୋଡି ହୋଇ ରହିଥିବା ଲୋକେ ଦେଖିଥିଲେ। ଅନେକ ସମୟରେ ଅମ୍ବିକା ଅସ୍ୱାଭାବିକ ଆଚରଣ କରୁଥିବା ବେଳେ କିଛିଦିନ ହେବ ସେ ଘରେ ତନ୍ତ୍ର ସାଧନ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ନାବାଳିକା ଚର୍ଚ୍ଚ ଯାଉଥିବାରୁ ତାଙ୍କ ଅମ୍ବିକା ତାଙ୍କୁ ବିରୋଧ କରୁଥିଲେ। ଏ ନେଇ ପଡ଼ୋଶୀମାନେ ପୋଲିସକୁ ଡକାଇ ନାବାଳିକାଙ୍କୁ ହସ୍ତାନ୍ତର କରିଥିଲେ। ଅମ୍ବିକା ତନ୍ତ୍ର ସାଧନ କରୁଥିବାରୁ ସାହିର ଅନ୍ୟ ପିଲାଙ୍କ ପ୍ରତି ବିପଦ ରହିଥିବା କହି ତାଙ୍କୁ ସାହିରୁ ବାହାର କରିବାକୁ ଲୋକେ ଦାବି କରିଥିଲେ। ପୋଲିସ ନାବାଳିକାଙ୍କୁ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଛି। ଏ ନେଇ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବାରୁ ମାମଲା ରୁଜୁ ହୋଇ ନ ଥିବା ଟାଉନଥାନା ଅଧିକାରୀ ଉଲ୍ଲାସ ରାଉତ କହିଛନ୍ତି। ଅମ୍ବିକା ନିଶାସକ୍ତ ଭାବେ ସାହି ବାସିନ୍ଦାଙ୍କୁ ଗାଳିଗୁଲଜ କରୁଥିବା ଅଭିଯୋଗ କରିଛନ୍ତି। ପୋଲିସ ନିକିତାଙ୍କୁ ପଚରାଉଚରା କରିବାରୁ ୩ ଦିନ ହେବ ସେ ଭଲରେ ଖାଇ ନ ଥିବାରୁ ଅସୁସ୍ଥ ହୋଇ ଅଚେତ ହୋଇଥିବା ସ୍ୱୀକାର କରିଥିଲେ। ଲିଖିତ ଅଭିଯୋଗ ପରେ ଏ ନେଇ ତଦନ୍ତ ହେବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।

# ଜଗନ୍ନାଥ ସାଗର ବଞ୍ଚାଅ ଶୋଭାଯାତ୍ରା

**ଜୟପୁର, ୧୪।୧୨ (ପବନ ପାଣିଗ୍ରାହୀ)**

ଜୟପୁର ଜଗନ୍ନାଥ ସାଗର ବଞ୍ଚାଅ କମିଟି ପକ୍ଷରୁ ଜଗନ୍ନାଥ ସାଗର କୂଳରେ ହେଉଥିବା ପ୍ରେଟ୍ରୋଲ ପମ୍ପ ବନ୍ଦ କରିବା, ସାଗର ବଞ୍ଚାଇବା ଆଦି ଦାବି କରି ପ୍ଲାକାର୍ଡ ଧରି ରବିବାର ଶାନ୍ତି ଶୋଭାଯାତ୍ରା କରାଯାଇଛି। ରାହାଗିରି ପ୍ରବେଶ ଦ୍ୱାରରେ ପୋଲିସ ଶୋଭାଯାତ୍ରାକୁ ଅଟକାଇଥିଲେ ମଧ୍ୟ କମିଟି କର୍ମକର୍ତ୍ତା ଶୁଣି ନ ଥିଲେ। ରାହାଗିରି କାର୍ଯ୍ୟକ୍ରମ ମାଧ୍ୟମରେ ସହରବାସୀଙ୍କ ମନୋରଞ୍ଜନ ପାଇଁ ଚେଷ୍ଟା ଚାଲିଛି। ଏହି ସମୟରେ ଜଗନ୍ନାଥ ସାଗର ବଞ୍ଚାଅ ନେଇ କେତେକ କର୍ମକର୍ତ୍ତା ସହର ପରିକ୍ରମା କରିଥିଲେ। ବିଭିନ୍ନ ଷ୍ଟଲରେ ଲୋକଙ୍କୁ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଶୋଭାଯାତ୍ରାରେ କୃଷ୍ଣ କେଶବ ଷଡଙ୍ଗୀ, ସାଧୁଚରଣ ଦାସଚୌଧୁରୀ, ସୁବ୍ରତ ପଣ୍ଡା, ବିଶ୍ୱନାଥ ନନ୍ଦ, ବାରିଗେଡା ଚନ୍ଦ୍ରଶେଖର ଓ ରାଜ କିଶୋର ଦାସଙ୍କ ପ୍ରମୁଖ ଉପସ୍ଥିତ ଥିଲେ।

# ଅମଲା ସଂଘର ନିର୍ବାଚନ, ଶପଥପାଠ

**ଜୟପୁର, ୧୪।୧୨ (ପବନ ପାଣିଗ୍ରାହୀ)**


ସଭାରେ ଉପସ୍ଥିତ ଅମଲା ସଂଘର ସଦସ୍ୟମାନେ।

ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲା ଶାଖାର ନିର୍ବାଚନ ଓ ଶପଥ ପାଠ ଜୟପୁର ଯଦବ ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଅମଲା ସଂଘ ରାଜ୍ୟ ଅତିରିକ୍ତ ସାଧାରଣ ସମ୍ପାଦକ ଶଶୀଭୂଷଣ ଦାଶଙ୍କ ଅଧ୍ୟକ୍ଷତାରେ ମାଲକାନଗିରି ଓ ନବରଙ୍ଗପୁରର ନେତୃବୃନ୍ଦ ରାଜ୍ୟ ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ। କୋରାପୁଟ ଜିଲା ଶାଖାର ବିଭିନ୍ନ ବିଭାଗରେ କାର୍ଯ୍ୟରତ ଶତାଧିକ ଅମଲା ଉପସ୍ଥିତ ଥିଲେ। ଖବରଦାତା ଅଶୋକ ପଲେଇଙ୍କ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବାରୁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହା ପରେ ନିର୍ବାଚନ ପର୍ଯ୍ୟବେକ୍ଷକ ନିର୍ବାଚିତ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ। ସଭାପତି ଜଗନ୍ନାଥ ମାଝୀ, ସମ୍ପାଦକ ଜଗେନ୍ଦ୍ର ଚୌଧୁରି, କୋଷାଧ୍ୟକ୍ଷ ନାଗେଶ୍ୱର ରାଓ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ୱାଇ ଶ୍ରୀନିବାସ ରାଓ ଅଧ୍ୟକ୍ଷ, କୈଳାସ ସାମନ୍ତରାୟ ମୁଖ୍ୟ ଉପଦେଷ୍ଟା, ରାଜେନ୍ଦ୍ର ନାରାୟଣ ପାଢି ଓ ବୃନ୍ଦାବନ ପଣ୍ଡା ଉପଦେଷ୍ଟାଙ୍କ ସମେତ ସମସ୍ତ ପଦବୀ ପାଇଁ ଚୟନ କରାଯିବା ପର୍ଯ୍ୟବେକ୍ଷକ ଘୋଷଣା କରିଥିଲେ । ଶ୍ୟାମସୁନ୍ଦର ନାୟକ ଓ ଅରୁଣ କୁମାର ରଥ ନିର୍ବାଚନ ପର୍ଯ୍ୟବେକ୍ଷକ ଥିଲେ।

# ଦେଓମାଳି ଉତ୍ସବ ନେଇ ପ୍ରସ୍ତୁତି ବୈଠକ

**ପଟ୍ଟାଙ୍ଗି, ୧୪।୧୨ (ଶରତ କୁମାର ଧଳ)**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ କୋଟିଆ ପଞ୍ଚାୟତ ଅଧୀନ ଦେଓମାଳି ପର୍ଯ୍ୟଟନସ୍ଥଳୀରେ ଦେଓମାଳି ଉତ୍ସବ ପାଳନ ନେଇ ବିଡିଓଙ୍କ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଛି। ସ୍ଥାନୀୟ ବିଡିଓ ରାମକ୍ରିଷ୍ଣା ନାୟକଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତ ବୈଠକ ବିଡ଼ିଓ ଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳାରେ ହେବା ନେଇ ଆଲୋଚନା କରାଯାଇଥିଲା। ଉତ୍ସବ ୧୬ ତାରିଖରେ ପାଳନ କରିବାକୁ ଧାର୍ଯ୍ୟ ହୋଇଛି। ସମସ୍ତ କର୍ମଚାରୀ, ସରପଞ୍ଚ ଓ ସମିତିସଭ୍ୟ ସହଯୋଗ କରିବା ସହ ଜନସାଧାରଣଙ୍କୁ ଉତ୍ସାହିତ କରିବାକୁ ବିଡିଓ ପରାମର୍ଶ ଦେଇଛନ୍ତି। ଏଥିରେ ସ୍ଥାନୀୟ କଳାକାର, କୋୟା, କୁଇ ଭାଷାରେ ଗୀତ ଓ ନାଚକୁ ଗୁରୁତ୍ୱ ଦିଆଯିବା ନେଇ ଆଲୋଚନା ହୋଇଛି। ବୈଠକରେ କୋଟିଆ ସମିତି ସଭ୍ୟା ଅମ୍ବିକା ପାଙ୍ଗୀ, ବିଏସ୍ଏସ୍ଓ ସୁଧିର ସାହୁ, ଜିପିଡିଓ ଦାୟିତ୍ୱରେ ରହିଥିବା ଗାଙ୍ଗରାପୁର ପିଇଓ ମମିତା ନାୟକ ଓ ଅନ୍ୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ସଂଗଠିତ ହୋଇ ଦଳକୁ ସୁଦୃଢ଼ କରିବାକୁ ନିଷ୍ପତ୍ତି

**ବିଜେଡିର କର୍ମୀ ସମ୍ମିଳନୀ**

**ନନ୍ଦପୁର, ୧୪।୧୨ (ତୁଷାର କାନ୍ତ ମହାନ୍ତି)**

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଥୁବା ପଞ୍ଚାୟତର କାବୁଲଗୁଡ଼ାରେ ବିଜେଡିର କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ଜିଲାର ବହୁ ବରିଷ୍ଠ ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ। ନନ୍ଦପୁର ବ୍ଲକ ସଭାପତି କାଶୀନାଥ ଗୋଲରୀଙ୍କ ସଭାପତିତ୍ୱରେ ଜିଲା ବିଜେଡି ସଭାପତି ଜିନୋ ହିକକା, ପୂର୍ବତନ ଜିଲା ସଭାପତି ଈଶ୍ୱରଚନ୍ଦ୍ର ପାଣିଗ୍ରାହୀ, ପୂର୍ବତନ ବିଧାୟକ ପିତମ ପାଢ଼ୀ, ପ୍ରଫୁଲ୍ଲ ପାଙ୍ଗୀ, ରଘୁରାମ ପଡ଼ାଲ, ଜିଲା ପରିଷଦ ସଭାପତି ସସ୍ମିତା ମେଲକା, ଭଗବାନ ପେଟିଆ, ପାର୍ବତୀ ମନ୍ତ୍ରି, ଲତା ରାୟ, ଲଇଛନ ଖରା, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ କାର୍ତ୍ତୁଲ, ଉପାଧ୍ୟକ୍ଷ ଗୋପାଳ ହନ୍ତାଲ, ଗୋପାଳକୃଷ୍ଣ ବେବର୍ତ୍ତା, ଜଗନ୍ନାଥ ପାଙ୍ଗୀ, ସୁରେଶ ପଟ୍ଟନାୟକ, କାର୍ତ୍ତିକ ଖେମୁଣ୍ଡୁ, ପ୍ରଭାତ ଗୁରୁମାଇ, ଲକ୍ଷ୍ମୀ ହନ୍ତାଳ, ସାମୁଏଲ ଦଳପତି, ନୂର ମହମ୍ମଦ, ଶେଖ ମହମ୍ମଦ, ସେମିଳିଗୁଡା ବ୍ଲକ ଅଧ୍ୟକ୍ଷା ଲିଲି ଅର୍ଣ୍ଣୀବିରିଆ, ରାମ ଅର୍ଣ୍ଣୀବିରିଆ ଓ ଈଶ୍ୱର ଆହ୍ଲାଦ ପ୍ରମୁଖ ଉପସ୍ଥିତ ଥିଲେ। ଗତ ବିଧାନସଭା ନିର୍ବାଚନରେ ଦଳର ଶୋଚନୀୟ ପରାଜୟ ପରେ ବର୍ତ୍ତମାନ ଦଳୀୟ ସଂଗଠନ ଦୁର୍ବଳ ହୋଇଛି। ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ବିରୋଧୀ ଦଳ ନେତା ବିଧାୟକ ଓ ଶାସକ ଦଳର କର୍ମୀ ଭାବେ ସରକାରୀ ଅଧିକାରୀ ବିଜେଡି କର୍ମୀଙ୍କୁ ଦୁର୍ବ୍ୟବହାର ଦେଖାଉଛନ୍ତି। ଏହା ବ୍ଲକ ଓ ପଞ୍ଚାୟତସ୍ତରୀୟ ଦଳୀୟ କର୍ମୀଙ୍କ ମନୋବଳ ଭାଙ୍ଗୁଛି। ପଞ୍ଚାୟତ ନିର୍ବାଚନ ପୂର୍ବରୁ ଦଳୀୟ ନେତା ଓ କର୍ମୀ ସଂଗଠିତ ହେବାକୁ ଉପସ୍ଥିତ ପଦାଧିକାରୀ ଆହ୍ୱାନ ଦେଇଥିଲେ। ଏହାକୁ ଏକଜୁଟ ହୋଇ ପାଳନ କରିବାକୁ ଉପସ୍ଥିତ କର୍ମୀ ସହମତି ପ୍ରଦାନ କରିଥିଲେ।


ସମ୍ମିଳନୀରେ ଉପସ୍ଥିତ ବିଜେଡି ନେତା ଓ କର୍ମୀମାନେ।

# ବିଶ୍ୱ ବିସ୍ମୟ ପାଇଁ ରାଜପରିବାରର ଅବଦାନ ଅବିସ୍ମରଣୀୟ

**ଡ. ସୁରେନ୍ଦ୍ର କୁମାର ମିଶ୍ର**

**ଐତିହ୍ୟରେ ଓଡ଼ିଶା**

ଆମେ ଗତ ସଂଖ୍ୟାରେ ମହାରଣା ସାଙ୍ଗିଆ ସମ୍ବନ୍ଧରେ ଆଲୋଚନା କରିଥିଲୁ। ଏମାନେ ବିଶେଷ ଭାବରେ କାଠକାମ ସହିତ ସମ୍ବନ୍ଧିତ। ଲୁହାକାମ ସହିତ ମଧ୍ୟ ସମ୍ବନ୍ଧିତ ଶିଳ୍ପୀ ଓଡ଼ିଶାରେ ଦୁଇଟି ସାଙ୍ଗିଆରେ ପରିଚିତ। ଓଝା ଏବଂ କମାର। ଏମାନଙ୍କ ମଧ୍ୟରେ ମଧ୍ୟ ମହାରଣା ସାଙ୍ଗିଆ ଅଛନ୍ତି। କୋଣାର୍କରେ ମନ୍ଦିର ନିର୍ମାଣବେଳେ ଯେପରି ପଥରଖଳା ଥିଲା, ସେହିପରି 'ଲୁହାଭାଟି' ଥିଲା। ଭାଟିରେ ଯେଉଁମାନେ କାମ କରୁଥିଲେ ସେମାନଙ୍କୁ 'ଭାଟିଆ' କୁହାଯାଉଥିଲା। ସେମାନଙ୍କୁ ସମ୍ମାନ ଦେବାରେ ଊଣା କରାଯାଇ ନ ଥିଲା। କାରିଗର ବୀର ଓଝା ଥିଲେ ଏମାନଙ୍କ ମଧ୍ୟରେ ମୁଖିଆ। ଜଳେଶ୍ୱର ଦଣ୍ଡପାଟରୁ ସାଥୀ କାରିଗରଙ୍କୁ ନେଇ ପହଞ୍ଚିଥିଲେ କାଶୀ ଓଝା। ଭଦ୍ରେଶ୍ୱରୀ ମଣ୍ଡଳ ଅର୍ଥାତ୍ ଆଜିର ଭଦ୍ରକ ଅଞ୍ଚଳରୁ ଲୁହା କାରିଗର ଆସିଥିଲେ।


କେଉଁଠାରୁ କିଏ ମନ୍ଦିର ନିର୍ମାଣ ପାଇଁ କ'ଣ ଦେଇଥିଲେ, ତାହା କିପରି ବଣ୍ଟନ ହୋଇଥିଲା, ତାହାର ଅବିକଳ ହିସାବ ପୋଥିଲେଖକ ନିଜେ ଲେଖିଛନ୍ତି। ଆମେ ତାହା ଆଲୋଚନା କଲେ ଜାଣିପାରିବା ତତ୍କାଳୀନ ସାମ୍ରାଜ୍ୟ ବାହାରୁ କିଛି ଆସି ନ ଥିଲା। ବାହାର ଶିଳ୍ପୀ ଆସି ନ ଥିଲେ। କେବଳ ବିଜିତ ସାମ୍ରାଜ୍ୟରୁ ମୁଦ୍ରା (ଟଙ୍କା) ସୁନାରୁପା କିଛି ଆସିଥିଲା।

ସେତେବେଳେ ଚୌଦ୍ୱାରଠାରେ ଏକ ସୁଦୃଢ଼ କିଲ୍ଲା ବା ଦୁର୍ଗ ଥିଲା। ଆଶ୍ଚର୍ଯ୍ୟ ଲାଗେ ସେହି ଦୁର୍ଗର ଦୁର୍ଗପତି କୋଣାର୍କଠାରେ ମନ୍ଦିର ନିର୍ମାଣ ପାଇଁ ପଠାଇଥିଲେ ୩,୮୪୦ ମାଢ଼ (ଭରି) ସୁନା। ସାମ୍ରାଜ୍ୟର ମୁଖ୍ୟ ଭଣ୍ଡାର (କଟକର ବିଡ଼ାନାସୀ)ରୁ ନିଜେ ଗଜପତି ମହାରାଜା ମନ୍ଦିର ନିର୍ମାଣ ପରିଦର୍ଶନ ସମୟରେ ଦେଇଥିଲେ ୩୪,୦୩୩ ମାଢ଼ ସୁନା। ସୁଆସମଲ୍ଲ ସାନ୍ତ ବେଙ୍ଗିଗଡ଼ ଦୁର୍ଗରୁ ଆଣି ଦେଇଥିଲେ ୪୭,୦୩୮ ଅସରପି ମାଢ଼। ତା' ସହିତ ଆୟତାକାର ସୁନାଖଣ୍ଡ ପେଟି ଭର୍ତ୍ତି କରି ପଠାଇଥିଲେ। ଏଇ ସୁଆସମଲ୍ଲଙ୍କ କଥା ପୂର୍ବରୁ ଆମେ ଲେଖିଥିଲୁ। ତାଙ୍କର ପ୍ରକୃତ ନାମ 'ସହସ୍ରମଲ୍ଲ ପରମର୍ଦ୍ଦି'। ସ୍ଥାନ ବିଶେଷରେ ତାଙ୍କ ନାମ 'ସାମନ୍ତଦାସ ସହସ୍ରମଲ୍ଲ' ଲେଖା ଥିବାର ଦେଖାଯାଏ। 'ସହସ୍ର ମଲ୍ଲ' ଏକ ରାଜ-ଉପାଧି। ଦାକ୍ଷିଣାତ୍ୟର କେତେକ ଦୁର୍ଗର ସେ ଥିଲେ ଅଧିପତି। ବର୍ତ୍ତମାନର 'ଲେଫ୍‌ଟନାଣ୍ଟ ଗଭର୍ଣ୍ଣର' ଶବ୍ଦରେ ବୁଝିଲେ ଠିକ୍ ହେବ। ଯାଙ୍କୁ ନିଯୁକ୍ତି ଦେଉଥିଲେ ନିଜେ ଗଜପତି ମହାରାଜା। ତାଙ୍କ ଧର୍ମପତ୍ନୀ ଥିଲେ ଚନ୍ଦ୍ରମଣି ମହାଦେବୀ। ଇତିହାସରେ ସେ 'ଚନ୍ଦ୍ରିକାଦେବୀ' ନାମରେ ସ୍ଥାନ ପାଇଛନ୍ତି। ସେ ହେଉଛନ୍ତି ଗଜପତି ଲାଙ୍ଗୁଳା ନରସିଂହଦେବଙ୍କ ଭଉଣୀ। ସେ ନିଜ ହାତପାଣ୍ଠିରୁ ପଠାଇଥିଲେ ୩,୭୦୮ ମାଢ଼ ସୁନା।

ପାଟମହାଦେବୀ ମଧ୍ୟ ଗଜପତି ଦେଇଥିବା ସୁନାର ସମାନ ମାଢ଼ ନ ଦେଇ ସମାନ ମୁଦ୍ରା ଦେଇଥିଲେ। ଅର୍ଥାତ୍ ହାତୀ ଚିହ୍ନର ମୁଦ୍ରା ୩୪,୦୩୩ଟି। ଗଙ୍ଗବଂଶର ଗଜପତିଙ୍କ ସମୟରେ ଗଜ (ହାତୀ) ଚିହ୍ନ ଥିବା ମୁଦ୍ରା ପ୍ରଚଳିତ ଥିଲା। ସେହି ମୁଦ୍ରା 'ରୁପା'ର ଥିଲା। ଗୋଟିଏ ରୁପାମୁଦ୍ରା ଗୋଟିଏ ଓଜନର।

ଗଜପତିଙ୍କ ଶାସନ କାଳରେ କେତେଗୁଡ଼ିଏ ବିଷୟ (ଜିଲା)କୁ ନେଇ ଗୋଟିଏ ଗୋଟିଏ ପ୍ରଗଣା ସୃଷ୍ଟି ହୋଇଥିଲା। ବିଷୟର ମୁଖିଆଙ୍କୁ କୁହାଯାଉଥିଲା 'ବିଷୋୟୀ'। କେତେଜଣ ବିଷୋୟୀଙ୍କୁ ପରିଚାଳନା କରୁଥିଲେ 'ବଡ଼ ବିଷୋୟୀ'। ବଡ଼ ବିଷୋୟୀଙ୍କ ସାଙ୍ଗିଆ ଥିଲା 'ବୁଢ଼ା ଲେଙ୍କା'। ସେତେବେଳେ ଯିଏ ବଡ଼ ବିଷୋୟୀ ଥିଲେ ତାଙ୍କ ନାମ ଗୋପୀନାଥ ବୁଢ଼ାଲେଙ୍କା। ବିଶାଖାପାଟଣାର ସୀମାଚଳ ମନ୍ଦିରରେ ଥିବା ଓଡ଼ିଆ ଶିଳା ଲିପିରୁ ଜଣାଯାଏ ତାଙ୍କ ଘର ଥିଲା କଟକରେ। ତାଙ୍କ ବଂଶଧର ସୀମାଚଳରେ ଥିବା ଶ୍ରୀନୃସିଂହନାଥ ମନ୍ଦିର ଭୋଗ ପରୀକ୍ଷା ବା ପରିଛା ସେବାରେ ନିଯୁକ୍ତ ଥିଲେ। ଏହି ସେବା ଶ୍ରୀମନ୍ଦିରରେ ରାଜଗୁରୁ ଓ ଦେଉଳ ପୁରୋହିତ ପୂର୍ବେ କରୁଥିଲେ। ତେଣୁ ମନେହୁଏ ବୁଢ଼ାଲେଙ୍କା ଉପାଧିଧାରୀ ବ୍ରାହ୍ମଣବଂଶଧର ଥିଲେ। ସୀମାଚଳ ମନ୍ଦିର ଭୋଗ ପରିଚ୍ଛା ସେବକ ଭାବରେ ବୁଢ଼ାଲେଙ୍କା ପରିବାର ସେଠାରେ ଥିଲେ। ସେତେବେଳକୁ ବୁଢ଼ାଲେଙ୍କା ଉପାଧି ସହିତ 'ପାତ୍ର' ଉପାଧି ସଂଯୋଗ ହୋଇସାରିଥିଲା। ବୁଢ଼ାଲେଙ୍କା ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ପାଇଁ ଦେଇଥିଲେ ୭୩,୦୮୩ ମାଢ଼ ସୁନା। ସେ ବିଶାଖାପାଟଣା ବିଷୟରେ 'ବଡ଼ବିଷୋୟୀ' ଥିଲେ। ତାହା ଆମ ସାମ୍ରାଜ୍ୟର ଅଂଶ।

**ଗଜପତିଙ୍କ ଭଉଣୀ ଦେଇଥିଲେ ୩,୭୦୮ ମାଢ଼ ସୁନା**


ବିଶାଖାପାଟଣାର ସୀମାଚଳ ପାହାଡ଼ ଉପରେ ଥିବା ଶ୍ରୀନୃସିଂହନାଥ ମନ୍ଦିର। ପ୍ରଥମେ ମନ୍ଦିର ଗଢ଼ାଇଥିଲେ ଗଜପତି ଲାଙ୍ଗୁଳା ନରସିଂହ ଦେବ, ମୁଣ୍ଡି ମାରିଥିଲେ କକାଙ୍କ ସହିତ ଧର୍ମପଦ।
(ଫଟୋ: ଓଁ ବ୍ରହ୍ମବିଦ ମିଶ୍ର, ବିଶାଖାପାଟଣା)

# ଆସିବ ଓଡ଼ିଶା ଔଷଧ ଏବଂ ଚିକିତ୍ସା ଉପକରଣ ନୀତି

■୧୬ରେ ଓଡ଼ିଶା ଫାର୍ମା ସମ୍ମିଳନୀ

■ଔଷଧ ଓ ମେଡିକାଲ ଡିଭାଇସ ପାର୍କ ବିକାଶର ହେବ ଘୋଷଣା

ଭୁବନେଶ୍ୱର,୧୪।୧୨(ଅନୁରାଧା ମହାରଣା)

ରାଜ୍ୟ ସରକାରଙ୍କ ପକ୍ଷରୁ ୧୬ ତାରିଖରେ ଓଡ଼ିଶା ଫାର୍ମା ସମ୍ମିଳନୀ ୨୦୨୫ ଅନୁଷ୍ଠିତ ହେବ। ଭୁବନେଶ୍ୱରରେ ହେବାକୁ ଥିବା ଏହି ସମ୍ମିଳନୀର ଲକ୍ଷ୍ୟ ଔଷଧ ଏବଂ ଚିକିତ୍ସା ଉପକରଣ ନିର୍ମାତା, ଷ୍ଟାର୍ଟଅପ ଏବଂ ଉଦ୍ଭାବକ, ସ୍ୱାସ୍ଥ୍ୟସେବା ବିଶେଷଜ୍ଞ, ନିବେଶକ ଏବଂ ଶିଳ୍ପ ଅଂଶୀଦାରମାନଙ୍କୁ ଏକତ୍ର କରି ଓଡ଼ିଶାର ବୃଦ୍ଧି ପାଉଥିବା ଔଷଧ କ୍ଷେତ୍ରରେ ନୂତନ ସୁଯୋଗ ଅନୁସନ୍ଧାନ କରିବା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଔଷଧ ଏବଂ ଚିକିତ୍ସା ଉପକରଣ ନୀତି ୨୦୨୫ ଲଞ୍ଚ କରିବ। ନିବେଶକୁ ଆକର୍ଷିତ କରିବା, ବ୍ୟବସାୟ କରିବାର ସହଜତାକୁ ଉନ୍ନତ କରିବା ଏବଂ ଜୀବବିଜ୍ଞାନ କ୍ଷେତ୍ରରେ ବଡ଼ଧରଣର ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏହି ନୀତିର ଲକ୍ଷ୍ୟ ରହିଛି। ଏହି ଅବସରରେ ରାଜ୍ୟର ସ୍ୱାସ୍ଥ୍ୟସେବା ଉତ୍ପାଦନ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ଶିଳ୍ପ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଦୁଇଟି ଉତ୍ସର୍ଗୀକୃତ ଶିଳ୍ପ ପାର୍କ, ଗୋଟିଏ ଔଷଧ ପାର୍କ ଏବଂ ଅନ୍ୟ ଏକ ମେଡିକାଲ ଡିଭାଇସ ପାର୍କର ବିକାଶ ଘୋଷଣା କରିବେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାର ଏବଂ ପ୍ରମୁଖ କମ୍ପାନୀଗୁଡ଼ିକ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହେବ। ଏହା ରାଜ୍ୟର ଔଷଧ ଏବଂ ଚିକିତ୍ସା ଉପକରଣ ଇକୋସିଷ୍ଟମକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ଆଶା କରାଯାଉଛି। ଏହି କାର୍ଯ୍ୟକ୍ରମରେ ଏକ ଶିଳ୍ପ ଦୃଷ୍ଟିକୋଣ ଅଧିବେଶନ ମଧ୍ୟ ଅନୁଷ୍ଠିତ ହେବ। ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଶିଳ୍ପ ଏବଂ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେବେ। ଏହି ଅବସରରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ଏହି ସମ୍ମିଳନୀରେ ଓଡ଼ିଶାର ସମସ୍ତ ଫାର୍ମା, ଚିକିତ୍ସା ଉପକରଣ ଏବଂ ସମ୍ବନ୍ଧିତ କ୍ଷେତ୍ର ଶିଳ୍ପ, ନିବେଶକମାନେ ଯୋଗଦେବେ।

## ୧୧ ବର୍ଷରେ ୪୨,୬୦୦ ଏଲଏଚବି କୋଚ୍ ନିର୍ମାଣ

ଭୁବନେଶ୍ୱର,୧୪।୧୨

ଲିଙ୍କ ହଫମ୍ୟାନ ବୁଶ (ଏଲଏଚବି) କୋଚ ଉତ୍ପାଦନରେ ଭାରତୀୟ ରେଳପଥ ସ୍ଥିର ପ୍ରଗତି ହାସଲ କରିଛି। ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ (ନଭେମ୍ବର ୨୦୨୫ ପର୍ଯ୍ୟନ୍ତ), ମୋଟ ୪,୨୨୪ ରୁ ଅଧିକ ଏଲଏଚବି କୋଚ ନିର୍ମାଣ କରାଯାଇଛି। ଏହା ପୂର୍ବ ବର୍ଷର ସମାନ ସମୟ ମଧ୍ୟରେ ଉତ୍ପାଦିତ ୩,୫୯୦ କୋଚ ତୁଳନାରେ ୧୮% ବୃଦ୍ଧି ହୋଇଛି। ୨୦୧୪ ରୁ ୨୦୨୫ ମଧ୍ୟରେ, ଭାରତୀୟ ରେଳପଥ ୪୨,୬୦୦ ରୁ ଅଧିକ ଏଲଏଚବି କୋଚ ଉତ୍ପାଦନ କରିଛି। ଯାହା ୨୦୦୪ରୁ ୨୦୧୪ ମଧ୍ୟରେ ନିର୍ମିତ ୨,୩୦୦ କୋଚ ତୁଳନାରେ ୧୮ ଗୁଣ ବୃଦ୍ଧି ବୋଲି ସୂଚନା ରହିଛି।

## ପତଞ୍ଜଳି ବିଶ୍ୱବିଦ୍ୟାଳୟ କ୍ଲଷ୍ଟର ସେଣ୍ଟର ଭାବେ ମନୋନୀତ




ଭୁବନେଶ୍ୱର,୧୪।୧୨

ହରିଦ୍ୱାରରେ ରବିବାର ଅନୁଷ୍ଠିତ ଏକ ସମାରୋହରେ ସଂସ୍କୃତି ମନ୍ତ୍ରଣାଳୟର ଜ୍ଞାନ ଭାରତମ ମିଶନ ଦ୍ୱାରା ପତଞ୍ଜଳି ବିଶ୍ୱବିଦ୍ୟାଳୟକୁ 'କ୍ଲଷ୍ଟର ସେଣ୍ଟର' ଭାବରେ ମାନ୍ୟତା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ପତଞ୍ଜଳି ବିଶ୍ୱବିଦ୍ୟାଳୟର କୁଳପତି ଯୋଗଗୁରୁ ରାମଦେବ, କୁଳପତି ଡ. ଆଚାର୍ଯ୍ୟ ବାଲକୃଷ୍ଣ ଏବଂ ଜ୍ଞାନ ଭାରତମ ମିଶନର ପ୍ରକଳ୍ପ ନିର୍ଦ୍ଦେଶକ ଡ. ଅନିର୍ବାଣ ଦାଶ, ଡ. ଶ୍ରୀଧର ବାରିକ ଏବଂ ବିଶ୍ୱରଞ୍ଜନ ମଲିକଙ୍କ ଉପସ୍ଥିତିରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ଅବସରରେ ଯୋଗଗୁରୁ ରାମଦେବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହା, ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ଶେଖାୱତ ଜୀ ଏବଂ ଜ୍ଞାନ ଭାରତମ ମିଶନର ସମଗ୍ର ଦଳ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ। ଆଚାର୍ଯ୍ୟ ବାଲକୃଷ୍ଣ ସୂଚନା ଦେଇଥିଲେ ଯେ ଏପର୍ଯ୍ୟନ୍ତ ଏହି ମିଶନ ଅଧୀନରେ ୩୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି, ଯାହା ମଧ୍ୟରୁ ୨୦ଟି କ୍ଲଷ୍ଟର କେନ୍ଦ୍ର। ଏଥିମଧ୍ୟରୁ ୮ଟି ବିଶ୍ୱବିଦ୍ୟାଳୟ ଏବଂ ପତଞ୍ଜଳି ବିଶ୍ୱବିଦ୍ୟାଳୟ ହେଉଛି ପ୍ରଥମ ଯୋଗ ଶିକ୍ଷା-ଆଧାରିତ କ୍ଲଷ୍ଟର କେନ୍ଦ୍ର। ପତଞ୍ଜଳି ବିଶ୍ୱବିଦ୍ୟାଳୟ ପୂର୍ବରୁ ୫୦,୦୦୦ ରୁ ଅଧିକ ପ୍ରାଚୀନ ଗ୍ରନ୍ଥ ସଂରକ୍ଷଣ କରିସାରିଛି, ୪୨ ଲକ୍ଷ ପୃଷ୍ଠାକୁ ଡିଜିଟାଇଜେଶନ କରିଛି ଏବଂ ୪୦ରୁ ଅଧିକ ପାଣ୍ଡୁଲିପିର ଗବେଷଣା ଏବଂ ପୁନର୍ଲିଖନ କରିଛି। ଜ୍ଞାନ ଭାରତମର ଏକ କ୍ଲଷ୍ଟର ସେଣ୍ଟର ଭାବରେ ପତଞ୍ଜଳି ଏବେ ଏହି କାର୍ଯ୍ୟକୁ ଆହୁରି ବୃଦ୍ଧି କରିପାରିବ ଏବଂ ୨୦ଟି କେନ୍ଦ୍ରକୁ ତାଲିମ ପ୍ରଦାନ କରିପାରିବ।

## ପିଆର୍ଏସ୍ଆଇର ୪୭ତମ ଜାତୀୟ ସମ୍ମିଳନୀ




ଭୁବନେଶ୍ୱର,୧୪।୧୨

### ସ୍ୱାସ୍ଥ୍ୟ, ଶିକ୍ଷା ଉପରେ ଆଲୋଚନା

ଭାରତୀୟ ଜନ ସମ୍ପର୍କ ସମାଜ (ପିଆର୍ଏସ୍ଆଇ)ର ୪୭ତମ ବାର୍ଷିକ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀର ଦ୍ୱିତୀୟ ଦିନରେ ପ୍ରଶାସନ, ଗଣମାଧ୍ୟମ, ଶିକ୍ଷା ଏବଂ ଗଣ ଯୋଗାଯୋଗ କ୍ଷେତ୍ରର ବିଶେଷଜ୍ଞମାନେ କହିଛନ୍ତି, ନୀତି କାର୍ଯ୍ୟକାରୀ ହେଲେ ଏବଂ ସେମାନଙ୍କର ପ୍ରଭାବଶାଳୀ ଯୋଗାଯୋଗ ସୁନିଶ୍ଚିତ ହେଲେ ଏକ ବିକଶିତ ଭାରତର ସ୍ୱପ୍ନ ସାକାର ହେବ। ପ୍ରଥମ ଅଧିବେଶନରେ ଡ. ଆର୍. ରାଜେଶ କୁମାର, ଏମ୍ଡିଡିଏର ଉପାଧ୍ୟକ୍ଷ ବଂଶୀଧର ତିୱାରୀ ଏବଂ ୟୁସିଓଏସଟିର ମହାନିର୍ଦ୍ଦେଶକ ଡ. ଦୁର୍ଗେଶ ପନ୍ତ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ସାମ୍ବାଦିକ ସଞ୍ଜୀବ କାଣ୍ଡୱାଲ ଅଧିବେଶନକୁ ପରିଚାଳନା କରିଥିଲେ। ଏହି ଅବସରରେ ଉତ୍ତରାଖଣ୍ଡର ୨୫ ବର୍ଷର ବିକାଶର ଏକ ଚିତ୍ର ଉପସ୍ଥାପନ କରାଯାଇଥିଲା। ରାଜ୍ୟରେ ଧାର୍ମିକ ପର୍ଯ୍ୟଟନ କ୍ରମାଗତ ଭାବରେ ବୃଦ୍ଧି ପାଇଛି। ଏହି ବର୍ଷ କେବଳ ଚାରିଧାମ ପରିଦର୍ଶନରେ ୫୦ ଲକ୍ଷରୁ ଅଧିକ ତୀର୍ଥଯାତ୍ରୀ ଆସିଥିଲେ। ଚାରିଧାମ ବ୍ୟତୀତ ଆଦି କୈଳାସ, ଜାଗେଶ୍ୱର ଧାମ, କୈଞ୍ଚି ଧାମ ଏବଂ ମାନସ ମନ୍ଦିରମାଳା ମଧ୍ୟ ବିକଶିତ ହେଉଛି। ପ୍ରତିବର୍ଷ ପ୍ରାୟ ୭୦-୮୦ ଲକ୍ଷ ପର୍ଯ୍ୟଟକ ରାଜ୍ୟ ପରିଦର୍ଶନ କରନ୍ତି। ରାଜ୍ୟରେ ମୁଣ୍ଡପିଛା ଆୟ ଏବଂ ଜିଡିପିରେ ମଧ୍ୟ ଉଲ୍ଲେଖନୀୟ ଅଭିବୃଦ୍ଧି ହୋଇଛି। ଦ୍ୱିତୀୟ ଅଧିବେଶନରେ ଜନ ସୂଚନା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡ. ନୀତିନ ଉପାଧ୍ୟାୟ, ସିଆଇଏମଏସ କଲେଜର ଅଧ୍ୟକ୍ଷ ଲଳିତ ଯୋଶୀ, ଏନଡିଟିଭି ନୂଆଦିଲ୍ଲୀର ବରିଷ୍ଠ ସମ୍ପାଦକ ଡ. ହିମାଂଶୁ ଶେଖର, ନ୍ୟୁଜ ୧୮ର ସମ୍ପାଦକ ଅନୁପମ ତ୍ରିବେଦୀ ଏବଂ ଆଇଆଇଏମ୍ସି ନୂଆଦିଲ୍ଲୀର ପ୍ରଫେସର ଡ. ସୁରଭି ଦହିଆ ପ୍ରମୁଖ ଯୋଗ ଦେଇଥିଲେ।

## ସମ୍ପୂର୍ଣ୍ଣ ହେବ ଭାରତର ରେଳ ବିଦ୍ୟୁତୀକରଣ ଅଭିଯାନ

ଭୁବନେଶ୍ୱର,୧୪।୧୨(ଅନୁରାଧା ମହାରଣା)



ଭାରତୀୟ ରେଳପଥର ପ୍ରାୟ ସମଗ୍ର ବ୍ରଡଗେଜ ନେଟ୍ୱର୍କର ବିଦ୍ୟୁତୀକରଣ ସମ୍ପୂର୍ଣ୍ଣ ହେବାକୁ ଯାଉଛି। ବର୍ତ୍ତମାନ ସୁଦ୍ଧା ୯୯%ରୁ ଅଧିକ ବିଦ୍ୟୁତୀକରଣ ହୋଇସାରିଛି ଏବଂ ଅବଶିଷ୍ଟ ଅଂଶଗୁଡ଼ିକ ଶୀଘ୍ର ସମାପ୍ତ ହେବାର ଆଶା କରାଯାଉଛି। ୨୦୧୯ରୁ ୨୦୨୫ ମଧ୍ୟରେ ଭାରତୀୟ ରେଳପଥ ୩୩,୦୦୦ ରୁଟ୍ କିଲୋମିଟରରୁ ଅଧିକ ବିଦ୍ୟୁତୀକରଣ କରିଛି, ପ୍ରତ୍ୟେକ ଦିନ ହାରାହାରି ୧୫ ରୁଟ କିଲୋମିଟରରୁ ଅଧିକ ଗତିରେ କାର୍ଯ୍ୟ ଜାରି ରହିଛି। ଏହି ସମୟ ମଧ୍ୟରେ ବିଦ୍ୟୁତୀକରଣ ହୋଇଥିବା ମୋଟ ଦୂରତା ଜର୍ମାନୀର ସମଗ୍ର ରେଳ ନେଟୱର୍କ ସହିତ ପ୍ରାୟ ସମାନ ବୋଲି ଭାରତୀୟ ରେଳପଥ ପକ୍ଷରୁ ସୂଚନା ରହିଛି। ଭାରତର ବ୍ରଡଗେଜ ରେଳ ନେଟୱର୍କ ପ୍ରାୟ ସମ୍ପୂର୍ଣ୍ଣ ବିଦ୍ୟୁତୀକରଣ ହୋଇଛି, ୨୫ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ୯୯.୨% ଶେଷ ହୋଇଛି। ଏହି ପରିବର୍ତ୍ତନ ଡିଜେଲ ବ୍ୟବହାର ହ୍ରାସ ସହ ପରିଚାଳନା ଖର୍ଚ୍ଚ ହ୍ରାସ କରିଛି ଏବଂ ଟ୍ରେନ ପରିଚାଳନାର ଦକ୍ଷତା ଏବଂ ଗତିକୁ ଉନ୍ନତ କରିଛି।

## ଆଇଏମ୍ଆଇ ଭୁବନେଶ୍ୱରର ସମାବର୍ତ୍ତନ ଉତ୍ସବ

ଭୁବନେଶ୍ୱର,୧୪।୧୨(ଅନୁରାଧା ମହାରଣା)

ଆଇଏମଆଇ ଭୁବନେଶ୍ୱର ପକ୍ଷରୁ ଏହାର ୧୩ତମ ବାର୍ଷିକ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପିଜି ଡିପ୍ଲୋମା ଇନ୍ ମ୍ୟାନେଜମେଣ୍ଟ ଏବଂ ଫେଲୋ ପ୍ରୋଗ୍ରାମ୍ ଇନ୍ ମ୍ୟାନେଜମେଣ୍ଟ (ଏଫପିଏମ୍)ର ସ୍ନାତକ ଛାତ୍ରୀଛାତ୍ରଙ୍କ ସମେତ ୧୯୪ଜଣ ଛାତ୍ରୀଛାତ୍ରୀଙ୍କ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ନିଶାନ ମୋଟର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ସୌରଭ ଭତ୍ସା ମୁଖ୍ୟ ଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବାବେଳେ ଆଇଏମ୍ଆଇର ଡାଇରେକ୍ଟର ଜେନେରାଲ ଡ.ହିମାଦ୍ରୀ ଦାସ ଏଥିରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଉତ୍ସବ ପରଖଙ୍କୁ ତାଙ୍କ ଶିକ୍ଷାଗତ ରେକର୍ଡ ଏବଂ କ୍ୟାମ୍ପସ ଜୀବନର ଅବଦାନ ପାଇଁ ସ୍ୱର୍ଣ୍ଣ ପଦକ ସହିତ ଡ. ରାମା ପ୍ରସାଦ ଗୋଏଙ୍କାଙ୍କୁ ଶ୍ରେଷ୍ଠ ଛାତ୍ର ମେଡାଲ ପ୍ରଦାନ କରାଯାଇଥିଲା। ଦର୍ଶନା ମିଶ୍ରଙ୍କୁ ଶିକ୍ଷାଗତ ସଫଳତା ପାଇଁ ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା। ପାଠ୍ୟକ୍ରମ ସହିତ ପାଠ୍ୟ-ବହିର୍ଭୂତ କାର୍ଯ୍ୟକଳାପ ପାଇଁ ଶ୍ୱେତା ଝା'ଙ୍କୁ ଡାଇରେକ୍ଟରଙ୍କ ପଦକ ପ୍ରଦାନ କରାଯାଇଥିଲା। ଗ୍ରୀଷ୍ମକାଳୀନ ଇର୍ଣ୍ଟର୍ନଶିପ୍ ପ୍ରୋଜେକ୍ଟ ପାଇଁ ପ୍ରିୟଙ୍କା ଜୟସ୍ୱାଲଙ୍କୁ ପ୍ରଥମ, ଶାଶ୍ୱତ ପଟେଲଙ୍କୁ ଦ୍ୱିତୀୟ ଓ ଅରଫିନ୍ ଖାତୁନଙ୍କୁ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଇଏମ୍ଆଇ ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଡ. ପି ସି ଆଇଏମ୍ଆଇ ଭୁବନେଶ୍ୱର ଭବିଷ୍ୟତରେ ଉନ୍ନତମାନର ଶିକ୍ଷା କ୍ଷେତ୍ରର ପରିବର୍ତ୍ତନ ପାଇଁ ଏକ ପ୍ରେରଣାଦାୟକ ଉତ୍ସ ହୋଇପାରିବ ବୋଲି ପ୍ରକାଶ କରିଥିଲେ।

## ତିରୁପତି ପାଣିଗ୍ରାହୀଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ




ଭୁବନେଶ୍ୱର,୧୪।୧୨(ଅନୁରାଧା ମହାରଣା)

ହାଇଦ୍ରାବାଦ୍ ସ୍ଥିତ 'ଇଟି ଟେକ୍ ଏକ୍ସ ହାଇଅର ଇଡି' କନ୍‌କ୍ଲେଭରେ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀଙ୍କୁ ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରତି ଉତ୍ସର୍ଗୀକୃତ ପାଇଁ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥି ତେଲଙ୍ଗାନା ଉଚ୍ଚଶିକ୍ଷା ପରିଷଦର ଅଧ୍ୟକ୍ଷ ପ୍ରଫେସର୍ ଭି. ବାଲ୍‌କିଷ୍ଟ ରେଡ୍ଡୀ, ସମ୍ମାନିତ ଅତିଥି କାକିନାଡା ପୂର୍ବତନ ବିଧାୟକ ଡ. ଏନ୍. ଶେଷା ରେଡ୍ଡୀ, ନିର୍ଦ୍ଦେଶକ କର୍ପୋରେଟ ଏବଂ ଇଣ୍ଡଷ୍ଟ୍ରି ରିଲେସନ୍ସ ଅମ୍ରିତା ବିଶ୍ୱ ବିଦ୍ୟାପୀଠମର ବି.ଆର୍ ବିଶ୍ୱନାଥାମ୍ରିତ ଚୈତନ୍ୟଙ୍କଠାରୁ ଡ. ପାଣିଗ୍ରାହୀ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଓଡ଼ିଶାରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସେ ଏହି ସମ୍ମାନର ଅଧିକାରୀ ହୋଇପାରିଛନ୍ତି।

# ଅପରାଧ

## ବାର୍‌ରେ ଯାଞ୍ଚବେଳେ ଅବକାରୀ ଟିମ୍‌କୁ ଆକ୍ରମଣ

### ୪ ଗ୍ରାହକ ଗିରଫ

ଭୁବନେଶ୍ୱର,୧୪।୧୨(ସତ୍ୟଜିତ ରାଉତ)



ଅବକାରୀ ଟିମ୍‌କୁ ଆକ୍ରମଣ କରି ଗିରଫ ହୋଇଥିବା ୪ ଅଭିଯୁକ୍ତ।

ବାର୍‌ରେ ଚଢ଼ାଉ ଓ ଯାଞ୍ଚବେଳେ ଅବକାରୀ ବିଭାଗ ଟିମ୍‌କୁ ଆକ୍ରମଣ ହୋଇଛି। ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ କାନନବିହାରସ୍ଥିତ ରୋମିଓ ଲେନ୍ ବାର୍‌ରେ ଶନିବାର ରାତିରେ ଏହି ଘଟଣା ଘଟିଛି। ଏ ନେଇ ଅଭିଯୋଗ ପରେ ପୋଲିସ ୪ ଗ୍ରାହକଙ୍କୁ ଗିରଫ କରିଛି। ସେମାନେ ହେଲେ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ବଡ଼ବଜାର ଥାନା ଅଞ୍ଚଳର ଅମିତ କୁମାର ଦାସ (୨୬), ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ କୁମ୍ଭାରିଆ ଗ୍ରାମର ସମ୍ବିତ ପରିଡ଼ା (୨୬), ଯାଜପୁର ଜିଲ୍ଲା ଧର୍ମଶାଳାର ସବ୍ୟସାଚୀ ପାଢ଼ୀ (୨୧) ଓ କଟକ ଜିଲ୍ଲା ବାଙ୍କୀ ଅଞ୍ଚଳର ସମ୍ବିତ୍ ସାମନ୍ତ (୨୫)। ରବିବାର ସମସ୍ତଙ୍କୁ କୋର୍ଟ ଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ଅବକାରୀ ଟିମ୍ ପକ୍ଷରୁ ଶନିବାର ରାତିରେ ଭୁବନେଶ୍ୱରର ବିଭିନ୍ନ ବାର୍ ଓ ରେଷ୍ଟୁରାଣ୍ଟରେ ଚଢ଼ାଉ କରାଯାଇଥିଲା। ରାତି ପ୍ରାୟ ୧୨ଟା ୧୫ରେ କାନନବିହାରସ୍ଥିତ ରୋମିଓ ଲେନ୍ ବାର୍‌ରେ ଯାଞ୍ଚ କରିବାକୁ ଯିବା ବେଳେ ଅଭିଯୁକ୍ତମାନେ ମଦ୍ୟପାନ କରି ଫେରୁଥିଲେ। ଏହି ସମୟରେ ସେମାନେ ହଠାତ୍ ଅବକାରୀ ଟିମ୍‌କୁ ଗାଳିଗୁଲଜ କରିଥିଲେ। ଅବକାରୀ ଟିମ୍ ପକ୍ଷରୁ ଏହାକୁ ବିରୋଧ କରାଯିବାରୁ ସେମାନେ ଆକ୍ରମଣ କରିଥିଲେ। ଏଥିସହ ଅବକାରୀ ଟିମ୍‌ର ଗାଡ଼ିକୁ ଗୋଇଠା ମାରିବା ସହ ମଦ ବୋତଲ ଫିଙ୍ଗି ଧମକ ଦେଇଥିଲେ। ଏନେଇ ଖବର ପାଇ ପୋଲିସ ପହଞ୍ଚି ଅଭିଯୁକ୍ତମାନଙ୍କୁ କାବୁ କରିଥିଲା। ଅବକାରୀ ସବ୍‌ଇନ୍ସପେକ୍ଟର ପ୍ରଫୁଲ୍ଲ କୁମାର ଗୁରୁଙ୍କ ଏତଲା ଆଧାରରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ମାମଲା (ନଂ.୮୩୨/୨୦୨୫) ରୁଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

## ପ୍ରେମିକାଙ୍କ ତଣ୍ଟି କାଟି ନିଜ ତଣ୍ଟି କାଟିଲେ ପ୍ରେମିକ

ଫୁଲବାଣୀ,୧୪।୧୨(ରାକେଶ କୁମାର ରାଉତ)

ଦୀର୍ଘ ୩ ବର୍ଷର ପ୍ରେମ ପରେ ବିବାହ ବନ୍ଧନରେ ବାନ୍ଧି ହେବାକୁ ପ୍ରେମୀଯୁଗଳ ଶପଥ ନେଇଥିଲେ। ହେଲେ ଏହାରି ମଧ୍ୟରେ ଝିଅଘର ଲୋକେ ଅନ୍ୟ ସ୍ଥାନରେ ବିବାହ ପାଇଁ ପ୍ରସ୍ତାବ ପକାଇଲେ। ପ୍ରେମିକ ଏହା ଜାଣିବା ପରେ ପ୍ରେମିକାଙ୍କ ଘରେ ପହଞ୍ଚିଥିଲେ। ତାଙ୍କୁ ବିବାହ କରିବାକୁ ବହୁ କାକୁତି ମିନତି କରିଥିଲେ ମଧ୍ୟ ପ୍ରେମିକା ମନା କରିଦେଇଥିଲେ। ଏହାପରେ ପ୍ରେମିକ ରାଗିଯାଇ ନିଜ ହିତାହିତ ଜ୍ଞାନ ଭୁଲି ସାଙ୍ଗରେ ଆଣିଥିବା ଛୁରିରେ ପ୍ରେମିକାଙ୍କ ତଣ୍ଟି କାଟିବା ପରେ ନିଜ ତଣ୍ଟି କାଟି ପକାଇଲେ। ଏଭଳି ଏକ ସ୍ପର୍ଶକାତର ଘଟଣା କନ୍ଧମାଳ ଜିଲ୍ଲା ଫୁଲବାଣୀ ସହର ପିଅନପଡ଼ା ଅଞ୍ଚଳରେ ଦେଖିବାକୁ ମିଳିଛି।

ପ୍ରେମିକ ଶୁଭମ୍ ସ୍ୱାଇଁ (୨୨)ଙ୍କ ଘର ଗଞ୍ଜାମ ଜିଲ୍ଲା ଭଞ୍ଜନଗର ବଣିପଲ୍ଲି ଗ୍ରାମରେ ହୋଇଥିବା ବେଳେ ଯୁବତୀଙ୍କ ଘର ଫୁଲବାଣୀ ପିଅନପଡ଼ାରେ। ଯୁବତୀ ଜଣକ ଭଞ୍ଜନଗରରେ ସମ୍ପର୍କୀୟଙ୍କ ଘରେ ରହି ପାଠ ପଢୁଥିଲେ। ସେଇଠୁ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଆରମ୍ଭ ହୋଇଥିଲା। ପାଠପଢ଼ା ସାରି ଯୁବତୀ ଘରକୁ ଆସିଥିବା ବେଳେ ଶୁଭମ୍ ଫୁଲବାଣୀ ଆସି ତାଙ୍କୁ ଦେଖାକରୁଥିଲେ। କିଛିଦିନ ହେବ ଘର ଲୋକେ ଝିଅର ବିବାହ ପ୍ରସ୍ତାବ ଅନ୍ୟ ଆଡେ ପକାଇଥିଲେ। ଏଥିରେ ଯୁବତୀଙ୍କ ସମ୍ମତି ଥିବା ତାଙ୍କ ପ୍ରେମିକ ଶୁଭମ ଖବର ପାଇଥିଲେ। ଶନିବାର ରାତିରେ ଘରେ କେହି ନ ଥିବା ଜାଣିବା ପରେ ଶୁଭମ ଆସି ଯୁବତୀଙ୍କ ପାଖରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ବିବାହ ପାଇଁ କହିଥିଲେ। ଏଥିରେ ଯୁବତୀ ରାଜି ନ ହେବାରୁ ଛୁରିରେ ତାଙ୍କ ଗଳାକୁ କାଟି ଦେଇଥିଲେ। ପୋଲିସ କୌଣସି ସୂତ୍ରରୁ ଖବର ପାଇ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା। ପୋଲିସକୁ ଦେଖି ଶୁଭମ ନିଜ ହାତ ସହ ତଣ୍ଟିକୁ ମଧ୍ୟ କାଟି ଦେଇଥିଲେ। ପୋଲିସ ଉଭୟଙ୍କୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ଉଭୟ ବର୍ତ୍ତମାନ ସୁସ୍ଥ ଥିବା ଜଣାପଡ଼ିଛି। ପୋଲିସ ନିଜ ଆଡୁ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ଦିଲ୍ଲୀ ବିସ୍ଫୋରଣ ସହ ଏମାନଙ୍କର କୌଣସି ଲିଙ୍କ ନାହିଁ: ଏସ୍‌ପି

### ନକଲି ସିମ୍ ବିକ୍ରି ଅଭିଯୋଗରେ ୨ ଗିରଫ ଘଟଣା

ଭଦ୍ରକ,୧୪।୧୨
(ସନାତନ ରାଉତ)

ନକଲି ସିମ୍‌କାର୍ଡ କାରବାରରେ ସମ୍ପୃକ୍ତ ଥିବା ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଥାନା ଅଧୀନ ମଞ୍ଜୁରୀରୋଡ୍ ବଜାରର ଜଣେ ମୋବାଇଲ ଦୋକାନୀ ଓ ବନ୍ତ ଥାନା ତରାଗ ଗ୍ରାମର ଜଣେ ଯୁବକଙ୍କୁ ଦିଲ୍ଲୀ ପୋଲିସ ଗିରଫ କରିଥିଲା। ତରାଗ ଗ୍ରାମର ସନ୍ତୋଷ ପୁଷ୍ଟିଆଙ୍କୁ ଥାନାରେ ୪୧ ନୋଟିସ୍‌ରେ ବେଲ୍‌ରେ ଛାଡ଼ି ଦେଇଥିବା ବେଳେ ମଞ୍ଜୁରୀରୋଡ୍ ବଜାରର ମୋବାଇଲ ଦୋକାନୀ ସନ୍ତୋଷ ଖଣ୍ଡେଇଙ୍କୁ ଦିଲ୍ଲୀ ପୋଲିସ ରିମାଣ୍ଡରେ ନେଇଛି। ଏହି ଘଟଣାକୁ ନେଇ ଦିଲ୍ଲୀ ବିସ୍ଫୋରଣରେ ଏମାନଙ୍କ ଲିଙ୍କ୍ ଥିବା ଚର୍ଚ୍ଚାକୁ ଭଦ୍ରକ ଏସ୍‌ପି ମନୋଜ ରାଉତ ରବିବାର ଖଣ୍ଡନ କରିଛନ୍ତି। ଏସ୍‌ପି ରାଉତ କହିଛନ୍ତି, ଦିଲ୍ଲୀ ବିସ୍ଫୋରଣରେ ଏମାନଙ୍କର କୌଣସି ଲିଙ୍କ୍ ନାହିଁ। ବେଆଇନ ସିମ୍‌କାର୍ଡ ବିକ୍ରି ଅଭିଯୋଗରେ ଏମାନଙ୍କୁ ଗିରଫ କରାଯାଇଛି। ଏକ ଡିଜିଟାଲ ଆରେଷ୍ଟରେ ବ୍ୟବହାର ହୋଇଥିବା ଏକ ସିମ୍‌ର ତଦନ୍ତ କରି ଦିଲ୍ଲୀର ସାଇନବାଗ ପୋଲିସ ଗତ ୧୧ ତାରିଖରେ ଭଦ୍ରକରେ ପହଞ୍ଚିଥିଲା। ସନ୍ତୋଷଙ୍କୁ ଭଦ୍ରକ କୋର୍ଟରେ ହାଜର କରିବା ପରେ କୋର୍ଟ ଅନୁମତି ନେଇ ରିମାଣ୍ଡରେ ଦିଲ୍ଲୀ ନିଆଯାଇଛି। ଡିଜିଟାଲ ଆରେଷ୍ଟ, ଅନ୍‌ଲାଇନ ଫ୍ରଡ୍, ସାଇବର କ୍ରାଇମ ଆଦିରେ ଏହି ବେଆଇନ ସିମ୍‌କାର୍ଡ ବ୍ୟବହାର କରାଯାଉଛି। ଏମାନଙ୍କଠାରୁ କଟକର କେତେଜଣ ଲୋକ ସିମ୍‌କାର୍ଡ କିଣି ନେଇଛନ୍ତି। ତାହା ଉପରେ ତଦନ୍ତ କରାଯିବ ବୋଲି ଏସ୍‌ପି କହିଛନ୍ତି। ପ୍ରକାଶଥାଉ କି, ମଞ୍ଜୁରୀରୋଡ ବଜାରରେ ଥିବା ଉକ୍ତ ମୋବାଇଲ ଦୋକାନରେ ନକଲି ସିମ୍‌କାର୍ଡ ବିକ୍ରି କରାଯାଉଥିଲା। ସିମ୍‌କାର୍ଡ କିଣିବା ପାଇଁ ଯାଉଥିବା ଗ୍ରାହକଙ୍କ ଡକ୍ୟୁମେଣ୍ଟରେ ଗୋଟିଏ ସିମ୍ ସେହି ଉପଭୋକ୍ତାଙ୍କୁ ଦିଆଯାଉଥିବା ବେଳେ ଏକାଧିକ ସିମ୍ ସେହି ଡକ୍ୟୁମେଣ୍ଟର ଆକ୍ଟିଭେଶନ କରାଯାଉଥିଲା। ପରେ ସେହି ସିମ୍‌ଗୁଡ଼ିକ ରାଜ୍ୟ ବାହାରକୁ ଅଧିକ ଦରରେ ବିକ୍ରି କରାଯାଉଥିଲା। ବିଭିନ୍ନ ସାଇବର କ୍ରାଇମ୍, ଡିଜିଟାଲ ଆରେଷ୍ଟ ଓ ଅନ୍‌ଲାଇନ ଫ୍ରଡ୍‌ରେ ସିମ୍‌ଗୁଡ଼ିକ ବ୍ୟବହାର କରାଯାଉଥିବା ଜଣାପଡ଼ିଛି।

## ବନ କର୍ମଚାରୀଙ୍କୁ ରାସ୍ତାରେ ଆକ୍ରମଣ

ଉଦଳା,୧୪।୧୨
(ସନ୍ତୋଷ କୁମାର ବାଛିନି)

ମୟୂରଭଞ୍ଜ ଜିଲ୍ଲା ଉଦଳା-ବାରିପଦା ରାଜ୍ୟ ରାଜପଥର ପେଟ୍ରୋଲ ପମ୍ପ ନିକଟରେ ଶନିବାର ସନ୍ଧ୍ୟାରେ ଉଦଳା ବନାଞ୍ଚଳ କାର୍ଯ୍ୟାଳୟରେ କାର୍ଯ୍ୟରତ ପାରା ଫରେଷ୍ଟର ଅନନ୍ତ ନାରାୟଣ ଚୌଧୁରୀଙ୍କୁ ଆକ୍ରମଣ କରାଯାଇଛି। ୩ଜଣ ଚୋରା ଚାଲାଣକାରୀ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଛନ୍ତି। ସୂଚନା ଅନୁଯାୟୀ, ଗତ ଅକ୍ଟୋବର ୧୫ରେ ଉଦଳା ବନ ବିଭାଗ ପକ୍ଷରୁ ଚୋରା ମାଙ୍କଡ଼ା ବୋଝେଇ ଗାଡ଼ି ଜବତ କରାଯାଇଥିଲା। ଉକ୍ତ ଗାଡ଼ି ଜବତ ହେବା ପରଠାରୁ ମାଙ୍କଡ଼ା ପଥର ଚୋରା ଚାଲାଣକାରୀମାନେ ପାରା ଫରେଷ୍ଟର ଚୌଧୁରୀଙ୍କୁ ଧମକ ଦେଇଆସୁଥିଲେ। ଆକ୍ରମଣରେ ଗୁରୁତର ହୋଇ ସେ ଉଦଳା ଡାକ୍ତରଖାନାରେ ଚିକିତ୍ସିତ ହେବା ପରେ ଉଦଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ଯାଞ୍ଚ କରିବେ ଓଏସ୍‌ସିପିସିଆର୍ ଅଧ୍ୟକ୍ଷା

### କିସ୍‌ରେ ନବମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟଣା

■ପ୍ରାଥମିକ ଶବ ବ୍ୟବଚ୍ଛେଦ ରିପୋର୍ଟ ସଂଗ୍ରହ କଲା ଇନ୍‌ଫୋସିଟି ପୋଲିସ

ଭୁବନେଶ୍ୱର,୧୪।୧୨(ତ୍ରିନାଥ ମହାନ୍ତି)

କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ (କିସ୍)ରେ ନବମ ଶ୍ରେଣୀରେ ପଢୁଥିବା କେନ୍ଦୁଝରର ଟିକରଗୁମୁରା ଗାଁର ଆଦିବାସୀ ଛାତ୍ର ଶିବ ମୁଣ୍ଡାଙ୍କ ମୃତ୍ୟୁକୁ ନେଇ ଏବେ ବି ବିବାଦ ଓ ରହସ୍ୟ ଲାଗି ରହିଛି। ଏହି ଘଟଣାକୁ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସ୍‌ସିପିସିଆର୍) ଗୁରୁତ୍ୱର ସହ ନେଇଛନ୍ତି। ଏହାର ତଦନ୍ତ ପାଇଁ ଖୁବ୍‌ଶୀଘ୍ର ଆୟୋଗର ଏକ ଟିମ୍ କିସ୍ ଯାଇ ପଚରାଉଚରା କରିବ। ଛାତ୍ରଙ୍କ ପରିବାର ପକ୍ଷରୁ ହେଉଥିବା ଅଭିଯୋଗ ଓ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ଅବହେଳାର ସତ୍ୟତା ଜଣାପଡିଲେ ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି ଆୟୋଗ ଅଧ୍ୟକ୍ଷା ବବିତା ପାତ୍ର କହିଛନ୍ତି। ସେ କହିଛନ୍ତି, କେନ୍ଦୁଝର ଏସ୍‌ପି ଯୁନିଟ୍‌ର ଏକ ଟିମ୍ ମୃତ ଛାତ୍ରଙ୍କ ପରିବାର ପାଖକୁ ଯାଇଛି। ସେମାନେ ଛାତ୍ରଙ୍କ ପରିବାରବର୍ଗ କରିଥିବା ଅଭିଯୋଗ ଉପରେ ଅନୁଧ୍ୟାନ କରିବେ। ବ୍ୟବଚ୍ଛେଦ ରିପୋର୍ଟକୁ ମଧ୍ୟ ଅନୁଧ୍ୟାନ କରାଯିବ। ମୁଁ ନିଜେ ଏକ ଟିମ୍ ସହ କିସ୍ ଯାଇ ପିଲାମାନଙ୍କୁ ପଚରାଉଚରା କରିବି। ତ୍ରୁଟି ବାହାରିଲେ କିମ୍ବା ସ୍ୱାଭାବିକ ମୃତ୍ୟୁ ହୋଇ ନ ଥିଲେ ମାମଲା ରୁଜୁ କରାଯାଇ କିସ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବବିତା କହିଛନ୍ତି।

ଅନ୍ୟପକ୍ଷରେ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ କେନ୍ଦୁଝର ଟାଉନ୍ ଥାନା ପୋଲିସ ଜିରୋ ଏଫ୍ଆଇଆର୍ କରି ଭୁବନେଶ୍ୱର ଇନ୍‌ଫୋସିଟି ଥାନାକୁ ମାମଲା ଟ୍ରାନ୍ସଫର କରିଛି। ଏହାପରେ ଇନ୍‌ଫୋସିଟି ପୋଲିସ ତା'ର ତଦନ୍ତ ଆରମ୍ଭ କରିଛି। ତଦନ୍ତ ଅଧିକାରୀ ବ୍ୟବଚ୍ଛେଦ ହୋଇଥିବା କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତରଙ୍କ ସହ କଥା ହୋଇ ପ୍ରାଥମିକ ତଥ୍ୟ ସଂଗ୍ରହ କରିଛନ୍ତି। ଏଥିସହ ଭିସେରା ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥାନାଧିକାରୀ ମହେନ୍ଦ୍ର କୁମାର ସ୍ୱାଇଁ କହିଛନ୍ତି।

## ଲିଫ୍ଟ ଦେଇ ଛାତ୍ରଙ୍କଠୁ ମୋବାଇଲ ଲୁଟ୍

ବାସୁଦେବପୁର,୧୪।୧୨(କାଳିପଦ ରାୟ)

ଭଦ୍ରକ ଜିଲ୍ଲା ସଦର ବ୍ଲକ ଅଧୀନ ଇଚ୍ଛାପୁର ଛକଠାରେ ରବିବାର ସନ୍ଧ୍ୟାରେ ଜଣେ ଛାତ୍ରଙ୍କଠାରୁ ୨ଜଣ ଯୁବକ ଏକ ମୋବାଇଲ ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଥିବା ଛାତ୍ର ହେଲେ ବାସୁଦେବପୁର ବ୍ଲକ ଅଧୀନ ଜଗନ୍ନାଥପ୍ରସାଦ ପଞ୍ଚାୟତ ଦଧିବାମନପୁର ଗ୍ରାମର ପ୍ରଫୁଲ୍ଲ ମଲ୍ଲିକଙ୍କ ପୁଅ ଶୁଭଙ୍କର। ସେ କଟକ ଜିଲ୍ଲା ଅଡସପୁର ଉଦୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରଥମ ବର୍ଷର ବାଣିଜ୍ୟ ଛାତ୍ର। ସେ କଟକରୁ ଟ୍ରେନ୍ ଯୋଗେ ଭଦ୍ରକରେ ପହଞ୍ଚିଥିଲେ। ବାଇପାସ୍ ଛକରେ ୨ ଯୁବକ ଏକ ଆକ୍ଟିଭା ସ୍କୁଟିରେ ଆସି ଶୁଭଙ୍କରଙ୍କୁ ତାଙ୍କ ବଡ଼ଭାଇଙ୍କ ସାଙ୍ଗ ବୋଲି ପରିଚୟ ଦେଇଥିଲେ। ତାଙ୍କୁ ଘରେ ନେଇ ଛାଡ଼ିଦେବେ ବୋଲି କହି ଲିଫ୍ଟ ଦେଇଥିଲେ। ଇଚ୍ଛାପୁର ଛକରେ ଏକ ଗଳି ରାସ୍ତାରେ ଯାଇ ଅନ୍ୟ ଜଣଙ୍କୁ ଫୋନ୍ କରିବାକୁ କହି ଶୁଭଙ୍କରଙ୍କ ମୋବାଇଲ ନେଇ ଚମ୍ପଟ ମାରିଥିଲେ। ଏହାପରେ ଶୁଭଙ୍କର ଇଚ୍ଛାପୁର ଛକରେ ପହଞ୍ଚି ଜଣେ ବ୍ୟକ୍ତିଙ୍କ ଫୋନ୍ ମାଧ୍ୟମରେ ଘର ଲୋକଙ୍କୁ ଘଟଣା ବିଷୟରେ ଜଣାଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଗାୟତ୍ରୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଡ଼ିଶାରେ ହେବ ଏଫ୍ଆଇଭିବି ବିଚ୍ ଭଲିବଲ୍

**ଭୁବନେଶ୍ୱର, ୧୪।୧୨ (ବିଜୟ ରଣା)**

ଓଡ଼ିଶାରେ କିଟ୍ ଓ କିସ୍ ସହଯୋଗରେ ୨୦୨୬ରୁ ଲଗାତର ୩ବର୍ଷ ଏଫ୍ଆଇଭିବି ବିଚ୍ ଭଲିବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଅନ୍ତର୍ଜାତୀୟ ଭଲିବଲ ସଂଘ (ଏଫ୍ଆଇଭିବି) ସଭାପତି ଫାବିଓ ଆଜେଭେଦୋ ରବିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଘୋଷଣା କରିଛନ୍ତି। କିଟ୍ ଓ କିସ୍ ବ୍ୟାପକ ସୁବିଧା ଓ ଓଡ଼ିଶାର ମନୋରମ ପରିବେଶ ପାଇଁ ଆସନ୍ତା ୨୦୨୬, ୨୦୨୭ ଓ ୨୦୨୮ ବର୍ଷରେ କିଟ୍ ଓ କିସ୍ ସହଯୋଗରେ ଓଡ଼ିଶାରେ ଏଫ୍ଆଇଭିବି ବିଚ୍ ଭଲିବଲ୍ ଆୟୋଜିତ ହେବ ବୋଲି ଫାବିଓ ଘୋଷଣା କରିଥିଲେ। ଏଫ୍ଆଇଭିବି ସହଯୋଗରେ କିଟ୍ ଓ କିସ୍‌ରେ ୧୧ ତାରିଖରୁ ଆରମ୍ଭ ହୋଇଥିବା ଭଲିବଲ୍ ମହାକୁମ୍ଭ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଓଡ଼ିଶା ଆସିଥିବା ଫାବିଓ କହିଲେ, ଭାରତ ତଥା ଓଡ଼ିଶାରେ ତୃଣମୂଳସ୍ତରରେ ଭଲିବଲ୍ ଖେଳର ବିକାଶ ଓ ମହିଳା ସଶକ୍ତୀକରଣ ନିମନ୍ତେ ଏହି ମହାକୁମ୍ଭ ଆୟୋଜନ କରାଯାଇଥିଲା।



ଖବରଦାତା ସମ୍ମିଳନୀରେ ଏଫ୍ଆଇଭିବି ସଭାପତି ଫାବିଓ ଆଜେଭେଦୋ ପ୍ରଶ୍ନର ଉତ୍ତର ଦେଉଛନ୍ତି। (ଫଟୋ: ବିକାଶ ନାୟକ)

### କିଟ୍-କିସ୍ ଭଲିବଲ୍ ମହାକୁମ୍ଭ

୨୦୩୨ ସୁଦ୍ଧା ଭଲିବଲ୍ ମାଧ୍ୟମରେ ବିଶ୍ୱର ୧.୨ ବିଲିୟନ୍ ଲୋକଙ୍କୁ ଯୋଡ଼ିବା ଏଫ୍ଆଇଭିବି ଲକ୍ଷ୍ୟ ରଖିଛି ବୋଲି ସେ କହିଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଥିଲେ, କିଟ୍ ଓ କିସ୍ କନ୍ୟା କିରଣ ପଦକ୍ଷେପର ଏକ ଅଂଶ ଭାବରେ ମହିଳା ସଶକ୍ତୀକରଣ ଏବଂ ତୃଣମୂଳ ସ୍ତରରେ ଭଲିବଲ୍ ବିକାଶକୁ ପ୍ରୋତ୍ସାହିତ କରିବା ଏହି ଭଲିବଲ୍ ମହାକୁମ୍ଭର ଲକ୍ଷ୍ୟ। ଏହି ଅବସରରେ କିଟ୍, କିସ୍ ଓ ଏଫ୍ଆଇଭିବି ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ସହ ଫାବିଓଙ୍କ ଦ୍ୱାରା ଏଫ୍ଆଇଭିବି- କିଟ୍ ଓ କିସ୍ ଉତ୍କର୍ଷ କେନ୍ଦ୍ରର ଉଦ୍‌ଘାଟନ କରାଯାଇଥିଲା। ଏଥିସହ ସାମନ୍ତଙ୍କ ଉପସ୍ଥିତିରେ ଫାବିଓଙ୍କ ଦ୍ୱାରା ଏକ ସ୍ପୋର୍ଟ୍ସ ଜୋନ୍ ଉଦ୍‌ଘାଟିତ ହୋଇଥିଲା।

ସୂଚନାଯୋଗ୍ୟ, ଭଲିବଲ୍ ମହାକୁମ୍ଭର ବିଭିନ୍ନ ଦିନରେ କିଟ୍ ଓ କିସ୍ କନ୍ୟା କିରଣ ପଦକ୍ଷେପର ଏକ ଅଂଶ ଭାବରେ ଓଡ଼ିଶା ସମେତ ବିଶ୍ୱର ବିଭିନ୍ନ ସ୍ଥାନରୁ ଆସିଥିବା ମହିଳା ଭଲିବଲ୍ ପ୍ରଶିକ୍ଷକଙ୍କ ପାଇଁ ଏକ କର୍ମଶାଳା ମଧ୍ୟ ଆୟୋଜିତ ହୋଇଥିଲା। ଏଥିରେ ମହିଳା ଭଲିବଲ୍ କୋଚ୍‌ଙ୍କୁ କର୍ମଶାଳା ଜରିଆରେ ପ୍ରଶିକ୍ଷଣ ସହ ସଶକ୍ତୀକରଣ ପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶାରୁ ୫୦୦ ଅଂଶଗ୍ରହଣକାରୀଙ୍କ ବ୍ୟତୀତ ଭାରତ ସମେତ ବିଶ୍ୱର ୨୦୦ରୁ ଅଧିକ ଭଲିବଲ୍ ପ୍ରଶିକ୍ଷକ, ଖେଳାଳି ଏବଂ ବିଶେଷଜ୍ଞ ଏଥିରେ ଯୋଗଦେଇଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ଭଲିବଲ ପ୍ରଶିକ୍ଷକ ଜନ୍ କେସେଲ୍ ଏବଂ ଜାନା କୁଲାନ୍ ପ୍ରମୁଖ ୪ଟି ଇନ୍‌ଡୋର ଓ ୪୦ରୁ ଊର୍ଦ୍ଧ୍ୱ ଆଉଟଡୋର କୋର୍ଟରେ ଗତିଶୀଳ ଅନ୍-କୋର୍ଟ ତାଲିମ, ଉନ୍ନତ କୌଶଳ ଅଧିବେଶନ, ପ୍ରଶିକ୍ଷକ-ବିକାଶ ପ୍ରୟୋଗଶାଳା ଓ ଗଣ ଅଂଶଗ୍ରହଣ କାର୍ଯ୍ୟକ୍ରମଗୁଡ଼ିକରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷା, ସାମାଜିକ ପରିବର୍ତ୍ତନ ଓ ଯୁବ କଲ୍ୟାଣରେ ଭଲିବଲ୍‌ର ଭୂମିକା, ଭଲିବଲ୍ ଜରିଆରେ ତୃଣମୂଳସ୍ତରରେ ପରିବର୍ତ୍ତନ ଏବଂ ଭଲିବଲ୍ ମାଧ୍ୟମରେ ମହିଳା ସଶକ୍ତୀକରଣ, ସମାନତା ଏବଂ ବିଶ୍ୱ ସଶକ୍ତୀକରଣକୁ ଗୁରୁତ୍ୱ ଉପରେ ଆଲୋଚନା କରାଯାଇଥିଲା। ଫାବିଓ ଆଜେଭେଡୋ, ଅଚ୍ୟୁତ ସାମନ୍ତ, ଅଭିଜିତ ବି, ଅଭିନବ ବିନ୍ଦ୍ରା, ଜନ୍ କେସେଲ୍ ଓ ଜାନା କୁଲାନ୍ ପ୍ରମୁଖ ଏଥିରେ ଯୋଗଦେଇ ଉପରୋକ୍ତ ବିଷୟ ଉପରେ ଆଲୋଚନା କରିଥିଲେ। କୁଳପତି ପ୍ରଫେସର ସରଣଜିତ୍ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ୱାଙ୍ଖେଡେରେ ମେସିଙ୍କୁ ଭେଟିଲେ ସଚିନ



ଲାୟୋନେଲ ମେସିଙ୍କ ସହ ସଚିନ ତେନ୍ଦୁଲକର।

**ମୁମ୍ବାଇ, ୧୪।୧୨**


ଆର୍ଜେଣ୍ଟିନା ଫୁଟବଲ ଷ୍ଟାର ଲାୟୋନେଲ ମେସିଙ୍କର 'ଜିଓଏଟି ଇଣ୍ଡିଆ ଟୁର'ର ଦ୍ୱିତୀୟ ଦିନ ମୁମ୍ବାଇରେ ଶେଷ ହୋଇଛି। ଏହି ଗସ୍ତର ଅଂଶବିଶେଷ ଭାବେ ମେସି ଓ ତାଙ୍କର ଇଣ୍ଟର ମିଆମି ସାଥି ଖେଳାଳି ଲୁଇସ ସୁଆରେଜ ଓ ରୋଡ୍ରିଗୋ ଡି ପଲଙ୍କ ସହ ଆଇକନିକ ୱାଙ୍ଖେଡେ ଷ୍ଟାଡିୟମରେ ପହଞ୍ଚିଥିଲେ। ଏହି ଅବସରରେ ମେସି କ୍ରିକେଟ ଲିଜେଣ୍ଡ ସଚିନ ତେନ୍ଦୁଲକରଙ୍କୁ ଭେଟିଥିବା ବେଳେ ସଚିନ, ମେସିଙ୍କୁ ତାଙ୍କର ୨୦୧୧ ଦିନିକିଆ ବିଶ୍ୱକପ୍‌ର ୧୦ ନଂ ଜର୍ସି ପ୍ରଦାନ କରିଥିଲେ। ଏଥିସହିତ ସେ ଭାରତୀୟ ଫୁଟବଲ ଷ୍ଟାର ସୁନୀଲ ଛେତ୍ରୀ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାଭିସ ଓ ତାଙ୍କ ପତ୍ନୀ ଅମୃତା, ବଲିଉଡ୍ ଅଭିନେତା ଟାଇଗର ଶ୍ରଫଙ୍କ ଭଳି ଅନେକ ଭିଭିଆଇପିଙ୍କୁ ଭେଟିଥିଲେ। ଏଥିପୂର୍ବରୁ ମେସି, ସୁଆରେଜ, ଡି ପଲ ଏକ ପ୍ରଦର୍ଶନୀ ମ୍ୟାଚ୍‌ରେ ଭାଗ ନେଇଥିଲେ।

# ପ୍ରଧାନମନ୍ତ୍ରୀ, ସିଜେଆଇ, ସେନା ମୁଖ୍ୟଙ୍କୁ ଭେଟିବେ ମେସି

**ନୂଆଦିଲ୍ଲୀ, ୧୪।୧୨**

ଲାୟୋନେଲ ମେସି ସୋମବାର ତାଙ୍କର ଦିଲ୍ଲୀ ଗସ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତାଙ୍କ ବାସଭବନରେ ଭେଟିବେ। ଏହାପରେ ସେ ଚିଫ୍ ଜଷ୍ଟିସ ଅଫ୍ ଇଣ୍ଡିଆ ଓ ସେନା ମୁଖ୍ୟଙ୍କୁ ଜଣେ ଏମ୍‌ପିଙ୍କ ଘରେ ଭେଟିବେ। ଜିଓଏଟି ଇଣ୍ଡିଆ ଟୁରର ଅନ୍ତିମ ଦିନରେ ଦିଲ୍ଲୀର ଫିରୋଜଶାହ କୋଟଲା ଷ୍ଟାଡିୟମରେ ଉଭୟ ଭାରତୀୟ କ୍ରିକେଟ ଦଳର ସଦସ୍ୟଙ୍କୁ ଭେଟିବେ। ମିଳିଥିବା ସୂଚନା ମୁତାବକ, ଉକ୍ତ ଏମ୍‌ପି ହେଉଛନ୍ତି ନ୍ୟାଶନାଲିଷ୍ଟ କଂଗ୍ରେସ ପାର୍ଟି (ଏନ୍‌ସିପି) ନେତା ପ୍ରଫୁଲ ପଟେଲ, ଯିଏକି ପୂର୍ବରୁ ସେ ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍ଏଫ୍) ସଭାପତି ଥିଲେ। ମେସି ଦିଲ୍ଲୀରେ ସକାଳ ୧୦.୪୫ରେ ପହଞ୍ଚିବେ ଏବଂ ସେଠାକାର ଏକ ହୋଟେଲରେ ପ୍ରଥମେ ୫୦ ମିନିଟ୍ ଲମ୍ବା 'ମିଟ୍ ଆଣ୍ଡ ଗ୍ରିଟ୍' ଇଭେଣ୍ଟରେ ଯୋଗଦେବେ। ଏହାପରେ ସେ ପ୍ରଧାନମନ୍ତ୍ରୀ ମୋଦିଙ୍କ ବାସଭବନରେ ୨୦ ମିନିଟ୍ ବିତାଇବେ। ତାଙ୍କ ପରବର୍ତ୍ତୀ ଗନ୍ତବ୍ୟ ସ୍ଥଳ ହେବ ଜଣେ ଏମ୍‌ପିଙ୍କ ଘର ; ଯେଉଁଠାରେ ସେ ଆର୍ଜେଣ୍ଟିନାର ଭାରତୀୟ ଆମ୍ବାସାଡର ମାରିଆନୋ ଅଗଷ୍ଟିନ କୌସିନୋ, ସିଜେଆଇ ଜଷ୍ଟିସ ସୂର୍ଯ୍ୟକାନ୍ତ, ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ, ଚିଫ୍ ଅଫ୍ ଏନ୍‌ଫୋର୍ସମେଣ୍ଟ ଡାଇରେକ୍ଟର ରାହୁଲ ନବୀନଙ୍କୁ ଭେଟିବେ। ଏହାପରେ ୩.୩୦ରେ ସେ ଫିରୋଜଶାହ କୋଟଲା ଷ୍ଟାଡିୟମରେ ପହଞ୍ଚି ଭାରତୀୟ ଦଳର ଖେଳାଳିଙ୍କୁ ଭେଟିବେ ଏବଂ ସେଠାରୁ ସିଧାସଳଖ ବିମାନବନ୍ଦର ଯିବେ।

# ଉନ୍ନତି, କିରଣ ଚାମ୍ପିୟନ




ପୁରୁଷ ସିଙ୍ଗଲ୍ସ ରନରଅପ୍ ମହମ୍ମଦ ୟୁସୁଫ, ଚାମ୍ପିୟନ କିରଣ ଜର୍ଜ । ମହିଳା ଡବଲ୍ସ ଚାମ୍ପିୟନ ଗାବ୍ରିଏଲା ଷ୍ଟୋଏଭା ଓ ଷ୍ଟିଫାନୀ ଷ୍ଟୋଏଭା।

**ଭୁବନେଶ୍ୱର, ୧୪।୧୨ (ତପନ ସ୍ୱାଇଁ)/କଟକ (କାର୍ତ୍ତିକ ସାହୁ)**

### ଓଡ଼ିଶା ମାଷ୍ଟର୍ସ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଉଦ୍‌ଯାପିତ

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଓଡ଼ିଶା ମାଷ୍ଟର୍ସ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଏହାର ମହିଳା ସିଙ୍ଗଲ୍ସରେ ଭାରତର ଉନ୍ନତି ହୁଡ଼ା ଓ ପୁରୁଷରେ କିରଣ ଜର୍ଜ ଚାମ୍ପିୟନ ହୋଇଛନ୍ତି। ଅଲ୍ ଇଣ୍ଡିଆ ମହିଳା ସିଙ୍ଗଲ୍ସ ଫାଇନାଲରେ ଉନ୍ନତି ସାଥୀ ଖେଳାଳି ଇସାରାଣୀ ବରୁଆଙ୍କୁ ୨୧-୧୭,୨୧-୧୦ରେ ହରାଇ ଟାଇଟଲ ଜିତିଛନ୍ତି। ସଂଘର୍ଷପୂର୍ଣ୍ଣ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଭାରତର କିରଣ ଜର୍ଜ ଇଣ୍ଡୋନେସିଆର ମହମ୍ମଦ ୟୁସୁଫଙ୍କୁ ୨୧-୧୪, ୧୩-୨୧ ଓ ୨୧-୧୬ରେ ହରାଇ ଚାମ୍ପିୟନ ହୋଇଛନ୍ତି। ମିକ୍ସଡ ଡବଲ୍ସ ଫାଇନାଲ୍‌ରେ ଇଣ୍ଡୋନେସିଆ ଯୋଡି ମାରୱାନ ଫାଜା ଓ ଆଇସା ସାଲସାବିଲା ପୁତ୍ରୀ ପ୍ରଣୀତା ନିଜ ଦେଶର ଡେଜାନ ଫର୍ଡିନାନ୍ସ ଓ ବେର୍ନାଡିନ ଆନିନ୍ଦ୍ୟ ୱାର୍ଦନାଙ୍କୁ ୨୧-୧୫, ୨୧-୧୦ରେ ପରାସ୍ତ କରିଛନ୍ତି। ସେହିପରି ମହିଳା ଡବଲ୍ସ ଫାଇନାଲରେ ବୁଲଗେରିଆ ଯୋଡି ଗାବ୍ରିଏଲା ଷ୍ଟୋଏଭା ଓ ଷ୍ଟିଫାନୀ ଷ୍ଟୋଏଭା ମାଲେସିଆ ଯୋଡି ଅଙ୍ଗ ଜିନ ୟୀ ଓ କାର୍ମେନ ଟିଙ୍ଗଙ୍କୁ ୨୧-୧୯, ୨୧-୧୪ ପଏଣ୍ଟରେ ହରାଇ ଚାମ୍ପିୟନ ହୋଇଛନ୍ତି। ପୁରୁଷ ଡବଲ୍ସ ଫାଇନାଲ୍‌ରେ ଇଣ୍ଡୋନେସିଆର ଅଲି ରେହନ ଓ ଦେଭିନ ଅର୍ଥା ୱାହଦି ମାଲେସିଆ ଯୋଡି କାଙ୍ଗ୍ ଖାଇ ଜିଙ୍ଗ ଓ ଆରୋନ ତାଇ ଯୋଡିଙ୍କୁ ୧୫-୨୧, ୨୧-୧୨ ଓ ୨୧-୧୬ରେ ହରାଇଛନ୍ତି। ପୁରସ୍କାର ବିତରଣ ସମୟରେ କ୍ରୀଡା ସଚିବ ସଚିନ ରାମଚନ୍ଦ୍ର ଯାଦବ, ନିର୍ଦ୍ଦେଶକ ବିଜୟ ଯେଦୁଲ୍ଲା, ଶିଳ୍ପ ବିଭାଗ ନିର୍ଦ୍ଦେଶକ ସୁନୀଲ ଆବୋଲି ନର୍ବାଣେ, ଭାରତୀୟ ବ୍ୟାଡ୍‌ମିଣ୍ଟନ ସଂଘ ସମ୍ପାଦକ ସଞ୍ଜୟ ମିଶ୍ର, ରାଜ୍ୟ ଆସୋସିଏଶନ ସଭାପତି ରାଜେଶ ପ୍ରଭାକର ପାଟିଲ, ସମ୍ପାଦକ ନିଳିନ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

# ଇନୋଭାରେ କ୍ଲାଉଡ୍ସକୁ ଟାଇଟଲ

**ଭୁବନେଶ୍ୱର, ୧୪।୧୨ (ବିଜୟ ରଣା)**

### କର୍ପୋରେଟ୍ କ୍ରିକେଟ

ମେଗା କର୍ପୋରେଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଇନୋଭାରେ କପ୍ ୨୦୨୫ ଉଦ୍‌ଯାପିତ ହୋଇଯାଇଛି। ଇନୋଭାରେ କ୍ଲାଉଡ୍ସ ଦଳ ଚାମ୍ପିୟନ ହୋଇଛି। ସ୍ଥାନୀୟ ସିଭି ରମଣ ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲରେ ଦଳ ୯୭ରନରେ ଏସ୍‌ଏମ୍‌ସିକୁ ହରାଇ ଦେଇଛି। ରବିବାର ଅନୁଷ୍ଠିତ ଏହି ମ୍ୟାଚରେ ଟସ୍‌ରେ ହାରି ପ୍ରଥମେ ବ୍ୟାଟିଂ କରିଥିବା ଇନୋଭାରେ ନିର୍ଦ୍ଧାରିତ ୨୦ଓଭରରେ ୫ ଉଇକେଟ ବିନିମୟରେ ୧୯୨ରନ କରିଥିଲା। ଦଳ ପକ୍ଷରୁ ଶୁଭ୍ରାଂଶୁ ୪୮, ରାଜେଶ ପାଇକରାୟ ୪୪ ଓ ହିମାଂଶୁ ପତି ୩୪ ରନ କରି ଅପରାଜିତ ଥିଲେ। ବିପକ୍ଷ ଦଳର କ୍ରିଷ୍ଣା ଚୌଧୁରୀ ୨ ଉଇକେଟ ଅକ୍ତିଆର କରିଥିଲେ। ଏସ୍‌ଏମ୍‌ସି ବ୍ୟାଟିଂ କରିବାକୁ ଯାଇ ୧୨.୪ ଓଭରରେ ୯୫ ରନ କରି ଅଲଆଉଟ ହୋଇଯାଇଥିଲା। ଟପ୍ ସ୍କୋରର ଅବିନାଶ ଭୂୟାଁ ୧୭ ଓ ସର୍ଫରାଜ ୧୬ ରନ କରିଥିଲେ। ବିଜୟୀ ଦଳର ହିମାଂଶୁ ପତି ଓ ଅସ୍ମିତ ରାଉତ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ବିଜୟୀ ଦଳର ହିମାଂଶୁ ପତି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିବା ବେଳେ ଅସ୍ମିତ ରାଉତ ଉଭୟ ଇମ୍ପାକ୍ଟ ପ୍ଲେୟର ଓ ବେଷ୍ଟ ବୋଲର ବିବେଚିତ ହୋଇଥିଲେ। ସେହିପରି ଟିସିଏସ୍‌ର ଜୟରାମ ରଥ ଉଭୟ ବେଷ୍ଟ ବ୍ୟାଟର ଏବଂ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଓସିଏ କୋଚ୍ କ୍ଷୀରୋଦ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବେ ଅନୁରାଗ ଷଡ଼ଙ୍ଗୀ (ରଣଜୀ କ୍ରିକେଟର) ଏବଂ ସମ୍ମାନିତ ଅତିଥି ଭାବେ ସୌରଭ ଦାଶ (ଭିପି, ଓସିସିଏଫ୍), ମୋହର ମିଶ୍ର (ସିଟିଓ, କୋ-ଫାଉଣ୍ଡର ଇନୋଭାରେ) ପ୍ରମୁଖ ଉପସ୍ଥିତ ଥିଲେ।



ଚାମ୍ପିୟନ ଇନୋଭାରେ କ୍ଲାଉଡ୍ସ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।



# Classified Everyday

0674-2580101, 9692975378


REAL ESTATE

**SALE**

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500Sqft. ପ୍ଲଟ୍ 6,75,000ରେ ବିକ୍ରିହେବ। 9776974912. D-14




All types of physiotherapy with massage, Contact number 9556924059/ 7656969134. D-2766

**AFFIDAVIT**

By virtue of Affidavit No. 07, dated 11.12.2025, I, DIGBIAJY DAS, do hereby declare that from now onwards I shall be known as DIGBIJAY DAS for all purposes. D-2831

By virtue of an affidavit sworn before the Executive Magistrate, Boudh, No.1669, Dt.10.12.25, I, Mahisuta Pradhan, W/o. Gopal Pradhan, R/o. Village/PO.- Palaspat, P.S.- Baunsuni, Dist.- Boudh, Odisha, PIN- 762014 declare that I have changed the name of my son from NTR PRADHAN to SURJYA PRADHAN. Henceforth, he shall be known as SURJYA PRADHAN for all purposes.
Mahisuta Pradhan
D-2832

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit sworn before the Executive Magistrate, Boudh, No.1641, Dtd.- 03.12.25, I, Lokanath Meher, R/o. Village- Mankaman, P.O.- Ainalapali, P.S.- Baunsuni, Dist.- Boudh (Odisha), PIN- 762015 declare that I have changed the name of my son from Raghnath Meher to Raghunath Meher. Henceforth, he shall be known as Raghunath Meher for all purposes.
Lokanath Meher
D-2833





# ପୁରୁଷରେ କୋଲ୍‌କାତା, ମହିଳାରେ ମୟୂରଭଞ୍ଜ ଚାମ୍ପିୟନ

**ବାରିପଦା, ୧୪।୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଫାଉଣ୍ଡେଶନ ପକ୍ଷରୁ ବାରିପଦା ଷ୍ଟାଡିୟମ୍ ପଡ଼ିଆରେ ଚାଲିଥିବା ଜାତୀୟସ୍ତରୀୟ ମହାରାଜା ସେଭେନ୍ସ ରଗ୍‌ବୀ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀ ଏବଂ ମୟୂରଭଞ୍ଜ ଆଥ୍‌ଲେଟିକ ଆସୋସିଏଶନ ସହଯୋଗରେ ପ୍ରଥମଥର ପାଇଁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ସ୍ମୃତିରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ପୁରୁଷ ବିଭାଗରେ ୯ ଦଳ ଅଂଶଗ୍ରହଣ କରିଥିଲେ। କୋଲ୍‌କାତାର ଫ୍ୟୁଚର ହୋପ୍ ହାରିକୁଇନ୍ସ ଚାମ୍ପିୟନ ହୋଇଥିବା ବେଳେ ମୟୂରଭଞ୍ଜ ଓଡ଼ିଶାର ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀ ରନରଅପ୍ ହୋଇଛି। ସେହିପରି ମହିଳା ବିଭାଗରେ ୬ ଦଳ ଅଂଶଗ୍ରହଣ କରିଥିବାବେଳେ ମୟୂରଭଞ୍ଜ ଓଡ଼ିଶାର ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀ ଚାମ୍ପିୟନ ଓ କୋଲ୍‌କାତାର ଫ୍ୟୁଚର ହୋପ୍ ହାରିକୁଇନ୍ସ ରନରଅପ୍ ହୋଇଛି।


ଫାଉଣ୍ଡେଶନ ଅଧ୍ୟକ୍ଷା ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଚାମ୍ପିୟନ ଦଳକୁ ୫୦ହଜାର ପ୍ରୋତ୍ସାହନ ରାଶି ସହ ଟ୍ରଫି ଏବଂ ରନରଅପ୍ ଦଳକୁ ୩୦ହଜାର ପ୍ରୋତ୍ସାହନ ରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ଏହାସହ ରଗ୍‌ବୀ ଏକ କୌଶଳ ଓ ଦ୍ରୁତଗତି ଦକ୍ଷତାର ଖେଳ ବୋଲି ସେ କହିଥିଲେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଇଂ. ଗଣେଶ ରାମ ସିଂ ଖୁଣ୍ଟିଆ, ସାରସକଣା ବିଧାୟକ ଭାଦବ ହାଁସଦା, ବଡ଼ସାହି ବିଧାୟକ ସନାତନ ବିଜୁଳି, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ରାଜ୍ୟ ଆଦିବାସୀ ମୋର୍ଚ୍ଚା ସଭାପତି କାନ୍ଦ୍ରା ସୋରେନ, ଆର୍‌ସିସିଏଫ୍ ଡ. ପ୍ରକାଶ ଚାନ୍ଦ ଗୋଗିନେନି, ଜିଲାପାଳ ହେମକାନ୍ତ ସୟ, ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲି, ମୟୂରଭଞ୍ଜ ଆଥ୍‌ଲେଟିକ ଆସୋସିଏଶନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଓ ଫୁଟ୍‌ବଲ୍ ସମ୍ପାଦକ ଅମର କୁମାର ସେଠୀ ଉପସ୍ଥିତ ଥିଲେ। ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ସହଯୋଗ କରିଥିବା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଜିଲା କ୍ରୀଡ଼ା ଅଧିକାରୀ ଶୁଭାଶିଷ ନାୟକ, ସହଆୟୋଜକ ଦିବ୍ୟରଞ୍ଜନ ଦାସ, ବିଭୁଦତ୍ତ ଦାସ ଓ ମଙ୍ଗଲ ହାଁସଦାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସୋମନାଥ ସିଂହ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ପୂର୍ବତନ ଜାତୀୟ ଖେଳାଳି, ସମସ୍ତ ରେଫରି, ପ୍ରାୟୋଜକ ଓ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଜାତୀୟସ୍ତରୀୟ ରଗ୍‌ବୀ ଟୁର୍ଣ୍ଣାମେଣ୍ଟ



ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରୁଛନ୍ତି।

## ହୃତ୍‌ପିଣ୍ଡକୁ ସୁସ୍ଥ ରଖେ ଗାଜର



ଗାଜର ଆମ ଶରୀର ପାଇଁ ବେଶ୍ ଉପକାରୀ। ଏଥିରେ ଭିଟାମିନ, ଫାଇବର୍ ଓ ଆଣ୍ଟି ଅକ୍ସିଡାଣ୍ଟ ଉପାଦାନ ଭରି ହୋଇରହିଛି। ଏଥିରେ ଏଭଳି ଉପକାରୀ ତତ୍ତ୍ୱ ଭରିରହିଛି, ଯାହା ହୃତ୍‌ପିଣ୍ଡ ପାଇଁ ଉପକାରୀ। 'ସୁସ୍ଥ ହୃତ୍‌ପିଣ୍ଡ ଏବଂ ଗାଜର' ଶୀର୍ଷକ ବିଷୟକୁ ନେଇ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରି ଏକଥା ଜାଣିପାରିଛନ୍ତି। କେବଳ ସେତିକି ନୁହେଁ, ନିୟମିତ ଗାଜର ଖାଇବା ଦ୍ୱାରା ହୃତ୍‌ପିଣ୍ଡର କାର୍ଯ୍ୟଧାରା ମଧ୍ୟ ପୂର୍ବାପେକ୍ଷା ଆହୁରି ସକ୍ରିୟ ରହିଥାଏ। ଏଥିରେ ଥିବା ଉପକାରୀ ଗୁଣ ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ। ଦୃଷ୍ଟିଶକ୍ତିକୁ ପ୍ରଖର କରିବାରେ ଏହା ମଧ୍ୟ ସାହାଯ୍ୟ କରିଥାଏ। ଗାଜର ହେଉଛି ଭିଟାମିନ୍ 'ସି'ର ଅନ୍ୟତମ ପ୍ରମୁଖ ଉତ୍ସ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଗାଜର ଖାଇଲେ ରକ୍ତରେ ଶର୍କରା ପରିମାଣ ସନ୍ତୁଳିତ ରହିଥାଏ। ଏଥିରେ କ୍ୟାଲସିୟମ ମାତ୍ରା ଭରି ରହିଛି, ଯାହା ଅସ୍ଥିକୁ ଦୃଢ଼ ରଖେ। ଗାଜର ଶରୀରର ଓଜନକୁ ମଧ୍ୟ ସନ୍ତୁଳିତ ରଖେ। ଏଥିରେ ଫାଇବର୍ ପ୍ରଚୁର ପରିମାଣରେ ରହିଛି। କଞ୍ଚା ଗାଜର ଖାଇବା ଦ୍ୱାରା ଦାନ୍ତ ଶକ୍ତ ହୋଇଥାଏ। ଏଥିରେ ଥିବା ଉପକାରୀ ତତ୍ତ୍ୱ ଚର୍ମକୁ ସତେଜ ରଖିବା ସହ କେଶ ଝଡ଼ିବାକୁ ଦେଇ ନ ଥାଏ।

## ଫ୍ୟାଟ୍‌ଜାତୀୟ ଖାଦ୍ୟ ଅଧିକ ଖାଉଥିଲେ...

ଆମେ ସୁସ୍ଥ ରହିବା ପଛରେ ସୁଷମ ତଥା ଭିଟାମିନଯୁକ୍ତ ଖାଦ୍ୟ ଖାଇବା ଦରକାର। ହେଲେ ଏସବୁ ଖାଦ୍ୟ ସନ୍ତୁଳିତ ରହିବା ନିହାତି ଆବଶ୍ୟକ। ତେବେ ଅସନ୍ତୁଳିତ ଖାଦ୍ୟଶୈଳୀ ପରୋକ୍ଷରେ କେତେକ ରୋଗକୁ ଆମନ୍ତ୍ରଣ କରିଥାଏ। ଅଧିକ ତେଲ ମସଲାଯୁକ୍ତ ଖାଦ୍ୟ ଅବା ଫ୍ୟାଟ୍ ଜାତୀୟ ଖାଦ୍ୟ ଖାଇଲେ ତାହା ଷ୍ଟ୍ରୋକ୍ ଭଳି ମାରାତ୍ମକ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ। କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ଏକ ସର୍ଭେରୁ ଏକଥା ଜାଣିପାରିଛନ୍ତି। ପ୍ରାୟ ନିୟମିତ ଏଭଳି ଖାଦ୍ୟ ଖାଉଥିବା କେତେ ଜଣ ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟକୁ ତନ୍ନ ତନ୍ନ କରି ପରୀକ୍ଷା କରିବା ଦ୍ୱାରା ସେମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତିଙ୍କ ଠାରେ ଏଭଳି ଲକ୍ଷଣ ଦେଖିବାକୁ ମିଳିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଅଧିକ ତେଲମସଲା କିମ୍ବା ଫ୍ୟାଟ୍‌ଜାତୀୟ ଖାଦ୍ୟ ହୃତ୍‌ପିଣ୍ଡର କାର୍ଯ୍ୟଧାରାକୁ ମଧ୍ୟ ପ୍ରଭାବିତ କରିଥାଏ। ତେଣୁ ସବୁବେଳେ ସନ୍ତୁଳିତ ତଥା ସୁଷମ ଖାଦ୍ୟ ଯଥା ସବୁଜ ପନିପରିବା, କ୍ଷୀର, ମାଛ, ତଟକା ଫଳମୂଳ ଖାଇବା ଦରକାର। ଇବା ଦ୍ୱାରା ଆମର ଷ୍ଟ୍ରୋକ୍ ଶତକଡ଼ା ୧୨ ପ୍ରତିଶତ କମିଥାଏ। ତେଣୁ ମସ୍ତିଷ୍କରେ ଉନ୍ନତି ଆଣିବା ସହ ଶରୀରକୁ ସୁସ୍ଥ ରଖିବାକୁ ହେଲେ ଆମକୁ ସନ୍ତୁଳିତ ଖାଦ୍ୟ ଗ୍ରହଣ କରିବା ନିହାତି ଜରୁରୀ।




# ବଂଶଗତ ରୋଗ ଥାଲାସିମିଆ



ଡ. ନିତ୍ୟାନନ୍ଦ ସ୍ୱାଇଁ

"ଥାଲାସିମିଆକୁ ସାଧାରଣତଃ ତିନି ଭାଗରେ ବିଭକ୍ତ କରାଯାଇଛି। ତାହା ହେଉଛି-ଥାଲାସିମିଆ ମେଜର, ଥାଲାସିମିଆ ମାଇନର ଏବଂ ଥାଲାସିମିଆ ଇଣ୍ଟରମେଡିଆ। ଥାଲାସିମିଆ ମେଜରକୁ ମଧ 'ବିଟା ଥାଲାସିମିଆ' ବୋଲି କହନ୍ତି। ଏହି ପ୍ରକାରଟି ସବୁଠାରୁ ବେଶି ସାଧାରଣ। ଏହି ପ୍ରକାରଟିରେ ଗ୍ଲୋବିନ୍‌ର ବିଟାଚେନ୍ ତିଆରି ବାଧାପ୍ରାପ୍ତ ହୋଇପଡ଼ିଥିବାରୁ ଜାତ ହୁଏ ଗୁରୁତର ଧରଣର ରକ୍ତହୀନତା ବା ଆନିମିଆ।"





ଥାଲାସିମିଆ ଏକ ବଂଶଗତ ରକ୍ତ ରୋଗ। ଏହି ରୋଗରେ ଶରୀରରେ ଅକ୍ସିଜେନ୍ ପରିବହନକାରୀ ହେମୋଗ୍ଲୋବିନ୍‌ର ଗଠନ ତ୍ରୁଟିପୂର୍ଣ୍ଣ ହୋଇଯାଇଥାଏ। ଏହାଫଳରେ ଦେଖାଦିଏ 'ଆନିମିଆ' ବା ରକ୍ତାଳ୍ପତା। ଆପଣମାନଙ୍କ ମଧ୍ୟରୁ ଅନେକେ ଥାଲାସିମିଆ ରୋଗଟିର ନାଁ ଶୁଣିଥିବେ। କାହାର ପୁଅ କି ଝିଅ ହୁଏତ ଏହି ରୋଗ ଭୋଗୁଥାଇପାରନ୍ତି। ଜିନ୍ ଦୋଷରୁ ଜାତ ଏହି ରୋଗଟି ଆଦୌ ବିରଳ ନୁହେଁ। ତେଣୁ ଉକ୍ତ ସ୍ୱାସ୍ଥ୍ୟ ସମସ୍ୟାର କାରଣ ଏବଂ ଚିକିତ୍ସା ପଦ୍ଧତି ବିଷୟରେ ଆମେ ଅବଗତ ହେବା ନିହାତି ଆବଶ୍ୟକ।

ଆମ ସମସ୍ତଙ୍କ ରକ୍ତରେ ରହିଛି ଆଇ.ବି.ସି. ବା ଲୋହିତ ରକ୍ତ କୋଷିକା। ଲୋହିତ ରକ୍ତ କୋଷିକା ଭିତରେ ଥାଏ ହେମୋଗ୍ଲୋବିନ୍ ନାମକ ଏକ ଉପାଦାନ। 'ହିମ୍' ଓ 'ଗ୍ଲୋବିନ୍'-ଏହି ଦୁଇଟି ଉପାଦାନ ଥାଏ ହେମୋଗ୍ଲୋବିନ୍‌ରେ। 'ହିମ'ରେ ଥାଏ ଲୌହ ଏବଂ 'ଗ୍ଲୋବିନ୍' ହେଉଛି ଏକ ପ୍ରୋଟିନ୍। ହୋମୋଗ୍ଲୋବିନ୍ ବିନା ଆମେ ବଞ୍ଚିପାରିବା ନାହିଁ। କାରଣ ଏହା ପ୍ରଶ୍ୱାସ ବାୟୁରୁ ଅମ୍ଳଜାନ ଗ୍ରହଣ କରି ସବୁ ଜୀବକୋଷ ନିକଟରେ ପହଞ୍ଚାଇ ଦିଏ ଏବଂ ସବୁ ଜୀବକୋଷରୁ କାର୍ବନଡାଇଅକ୍ସାଇଡ୍ ଆଦି ନିଃଶ୍ୱାସ ବାୟୁ ମାଧ୍ୟମରେ ନିଷ୍କାସନ କରିଦିଏ।

'ଆଲ୍‌ଫା' ଓ 'ବିଟା' ଗ୍ଲୋବିନ୍‌ଜେନକୁ ନେଇ ଗ୍ଲୋବିନ୍ ଅଣୁଟି ଗଠିତ। କିନ୍ତୁ ନିର୍ଦ୍ଦିଷ୍ଟ ଏକ କ୍ରୋମୋଜୋମ୍ ବା ଗୁଣସୂତ୍ରରେ ତ୍ରୁଟି ରହିଗଲେ ତ୍ରୁଟିର ପ୍ରକାରକୁ ଚାହିଁ ଆଲ୍‌ଫା ଗ୍ଲୋବିନ୍ ଚେନ୍ କି ବିଟାଗ୍ଲୋବିନ୍ ଚେନ୍‌ର ତିଆରି ତ୍ରୁଟିଯୁକ୍ତ ହୋଇଯାଏ। ଆଲ୍‌ଫା ଚେନ୍‌ର ତ୍ରୁଟି ହେଲେ ତାକୁ 'ଆଲ୍‌ଫା ଥାଲାସିମିଆ' ଏବଂ ବିଟା ଚେନ୍‌ରେ ତ୍ରୁଟି ହେଲେ ତାହାକୁ କହନ୍ତି 'ବିଟା ଥାଲାସିମିଆ'। ଥାଲାସିମିଆ ରୋଗଟି ବଂଶଗତ ଜିନ୍ ରୋଗ ହୋଇଥିବାରୁ ପରିବାରର ଏକାଧିକ ବ୍ୟକ୍ତି ଏହି ରୋଗଟିରେ ଆକ୍ରାନ୍ତ ହେବା ଆଦୌ ଅସ୍ୱାଭାବିକ ନୁହେଁ।

**ଜିନ୍ ଦୋଷଟି କାହାଠାରେ ଥାଏ :** ଜିନ୍ ଦୋଷଟି ଥାଏ ପିତା କିମ୍ବା ମାତା ନ ହେଲେ ପିତା-ମାତା ଉଭୟଙ୍କଠାରେ। ପୁରୁଷଙ୍କ ଗୋଟିଏ ମାତ୍ର ଜିନ୍‌ରେ ଦୋଷ ଥିଲେ ସେ ଜିନ୍‌ର ବାହକ ବା ଥାଲାସିମିଆ ଟ୍ରେଟ୍। ସେହିପରି ମହିଳାମାନଙ୍କର ଗୋଟିଏ ମାତ୍ର ଜିନ୍‌ରେ ଦୋଷ ଥିଲେ ସେ ମଧ୍ୟ ଥାଲାସିମିଆ ଜିନ୍‌ର ବାହକ ସାଜିଥାଏ। ଥାଲାସିମିଆ ଟ୍ରେଟ୍ ପୁରୁଷ କି ଥାଲାସିମିଆ ଟ୍ରେଟ୍ ମହିଳା ଥାଲାସିମିଆ ରୋଗୀ ନୁହନ୍ତି।

ମାତ୍ର ସଂଯୋଗବଶତଃ ଥାଲାସିମିଆ ଟ୍ରେଟ୍ ପୁରୁଷ ଓ ଥାଲାସିମିଆ ଟ୍ରେଟ୍ ମହିଳାମାନଙ୍କ ମଧ୍ୟରେ ବିବାହ ହୋଇଗଲେ ସେମାନଙ୍କ ସନ୍ତାନମାନଙ୍କ ମଧ୍ୟରୁ କେହି କେହି ଥାଲାସିମିଆ ରୋଗରେ ଆକ୍ରାନ୍ତ ହୋଇପଡ଼ିବାର ଆଶଙ୍କା ଉପୁଜିଥାଏ। ପୁତ୍ର ସନ୍ତାନ ରୋଗ ଭୋଗିପାରେ, କନ୍ୟା ସନ୍ତାନ ମଧ୍ୟ ରୋଗ ଭୋଗିପାରେ। ଉକ୍ତ ଦମ୍ପତିଙ୍କଠାରୁ ସୁସ୍ଥ ସନ୍ତାନ ଜନ୍ମ ନେବା ମଧ୍ୟ ସମ୍ଭବ। ଯେଉଁ ସନ୍ତାନଟି ଦୁଇଟିଯାକ ଗ୍ଲୋବିନ୍ ଜିନ୍‌ର ଦୋଷ ଥାଏ, ସେହି ସନ୍ତାନଟି ହିଁ ଥାଲାସିମିଆ ରୋଗର ଶିକାର ହୋଇପଡ଼େ।

ଥାଲାସିମିଆକୁ ସାଧାରଣତଃ ତିନି ଭାଗରେ ବିଭକ୍ତ କରାଯାଇଛି। ତାହା ହେଉଛି-ଥାଲାସିମିଆ ମେଜର, ଥାଲାସିମିଆ ମାଇନର ଏବଂ ଥାଲାସିମିଆ ଇଣ୍ଟରମେଡିଆ। ଥାଲାସିମିଆ ମେଜରକୁ ମଧ 'ବିଟା ଥାଲାସିମିଆ' ବୋଲି କହନ୍ତି। ଏହି ପ୍ରକାରଟି ସବୁଠାରୁ ବେଶି ସାଧାରଣ। ଏହି ପ୍ରକାରଟିରେ ଗ୍ଲୋବିନ୍‌ର ବିଟାଚେନ୍ ତିଆରି ବାଧାପ୍ରାପ୍ତ ହୋଇପଡ଼ିଥିବାରୁ ଜାତହୁଏ ଗୁରୁତର ରକ୍ତହୀନତା ବା ଆନିମିଆ।

ସାଧାରଣ ଭାବରେ ଦେଖିଲେ ଭୂମିଷ୍ଠ ହେବା ସମୟରେ ଶିଶୁଟି ଦେଖାଯାଏ ଶେତାଳିଆ। ପରେ ପରେ ଯକୃତ ଓ ପ୍ଳୀହା ଆସ୍ତେ ଆସ୍ତେ ବଢ଼ିବାକୁ ଆରମ୍ଭ କରେ। ଯେଉଁ ରୋଗାକ୍ରାନ୍ତ ଶିଶୁମାନେ ବର୍ଷେ କି ଦୁଇ ବର୍ଷ ଭିତରେ ମୃତ୍ୟୁବରଣ ନ କରି ବଞ୍ଚିରହନ୍ତି, ସେମାନଙ୍କର ମୁଖମଣ୍ଡଳ ଗୋଲାକାର ଦେଖାଯାଏ। କପାଳ ଓ ମସ୍ତିଷ୍କର ଦୁଇ ପାଖ ହାଡ଼ ଫୁଲିଯାଏ। ବଢ଼ିଯାଏ ହନୁ ହାଡ଼। ନାକ ଦେଖାଯାଏ ଚେପ୍‌ଟା ଓ ଆଖି ଫୁଲାଫୁଲା। ଥାଲାସିମିଆ ଶିଶୁ ସ୍ୱାଭାବିକ ଭାବରେ ବିକାଶ ଲାଭ କରିପାରେନି। ତା'ଠାରେ ଅନିୟମିତ ଭାବରେ ଜ୍ୱର ହୁଏ। ଭୋକ ମରିଯାଏ। ପ୍ରକାଶ ପାଏ କାମଳ। ରୋଗୀ ଦୁର୍ବଳତା ଅନୁଭବ କରେ। ସହଜରେ ଧଇଁସଇଁ ହୋଇପଡ଼େ।

ଥାଲାସିମିଆ ରୋଗୀର କମିଯାଏ ହେମୋଗ୍ଲୋବିନ୍‌ର ମାତ୍ରା ଓ ଲୋହିତ ରକ୍ତକୋଷିକାଗୁଡ଼ିକର ସଂଖ୍ୟା। ଲୋହିତ ରକ୍ତକୋଷିକାଗୁଡ଼ିକ ଛୋଟଛୋଟ ହୋଇଯାଆନ୍ତି। ନର୍ମୋବ୍ଲାଷ୍ଟ ନାମକ ଅବିକଶିତ ଲୋହିତ ରକ୍ତକୋଷିକାଗୁଡ଼ିକର ସଂଖ୍ୟା ବଢ଼ିଯାଏ। ବଢ଼ିଯାଏ 'ଫିଟାଲ ହେମୋଗ୍ଲୋବିନ୍' ବା 'ହେମୋଗ୍ଲୋବିନ୍-ଏଫ୍'ର ମାତ୍ରା। ଏଚ୍‌ପିଏଲ୍‌ସି ନାମକ ଏକ ଅତ୍ୟାଧୁନିକ ପରୀକ୍ଷାରୁ ଥାଲାସିମିଆ ରୋଗକୁ ନିର୍ଦ୍ଦିଷ୍ଟ ଭାବରେ ନିର୍ଣ୍ଣୟ କରାଯାଇଥାଏ। ଆନୁଷଙ୍ଗିକ ପରୀକ୍ଷା ଭାବରେ କରାଯାଇପାରେ ଅସ୍ଥିମଜ୍ଜା ପରୀକ୍ଷା, ହାଡ଼ର ଏକ୍ସ-ରେ ଏବଂ ରକ୍ତରେ ଲୌହ ଓ ଫେରିଟିନ୍‌ର ମାତ୍ରା ନିର୍ଦ୍ଧାରଣ।

ଥାଲାସିମିଆ ମେଜର ବା ବିଟା ଥାଲାସିମିଆ ରୋଗୀଙ୍କୁ ବାରମ୍ବାର ରକ୍ତ ଦେବାକୁ ପଡ଼େ। ବାରମ୍ବାର ରକ୍ତ ନେବା ଫଳରେ ରୋଗୀଙ୍କ ରକ୍ତରେ ଲୌହର ପରିମାଣ ବଢ଼ିଯାଇ ତାହା ଯକୃତ୍, ହୃତ୍‌ପିଣ୍ଡ, ଅଗ୍ନ୍ୟାଶୟ ଇତ୍ୟାଦି ଅଙ୍ଗରେ ଜମିଯାଏ। ଫଳରେ ବାହାରିପାରେ ହୃଦ୍‌ରୋଗ ଓ ଡାଇବେଟିସ୍ ଇତ୍ୟାଦି ରୋଗ। ରକ୍ତରେ ଲୌହର ପରିମାଣ ସନ୍ତୁଳିତ ରଖିବା ପାଇଁ ଏବେ ବିଭିନ୍ନ ପ୍ରକାର ଔଷଧ ବଜାରରେ ଉପଲବ୍ଧ। ପ୍ଳୀହାର ଆକାର ବେଶି ବଢ଼ିଗଲେ ଓ ବାରମ୍ବାର ରକ୍ତ ନେବା ଦରକାର ପଡୁଥିଲେ ରୋଗୀର ପ୍ଳୀହାଟିକୁ କାଟି ବାହାର କରିଦିଆଯାଇଥାଏ। ଏହାବ୍ୟତୀତ ଅସ୍ଥିମଜ୍ଜା ପ୍ରତିରୋପଣ ବା ଷ୍ଟେମ୍ ସେଲ୍ ପ୍ରତିରୋପଣ ମଧ୍ୟ କରାଯାଇଥାଏ।

ଥାଲାସିମିଆ ଏକ ବଂଶଗତ ରୋଗ ହୋଇଥିଲେ ମଧ୍ୟ ଏହାର ନିବାରଣ ସମ୍ଭବ। ସ୍ୱାମୀ ଓ ସ୍ତ୍ରୀ ଉଭୟ ଥାଲାସିମିଆ ଟ୍ରିଟ୍ ହୋଇଥିଲେ ଏବଂ ସ୍ତ୍ରୀ ଗର୍ଭବତୀ ହେଲେ ଗର୍ଭ ହେବାର ଅଢ଼େଇରୁ ତିନି ମାସ ଭିତରେ ଗର୍ଭସ୍ଥ ଭ୍ରୁଣଠାରୁ ରକ୍ତ ସଂଗ୍ରହ କରି କିମ୍ବା ଗର୍ଭାଶୟରୁ ସଂଗୃହୀତ ଜଳରୁ ଜୀବକୋଷ ସଂଗ୍ରହ କରି ତାହାର ଜିନ୍ ପରୀକ୍ଷା କରାଯାଇଥାଏ। ବଡ଼ ସୌଭାଗ୍ୟର କଥା ଯେ ଥାଲାସିମିଆ ରୋଗୀଙ୍କ ଚିକିତ୍ସା ପାଇଁ ବିଭିନ୍ନ ରକ୍ତ ଭଣ୍ଡାରରେ ସ୍ୱତନ୍ତ୍ର ବ୍ୟବସ୍ଥାମାନ ଉପଲବ୍ଧ। ତେବେ ଥାଲାସିମିଆ ରୋଗଟି ସମ୍ବନ୍ଧରେ ଜନସଚେତନତା ବୃଦ୍ଧିର ଆବଶ୍ୟକତା ରହିଛି। ଏ ସଂକ୍ରାନ୍ତ ତଥ୍ୟର ସଂଚାରଣ ମଧ୍ୟ ବାଞ୍ଛନୀୟ। ଏହି ରୋଗ ସଂକ୍ରାନ୍ତ ସ୍ୱାସ୍ଥ୍ୟ ଶିକ୍ଷା ରୋଗର ନିବାରଣ ଏବଂ ଚିକିତ୍ସାରେ ଯେ ଯଥେଷ୍ଟ ସହାୟକ ହୋଇପାରିବ ଏହା ନିଃସନ୍ଦେହ।

-କଟକ, ମୋ : ୮୩୨୮୯୭୫୧୧୮

## ଜୀବନଶୈଳୀ ଅସନ୍ତୁଳିତ ରହିଲେ..

ଆଜିକାଲି ଡାଇବେଟିସ୍ ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ପାଲଟିଗଲାଣି କହିଲେ ଆଦୌ ଭୁଲ୍ ହେବ ନାହିଁ। ଯଦି ଡାଇବେଟିସ ଜଟିଳ ଆକାର ଧାରଣ କରେ ଏବଂ ରକ୍ତରେ ସୁଗାର ପରିମାଣ ଅଧିକାଂଶ ସମୟ ଅସନ୍ତୁଳିତ ରହେ, ତେବେ ଏହାର ପ୍ରଭାବ ହାର୍ଟ, କିଡ୍‌ନୀ ଏପରି କି ଦୃଷ୍ଟି ଶକ୍ତି ଉପରେ ପଡ଼ିଥାଏ। ତେଣୁ ଡାଇବେଟିସ୍‌କୁ 'ନୀରବ ଘାତକ' ଆଖ୍ୟା ଦିଆଯାଇଛି। ଏହି ରୋଗ ସମ୍ପର୍କରେ ଜାଣିବା ପରେ ତାହାର ଚିକିତ୍ସା କରାଇବା ସହ କେତେକ ଦିଗ ପ୍ରତି ସତର୍କ ଦୃଷ୍ଟି ରଖିବାକୁ ପଡ଼ିଥାଏ। ଅସନ୍ତୁଳିତ ଜୀବନଶୈଳୀ ଏଥିପାଇଁ ଅନେକାଂଶରେ ଦାୟୀ। ତେଣୁ ଏନେଇ ସତର୍କ ରହିବା ସହ ଖାଦ୍ୟପେୟ ପ୍ରତି ସ୍ୱତନ୍ତ୍ର ନଜର ଦେବା ନିହାତି ଜରୁରୀ। ଏହାବ୍ୟତୀତ ଏହାର କାରଣ ସମ୍ପର୍କରେ ସମସ୍ତେ ଅବଗତ ହେବା ଆବଶ୍ୟକ। କାରଣ ଆଜିକାଲି କେତେବେଳେ କାହାଠାରେ ଏହାର ଲକ୍ଷଣ ପ୍ରକାଶ ପାଇବ ତାହା ଆକଳନ କରିବା କଷ୍ଟକର। ତେଣୁ ଏ ବିଷୟରେ ଜାଣିବା ମାତ୍ରେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଯଦି ଆପଣଙ୍କର ଡାଇବେଟିସ ସମସ୍ୟା ରହିଛି ତେବେ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ। ଏହି ସମୟରେ ରକ୍ତରେ ସୁଗାର ପରିମାଣ ବ୍ୟତୀତ ଡାକ୍ତରଙ୍କ କହିବା ଅନୁସାରେ ଆଉ କେତେକ ଆନୁସଙ୍ଗିତ ପରୀକ୍ଷା କରାଇ ନିଅନ୍ତୁ।



## ମୃତ୍ତିକା ପ୍ରଦୂଷଣ ବଢ଼ାଉଛି ପ୍ଲାଷ୍ଟିକ୍

ପ୍ଲାଷ୍ଟିକ୍ ପ୍ରଦୂଷଣ ମଧ୍ୟ ସ୍ଥଳଭାଗରେ ନିଜର କାୟା ବିସ୍ତାର କରି ଚାଲିଛି। ପ୍ଲାଷ୍ଟିକ୍ ଆବର୍ଜନାକୁ ଖାଦ୍ୟ ବୋଲି ମନେକରି କିଛି ଜୀବ ଭକ୍ଷଣ କରିଥାନ୍ତି। ଏହା ସେମାନଙ୍କ ଅନ୍ତନଳୀରେ ପ୍ରବେଶ କରି ଖାଦ୍ୟପଥକୁ ବନ୍ଦ କରିଦିଏ। ଏହା ମଧ୍ୟ ସମୟକ୍ରମେ ଛୋଟ ଛୋଟ ଖଣ୍ଡରେ ପରିଣତ ହୋଇ ରକ୍ତ ସଞ୍ଚାଳନ ପ୍ରକ୍ରିୟା ଜରିଆରେ ପ୍ରାଣୀର ଜୀବକୋଷରେ ପ୍ରବେଶ କରେ। ଏହାଦ୍ୱାରା ବିଭିନ୍ନ ରୋଗ ସୃଷ୍ଟି ହେବା ସାଙ୍ଗକୁ ହରମୋନ୍ କ୍ଷରଣରେ ଅନିୟମିତତା ଉତ୍ପନ୍ନ ହୁଏ। ସମୟକ୍ରମେ ଏହା ପ୍ରାଣୀର ପ୍ରଜନନ କ୍ଷମତାକୁ ମଧ୍ୟ ପ୍ରଭାବିତ କରେ। ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି ଯେ, ପ୍ଲାଷ୍ଟିକ୍ ପ୍ରଦୂଷଣ ଯୋଗୁ ସ୍ଥଳଭାଗରେ ମଧ୍ୟ ବର୍ଷକୁ ପ୍ରାୟ ୧ ଲକ୍ଷ ଜୀବଙ୍କର ମୃତ୍ୟୁ ଘଟୁଛି। ପ୍ଲାଷ୍ଟିକ୍‌ଜାତ ପଦାର୍ଥ ମଧ୍ୟ ମାଟିରେ ପୋତି ହୋଇ ପଡ଼ିବା ଯୋଗୁ ମୃତ୍ତିକାର ଗୁଣବତ୍ତା କମିଯାଉଛି। ତା'ସାଙ୍ଗକୁ ମାଟିର ଜଳଧାରଣ କ୍ଷମତାର ହ୍ରାସ ଘଟିବା ସାଙ୍ଗକୁ ଭୂତଳ ଜଳ ଉତ୍ସର ଅବକ୍ଷୟ ଘଟୁଛି। ପ୍ଲାଷ୍ଟିକ୍ ଆବର୍ଜନା ସୋରେଜ ନାଳୀରେ ପ୍ରବେଶ କରି ମଇଳା ଜଳର ପ୍ରବାହକୁ ବାଧାପ୍ରାପ୍ତ କରିଥାଏ, ଯାହାକୁ ସଫା କରିବା ପାଇଁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥାଏ।



## ସ୍ୱାସ୍ଥ୍ୟ ସୂଚନା

➤ଅଙ୍ଗୁରରେ ଭିଟାମିନ 'ସି' ଭରି ରହିଛି। ତେଣୁ ଏହାକୁ ଖାଇଲେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। କେବଳ ସେତିକି ନୁହେଁ, ବ୍ୟାକ୍ଟେରିଆ ଏବଂ ଭାଇରସ୍ ସଂକ୍ରମଣ ଆଶଙ୍କା ମଧ୍ୟ କେତେକାଂଶରେ କମ୍ ରହିଥାଏ।



➤ଆପଣଙ୍କର ସବୁବେଳେ ମୁଣ୍ଡ ବିନ୍ଧୁଛି କି? ଯଦି ହଁ, ତେବେ ଡାକ୍ତରଙ୍କ ଏନେଇ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ। ପ୍ରତିଦିନ କିଛି ସମୟ ଯୋଗକଲେ ତାହା ମୁଣ୍ଡବିନ୍ଧାରୁ କେତେକାଂଶରେ ଉପଶମ ଦେଇଥାଏ।

➤ଚର୍ବିଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ। ସବୁବେଳେ ଏଭଳି ଖାଦ୍ୟ ଖାଇଲେ ତାହା ଶରୀରରେ କୋଲେଷ୍ଟରଲ୍ ସ୍ତର ବଢ଼ାଇବାରେ ସାହାଯ୍ୟ କରିଥାଏ।

➤ଡାକ୍ତରଙ୍କ ସହ ପରାମର୍ଶ କରିବା ସମୟରେ ନିଜର ସମସ୍ତ ସମସ୍ୟା ବିଷୟରେ ଡାକ୍ତରଙ୍କୁ କୁହନ୍ତୁ। କାରଣ ଏହାକୁ ତର୍ଜମା କରି ସେ ରୋଗର ଠିକ୍ ନିଦାନ କରିପାରିବେ।

➤ସବୁବେଳେ ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ। ଫାଷ୍ଟଫୁଡ୍‌ଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।

➤ସକାଳୁ କିଛି ସମୟ ଖାଲି ପାଦରେ ଚାଲନ୍ତୁ। ଏହାଦ୍ୱାରା ପାଦରେ ଥିବା ସ୍ନାୟୁ ଆହୁରି ସକ୍ରିୟ ରହିଥାଏ।

➤ବିଳମ୍ବରେ ଶୋଇବା ଏବଂ ବିଳମ୍ବରେ ଉଠିବା ଧାରାକୁ ବଦଳାନ୍ତୁ। କାରଣ ଏହାର ଖରାପ ପ୍ରଭାବ ଶରୀର ଉପରେ ପଡ଼ିଥାଏ।


## ଉପକାରୀ ଆମିନୋ ଏସିଡ୍

ଆମେ ଖାଉଥିବା ଖାଦ୍ୟରେ ବିଭିନ୍ନ ପ୍ରକାର ଉପକାରୀ ଗୁଣ ଭରି ରହିଛି। ତନ୍ମଧ୍ୟରୁ ଆମିନୋ ଏସିଡ ଅନ୍ୟତମ। ଏହା ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ବିଶେଷଭାବରେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରୁଥିବା କୋଷ ବା ସେଲ୍‌ଗୁଡିକୁ ଏହା ଦୃଢ଼ କରିଥାଏ। ଅନ୍ୟପକ୍ଷରେ ଶରୀର ବିକାଶ କରୁଥିବା ହରମୋନକୁ ଏହା ବୃଦ୍ଧି କରିଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆମ ଶରୀରରେ ପାଚକ ରସ ଅଧିକ ସୃଷ୍ଟି କରିବା ସହ ପାଚନ କ୍ରିୟାକୁ ଏହା ଆହୁରି ସକ୍ରିୟ କରେ।



## ଭିଟାମିନ୍ ଅଭାବ ଓ ଡିପ୍ରେସନ

ଶରୀରକୁ ସୁସ୍ଥ ଓ ମଜଭୁତ ରଖିବାରେ ଉତ୍ତମ ଖାଦ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ସୁସ୍ଥ ଜୀବନ ବିତାଇବା ପଛରେ ସୁଷମ ତଥା ଭିଟାମିନଯୁକ୍ତ ଖାଦ୍ୟ ଖାଇବା ଦରକାର। ଏବେ ଅନେକେ ଖାଦ୍ୟପେୟରେ ସନ୍ତୁଳନ ନ ରଖିବାରୁ ବିଭିନ୍ନ ରୋଗ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି। ସିଓଲ ବିଶ୍ୱବିଦ୍ୟାଳୟ ପକ୍ଷରୁ ହୋଇଥିବା ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ, କମ୍ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଇଲେ ସମ୍ପୃକ୍ତ ବ୍ୟକ୍ତି ଡିପ୍ରେସନ୍‌ର ସାମନା କରିବା ଆଶଙ୍କା ଅଧିକ ରହିଛି। ଖାଦ୍ୟପେୟରେ ଅନିୟମିତତା ରହିଥିବା କେତେଜଣ ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରାଯାଇଥିଲା। ଏହି ସମୟରେ ସେମାନଙ୍କର ଦୈନନ୍ଦିନ ଜୀବନଶୈଳୀ କିପରି ରହୁଛି ତାହାକୁ ଭଲ ଭାବରେ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ତର୍ଜମା କରିଥିଲେ। ଏମାନଙ୍କ ମଧ୍ୟରୁ ପ୍ରାୟ ୪୦ପ୍ରତିଶତ ବ୍ୟକ୍ତିଙ୍କ ଠାରେ ଡିପ୍ରେସନର ଲକ୍ଷଣ ଦେଖିବାକୁ ମିଳିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବେଳେବେଳେ କେତେକ ଡିପ୍ରେସନ୍‌ରେ ରହିବା ଯୋଗୁ ଅଧିକ ଖାଦ୍ୟ ଖାଇଥାନ୍ତି, ଫଳରେ ପରବର୍ତ୍ତୀ ସମୟରେ ସେମାନେ ମେଦ ବହୁଳତାର ଶିକାର ହୋଇଥାନ୍ତି। ତେଣୁ ଏହାର ମାତ୍ରାକୁ କମାଇବା ପାଇଁ ଆମକୁ ପ୍ରତିଦିନ ସନ୍ତୁଳିତ ତଥା ଉତ୍ତମ ଖାଦ୍ୟ ଠିକ୍ ପରିମାଣରେ ଖାଇବା ନିହାତି ଜରୁରୀ। ତା'ସହ ନିୟମିତ ବ୍ୟାୟାମ, ଯୋଗ କରନ୍ତୁ। ଏହାଦ୍ୱାରା ଜଣେ ବ୍ୟକ୍ତି ନିଜକୁ ଡିପ୍ରେସନଠାରୁ ଦୂରେଇ ରଖିବାରେ କେତେକାଂଶରେ ସହାୟକ ହୋଇଥାଏ।



# ତୃତୀୟ ଟି୨୦: ଭାରତର ସହଜ ବିଜୟ

**ଧର୍ମଶାଳା,୧୪।୧୨**

ବୋଲରଙ୍କ ପ୍ରଭାବୀ ବୋଲିଂ ବଳରେ ଏଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳାଯାଇଥିବା ତୃତୀୟ ଟି୨୦ ମ୍ୟାଚ୍‌କୁ ଭାରତ ୭ ଉଇକେଟରେ ଜିତି ନେଇଛି। ଏହି ବିଜୟ ସହ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌ରେ ଭାରତ ୨-୧ରେ ଅଗ୍ରଣୀ ହାସଲ କରିଛି। ସିରିଜ୍‌ର ଚତୁର୍ଥ ମ୍ୟାଚ୍ ୧୭ ତାରିଖରେ ଲକ୍ଷ୍ନୌରେ ଖେଳାଯିବ।

ଦକ୍ଷିଣ ଆଫ୍ରିକା ୧.୨ ଓଭର ମଧ୍ୟରେ ଦୁଇ ଓପନରଙ୍କୁ ହରାଇଥିଲା। ପରେ ଅଧିନାୟକ ମାରକ୍ରମ ଏକାକୀ ଗୋଟିଏ ପଟେ ବ୍ୟାଟିଂ କରୁଥିବା ବେଳେ ଅନ୍ୟ ପଟେ ଉଇକେଟ ପତନ ଜାରି ରହିଥିଲା। ଡେୱାଲ୍ଡ ବ୍ରେଭିସ ୨, ଟ୍ରିଷ୍ଟାନ ଷ୍ଟବ୍ସ ୯, କର୍ବିନ ବୋଶ୍ଚ ୪, ଡୋନୋଭାନ ଫରେରା ୨୦, ମାର୍କୋ ଜାନସେନ ୨, ଅନରିଚ ନର୍କିଆ ୧୨ ଓ ଓଟନେଲ ବାର୍ଟମାନ ୧ ରନ କରି ଆଉଟ୍ ହୋଇଥିଲେ। ମାରକ୍ରମ ୬୧ (୬ ଚୌକା ଓ ୨ ଛକା) ରନ କରି ଅଷ୍ଟମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ଫଳରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୧୧୭ ରନରେ ଅଲଆଉଟ୍ ହୋଇଯାଇଥିଲା। ଭାରତୀୟ ଦଳ ପାଇଁ ଅର୍ଶଦୀପ ସିଂ, ହର୍ଷିତ ରାଣା, ବରୁଣ ଚକ୍ରବର୍ତ୍ତୀ ଓ କୁଲଦୀପ ଯାଦବ ୨ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଭାରତକୁ ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିଲେ ଅଭିଷେକ ଶର୍ମା ଓ ଶୁବମନ ଗିଲ। ଦୁହେଁ ୫.୨ ଓଭରରେ ୬୦ ରନ ଯୋଡ଼ିଥିଲେ। ଅଭିଷେକ ଆଟାକିଂ ବ୍ୟାଟିଂ କରି ୧୮ ବଲରେ ୩୫ (୩ ଲେଖାଏ ଚୌକା ଓ ଛକା) ଓ ଗିଲ ୨୮ ରନ କରି ଆଉଟ ହୋଇଥିଲେ। ଅଧିନାୟକ ସୂର୍ଯ୍ୟକୁମାର (୧୨) ବିଫଳ ହୋଇଥିଲେ। ତିଲକ ବର୍ମା (୨୫ ରନ୍, ୩ ଚୌକା) ଓ ଶିବମ ଦୁବେ (୧୦ ରନ, ୧ ଲେଖାଏ ଚୌକା ଓ ଛକା) ଜିତିବା ପାଇଁ ଆବଶ୍ୟକୀୟ ରନ ସଂଘର୍ଷ କରି ନେଇଥିଲେ। ଭାରତ ୧୫.୫ ଓଭରରେ ୩ ଉଇକେଟ ହରାଇ ୧୨୦ ରନ୍ କରିଥିଲା।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା: ୨୦ ଓଭରରେ ୧୧୭/ଅଲଆଉଟ୍ (ଏଡେନ ମାରକ୍ରମ-୬୧, ଡୋନୋଭାନ ଫରେରା-୨୦, ବରୁଣ ଚକ୍ରବର୍ତ୍ତୀ-୨/୧୧, କୁଲଦୀପ ଯାଦବ-୨/୧୨, ଅର୍ଶଦୀପ ସିଂ-୨/୧୩, ହର୍ଷିତ ରାଣା-୨/୩୪)। ଭାରତ: ୧୫.୫ ଓଭରରେ ୧୨୦/୩ (ଅଭିଷେକ ଶର୍ମା-୩୫, ଶୁବମନ ଗିଲ-୨୮, ତିଲକ ବର୍ମା-୨୫, କର୍ବିନ ବୋଶ୍ଚ-୧/୧୮, ଲୁଙ୍ଗି ଏନ୍‌ଗିଡି-୧/୨୩)।


ଉଇକେଟ ନେବାପରେ ଅର୍ଶଦୀପ ସିଂଙ୍କୁ ହର୍ଷିତ ରାଣା ବଧେଇ ଜଣାଉଛନ୍ତି।



## ଟି୨୦ରେ ହାର୍ଦ୍ଦିକଙ୍କ ୧୦୦ ଉଇକେଟ

**ଧର୍ମଶାଳା,୧୪।୧୨:** ଭାରତର ପ୍ରିମିୟର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ରବିବାର ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ୧୦୦ ଉଇକେଟ ପୂରଣ କରିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ତୃତୀୟ ଟି୨୦ ମ୍ୟାଚ୍‌ରେ ସେ ଏହି ସଫଳତା ପାଇଛନ୍ତି। ଏଥିସହିତ ସେ ପ୍ରଥମ ଭାରତୀୟ କ୍ରିକେଟର ଭାବେ ଟି୨୦ରେ ଏକ ହଜାର ରନ ଓ ୧୦୦ ଉଇକେଟ ନେଇଛନ୍ତି। ତେବେ ସେ ତୃତୀୟ ଭାରତୀୟ ବୋଲର ଭାବେ ଅନ୍ତର୍ଜାତୀୟ ଟି୨୦ରେ ୧୦୦ ଉଇକେଟ ନେଇଛନ୍ତି। ତାଙ୍କ ବ୍ୟତୀତ ଅର୍ଶଦୀପ ସିଂ ଓ ଯଶପ୍ରୀତ ବୁମରା ଏହି ତାଲିକାରେ ରହିଛନ୍ତି।

**ଆଇପିଏଲ୍ ମିନି ଅକ୍ସନ**

## ମ୍ୟାନେଜରଙ୍କୁ ଦାୟୀ କଲେ ଗ୍ରୀନ୍

**ଆଡିଲେଡ୍, ୧୪।୧୨ (ପି.ଟି.):** ଆସନ୍ତା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ସେ ବୋଲିଂ ପାଇଁ ଉପଲବ୍ଧ ହେବେ ବୋଲି ଅଷ୍ଟ୍ରେଲିଆ ଅଲରାଉଣ୍ଡର କାମେରନ ଗ୍ରୀନ୍ ସଫେଇ ଦେଇଛନ୍ତି। ତାଙ୍କ ମ୍ୟାନେଜର ଭୁଲ ବଶତଃ ଆସନ୍ତା ସପ୍ତାହରେ ହେବାକୁଥିବା ମିନି ନିଲାମି ପାଇଁ ତାଙ୍କ ନାମ ଜଣେ ବ୍ୟାଟର ଭାବେ ପଞ୍ଜୀକୃତ କରିଛନ୍ତି। ୨୦୨୫ ଆଇପିଏଲ୍ ସିଜନ ବେଳକୁ ଅଳ୍ପଦିନ ହେବ ପିଠି ଅସ୍ତ୍ରୋପଚାରରୁ ମୁକ୍ତି ପାଇଥିବାରୁ ଏହି ଟି୨୦ ଲିଗ୍‌ରେ ଭାଗ ନେଇ ପାରି ନ ଥିଲେ। ମାତ୍ର ସେ ଜୁନ୍‌ରେ ଜଣେ ସ୍ପେଶାଲିଷ୍ଟ ବ୍ୟାଟର ଭାବେ ଅନ୍ତର୍ଜାତୀୟ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ମାତ୍ର ଏହାପରଠାରୁ ସେ ବୋଲିଂ କରିପାରୁଛନ୍ତି। ବର୍ତ୍ତମାନ ସେ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ଆଶେସ ସିରିଜରେ ବୋଲିଂ କରି ଆସୁଛନ୍ତି। ଅଷ୍ଟ୍ରେଲିଆର ଏହି ଷ୍ଟାର ଅଲରାଉଣ୍ଡର ପୂର୍ବରୁ ୨୦୨୩ରେ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ୨୦୨୪ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁରୁ ପ୍ରତିନିଧିତ୍ୱ କରିଛନ୍ତି। ନିଲାମି ବେଳେ ତାଙ୍କର ଖୁବ୍ ଚାହିଦା ରହିବ ବୋଲି ଆଶା କରାଯାଉଛି। ତାଙ୍କ ନାମ ଅଲରାଉଣ୍ଡର ପରିବର୍ତ୍ତେ ବ୍ୟାଟର କାଟେଗୋରିରେ ତାଲିକାଭୁକ୍ତ କରାଯାଇଛି। ଖେଳାଳି ନିଲାମ ମଙ୍ଗଳବାର ଆବୁଧାବିରେ ହେବ।

# ପାକିସ୍ତାନକୁ ହରାଇଲା ଭାରତ

**୧୯ ବର୍ଷରୁ କମ୍ ଏସିଆ କପ୍**

**ଦୁବାଇ,୧୪।୧୨**

ଆରୋନ ଜର୍ଜଙ୍କ ଅର୍ଦ୍ଧଶତକ ଓ କନିଷ୍କ ଚୌହାନଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ଭରତ ଚଳିତ ୧୯ ବର୍ଷରୁ କମ୍ ଏସିଆ କପ୍‌ରେ ପାକିସ୍ତାନକୁ ୯୦ ରନରେ ପରାସ୍ତ କରିଛି। ଏହି ଟୁର୍ନାମେଣ୍ଟରେ ଭାରତୀୟ ଦଳ ଲାଗି ଲଗାତର ଦ୍ୱିତୀୟ ବିଜୟ। ଗତ ଅଗଷ୍ଟରେ ଖେଳାଯାଇଥିବା ଏସିଆ କପ୍ ଭଳି ଏହି ମ୍ୟାଚ୍‌ରେ ମଧ୍ୟ ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ଦଳର ଖେଳାଳିମାନେ ପରସ୍ପର ସହ ହାତ ମିଳାଇ ନ ଥିଲେ। ଭାରତୀୟ ଦଳ ଆସନ୍ତା ୧୬ ତାରିଖରେ ମାଲେସିଆକୁ ଭେଟିବ।

ବର୍ଷା କାରଣରୁ ୪୯ ଓଭରରେ ସୀମିତ ରଖାଯାଇଥିବା ମ୍ୟାଚ୍‌ରେ ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ଭାରତ ୪୬.୧ ଓଭରରେ ୨୪୦ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ଆରୋନ ଜର୍ଜ ସର୍ବାଧିକ ୮୫ (୧୨ ଚୌକା ଓ ୧ ଛକା), କନିଷ୍କ ଚୌହାନ ୪୬ (୨ ଚୌକା ଓ ୩ ଛକା) ଓ ଅଧିନାୟକ ଆୟୁଷ ମାହତ୍ରେ ୩୮ (୪ ଚୌକା ଓ ୩ ଛକା) ରନ କରିଥିଲେ। ପାକିସ୍ତାନ ପକ୍ଷରୁ ମହମ୍ମଦ ସୟମ ଓ ଅବଦୁଲ ସୁଭନ ୩ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ପାକିସ୍ତାନ ୪୧.୨ ଓଭରରେ ୧୫୦ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ହୁଜାଇଫା ଅହସାନ (୭୦ ରନ୍, ୯ ଚୌକା ଓ ୨ ଛକା)ଙ୍କୁ ଛାଡ଼ି ଦେଲେ ଅନ୍ୟ କେହି ଆଖିଦୃଶିଆ ପ୍ରଦର୍ଶନ କରିପାରି ନ ଥିଲେ। ଭାରତ ପକ୍ଷରୁ ଦୀପେଶ ଦେଭେନ୍ଦ୍ରନ ଓ କନିଷ୍କ ୩ ଲେଖାଏ ଓ କିଶନ କୁମାର ସିଂ ୨ ଉଇକେଟ ଅକ୍ତିଆର କରିଥିଲେ।


ଆରୋନ ଜର୍ଜ

**ସଂକ୍ଷିପ୍ତ ସ୍କୋର**

୧୯ ବର୍ଷରୁ କମ୍ ଭାରତୀୟ ଦଳ: ୪୬.୧ ଓଭରରେ ୨୪୦/ଅଲଆଉଟ୍ (ଆରୋନ ଜର୍ଜ-୮୫, କନିଷ୍କ ଚୌହାନ-୪୬, ଆୟୁଷ ମାହତ୍ରେ-୩୮, ଅବଦୁଲ ସୁଭନ-୩/୪୨, ମହମ୍ମଦ ସୟମ-୩/୬୭)। ୧୯ ବର୍ଷରୁ କମ୍ ପାକିସ୍ତାନ ଦଳ: ୪୧.୨ ଓଭରରେ ୧୫୦/ଅଲଆଉଟ୍ (ହୁଜାଇଫା ଅହସାନ-୭୦, ଦୀପେଶ ଦେଭେନ୍ଦ୍ରନ-୩/୧୬, କନିଷ୍କ ଚୌହାନ-୩/୩୩, କିଶନ କୁମାର ସିଂ-୨/୩୩)।







Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ